R.N.I. REGN. No. 65000/96 POSTAL REGN. No. OR/BN-32/12-14

19 October 2025, Sunday

ତ୍ରିଂଶତ୍ତମ ବର୍ଷ
ସଂଖ୍ୟା : ୧୫
ତିଥି : ତ୍ରୟୋଦଶୀ
୧୯ ଅକ୍ଟୋବର ୨୦୨୫, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

29th ANNIVERSARY

Bhubaneswar | Balasore | Angul | Berhampur | Sambalpur




## ନୂଆପଡ଼ା ଉପନିର୍ବାଚନ

# କଂଗ୍ରେସ, ବିଜେପି ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

ନୂଆପଡା, ୧୮ ।୧୦ (ସବ୍ୟୁ): ଆସନ୍ତା ନଭେମ୍ବର ୧୧ ତାରିଖରେ ହେବାକୁ ଥିବା ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ଶନିବାର କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ନିଜ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ସେହିପରି ବିଜେପି ଦଳୀୟ ପ୍ରାର୍ଥି ଭାବେ ପୂର୍ବତନ ବିଧାୟକ ତଥା ଦିବଙ୍ଗତ ନେତା ରାଜୁ ଢ଼ୋଲକିଆଙ୍କ ପୁଅ ଜୟ ଢ଼ୋଲକିଆ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ପ୍ରାଥିପତ୍ର ଦାଖଲ ପୂର୍ବରୁ ଉଭୟ ପ୍ରାର୍ଥୀ ସେମାନଙ୍କ ସମର୍ଥକ, ଦଳୀୟ କର୍ମକର୍ତ୍ତା ବରିଷ୍ଠ ନେତାଙ୍କୁ ସାଥିରେ ଏକ ପଟୁଆରରେ ଆସିଥିଲେ । ବିରାଟ ପଟୁଆର ରେ କଂଗ୍ରେସ ଓ ବିଜେପି ପ୍ରାର୍ଥୀ ଶୋଭାଯାତ୍ରା ରେ ବାହାରି ନିଜ ନିଜ ଶକ୍ତି ପ୍ରଦର୍ଶନ କରି ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନିକଟରେ ପ୍ରାର୍ଥୀ ପତ୍ର



୫ ଜଣ ପ୍ରାର୍ଥୀଙ୍କ ୭ ସେଟ୍ ନାମାଙ୍କନପତ୍ର ଦାଖଲ

ଦାଖଲ କରିଥିଲେ । କଂଗ୍ରେସରୁ ପିସିସି ସଭାପତି ଭକ୍ତ ଚରଣ ଦାସ, ଦେବଦତ୍ତ ଦିକ୍ଷୀତ, ଆଲୋକ ଗୁରୁ, ଭରତ ରାଉତ ପ୍ରମୁଖ ଉପସ୍ଥିତି ଥିବା ବେଳେ ବିଜେପିରୁ ରାଜ୍ୟ ସଭାପତି ମନମୋହନ ସାମଲ, ମନ୍ତ୍ରୀ ମୁକେଶ ମହାଲିଙ୍ଗ, ମନ୍ତ୍ରୀ ରବି ନାଏକ, କଳାହାଣ୍ଡି ସାଂସଦ ମାଳବିକା ଦେବୀ, ପୁର୍ବତନ ସାଂସଦ ବସନ୍ତ ପଣ୍ଡା, ଏନଏସି ଅଧକ୍ଷା (୯ ପୃଷ୍ଠାରେ)

## ନୂଆଦିଲ୍ଲୀରେ ଜିଏସ୍‌ଟି ସଞ୍ଚୟ ଉତ୍ସବ

# ଶୁଳ୍କ ଯୁଦ୍ଧ ସହ ଜିଏସ୍‌ଟି ସଂସ୍କାରର ସଂପର୍କ ନାହିଁ

ନୂଆଦିଲ୍ଲୀ, ୧୮ ।୧୦ : ଶନିବାର ନୂଆଦିଲ୍ଲୀରେ ଜିଏସଟି ବଚତ ଉତ୍ସବ ଉପରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀକୁ ୩ କେନ୍ଦ୍ରମନ୍ତ୍ରୀ ସମ୍ବୋଧିତ କରିଛନ୍ତି । ସଦ୍ୟ କାର୍ଯ୍ୟକାରୀ ହୋଇଥିବା ଜିଏସଟି ସଂସ୍କାରଗୁଡ଼ିକର ଶୁଳ୍କ ଯୁଦ୍ଧ ସହିତ କୌଣସି ସମ୍ପର୍କ ନାହିଁ । ସଂସ୍କାର ପ୍ରକ୍ରିୟା ଗତ ଦେଢ଼ ବର୍ଷ ଧରି ଚାଲିଥିଲା, ଏବଂ ଏହି ପଦକ୍ଷେପ ଏକ ପୂର୍ବ ଯୋଜନାବଦ୍ଧ ରଣନୀତିର ଅଂଶ ଥିଲା ବୋଲି ମନ୍ତ୍ରୀମାନେ କହିଛନ୍ତି ।

ପ୍ରାରମ୍ଭିକ ବକ୍ତବ୍ୟରେ କେନ୍ଦ୍ର ଅର୍ଥମନ୍ତ୍ରୀ ସୀତାରମଣ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲାଲକିଲ୍ଲାର ପ୍ରାଚୀରରୁ ଦୀପାବଳି ପୂର୍ବରୁ ପରବର୍ତ୍ତୀ ପିଢ଼ିର ଜିଏସଟି



ସଂସ୍କାର ଲାଗୁ କରାଯିବ ବୋଲି ଘୋଷଣା କରିଥିଲେ । ସେହି ଅନୁଯାୟୀ, ଦର ହ୍ରାସ, ଟିକସ ପ୍ରକ୍ରିୟାକୁ ସରଳ କରିବା, ସ୍ଲାବ୍ ସଂଖ୍ୟାକୁ ଚାରିରୁ ଦୁଇକୁ ହ୍ରାସ କରିବା ଏବଂ ବର୍ଗୀକରଣ ସମ୍ବନ୍ଧୀୟ ସମସ୍ୟାର ସମାଧାନ (୯ ପୃଷ୍ଠାରେ)

# ଦୀପାବଳିରେ ଦୁଇ ଦିନ ଛୁଟି

ଭୁବନେଶ୍ୱର, ୧୮ ।୧୦ (ସବ୍ୟୁ): ଦୀପାବଳି ଛୁଟି ଘୋଷଣା ନେଇ ଦ୍ୱନ୍ଦ ଦୂର କରିଛନ୍ତି ରାଜ୍ୟ ସରକାର। ପୂର୍ବରୁ ୨୧ ତାରିଖ ଦୀପାବଳି ଛୁଟି ଲାଗି ସରକାରୀ କ୍ୟାଲେଣ୍ଡରରେ ଉଲ୍ଲେଖ ରହିଥିଲା । ତେବେ ପୁରୀ ମୁକ୍ତିମଣ୍ଡପ ସଭା ପକ୍ଷରୁ ୨୧ ତାରିଖ ପରିବର୍ତ୍ତେ ୨୦ ତାରିଖରେ ଦୀପାବଳି ପାଳନ ପାଇଁ ଯୁକ୍ତି ରଖିଥିଲ । ଏହାପରେ ରାଜ୍ୟ ସରକାର ୨୦ ତାରିଖରେ ଦୀପାବଳି (୯ ପୃଷ୍ଠାରେ)

- ୨୦ରେ ଅତିରିକ୍ତ ଛୁଟି ଘୋଷଣା
- ସୋମବାର ସମସ୍ତ ଶିକ୍ଷାନୁଷ୍ଠାନ ଛୁଟି
- ନୂଆପଡ଼ା ଜିଲ୍ଲାରେ ଏହି ନିୟମ ଲାଗୁ ହେବନି
- ୨୧ରେ ସମସ୍ତ ବ୍ୟାଙ୍କ, ବ୍ୟାଙ୍କିଙ୍ଗ ସେବା ଖୋଲା
- ୨୫ରେ ଚତୁର୍ଥ ଶନିବାର କାର୍ଯ୍ୟ ଦିବସ

# ୧୦ ରାଜ୍ୟରୁ ୧୦୦୦ କୋଟି ଠକେଇ, ଓଡ଼ିଶା ମୁଖ୍ୟ ଗିରଫ

ଭୁବନେଶ୍ୱର, ୧୮ ।୧୦ (ସବ୍ୟୁ) : ଠକେଇ କରିବା ଉଦ୍ଦେଶ୍ୟରେ କମ୍ପାନୀ ଗଢ଼ି ୧୦ ରାଜ୍ୟରୁ ୧୦୦୦ କୋଟି ଠକେଇ କରିଥିବା ର୍ୟାକେଟର ଓଡ଼ିଶା ମୁଖ୍ୟ ପ୍ରତାପ କୁମାର ରାଉତକୁ କଟକ ୪୨ ମୌଜା ଝିଙ୍କିରିଆରୁ ଗିରଫ କରିଛି କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)। ପ୍ରତାପ ମାଧ୍ୟମରେ ଓଡ଼ିଶାର ୧୨ ହଜାରେ ଜମାକାରୀଙ୍କ ଠାରୁ ୧୩୮ କୋଟି ଟଙ୍କା ଠକେଇ



ହୋଇଥିବା ଇଓଡବ୍ଲ୍ୟୁ କହିଛି ।

ଦିନେଶ କୁମାର ଜୈନ ଓ କୁଲଦୀପ କୁମାର ପନୱାର, ହେଡଜେସ୍କ ଫଣ୍ଡ ଏଲ୍ଏଲ୍‌ପି ନାମରେ କମ୍ପାନୀ ଗଢ଼ି ୨୦୨୩ ମସିହାରେ ଗୋଆ ରେଜିଷ୍ଟ୍ରେସନ କରାଇଥିଲ । ସେହି କମ୍ପାନୀର ସିଷ୍ଟର କମ୍ପାନୀ ଭାବେ କୌଶଲ୍ୟା ଫାଉଣ୍ଡେସନ, ଲାଭ୍ୟାୱାଲର୍, ଫିଙ୍କ୍ସ ମାର୍କେଟ ଲାଭ୍ୟା ଇଣ୍ଟରନ୍ୟାସନାଲ କାମ କରୁଥିଲା । ଏହି ସବୁ କମ୍ପାନୀର ଶାଖା ଓଡ଼ିଶା, ଆନ୍ଧ୍ର, ପଶ୍ଚିମବଙ୍ଗ, ଆସାମ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ରାଜସ୍ଥାନ, ଗୁଜରାଟ, ତାମିଲନାଡୁ ଓ ଦିଲ୍ଲୀ ପ୍ରଭୃତି ରାଜ୍ୟରେ କର୍ମଚାରୀ ନିଯୁକ୍ତ କରାଇବା ସହ ରିଜିଓନାଲ ହେଡ ମଧ ବାଛି ଥିଲେ। ଇଓଡବ୍ଲ୍ୟୁ ଗିରଫ କରିଥିବା ପ୍ରତାପ ଓଡ଼ିଶା ମୁଖ୍ୟ ଭାବେ କାମ କରୁଥିଲା । କଟକ-ଭୁବନେଶ୍ୱରରେ ପ୍ରମୋସନାଲ ମିଟିଂ କରି ପ୍ରତାପ (୯ ପୃଷ୍ଠାରେ)

## ପୋଲିସ ଏସ୍‌ଆଇ ନିଯୁକ୍ତି ସ୍କାମ

# ମୁନା ମହାନ୍ତିଙ୍କ ପୈତୃକ ଘରେ ରେଡ୍

ବାଙ୍କୀ, ୧୮ ।୧୦ (ସବ୍ୟୁ): ରାଜ୍ୟରେ ବହୁ ଚର୍ଚ୍ଚିତ ପୋଲିସ ଏସଆଇ ନିଯୁକ୍ତିରେ ସ୍କାମରେ ଅଭିଯୁକ୍ତ ଦଲାଲ ମୁନା ମହାନ୍ତିଙ୍କ ପୈତୃକ ଘର କଟକ ଜିଲା କଳାପଥର ଗ୍ରାମରେ ଥିବା କ୍ରାଇମବ୍ରାଞ୍ଚର ୩ ଜଣିଆ ଟିମ ଚଢ଼ାଉ କରିଛି । ଅଭିଯୁକ୍ତ ମୁନା ମହାନ୍ତି ଆଶାୟୀ ପରୀକ୍ଷାର୍ଥୀଙ୍କ ଠାରୁ ଲକ୍ଷାଧିକ ଟଙ୍କା ନେଇ ନିଯୁକ୍ତି ପୂର୍ବରୁ ବସ ଯୋଗେ ପରୀକ୍ଷାର୍ଥୀଙ୍କୁ ଆନ୍ଧ୍ର ପ୍ରଦେଶ ନେବାକୁ ବସ ଯୋଗାଡ କରିବା ସହିତ ସମସ୍ତ ପରୀକ୍ଷାର୍ଥୀଙ୍କ ଅରିଜିନାଲ ଶିକ୍ଷାଗତ ଯୋଗ୍ୟତା ସାର୍ଟିଫିକେଟ ଓ ବ୍ଲାଙ୍କ ଚେକ ନେଇଥିଲା । ଦଲାଲ ମୁନା ମହାନ୍ତିଙ୍କ ପାଖରେ ଏ ସମସ୍ତ ପ୍ରକାର ସାର୍ଟିଫିକେଟ ଓ ବ୍ଲାଙ୍କ ଚେକ ମୁନା ମହାନ୍ତି ପାଖରେ ଥିବାର ସୂଚନା ପାଇ କ୍ରାଇମ ବ୍ରାଞ୍ଚପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଥିଲା । ଶୁକ୍ରବାର ଦିନ କ୍ରାଇମ ବ୍ରାଞ୍ଚ ମୁନା ମହାନ୍ତିକୁ ଦଶପଲ୍ଲାର ଏକ ଫାର୍ମ ହାଉସରୁ ଗିରଫ କରି ଥିବା ବେଳେ ମୁନା ମହାନ୍ତିର (୯ ପୃଷ୍ଠାରେ)

T-

## ଓଡ଼ିଶା ସରକାର

### ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

### ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

### ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା

❖❖❖❖❖

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର ଇଂରାଜୀ ତା. 20/10/2025 ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣୀ ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣୀର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR : 09014/11/0200/2526






## ଆଜି ଜନ୍ମଦିନ
# ସଂଗ୍ରାମୀ ଉମାଚରଣ ପଟ୍ଟନାୟକ

ଦକ୍ଷିଣ ଓଡ଼ିଶାର ଜଣେ ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ, ଜନନେତା ତଥା ରାଜନୀତିଜ୍ଞ ଭାବେ ବେଶ୍ ପରିଚିତ ଉମାଚରଣ ପଟ୍ଟନାୟକ । ସେ ଓଡ଼ିଶା ବିଧାନସଭା ସଦସ୍ୟ, ମନ୍ତ୍ରୀ ତଥା ଦୁଇଥର ଲୋକସଭା ସଦସ୍ୟ (ସ୍ୱାଧୀନ) ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି । ବ୍ରହ୍ମପୁର ସରକାରୀ ଇଞ୍ଜିନିୟରିଂ ସ୍କୁଲଟି ତାଙ୍କରି ନାମରେ ନାମିତ କରାଯାଇଛି । ଉମାଚରଣ ପଟ୍ଟନାୟକ ୧୯୦୨ ମସିହା ଅକ୍ଟୋବର ମାସ ୧୯ ତାରିଖ ଦିନ ଗଞ୍ଜାମ ଜିଲ୍ଲା ବଡ଼ଗଡ଼ଠାରେ ଜନ୍ମ ଗ୍ରହଣ କରିଥିଲେ । ସେ ବଡ଼ଗଡ଼ଠାରେ ଶିକ୍ଷା ଆରମ୍ଭ କରି ଛତ୍ରପୁର, ସତ୍ୟବାଦୀ ବନ ବିଦ୍ୟାଳୟରେ ପାଠ ପଢ଼ିଥିଲେ ଓ ବର୍ତ୍ତମାନ ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ ହାଇସ୍କୁଲରୁ ଏସ୍ ଏସ୍ ଏଲ୍ ସି (ମାଟ୍ରିକ୍ୟୁଲେଶନ) ପାସ୍ କରିଥିଲେ । ଏହାପରେ ବ୍ରହ୍ମପୁର ଖଲ୍ଲିକୋଟ ମହାବିଦ୍ୟାଳୟରୁ ଆଇ. ଏ. ପାସ୍ କରି ମାନ୍ଦ୍ରାଜ ପ୍ରେସିଡେନ୍ସୀ କଲେଜରୁ ବି.ଏ. ପାସ କରିଥିଲେ । ଏହା ପରେ କଟକ ରେଭେନ୍ସା କଲେଜରୁ ଇତିହାସରେ ଏମ୍. ଏ. ତଥା ଆଇନ୍ ପାସ୍ କରିଥିଲେ । ଉମାଚରଣ ଆସିକାରେ ତାଙ୍କର ଓକିଲାତି ଆରମ୍ଭ କରିଥିଲେ । ଓକିଲାତି ସହିତ ସେ କଂଗ୍ରେସ ଦଳର ସଭ୍ୟ ଭାବରେ ସମାଜ ସେବା ଆରମ୍ଭ ଲରିଥିଲେ । ୧୯୨୨ରୁ ସେ ଗାନ୍ଧୀଜୀଙ୍କ ଆହ୍ୱାନ ଅନୁସାରେ ଚରଖା ଆନ୍ଦୋଳନ, ହରିଜନ ସଂସ୍କାର, ପଛୁଆ ବର୍ଗ ଲୋକଙ୍କ ସେବା ଆଦିରେ ନିଜକୁ ନିୟୋଜିତ କରିଥିଲେ । ଦଣ୍ଡାସି ବୋଲି ଗୋଟିଏ ଜାତିକୁ ସେ ଇଂରେଜ ସରକାରଙ୍କ ଦାଗୀ ତାଲିକାରୁ ହଟାଇବାକୁ ଆନ୍ଦୋଳନ କରି ସେଥିରେ ସେ ସଫଳ ହୋଇଥିଲେ । ୧୯୩୦ ମସିହାରେ ଗଞ୍ଜାମ ଜିଲ୍ଲାରେ ଇଂରେଜ ସରକାରଙ୍କ ବିରୋଧରେ ଲବଣ ସତ୍ୟାଗ୍ରହ ଆନ୍ଦୋଳନ କରାଯାଇଥିଲା । ଏଥିରେ ଉମାଚରଣ ଓ ତାଙ୍କ ପତ୍ନୀ ଦୁର୍ଗାବତୀ ଦେବୀ ପ୍ରମୁଖ ଭୂମିକା ନେଇଥିଲେ । ୧୯୪୨ ଭାରତ ଛାଡ଼ ଆନ୍ଦୋଳନରେ ଯୋଗ ଦେଇ ସେ ଗିରଫ ହୋଇ ସେହି ବର୍ଷଠାରୁ ୧୯୪୫ ମସିହା ଜୁନ୍ ମାସ ଯାଏଁ ବ୍ରହ୍ମପୁର ଜେଲରେ ବନ୍ଦୀ ଜୀବନ ବିତାଇଥିଲେ । ଏହିପରି ତାଙ୍କର ଦେଶସେବାରେ ଅନେକ ଭୂମିକା ରହିଛି । ଏହି ମହାନ ଜନନାୟକଙ୍କର ୧୯୬୧ ମସିହା ଫେବୃଆରୀ ୧୮ତାରିଖରେ ନୂଆଦିଲ୍ଲୀଠାରେ ତିରୋଧାନ ଘଟିଥିଲା ।

# କମଳା ରଙ୍ଗର ବାଦୁଡି !

ସାଧାରଣତଃ ବାଦୁଡିର ରଙ୍ଗ କଳା ହୋଇଥାଏ । ହେଲେ ଆଫ୍ରିକାରେ ମିଳିଛି ଏକ ଭିନ୍ନ ଧରଣର ବାଦୁଡି । ଯାହାର ରଙ୍ଗ ହେଉଛି କମଳା । ଏହାର ଶରୀର ରଙ୍ଗ କମଳା ହୋଇଥିବା ବେଳେ ଡେଣା ଗୁଡିକ କଳା ରଙ୍ଗର । ଏହା ସହ ବାଦୁଡିର ରହିଛି ମୋଟା ମୋଟା କାନ । ଯାହାଫଳରେ ସେ ଏକ ଅଜବ ଧରଣର ଜୀବ ଭଳି ଦେଖାଯାଉଛି । ଏହି ଭଳି ପ୍ରଜାତିର ବାଦୁଡି ପ୍ରଥମ ଥର ପାଇଁ ସାଉଥ୍ ଆଫ୍ରିକାରେ ଦେଖିବାକୁ ମିଳିଛି । ଜଣେ ଗବେଷକ ଆଫ୍ରିକାରେ ଥିବା ଗୁମ୍ଫାରୁ ଏହି ଭିନ୍ନ ଧରଣର ବାଦୁଡିକୁ ଉଦ୍ଧାର କରିଛନ୍ତି । ଆଫ୍ରିକାର ନିମ୍ବା ମାଉଂଟେନ ରେଞ୍ଜରେ ଏହା ଦେଖିବାକୁ ମିଳିଛି । ଏହି ସୂଚନାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯିବା ସହ ଏହା ଆଗକୁ ବାଦୁଡି ମାନଙ୍କ ସରଂକ୍ଷଣ ଓ ଗବେଷଣାରେ ସହାୟକ ହେବ ବୋଲି ମତ ପ୍ରକାଶ ପାଇଛି । ପ୍ରାୟ ପ୍ରତିବର୍ଷ ୨୦ଟି ନୂଆ ବାଦୁଡି ପ୍ରଜାତି ମିଳିଥାଆନ୍ତି ହେଲେ ଏହି ବାଦୁଡି ଭଳି କୌଣସିଟି ନୁହେଁ ବୋଲି ଜଣେ ଗବେଷକ ମତ ଦେଇଛନ୍ତି । ଏହି ପ୍ରଜାତିଟି ସମସ୍ତଙ୍କ ଠାରୁ ଭିନ୍ନ ବୋଲି ସେ କହିଛନ୍ତି । ବିଶ୍ୱରେ ଏହା ଏକ ବିରଳ ପ୍ରଜାତି ।



# ହସାଇବେ ରକୁଲ



ରକୁଲପ୍ରିତ ଓ ଅଜୟ ଦେବଗନଙ୍କ ଫିଲ୍ମ ଦେଦେ ପ୍ୟାର ଦେ ର ଏକ ସେପାରେଟ ଫ୍ୟାନବେସ ରହିଛି । ତେବେ ଖୁବ ଜଲଦି ଏହାର ସ୍ୱିକ୍ୟୁଏଲ ପରଦାକୁ ଆସିବ । ଏହାର ଘୋଷଣା ହେବା ଦିନଠାରୁ ଦର୍ଶକ ଖୁବ ଉତ୍ସାହର ସହିତ ଏହାକୁ ଅପେକ୍ଷା କରି ରହିଛନ୍ତି। ତେବେ ନିକଟରେ ଏହାର ରିଲିଜ୍ ଡେଟ ମଧ୍ୟ ସାମନାକୁ ଆସିଛି । ଫିଲ୍ମଟି ନଭେମ୍ବର ୧୪ରେ ପରଦାକୁ ଆସିବ ବୋଲି ଜଣା ପଡିବା ପରେ ଏହାକୁ ନେଇ ଆଲୋଚନା ଆରମ୍ଭ ହୋଇଛି । ଏହାର କାହାଣୀ ଦର୍ଶକଙ୍କୁ ପ୍ରଥମଭାଗ ଭଳି ଖୁବ ପସନ୍ଦ ଆସିବ ବୋଲି ମେକର୍ସ ଆଶା ରଖିଛନ୍ତି । ଏଥିରେ ଦର୍ଶକ ଅଜୟ ଦେବଗନ, ରକୁଲ ପ୍ରିତ ସିଂଙ୍କ ସହିତ ଆର୍ ମାଧବନଙ୍କୁ ମଧ୍ୟ ଦେଖିବାକୁ ପାଇବେ । ସୈତାନ ସିରିଜ ପରେ ଏହି ଫିଲ୍ମରେ ଆର ମାଧବନଙ୍କ ସହିତ ଅଜୟ ଦେବଗନଙ୍କୁ ଦର୍ଶକ ପରଦାରେ ଦେଖିବେ । ହେଲେ ଏହି ଫିଲ୍ମରେ ଉଭୟଙ୍କୁ କମେଡି କରୁଥିବାର ଦର୍ଶକ ଦେଖିବେ । ସେହିଭଳି ନିଜର କମେଡି ଚରିତ୍ର ପାଇଁ ରକୁଲ ଖୁବ ଉତ୍ସାହିତ ଅଛନ୍ତ । ଦର୍ଶକଙ୍କୁ ପରଦାରେ ହସାଇବାକୁ ରେଡି ଥିବା ସେ ପ୍ରକାଶ କରିଛନ୍ତି ।

# ଆଖି ମେକଅପ

ମୁହଁକୁ ସୁନ୍ଦର କରିବାରେ ଆଖିର ବଡ ଭୂମିକା ରହିଥାଏ । ତେଣୁ ଝିଅ ମାନେ ଆଖିର ଖୁବ୍ ଯତ୍ନ ନିଅନ୍ତି । ତେବେ ଆଖିକୁ ସୁନ୍ଦର କରିବା ପାଇଁ କେତେକ ଛୋଟଛୋଟ ଜିନିଷର ଧ୍ୟାନ ଦେବାକୁ ହୋଇଥାଏ । ଯାହାକୁ ଧ୍ୟାନରେ ରଖିଲେ ଆଖି ବେଶ୍ ସୁନ୍ଦର ଦେଖାଯିବ । ସର୍ବଦା ଆଖି ଅନୁସାରେ ମେକଅପ୍ କରନ୍ତୁ । କାରଣ ସମସ୍ତଙ୍କର ଆଖି ଭିନ୍ନ ହୋଇଥାଏ । ତେଣୁ ଯାହାର ଯେଉଁ ଆକାରର ଆଖି ସେହି ହିସାବରେ ମେକଅପ୍ କରନ୍ତୁ । କେତେକ ଲୋକଙ୍କର ଆଖିର ଉପର ପତା ଓ ଆଇବ୍ରୋ ମଧ୍ୟରେ ଥିବା ଖାଲି ସ୍ଥାନ କୁଂଚି କୁଂଚି ହୋଇଥାଏ । ଯାହା ଆଖିର ମେକଅପ ବିଗାଡି ଥାଏ । ତେଣୁ ଏ କ୍ଷେତ୍ରରେ ମେକଅପ୍ ପୂର୍ବରୁ ପ୍ରାଇମର ଲଗାଇବା ଦରକାର । ଯାହାପରେ ଆପଣ ମେକଅପ କରିପାରିବେ । ଏହାସହ ଆପଣ ଡାର୍କ ଲାଇନର ପେନ୍‌ସିଲ ବ୍ୟବହାର କରନ୍ତୁ । ସେହିଭଳି ଯେଉଁମାନଙ୍କର ଛୋଟ ଆଖି ସେମାନେ ଧଳା ଆଇଲାଇନର ବ୍ୟବହାର କରିବା ଆବଶ୍ୟକ ରହିଛି । ଏହାସହ ସର୍ବଦା ଆଖିରେ ରଙ୍ଗୀନ ଆଇସ୍ୟାଡୋ ବ୍ୟବହାର କରନ୍ତୁ ।



# କୋଟିଏ ଟଙ୍କାର ବେଙ୍ଗ

ଦୁନିଆରେ ବିଭିନ୍ନ ପ୍ରକାରର ଜୀବ ରହିଛନ୍ତି । ସମସ୍ତଙ୍କର ଭିନ୍ନ ଭିନ୍ନ ଗୁଣ ରହିଛି । ଏହି ଗୁଣ ପାଇଁ ସେମାନେ ବିଭିନ୍ନ କାମରେ ବ୍ୟବହାର ହୁଅନ୍ତି । ଯେଉଁଥିପାଇଁ ଲୋକମାନେ କେତେକ ଜୀବଙ୍କୁ ଖୁବ୍ ଚଢାଦରରେ ଚୋରାରେ ବିକ୍ରି କରନ୍ତି । ଯାହାଫଳରେ କେତେକ ବିରଳ ପ୍ରଜାତି ବିଲୁପ୍ତ ହୋଇସାରିଲେଣି । ସେହିଭଳି ଏକ ବିରଳ ବେଙ୍ଗର ଦାମ ହେଉଛି କୋଟିଏ ଟଙ୍କା । ୨ ଇଞ୍ଚ ଲମ୍ବାର ଏହି ବେଙ୍ଗର ଖୁବ ଅଧିକ ଚୋରା ଚାଲାଣ ହୋଇଥାଏ । ଯାହାଫଳରେ ଏହାର ଦାମ ଏତେ ଅଧିକ । ପଏଜନ୍ ଡାର୍ଟ ନାମକ ଏହି ବେଙ୍ଗ ଦେଖିବାକୁ ଅନ୍ୟ ବେଙ୍ଗଙ୍କ ଠାରୁ ଅଲଗା । ଏହି ପ୍ରଜାତିର କେତେକ ବେଙ୍ଗଙ୍କ ଶରୀରରେ ହଳଦୀ ରଙ୍ଗରେ କଳା ରଙ୍ଗର ପଟି ଦେଖାଯାଇଥାଏ । ସେହିଭଳି ଏମାନଙ୍କର ଥିବା ବିଭିନ୍ନ ପ୍ରଜାତିର ବେଙ୍ଗଙ୍କର ଭିନ୍ନଭିନ୍ନ ଚମକିଲା ଗାଢ ରଙ୍ଗ ହୋଇଥାଏ । ତେବେ ସୂଚନା ଅନୁଯାୟୀ ଏହି ବେଙ୍ଗଟି ଦୁନିଆର ବିଷାକ୍ତ ଜୀବଙ୍କୁ ମଧ୍ୟ ଗୋଟିଏ । ଏଥିରେ ଏତେ ମାତ୍ରାରେ ବିଷ ଥାଏ କି ଏହା ୧୦ ଜଣଙ୍କର ଜୀବନ ନେଇପାରିବ । ଯେଉଁ କାରଣରୁ ଏହାର ଖୁବ୍ ଚୋରାଚାଲାଣ ହୋଇଥାଏ । ଏହାର ବିଷ ମାତ୍ର ତିନି ମିନିଟ୍‌ରେ ପ୍ରଭାବ ପକାଇବା ଆରମ୍ଭ କରିଥାଏ । ଏହି ବିଷାକ୍ତ ବେଙ୍ଗ ଗୁଡିକ କଲୋମ୍ବିଆର ବର୍ଷାବନରେ ମିଳିଥାଆନ୍ତି । ବେଙ୍ଗଙ୍କ ଉପରେ ହୋଇଥିବା ଏକ ଗବେଷଣାର ତଥ୍ୟ ଅନୁଯାୟୀ ଯେଉଁ ବେଙ୍ଗ ଯେତେ ଚମକଦାର ସିଏ ସେତେ ବିଷାକ୍ତ ।



## ସୋସିଆଲ କୋଟ୍ସ



"ସୀତା ହେବା ମୋ ପାଇଁ ଏତେ ସହଜ ନଥିଲା । ମୋତେ ଏଥିପାଇଁ ଘଣ୍ଟାଘଣ୍ଟା ପରିଶ୍ରମ କରିବାକୁ ପଡୁଥିଲା । ଏଥିପାଇଁ ମୁଁ ଅନେକ ସମୟ ୱାର୍କସପ୍ ଓ ନିର୍ଦ୍ଦେଶକଙ୍କ ସହ ବିତାଉଥିଲି ।

କ୍ରିତି ସନନ୍, ଅଭିନେତ୍ରୀ



"'କିସି କା ଭାଇ କିସି କା ଜାନ' ପାଇଁ ମୁଁ ଫାଇନାଲ ହୋଇ ସାରିଥିଲି । ହେଲେ ମୋତେ ଏକ ଫୋନକଲ୍ ଆସିଥିଲା ଯେଉଁଥିରେ ମୁଁ ରିଜେକ୍ଟ ହୋଇଥିବା ଜାଣିଥିଲି । ଏହା ଏକ ଲାଷ୍ଟ ମିନିଟ୍ ରିପ୍ଲେସ୍‌ମେଣ୍ଟ ଥିଲା ।

ଅବିକା ଗୌର, ଅଭିନେତ୍ରୀ



"ଆଜି ମୋ ପାଖରେ ସବୁ ଅଛି ଯେପରି ଷ୍ଟାରଡମ୍, ଫ୍ୟାନ୍ସ, ସବୁକିଛି । ବର୍ତ୍ତମାନ ଦୁନିଆ ଆମ ପାଇଁ ସମ୍ବେଦନଶୀଳ ହୋଇଛି । ହେଲେ ଦିନ ଥିଲା ମୁଁ ବଲିଉଡର ଡାର୍କସାଇଡ୍ ମଧ୍ୟ ଦେଖିଛି ।

କଙ୍ଗନା ରାଣାୱତ, ଅଭିନେତ୍ରୀ

# ପାଞ୍ଚ ମହାନ ଦାନ

**ହିନ୍ଦୁ ଧର୍ମରେ ଦାନର ମହତ୍ତ୍ୱ ବହୁତ ରହିଛି । ଦାନ ଦେବା ଦ୍ୱାରା ଜଣେ ବ୍ୟକ୍ତିଙ୍କର ପୁଣ୍ୟ ବଢିଥାଏ ବୋଲି ବିଶ୍ୱାସ ରହିଛି । ଆଜିକାଲି ଲୋକ ମାନେ ଦାନର ଅର୍ଥ କହିଲେ କେବଳ ଟଙ୍କା ବୋଲି ଭାବୁଛନ୍ତି । ହେଲେ ଏଭଳି କିଛି ଦାନ ଅଛି ଯାହା ମହାଦାନରେ ଗଣା ଯାଇଥାଏ । ସେହିଭଳି ପାଂଚଟି ମହାଦାନ ବିଷୟରେ..**


**ଭୂମି ଦାନ–** ପୂର୍ବ କାଳରେ ରାଜାଙ୍କ ଦ୍ୱାରା ଯୋଗ୍ୟ ଓ ଶ୍ରେଷ୍ଠ ବ୍ୟକ୍ତିଙ୍କୁ ଭୂମି ଦାନ କରାଯାଇଥାଏ । ଭଗବାନ ବିଷ୍ଣୁ ତାଙ୍କ ବାମନ ଅବତାରରେ ଭୂମିଦାନ ନେଇ ତିନି ପାଦରେ ତିନି ଲୋକକୁ ମାପିଥିଲେ । ତେଣୁ ଭୂମି ଦାନ ହେଉଛି ଶ୍ରେଷ୍ଠ ଦାନ । ଯଦି ବିଦ୍ୟାଳୟ, ଆଶ୍ରମ, ଧର୍ମଶାଳା ଆଦି ଧର୍ମୀୟ ଅନୁଷ୍ଠାନକୁ ଭୂମି ଦାନ କରାଯାଏ ତେବେ ତାହାକୁ ମହାଦାନ କୁହାଯାଏ ।

**ଗୋଦାନ–** ଭୂମି ଦାନ ଭଳି ଗୋଦାନର ମଧ୍ୟ ଅନେକ ମହତ୍ୱ ରହିଛି । ପୂରାଣ କଥା ଅନୁଯାୟୀ ଯେଉଁ ବ୍ୟକ୍ତି ଗୋଦାନ କରିଥାଏ ତାହାର ପରଲୋକରେ ମଧ୍ୟ କଲ୍ୟାଣ ହୋଇଥାଏ । ଗୋଦାନ କରିଥିବା ବ୍ୟକ୍ତି ଓ ତାଙ୍କର ପୂର୍ବପୁରୁଷ ଜୀବନ ଚକ୍ରରୁ ମୁକ୍ତି ପାଆନ୍ତି ବୋଲି ବିଶ୍ୱାସ ରହିଛି ।

**ଅନ୍ନ ଦାନ–** ଅନ୍ନ ଦାନ କରିବା ଏକ ବଡ ପୂଣ୍ୟ କାମ ଅଟେ । ଏହି ଦାନ ଦ୍ୱାରା ଜଣେ କ୍ଷୁଦାର୍ଥର କ୍ଷୁଦା ମେଂଟାଯାଇଥାଏ । ଅନ୍ନ ଦାନ ଭୋଜନର ଗୁରୁତ୍ୱକୁ ବୁଝାଇଥାଏ । ଏହା କରିବା ଦ୍ୱାରା ନିଜ ମନକୁ ମଧ୍ୟ ଶାନ୍ତି ମିଳିଥାଏ ।

**କନ୍ୟା ଦାନ–** ସବୁଠାରୁ ଶ୍ରେଷ୍ଠ ଦାନ ହେଉଛି କନ୍ୟା ଦାନ । ସନାତନ ଧର୍ମରେ କନ୍ୟା ଦାନକୁ ସବୁଠାରୁ ଉପରେ ରଖାଯାଇଥାଏ । ଏହି ଦାନ କରିବା ଦ୍ୱାରା ମାତା ପିତା ଅନେକ ପୂଣ୍ୟ ଅର୍ଜନ କରିଥାଆନ୍ତି ।

**ବିଦ୍ୟା ଦାନ–** ବିଦ୍ୟା ଦାନରେ ମଣିଷର ବିଦ୍ୟା ଆହୁରି ବଢିଥାଏ । ଏହି ଦାନ କରିବା ଦ୍ୱାରା ବ୍ୟକ୍ତିଙ୍କ ପାଖରେ ବିବେକଶୀଳତା ଓ ବିନୟ ଗୁଣରେ ବୃଦ୍ଧି ଘଟିଥାଏ । ଭାରତୀୟ ସଂସ୍କୃତିରେ ବହୁ ପୂରାତନ କାଳରୁ ଗୁରୁ- ଶିଷ୍ୟ ପରମ୍ପରା ରହିଛି । ଯେଉଁଥିରେ ବିଦ୍ୟାଦାନର ପରମ୍ପରା ରହିଛି । ତେଣୁ ବିଦ୍ୟାଦାନ ମହାନ ଦାନ ।



### ହାହାଃ..ହାହାଃ..

ରାଜୁ– ବାପା ମୁଁ କାଲିଠୁ ସ୍କୁଲ ଯିବିନି ।
ବାପା– କାହିଁକି ?
ରାଜୁ – ଆଜି ଆମ ସ୍କୁଲରେ ସମସ୍ତଙ୍କର ଓଜନ କରାଯାଇଛି ।
ବାପା – ତ ସେଥିରୁ କ'ଣ ହେଲା ?
ରାଜୁ – ଆଜି ଓଜନ କରିଛନ୍ତି, କାଲି ବିକିଦେବେ ।



୧୩୨୨– ରାଜା ଏଡ୍‌ୱାର୍ଡ ଦ୍ୱିତୀୟଙ୍କୁ ପରାଜୟ କରି ଇଂରେଜ ଶାସନରୁ ସ୍କଟ୍‌ଲ୍ୟାଣ୍ଡକୁ ମୁକ୍ତ କରାଗଲା ।
୧୬୪୩– ଦିଲ୍ଲୀର ମୋଗଲ ସମ୍ରାଟ ବାହାଦୂର ଶାହ ପ୍ରଥମଙ୍କ ଜନ୍ମ ।
୧୮୮୨– ସିମଲାରେ ପଞ୍ଜାବ ବିଶ୍ୱବିଦ୍ୟାଳୟର ସ୍ଥାପନା । ଏହା ବ୍ରିଟିଶ ଇପନିବେଶବାଦୀ ସରକାରଙ୍କ ଦ୍ୱାରା କଲିକତା, ମୁମ୍ବାଇ ଓ ମାଡ୍ରାସ ପରେ ସ୍ଥାପିତ ହୋଇଥିବା ଭାରତର ଚତୁର୍ଥ ବିଶ୍ୱବିଦ୍ୟାଳୟ ରୂପେ ପରିଚିତ ହେଲା ।
୧୯୪୩– ଫିଲିପିନ୍ସର ସ୍ୱତନ୍ତ୍ରତା ସମ୍ବନ୍ଧରେ ଘୋଷଣା କଲା ଜାପାନ ।
୧୯୪୮– ଇସ୍ରାଏଲ୍ ଓ ଇଜିପ୍ଟ ମଧ୍ୟରେ ଯୁଦ୍ଧ ।
୧୯୫୩– ଭାରତରେ ଇଷ୍ଟେଟ୍ ଡ୍ୟୁଟି ଆକ୍ଟ କାର୍ଯ୍ୟକାରୀ ହେଲା ।
୧୯୬୫– ଡା. ବି.ଆର୍ ଆମ୍ବେଦକର ୩,୮୫,୦୦୦ ଜଣ ଅନୁସରଣକାରୀଙ୍କ ସହିତ ବୌଦ୍ଧ ଧର୍ମ ଗ୍ରହଣ କଲେ ।
୨୦୦୮– ମ୍ୟୁଚୁଆଲ୍ ଫଣ୍ଡର ଆବଶ୍ୟକତାକୁ ପୂରଣ କରିବା ଲାଗି ଅତିରିକ୍ତ ୨୦୦ ବିଲିଅନ୍ ଟଙ୍କା ଜାରି କରିବା ନେଇ ଆର୍‌ବିଆଇର ଘୋଷଣା ।

## ସାଇବର ସୁରକ୍ଷା ସଚେତନତା ଅଭିଯାନ ଆରମ୍ଭ

# ସାଇବର ଅପରାଧକୁ ରୋକିବାରେ ସଚେତନତା ସବୁଠୁ ଶକ୍ତିଶାଳୀ ଅସ୍ତ୍ର : ମୁଖ୍ୟମନ୍ତ୍ରୀ



- ୧୬ ସଚେତନତା ରଥ ନୂଆପଡା ବ୍ୟତୀତ ସବୁ ଜିଲ୍ଲାରେ ବୁଲିବ
- ଖୁବଶୀଘ୍ର ୧୧୨୭ ପୋଲିସ, ୧୭୦ ଟେକ୍ନିକାଲ ଏକ୍ସପର୍ଟଙ୍କୁ ନିଯୁକ୍ତି

ଭୁବନେଶ୍ୱର(ସବ୍ୟୁ): ସମାଜ ପାଇଁ ଆଜି ବଡ ଚ୍ୟାଲେଞ୍ଜ ହୋଇଥିବା ସାଇବର ଅପରାଧକୁ ରୋକିବା ପାଇଁ ସଚେତନତା ହେଉଛି ସବୁଠାରୁ ବଡ ଶକ୍ତିଶାଳୀ ଅସ୍ତ୍ର । ଏକ ମାସବ୍ୟାପୀ ନୂଆପଡା ଜିଲ୍ଲା ବ୍ୟତୀତ ଅନ୍ୟ ସମସ୍ତ ଜିଲ୍ଲାଗୁଡିକରେ ସଚେତନତା ରଥ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କୁ ସାଇବର ସୁରକ୍ଷା ସମ୍ପର୍କିତ ସଚେତନ କରାଯିବ । ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାଇବର ସୁରକ୍ଷା ସଚେତନତା ଅଭିଯାନ ୨୦୨୫ର ଶୁଭାରମ୍ଭ ଅବସରରେ ଏହା କହିଛନ୍ତି ।

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଠାରେ ଆୟୋଜିତ ଏହି ରାଜ୍ୟ ସ୍ତରୀୟ ସଚେତନତା ଅଭିଯାନ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ଦେଶର ପ୍ରାୟ ୮୨ କୋଟି ଲୋକ ଅର୍ଥାତ ୫୫ ପ୍ରତିଶତ ଲୋକ ଆଜି ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି । ବିଶ୍ୱରେ ଇଣ୍ଟରନେଟ୍ ବ୍ୟବହାର କ୍ଷେତ୍ରରେ ଭାରତର ସ୍ଥାନ ଦ୍ୱିତୀୟ ରହିଛି । ଆମ ଦୈନନ୍ଦିନ ଜୀବନରେ ଆମେ ସମସ୍ତେ ଡିଜିଟାଲ୍ ବ୍ୟବସ୍ଥା ସହିତ ସମ୍ପୂର୍ଣ୍ଣ ରୂପେ ନିର୍ଭରଶୀଳ ହୋଇଯାଇଛୁ । ଇଣ୍ଟରନେଟ୍ ଓ ଟେକ୍ନୋଲୋଜି ଆମ ପାଇଁ ଅପରିହାର୍ଯ୍ୟ ହୋଇପଡିଛି । ଆଜି ଇଣ୍ଟରନେଟ୍ ବ୍ୟବହାରୀକାରୀଙ୍କୁ ସାଇବର ଅପରାଧ, ଅନଲାଇନ ଠକେଇ ଭଳି ଅପରାଧର ଶୀକାର ହେବାକୁ ପଡୁଛି । ଏହି ଅପରାଧକୁ ରୋକିବା ପାଇଁ ଆମ ସରକାର ସବୁବେଳେ ଗୁରୁତ୍ୱ ଦେଉଛନ୍ତି ଏବଂ ଏଥିପାଇଁ ଆମ ସରକାର ସାଇବର ପୋଲିସଙ୍କୁ ଶକ୍ତିଶାଳୀ କରିବା, ସଚେତନତା ବୃଦ୍ଧି କରିବା ଓ ସୁରକ୍ଷିତ ଡିଜିଟାଲ ପରିବେଶ ଗଠନ କରିବା ଭଳି ପଦକ୍ଷେପମାନ ଗ୍ରହଣ କରିଛନ୍ତ ।

ସାଇବର ଅପରାଧ ରୋକିବା କ୍ଷେତ୍ରରେ ଓଡିଶା ପୋଲିସଙ୍କୁ ପ୍ରଶଂସାକରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ନ୍ୟାସନାଲ ସାଇବର କ୍ରାଇମ ରିପୋର୍ଟିଂ ପୋର୍ଟାଲ ଏବଂ ସାଇବର ହେଲ୍ପଲାଇନ୍ ୧୯୩୦ ମାଧ୍ୟମରେ ହଜାର ହଜାର ଅଭିଯୋଗକାରୀଙ୍କୁ ସଠିକ୍ ସମୟରେ ସହାୟତା ପ୍ରଦାନ କରାଯାଇଛି । ସାଇବର ଅପରାଧକୁ ପ୍ରତିରୋଧ କରିବା ପାଇଁ ରାଜ୍ୟରେ ଖୁବଶୀଘ୍ର ଆଉ ୨୦ଟି ନୂତନ ସାଇବର ଅପରାଧ ପୋଲିସ୍ ଷ୍ଟେସନ କାର୍ଯ୍ୟକ୍ଷମ ହେବ । ଏହାସହ ପୂର୍ବରୁ ଥିବା ୧୪ଟି ସାଇବର ପୋଲିସ୍ ଷ୍ଟେସନର ଆଧୁନିକୀକରଣ ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛ । ଏ କ୍ଷେତ୍ର ପାଇଁ ୧୧୨୭ଟି ନୂତନ ପୋଲିସ ପଦବୀ ସହିତ ୧୭୦ ଟେକ୍ନିକାଲ ଏକ୍ସପର୍ଟଙ୍କୁ ଖୁବଶୀଘ୍ର ନିଯୁକ୍ତି ଦିଆଯିବ । ଏଥିସହିତ କ୍ରାଇମବ୍ରାଞ୍ଚ ଅଧୀନରେ ଏକ ରାଜ୍ୟସ୍ତରୀୟ କମାଣ୍ଡ ସେଣ୍ଟର ଗଠନ କରାଯିବ । ଏହି ସେଣ୍ଟରଟି ସାଇବର ଅପରାଧ ରୋକିବା କ୍ଷେତ୍ରରେ ସେଣ୍ଟର ଅଫ୍ ଏକ୍ସେଲେନ୍ସ ଭାବରେ କାର୍ଯ୍ୟ କରିବ ।

ମୁଖ୍ୟମନ୍ତ୍ରୀ ଇଣ୍ଟରନେଟ୍ ଜରିଆରେ ଝିଅମାନଙ୍କୁ ବ୍ଲାକମେଲିଙ୍ଗ ଓ ମାନସିକ ନିର୍ଯାତନା ଉପରେ କ୍ଷୋଭ ପ୍ରକାଶ କରି ଓଡିଶା ପୋଲିସକୁ ଏହି ମାନସିକତା ରଖୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ପଦକ୍ଷେପ ନନେଲେ ସମ୍ପୃକ୍ତ ପୋଲିସଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ । ମୁଖ୍ୟମନ୍ତ୍ରୀ ଏହି ଅବସରରେ ୧୬ଟି ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ରଥ ଗୁଡିକ ନୂଆପଡା ଜିଲ୍ଲାକୁ ଛାଡି ରାଜ୍ୟର ଅନ୍ୟ ସମସ୍ତ ଜିଲ୍ଲାରେ ଏକ ମାସ ଧରି ଲୋକଙ୍କୁ ସଚେତନ କରାଇବ ।

କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓଡିଶା ପୋଲିସଙ୍କୁ ଏହି ସଚେତନତା ମୂଳକ କାର୍ଯ୍ୟକ୍ରମ ପାଇଁ ଧନ୍ୟବାଦ ଦେଇଥିଲେ । ପୋଲିସ ମହାନିର୍ଦ୍ଦେଶକ ୱାଇ. ବି ଖୁରାନିଆ କାର୍ଯ୍ୟକ୍ରମକୁ ସମସ୍ତଙ୍କୁ ସ୍ୱାଗତ କରି ସାଇବର ଅପରାଧ କ୍ଷେତ୍ରରେ ଓଡିଶା ପୋଲିସ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଓ ସଫଳତା ବିଷୟରେ ଉଲ୍ଲେଖ କରିଥିଲେ । କ୍ରାଇମବ୍ରାଞ୍ଚ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ଧନ୍ୟବାଦ ଦେଇଥିଲେ ।

## ଦୀପାବଳିରେ ପାଗ ଶୁଖିଲା, ତାପରେ ବର୍ଷା

### ୨୨ରୁ ବିକ୍ଷିପ୍ତ, ୨୪ରୁ ପ୍ରବଳ ବର୍ଷା

ଭୁବନେଶ୍ୱର, (ସବ୍ୟୁ): ଆସନ୍ତାକାଲି (ରବିବାର) ଉପକୂଳ ଜିଲ୍ଲାମାନଙ୍କରେ କାଁଭାଁ ହାଲୁକାରୁ ସ୍ୱଳ୍ପ ବର୍ଷା ହୋଇପାରେ। ତେବେ ୨୦ ଓ ୨୧ ତାରିଖରେ ପାଗ ସମ୍ପୂର୍ଣ୍ଣ ଶୁଖିଲା ରହିବା ଅର୍ଥାତ୍ ଦୀପାବଳିରେ କୌଣସି ସ୍ଥାନରେ ବର୍ଷାର ସମ୍ଭାବନା ନାହିଁ। ତା'ପରେ ଅର୍ଥାତ ୨୨ ଓ ୨୩ ତାରିଖରେ ବିକ୍ଷିପ୍ତ ବର୍ଷା ହେବା କିନ୍ତୁ ସାରା ରାଜ୍ୟରେ ୨୪ରୁ ୨୬ ମଧ୍ୟରେ ଭାରି ବର୍ଷା ହେବାର ସମ୍ଭାବନା ଅଛି। ଏଭଳି ଆକଳନ କରିଛନ୍ତି ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ର ନାଥ ପଶୁପାଳକ।

ଶ୍ରୀ ପଶୁପାଳକ କହିଛନ୍ତି, ବିଭିନ୍ନ ମଡେଲର ବିଶ୍ଳେଷଣରୁ ଏହା ଜଣାପଡିଛି। ୨୦ ତାରିଖରେ ଦକ୍ଷିଣ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ୨୧ କିମ୍ବା ୨୨ ସୁଦ୍ଧା ଅବପାତ ରୂପ ନେଇପାରେ। ୨୪ ସକାଳ ସୁଦ୍ଧା ଏହା ତାମିଲନାଡୁ ବା ସଂଲଗ୍ନ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳ ଛୁଇଁବାର ସମ୍ଭାବନା ଅଛି। ସେତେବେଳକୁ ଏହା ଦୁର୍ବଳ ହୋଇଯାଇଥିବା ହୁଏତ ସେହି ଦୁର୍ବଳ ଘୂର୍ଣ୍ଣିବଳୟ ଅବସ୍ଥାରେ ଆନ୍ଧ୍ର କିମ୍ବା ଓଡ଼ିଶା ଉପକୂଳ ଦୂରରେ ରହିବା କିନ୍ତୁ ଓଡ଼ିଶାକୁ ପବନର ଭୟ ନାହିଁ।

କିଛି ମଡ଼େଲ ଦ୍ୱାରା ଆକଳନ କରାଯାଇଛି ଯେ, ମଧ୍ୟ ବାୟୁମଣ୍ଡଳରେ ଆର୍ଦ୍ରତା, ଉପର ବାୟୁମଣ୍ଡଳରେ ବାୟୁ ବିଚରଣ, ସିଷ୍ଟମ୍ ଷ୍ଟ୍ରକଚର ଗଠନ ଓଭରଏଷ୍ଟିମେଣ୍ଟ ଯୋଗୁଁ ବାତ୍ୟାର ସମ୍ଭାବନା ରହିଛି। କିନ୍ତୁ ତାହା ହେବାର ସମ୍ଭାବାନ ନାହିଁ। ଏହା ସହିତ ଏମ୍‌ଜିଓରୁ ଫେଜ୍-୪ ଏହି ମାସ ୨୮ ତାରିଖ ସୁଦ୍ଧା ସରିଯିବା ଯାହାକି ମେଘ ଗଠନ ପାଇଁ ୨୮ ରୁ ୩୦ ପର୍ଯ୍ୟନ୍ତ ପାଗ ଅନୁକୂଳ ନୁହେଁ। ତେବେ ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଓ ବାୟୁମଣ୍ଡଳରେ କିପରି ପରିବର୍ତ୍ତନ ହେବାକୁ ଯାଉଛି, ତାହାର ତୀକ୍ଷ୍ଣ ନଜର ରଖିବାକୁ ପଡିବ। ପରିବର୍ତ୍ତନ ଅନୁସାରେ ଆକଳନ କରାଯିବା। ବର୍ଷା ଓ ଅଧିକ ଆର୍ଦ୍ରତା ସହିତ ଥଣ୍ଡା କମ୍ ରହୁଥିବାରୁ ଧାନରେ ରେଡା ପୋକ ଏବଂ ପନିପରିବାରେ ରୋଗପୋକ ବଢ଼ିବାର ସମ୍ଭାବନା ରହୁଥିବାରୁ ଆବଶ୍ୟକ ପଦକ୍ଷେପ ନିଅନ୍ତୁ ବୋଲି ଶ୍ରୀ ପଶୁପାଳକ ପରାମର୍ଶ ଦେଇଛନ୍ତି।

## ପରିବେଶ ସୁରକ୍ଷା ଦିଗରେ ଆଦିତ୍ୟ ଆଲୁମିନିୟମ୍‌ର ପ୍ରୟାସ

# ଶିଳ୍ପ ବର୍ଜ୍ୟବସ୍ତୁ ହ୍ରାସ ଓ ପୁନଃ ଜଳ ବ୍ୟବହାର ଉପଯୋଗୀ ନିମନ୍ତେ ନୂତନ ପ୍ରକଳ୍ପ କାର୍ଯ୍ୟକାରୀ

ଭୁବନେଶ୍ୱର (ସବ୍ୟୁ): ଆଦିତ୍ୟ ଆଲୁମିନିୟମ୍ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ସହଯୋଗୀ ୟୁନିଟ୍ ପକ୍ଷରୁ ନିଜର ସ୍ଥାୟୀ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ ଖୁଣ୍ଟ ହାସଲ କରିଛି । ଏହି ୟୁନିଟ୍ ୨୦୦ କେଏଲଡି କ୍ଷମତା ସମ୍ପନ୍ନ ଜିରୋ ଲିକ୍ୟୁଡ



ଡିସଚାର୍ଜ ପ୍ଲାଣ୍ଟକୁ ଶୁଭାରମ୍ଭ ହୋଇଛି । ଏହାଦ୍ୱାରା ଆଧୁନିକ ଯାନ୍ତ୍ରିକ ବାଷ୍ପ ପୁନଃଚପ (ମେକାନିକାଲ ଭେପର୍ ରିକମ୍ପ୍ରେଶନ) ବା (ଏମଭିଆର୍) ପ୍ରଯୁକ୍ତି ବ୍ୟବହୃତ ହୋଇଛି । ଯଦ୍ୱାରା ଶିଳ୍ପାନୁଷ୍ଠାନରୁ ନିର୍ଗତ ବର୍ଜ୍ୟବସ୍ତୁ ଓ ଦୂଷିତ ଜଳକୁ ପୁନଃ ବ୍ୟବହାର ଯୋଗ୍ୟ କରି ଏହାର ସଠିକ୍ ପରିଚାଳନା ଓ ପରିବେଶ ସୁରକ୍ଷା ଦିଗରେ ଏକ ନୂଆ ମାନଦଣ୍ଡ ସୃଷ୍ଟି କରିବ। ଏହି ପ୍ରକଳ୍ପ ଶୁଭାରମ୍ଭ ଅବସରରେ ମୁଖ୍ୟ ଅତିଥି ଭାବେ ଶ୍ରୀମତି ଉମା ନନ୍ଦୁରୀ, ପିସିସିଏଫ୍ (କେନ୍ଦୁଲିଭସ୍), ଓଡିଶା ଓ ସଦସ୍ୟ ସଚିବ, ଓ ଏସ୍‌ପିସିବି; ସୁଦର୍ଶନ ବେହେରା, କନଜରଭେଟର ଅଫ ଫରେଷ୍ଟସ୍, ସମ୍ବଲପୁର କେନ୍ଦୁଲିଭ ସର୍କଲ; ଡା. ଏସ.ଏନ.ନନ୍ଦା, ଆଞ୍ଚଳିକ ଅଧିକାରୀ, ଏସପିସିବି; ଓ ଇଂ. ହିରଣ୍ୟ କୁମାର ନାୟକ, ଆଞ୍ଚଳିକ ଅଧିକାରୀ, ଝାରସୁଗୁଡା, ସମେତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବରିଷ୍ଠ ଅଧିକାରୀ ଓ ଆଦିତ୍ୟ ଆଲୁମିନିୟମ୍ ପରିଚାଳନା ଦଳର ଜେ.ପି. ନାୟକ (ୟୁନିଟ୍ ମୁଖ୍ୟ), ଗୁଲସନ ତିୱାରୀ (ସିପିପି ମୁଖ୍ୟ), ସନ୍ଦୀପ ସିଂହ (ସ୍ମେଲ୍ଟର ମୁଖ୍ୟ), ବିନୋଦ ଠାକୁର (ମାନବ ସମ୍ବଳ ମୁଖ୍ୟ), ରଞ୍ଜନ ଜେନା (କ୍ଲଷ୍ଟର ପରିବେଶ ବିଭାଗ ମୁଖ୍ୟ) ଓ ଲଳିତ ଚରଣ (ପରିବେଶ ବିଭାଗ ଡିଏଚ) ପ୍ରମୁଖ ଉପସ୍ଥିତ ଥିଲେ। ଏମଭିଆର୍ ଆଧାରିତ ଜେଏଲଡି ପ୍ରଣାଳୀ ଦ୍ୱାରା ବ୍ୟବହୃତ ହୋଇଥିବା ଦୂଷିତ ଜଳକୁ ବାଷ୍ପ ଓ ସଂଘନୀଭୂତ ପ୍ରଣାଳୀ ଜରିଆରେ ପୁନର୍ବ୍ୟବହାର ଯୋଗ୍ୟ ପୁନଃ ବ୍ୟବହାର ଯୋଗ୍ୟ ଜଳରେ ପରିଣତ କରେ, ଯାହା ଦ୍ୱାରା ୯୦ରୁ ୯୫ ପ୍ରତିଶତ ଶୁଦ୍ଧ ଜଳ ପୁଣି ପ୍ଲାଣ୍ଟରେ ବ୍ୟବହୃତ ହୁଏ। ଏହି ପ୍ରଣାଳୀ ଦ୍ୱାରା ତରଳ ବର୍ଜ୍ୟବସ୍ତୁ ନିର୍ଗତ ହ୍ରାସ ହେବା ସହିତ ଗଚ୍ଛିତ ଶୁଦ୍ଧ ପ୍ରାକୃତିକ ଜଳ ବ୍ୟବହାର ହ୍ରାସ ହେବାଫଳରେ ଏହା ସମ୍ପୂର୍ଣ୍ଣ ଭାବେ ଜେଏଲଡି ନିୟମାବଳୀ ସହିତ ପୂର୍ଣ୍ଣ ସମାନୁପାତ ରହିଛି। ପ୍ରାୟ ୨୦ କୋଟି ଟଙ୍କା ବିନିଯୋଗରେ ନିର୍ମିତ ଏହି ପ୍ରକଳ୍ପ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜର ସ୍ଥାୟିତ୍ୱତା, ଦକ୍ଷତା ଓ ପୁନଃଚକ୍ରଣ ଅର୍ଥନୀତି ପ୍ରତି ଥିବା ପ୍ରତିବଦ୍ଧତାକୁ ଦୃଢତାର ସହ ସୂଚାଇଚି। ଯାହା କମ୍ପାନୀର ଦୂରଗାମୀ ଲକ୍ଷ "ଜଳ ସକାରାତ୍ମକ" ଲକ୍ଷ୍ୟ ଦିଗରେ ପ୍ରତିଫଳିତ ହୋଇଛି।

## ଜିଲ୍ଲାସ୍ତରୀୟ ପୋଷଣ ମାସ

କଟକ,(ସବ୍ୟୁ):ଜିଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ଜିଲାସ୍ତରୀୟ ପୋଷଣ ମାସ ପାଳିତ ହୋଇଯାଇଛି। ଜିଲା ସମାଜ କଲ୍ୟାଣ ଅଧିକାରୀ ରଶ୍ମିତା ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଡ.ଈପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଯୋଗଦେଇ ମା ଓ ଶିଶୁଙ୍କର ଉତ୍ତମ ପୋଷଣ ଖାଦ୍ୟ ଏବଂ ପିଲାମାନଙ୍କୁ ଶିକ୍ଷା ପ୍ରଦାନ କ୍ଷେତ୍ରରେ ମତ ପ୍ରକାଶ କରିଥିଲେ। ରମାଦେବୀ ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଡ.ତପତି ଦାସ, ଅତିରିକ୍ତ ଜିଲାସମାଜ କଲ୍ୟାଣ ଅଧିକାରୀ ବବିତା ଜେନା, ଜିଲା ପୋଷଣ ସଂଯୋଜକ ଶ୍ରୀକାନ୍ତ ଜେନା ପ୍ରମୁଖ ଉପସ୍ଥିତ ରହି ମା ପାଇଁ ଗଛ ଟିଏ ଲଗେଇବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ସହ ମାଣ୍ଡିଆରେ ତିଆରି ବିଭିନ୍ନ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ରଚନା ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା।

# ୫୫ଗ୍ରାମ ବ୍ରାଉନସୁଗର ଜବତ : ୫ ଗିରଫ

### ୭ ଦାମୀ ଫୋନ, ୫ ମୋଟର ସାଇକେଲ, ୩୬ହଜାର ଟଙ୍କା ଜବତ

ଖୋର୍ଦ୍ଧା, (ସବ୍ୟୁ): ଆଦର୍ଶ ଥାନା ଏବଂ ଶିଳ୍ପାଞ୍ଚଳ ଥାନା ପୋଲିସ ପୃଥକ ପୃଥକ ମାମଲାରେ ୫ଜଣଙ୍କୁ ଗିରଫ କରିବା ସହିତ ସେମାନଙ୍କ ଠାରୁ ସମୁଦାୟ ସାଢେ ୫ଲକ୍ଷ ଟଙ୍କା ମୂଲ୍ୟର ୫୫ଗ୍ରାମ ବ୍ରାଉନସୁଗର ସମେତ ୭ଟି ଦାମୀ ମୋବାଇଲ ଫୋନ ଏବଂ ୫ଟି ମୋଟର ସାଇକେଲ ଜବତ କରିଥିବାର ଶନିବାର ଦିନ ଜିଲ୍ଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ବିବେକାନନ୍ଦ ଶର୍ମା ସୂଚନା ଦେଇଛନ୍ତି। ଗିରଫ ଆସାମୀମାନେ ହେଲେ ଆଦର୍ଶ ଥାନା ଅନ୍ତର୍ଗତ ସାମନ୍ତରାପୁର ସ୍ୱପ୍ନେଶ୍ୱର ସାହିର ସୋମନାଥ ବେହେରା (୨୫) ଓ ସଦର ଥାନା ଅଧିନ କରଡ଼ଗାଡ଼ିଆର ଧନେଶ୍ୱର ସାହୁ (୨୬), ଇନଫୋଭ୍ୟାଲି ଥାନା ଅନ୍ତର୍ଗତ ଉତର ମୁଣ୍ଡମୁହାଣ ଗ୍ରାମର ରାଜେନ୍ଦ୍ର ରାଉତ (୨୬), ସହିଦ ନଗର ଥାନା ଅନ୍ତର୍ଗତ ପଥରବନ୍ଧ ବସ୍ତିର ସୁନିଲ ସାହୁ (୨୫) ଏବଂ ଆଦର୍ଶ ଥାନା ଅନ୍ତର୍ଗତ ପଲ୍ଲାହାଟ ର ଶକ୍ତି ରଞ୍ଜନ ରାୟଗୁରୁ (୨୫)।



ଆଦର୍ଶଥାନା ପୋଲିସ ନିର୍ଭର ଯୋଗ୍ୟ ସୂତ୍ରରୁ ଖବରପାଇ ଟିଏଲସି ରୋଡ ସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନ ନିକଟରେ ଥିବା ବିଡ଼ିଏ ରାସ୍ତାରେ ବ୍ରାଉନସୁଗର ବିକ୍ରୀ କରିବା ଉଦ୍ଦେଶ୍ୟରେ ଦୁଇ ଜଣ ଚୋରା ବେପାରୀ ଥିବାର ଖବରପାଇ ଏକ ସ୍ୱତନ୍ତ୍ର ଟିମ୍ ସେହିଠାରେ ଚଢାଉ କରି ଦୁଇଜଣଙ୍କୁ ଧରିଥିଲା। ସେମାନଙ୍କ ଠାରୁ ୩୦ଗ୍ରାମ୍ ଓଜନର ବ୍ରାଉନସୁଗର ସହିତ ଦୁଇଟି ଦାମୀ ମୋବାଇଲ ଫୋନ, ଦୁଇଟି ମୋଟର ସାଇକେଲ ଏବଂ ନଗଦ ୩୬ହଜାର ଟଙ୍କା ଜବତ କରିଥିଲା। ଜବତ ବ୍ରାଉନସୁଗର୍ ର ମୂଲ୍ୟ ୩ଲକ୍ଷ ଟଙ୍କା ହେବ।

ସେହିପରି ଖୋର୍ଦ୍ଧା ଶିଳ୍ପାଂଚଳରେ ଥିବା ଏକ ବିସ୍କୁଟ କମ୍ପାନି ନିକଟରେ ବ୍ରାଉନସୁଗର ବେପାର ହେଉଥିବା ଶିଳ୍ପାଞ୍ଚଳ ପୁଲିସ କୁ ଖବର ମିଳିଥିଲା। ତାକୁ ଧରିବାକୁ ଇନ୍ସପେକ୍ଟର ବାସୁଦେବ ଜୟସିଂଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଚଢଉ କରି ୩ଜଣଙ୍କୁ କାବୁ କରିବା ସହିତ ସେମାନଙ୍କ ଠାରୁ ଅଢେଇ ଲକ୍ଷ ଟଙ୍କା ମୂଲ୍ୟର ୨୫ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିବା ସହିତ ସେମାନଙ୍କ ଠାରୁ ୫ଟି ଦାମୀ ମୋବାଇଲ ଫୋନ ତିନୋଟି ମୋଟର ସାଇକେଲ ଜବତ କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ନିହାରରଞ୍ଜନ ପ୍ରଧାନ, ଆଦର୍ଶ ଥାନା ଅଧିକାରୀ ସଞ୍ଜୟ କୁମାର ନାୟକ, ଶିଳ୍ପାଂଚଳ ଥାନା ଅଧିକାରୀ ଉମେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବେଦାନ୍ତ ଲାଞ୍ଜିଗଡ଼ ପ୍ରକଳ୍ପ ସଙ୍ଗମ ଅନ୍ତର୍ଗତ

# ମାଛ ଚାଷ ପଦକ୍ଷେପ ସହିତ ଚାଷୀଙ୍କ ପାଇଁ ନୂତନ ଆୟ ସ୍ରୋତ ସୃଷ୍ଟି କରିଛି

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ସ୍ଥାୟୀ ଜୀବିକାକୁ ପ୍ରୋତ୍ସାହିତ କରିବା ଏବଂ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ, ଲାଞ୍ଜିଗଡ଼ରେ ଏହାର ପ୍ରମୁଖ ଜଳବିଭାଜିକା ଏବଂ ଜୀବିକା ପଦକ୍ଷେପ - ପ୍ରକଳ୍ପ ସଙ୍ଗମ - ଅଧୀନରେ ଏକ ମାଛ ଚାଷ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହି ପଦକ୍ଷେପ ବୈଜ୍ଞାନିକ ମାଛ ଚାଷ ମାଧ୍ୟମରେ ଚାଷୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ସଦସ୍ୟଙ୍କ ପାଇଁ ବିକଳ୍ପ ଆୟ ସୁଯୋଗ ସୃଷ୍ଟି କରିବ। କଳାହାଣ୍ଡିର ମତ୍ସ୍ୟ ଏବଂ ପଶୁପାଳନ ବିଭାଗ ସହିତ ମିଳିତ ଭାବରେ କାର୍ଯ୍ୟକାରୀ ହୋଇଥିବା, ଏହି ପଦକ୍ଷେପ ୧୩ଟି ଗ୍ରାମର ପାଞ୍ଚ ଏକର ଜମିରେ କମ୍ପାନୀ ଦ୍ୱାରା ନିର୍ମିତ ୩୨ଟି ଜଳ ସଂରଚନାକୁ ବିସ୍ତାର କରିଛି, ଯାହା ୪୪ ଜଣ ଚାଷୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କୁ ସିଧାସଳଖ ଲାଭ ପହଞ୍ଚାଇଛି । ଏହା ସେମାନଙ୍କୁ ମାଛ ଚାଷକୁ ଏକ ସ୍ଥାୟୀ ଜୀବିକା କାର୍ଯ୍ୟକଳାପ ଭାବରେ ଗ୍ରହଣ କରିବା ପାଇଁ ଆବଶ୍ୟକ ସମ୍ବଳ, ତାଲିମ ଏବଂ ବୈଷୟିକ ସହାୟତା ପ୍ରଦାନ କରୁଛି। ଏହି ପଦକ୍ଷେପ ବାର୍ଷିକ ୨୦ ଟନ୍ ମାଛ ଅମଳ କରିବ ବୋଲି ଆଶା କରାଯାଉଛି, ଯାହା ସ୍ଥାନୀୟ ଆବଶ୍ୟକତା ଏବଂ ବଜାର ଯୋଗାଣ ଉଭୟରେ ଗୁରୁତ୍ୱପୂର୍ଣ୍ଣ



ଯୋଗଦାନ ଦେବ।

ଏହି ପ୍ରୟାସ ବିଷୟରେ ମନ୍ତବ୍ୟ ଦେଇ, ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ, ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, "ବେଦାନ୍ତ ଲାଞ୍ଜିଗଡ଼ରେ, ଆମେ ପରିବେଶଗତ ଏବଂ ସାମାଜିକ ଲକ୍ଷ୍ୟ ସହିତ ସମନ୍ୱିତ ସ୍ଥାୟୀ ଜୀବିକା ସୁଯୋଗ ମାଧ୍ୟମରେ ସାମଗ୍ରିକ ସମ୍ପ୍ରଦାୟ ବିକାଶକୁ ଆଗେଇ ନେବା ପାଇଁ ପ୍ରତିବଦ୍ଧ। ପ୍ରକଳ୍ପ ସଙ୍ଗମ ଅଧୀନରେ ମାଛ ଚାଷ ପଦକ୍ଷେପ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ଏବଂ ରାଜ୍ୟର ବିକାଶ ଦୃଷ୍ଟିକୋଣ ସହିତ ସମନ୍ୱିତ କରିବା ସହିତ ଚାଷୀଙ୍କ ପାଇଁ ଆୟ ବିବିଧତାକୁ ସମର୍ଥନ କରେ। ବେଦାନ୍ତ ଲାଞ୍ଜିଗଡ଼ର ପ୍ରକଳ୍ପ ସଙ୍ଗମ ଏକ ସମନ୍ୱିତ ଜଳଛାୟା ଏବଂ ଜୀବିକା ପ୍ରକଳ୍ପ ଯାହା ଗ୍ରାମୀଣ ସମ୍ପ୍ରଦାୟର ଜୀବିକା ବୃଦ୍ଧି କରିବା ପାଇଁ ପ୍ରଯୁକ୍ତିବିଦ୍ୟା-ସମର୍ଥିତ ପଦକ୍ଷେପ ନିର୍ମାଣ କରେ। ଏହି ପ୍ରକଳ୍ପର ଲକ୍ଷ୍ୟ ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ର ୪୧ଟି ଗ୍ରାମରେ ଜଳ-ଭିତ୍ତିକ ସମ୍ପତ୍ତି ସୃଷ୍ଟି କରିବା, ପାନୀୟ ଏବଂ କୃଷି ଉଦ୍ଦେଶ୍ୟରେ ବର୍ଷସାରା ପାଣିର ଉପଲବ୍ଧତା ସୁନିଶ୍ଚିତ କରିବା।

## ଅନ୍ତର୍ନିହିତ କଳାର କ୍ଷେତ୍ରସ୍ତରୀୟ କଳା ଉତ୍ସବ

ଖୋର୍ଦ୍ଧା, (ସବ୍ୟୁ) ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ସମଗ୍ର ଶିକ୍ଷା ଖୋର୍ଦ୍ଧା ଆନୁକୁଲ୍ୟରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ତରଫରୁ ୫ଟି ଜିଲ୍ଲା ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ ଓ କନ୍ଧମାଳ ଜିଲ୍ଲା କୁ ନେଇ ଏକ କ୍ଷେତ୍ରସ୍ତରୀୟ କଳା ଉତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୫ଟି ଜିଲ୍ଲା ରୁ ମୋଟ ୧୨୬ ଜଣ ଛାତ୍ରଛାତ୍ରୀ ୧୨ଟି ବିଭାଗରେ ଅଂଶ ଗ୍ରହଣ କରିଥିଲେ। ଏହି ଉତ୍ସବର ଉଦଘାଟନ ସମାରୋହ ରେ ମୁଖ୍ୟ ଅତିଥି ଭାବରେ ଖୋର୍ଦ୍ଧା ଜିଲ୍ଲାର ଜିଲ୍ଲା ଶିକ୍ଷା ଅଧିକାରୀ ସୋନମିକା ରାୟ ଯୋଗଦେଇ କହିଥିଲେ ଯେ ଶିକ୍ଷା ସହିତ କଳା ଓ ସଂସ୍କୃତି ଅଙ୍ଗାଙ୍ଗୀ ଭାବରେ ଜଡ଼ିତ। ଶିକ୍ଷାର ଚାପ ଗ୍ରସ୍ତ ମଧ୍ୟରେ ନୃତ୍ୟ ଓ ସଙ୍ଗୀତ ମନରେ ଆନନ୍ଦ ଭରିଦେଇଥାଏ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିଜୟ କୁମାର ବେହେରା ଯୋଗଦେଇ କହିଥିଲେ ଯେ କଳା ହେଉଛି ଅନ୍ତର୍ନିହିତ ଗୁଣାବଳୀ ର ପରିପ୍ରକାଶ। ତେଣୁ କଳାର ଆବଶ୍ୟକତା ଜୀବନର ଅପରିହାର୍ଯ୍ୟ। ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ସଂଯୋଜିକା ସୁନୀତା ପଟ୍ଟନାୟକ କଳା ଉତ୍ସବ ର ଆଭିମୁଖ୍ୟ କୁ ଉପସ୍ଥାପନ କରିଥିଲେ ଓ ସଭାପତି ଭାବରେ ବିଜେବି ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ବିଭୁପ୍ରସାଦ ସେନାପତି ଉପସ୍ଥିତଥିଲେ। ଉଦଯାପନ କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ମହୋଦୟ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କୃତି ଛାତ୍ର ଛାତ୍ରୀ ମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ।

# ସେକ୍ସ ର୍ୟାକେଟ ଠାବ : ୩ ଉଦ୍ଧାର, ୪ ଗିରଫ

ଭୁବନେଶ୍ୱର, (ସବ୍ୟୁ): କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣେ ଯୁବତୀଙ୍କୁ ସେକ୍ସୁଆଲ ହାରାସମେଣ୍ଟ କରାଯାଇଥିବା ଡାକ୍ତର ଜାଣିବା ପରେ କ୍ୟାପିଟାଲ ଥାନାକୁ ସୂଚନା ଦେଇଥିଲେ। ହସ୍ପିଟାଲ ସୂଚନା ଆଧାରରେ କ୍ୟାପିଟାଲ ଥାନା ପୋଲିସ୍ ମାମାଲା ରୁଜୁ କରି ତଦନ୍ତ କରୁଥିବା ବେଳେ ଲକ୍ଷ୍ମୀସାଗରରେ ସେକ୍ସ ର୍ୟାକେଟ୍ ଠାବ ହୋଇଥିଲା। ୩ ଜଣ ଯୁବତୀକୁ ଉଦ୍ଧାର କରାଯିବା ସହ ୪ ଜଣଙ୍କୁ ଗିରଫ କରାଯାଇଛି। କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହୋଇଥିବା ଯୁବତୀଙ୍କର ମାନସିକ ସ୍ଥିତି ଠିକ୍ ନଥିବାରୁ ସେ ସଠିକ ଭାବେ ପରିଚୟ ଓ ଘର ଠିକଣା କହିପାରିନଥିଲେ। ତାଙ୍କୁ ହସ୍ପିଟାଲରେ କିଏ ଛାଡିଲା ସ୍ପଷ୍ଟ ଜଣାପଡିନଥିଲା। ତାଙ୍କ ପାଖରେ କେହି ଆଟେନାଣ୍ଟ ମଧ୍ୟ ନଥିଲେ। ଏହି ଅଡୁଆ ପରିସ୍ଥିତିର ମୁକାବିଲା କରି କମିଶନରେଟ୍ ପୋଲିସ୍ ତଦନ୍ତକୁ ଦ୍ରୁତତ୍ୱରାନ୍ୱିତ କରି ସିସିଟିଭି ଫୁଟେଜରୁ ଜାଣିବାକୁ ପାଇଲା ଯେ, ଗୋଟିଏ ଅଟୋ ଯୁବତୀଙ୍କୁ ହସ୍ପିଟାଲ ପାଖରେ ଛାଡି ଚାଲିଯାଇଛି। ଅଟୋକୁ ଠାବ କରିବା ପରେ ଅଟୋ ରାପିଡୋ କମ୍ପାନୀରୁ ବୁକ ହୋଇଥିବା ଜଣାପଡିଥିଲା।

ରାପିଡୋରୁ ଅଟୋ ଲକ୍ଷ୍ମୀସାଗର ଅଞ୍ଚଳରୁ ବୁକ୍ ହୋଇଥିବା ପୋଲିସ୍ ଜାଣିବା ପରେ ସେମାନଙ୍କ ପାଖରେ ପହଞ୍ଚିଥିଲା। ସେକ୍ସ ର୍ୟାକେଟ୍ ଚାଲୁଥିବା ପୋଲିସ ଜାଣିବା ପରେ ଲକ୍ଷ୍ମୀସାଗର ଇବି ୩୨୪ ନମ୍ବର ପ୍ଲଟର ମାଲିକ ବାପି ଓରଫ ସଞ୍ଜୀବ କୁମାର ଦାସକୁ ଗିରଫ କରିବା ସହ ସେହିଘରେ ଥିବା ଦୁଇ ଜଣ ମହିଳା ଦଲାଲ ମଞ୍ଜୁ ସେଠୀ ଓ ମମତା ସାହୁକୁ ଗିରଫ କରିଥିଲା। ଏମାନଙ୍କ ସହ ଅବିନାଶ ମୁଦୁଲି ନାମକ ଅନ୍ୟ ଜଣେ ଯୁବକ ମଧ୍ୟ ଗିରଫ ହୋଇଛନ୍ତି। ପୋଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପରେ ଝାଡ଼ଖଣ୍ଡ ପୋଲିସର ଯୋଗାଯୋଗରେ ରହିଛି। କାରଣ ପ୍ରକୃତରେ ଯୁବତୀଙ୍କ ଠିକଣା, ବୟସ ଜାଣିବା ପାଇଁ ଝାଡ଼ଖଣ୍ଡ ପୋଲିସ୍ ସହ କମିଶନରେଟ୍ ପୋଲିସ୍ କଥା ହୋଇଛି। ତାଙ୍କ ଘରଲୋକ ଆସିଲେ ଯୁବତୀଙ୍କୁ ହସ୍ତାନ୍ତର କରାଯିବ। କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଯୁବତୀଙ୍କ ବୟସ ପ୍ରକୃତରେ ୧୬ ନାଁ ଅଧିକ ଘରଲୋକ ପହଞ୍ଚିବା ପରେ ସ୍ପଷ୍ଟ ହେବ ବୋଲି ପୋଲିସ୍ କହିଛି। କମିଶନରେଟ୍ ପୋଲିସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରାଯାଇ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ବିସ୍ତୃତ ସୂଚନା ଦିଆଯାଇଛି।

# ସ୍ତ୍ରୀର ନଗ୍ନ ଫଟୋ-ଭିଡ଼ିଓ ଭାଇରାଲ କଲା ସ୍ୱାମୀ

ଭୁବନେଶ୍ୱର,(ସବ୍ୟୁ): ସ୍ତ୍ରୀର ନଗ୍ନ ଫଟୋ ଓ ଭିଡ଼ିଓକୁ ସ୍ୱାମୀ ରଜତ କୁମାର ଗିରି ସୋସିଆଲ ମିଡ଼ିଆରେ ଭାଇରାଲ କରାଇଥିବା ନୂଆପଲ୍ଲୀ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ପୋଲିସ୍ ରଜତଙ୍କୁ ଫୋନ୍ କରିଥିବା ବେଳେ ସେ ଥାନାରେ ପହଞ୍ଚିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ରଜତ ଜଣେ ଯୁବତୀଙ୍କୁ ବିବାହ କରିବାର ବର୍ଷକ ପରେ ଅନ୍ୟ ଜଣେ ଯୁବତୀଙ୍କୁ ସାଙ୍ଗରେ ନେଇ ଫେରାର ହୋଇଯାଇଥିଲେ। ଏସମ୍ପର୍କରେ ତାଙ୍କ ସ୍ତ୍ରୀ କେଉଁଝର ଥାନାରେ ଅଭିଯୋଗ କରିବା ପରେ ରଜତ ଗିରଫ ହୋଇ ଜେଲ ଯାଇଥିଲେ। ଜାମିନରେ ଆସିବା ପରେ କେଉଁଝରର ଏକ କମ୍ପାନୀରେ କାମ କରୁଥିବା ତାଙ୍କ ସ୍ତ୍ରୀ କହିଛନ୍ତି। ସ୍ୱାମୀ-ସ୍ତ୍ରୀଙ୍କ ବିବାଦକୁ ନେଇ କୋର୍ଟରେ ମଧ୍ୟ କେସ୍ ଜାରି ରହିଛି। ଏସବୁ କଥାରେ ସ୍ୱାମୀ ବିରକ୍ତ ହୋଇ ସ୍ତ୍ରୀଙ୍କ ନଗ୍ନଫଟୋ- ଭିଡିଓକୁ ସୋସିଆଲ ମିଡ଼ିଆରେ ଭାଇରାଲ କରାଇଥିବା ତାଙ୍କ ସ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି। ଅଭିଯୋଗ ଅନୁଯାୟୀ ନୂଆପଲ୍ଲୀ ଥାନା ପୋଲିସ୍ ତଦନ୍ତ କରୁଛି।

## ଜୋନସ୍ତରୀୟ କଳା ଉତ୍ସବ

କଟକ, (ସବ୍ୟୁ): ଜିଲା ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଶନିବାର ଖାନନଗରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଜୋନସ୍ତରୀୟ କଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମଥ ନାଥ ଦେ ଏହି ଉତ୍ସବକୁ ଉଦଘାଟନ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ଢେଙ୍କାନାଳ, କେନ୍ଦ୍ରାପଡ଼ା, ଅନୁଗୁଳ, କଟକ, ଜଗତସିଂହପୁର ୫ଟି ଜିଲାର ବିଭିନ୍ନ ବିଦ୍ୟାଳୟରୁ ଶହେରୁ ଅଧିକ ଛାତ୍ରଛାତ୍ରୀ ବିଭିନ୍ନ ବିଭାଗରେ ସେମାନଙ୍କର କଳା ପ୍ରଦର୍ଶନ କରିଥିଲେ। ନୃତ୍ୟ, ସଙ୍ଗୀତ, ବାଦ୍ୟ, ଚିତ୍ରାଙ୍କନ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଜୋନସ୍ତରୀୟ ପ୍ରତିଯୋଗିତାରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନେ ଚଳିତ ମାସ ୨୨ ଏବଂ ୨୩ ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ କଳା ଉତ୍ସବରେ ଯୋଗଦେବେ।

# ରାଜଧାନୀରେ ମହିଳା ସୁରକ୍ଷିତ ନାହାନ୍ତି : ମହିଳା କଂଗ୍ରେସ

ଭୁବନେଶ୍ୱର ,(ସବ୍ୟୁ): ମହିଳା କଂଗ୍ରେସର ଏକ ପ୍ରତିନିଧି ଦଳ ଶନିବାର ଅପରାହ୍ନରେ କ୍ୟାପିଟାଲ ହସପିଟାଲ ଗସ୍ତ କରି ଗଣବଳାତ୍କାରର ଶିକାର ପୀଡ଼ିତାଙ୍କୁ ଭେଟିବାପାଇଁ ଯେତେ ସମ୍ଭବ ପ୍ରଚେଷ୍ଟା କଲେ ମଧ୍ୟ ହସପିଟାଲ ପକ୍ଷରୁ ସାଜିସ୍ କରି ପୀଡ଼ିତାଙ୍କୁ ସାକ୍ଷାତ କରାଇ ଦେଲେ ନାହିଁ ।



ପୀଡ଼ିତାଙ୍କୁ ସାକ୍ଷାତ କରିବାପାଇଁ ହସପିଟାଲ କର୍ତ୍ତୃପକ୍ଷଙ୍କୁ କହିଥିଲେ ମାତ୍ର ହସ୍ପିଟାଲ କର୍ତ୍ତୃପକ୍ଷ ଏଠାରେ ସେଭଳି କେହି ମହିଳା ନାହାନ୍ତି ବୋଲି କହି କଥାକୁ ଏଡାଇ ଦେଇଥିଲେ । ପୀଡ଼ିତାଙ୍କୁ ଭେଟିବାପାଇଁ ଦେଇନଥିଲେ । ମହିଳା କଂଗ୍ରେସର ଟିମ୍ କ୍ୟାପିଟାଲ ହସପିଟାଲରେ

ମହିଳା କଂଗ୍ରେସ ପକ୍ଷରୁ ଏ ଘଟଣାକୁ ନେଇ କ୍ୟାପିଟାଲ ଥାନାକୁ ଯୋଗଯୋଗ କରାଯାଇଥିଲା । ମାତ୍ର କ୍ୟାପିଟାଲ ଥାନା ଅଧିକାରୀ କହିଥିଲେ ଯେ ପୀଡ଼ିତା କ୍ୟାପିଟାଲ ଥାନାରେ ଅଛି । କ'ଣ ପାଇଁ ଘଟଣାକୁ ଲୁଚାଯାଉଛି ବୋଲି ମହିଳା କଂଗ୍ରେସ ପକ୍ଷରୁ ପ୍ରଶ୍ନ କରାଯାଇଛି । ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ୧୭ ବର୍ଷର ନାବାଳିକା ଅଶୋକ ନଗର ଅଞ୍ଚଳରେ ଦରମରା ଅବସ୍ଥାରେ ପଡ଼ିଥିଲା । ସେହି ମହିଳାଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସପିଟାଲରେ ଭର୍ତ୍ତି କରାଯାଇଥିଲା । ମିଳିଥିବା ଖବର ଅନୁଯାୟୀ ନାବାଳିକା ସହ ପାଶବିକ ଅତ୍ୟାଚାର କରାଯାଇଛି । ପୋଲିସ ଉଦ୍ଧାର କରିଥିବା ଖବର ଗଣମାଧ୍ୟମରେ ମିଳିଥିବା ବେଳେ ପୋଲିସ ପକ୍ଷରୁ କୁହାଯାଇଛି ଯେ ପୀଡ଼ିତା ନିଜେ କ୍ୟାପିଟାଲ ହସପିଟାଲ ଆସିଛି । ଏଣୁ ରାଜଧାନୀରେ ମହିଳା ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟିହୋଇଛି । ଯେଉଁଠି ରାଜଧାନୀର ଅବସ୍ଥା ଏପରି ମାଲକାନଗିରିରୁ ମୟୁରଭଞ୍ଜ ମହିଳା କିପରି ଥିବେ ତାହା ଚିନ୍ତାର ବିଷୟ । କାର୍ଯ୍ୟକ୍ରମରେ ଜୟଶ୍ରୀ ପଟ୍ଟନାୟକ, ସୁନିତା ବିଶ୍ୱାଳ, ଅମିତା ବିଶ୍ୱାଳ, ଶ୍ରେୟାସ୍ମିତା ପଣ୍ଡା, ଅମିଷା ସାମନ୍ତରାୟ ଅଂଶଗ୍ରହଣ କରିଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ସାଇବର ସେଫ୍ଟି କାର୍ଯ୍ୟକ୍ରମ ଦେଖିଲେ ପୁରୀ ଏସ୍‌ପି



ପୁରୀ, (ସବ୍ୟୁ): ଭୁବନେଶ୍ୱରରେ ଓଡ଼ିଶା ପୋଲିସ ଦ୍ୱାରା ସାଇବର ସେଫ୍ଟି ଉପରେ ଆୟୋଜିତ ଏକ ସଚେତନତା କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦଘାଟନ କରିଥିଲେ । ଏହାକୁ ରାଜ୍ୟର ସବୁ ଜିଲ୍ଲା ଓ ପୋଲିସ ଅଧିକାରୀମାନେ ଉପଭୋଗ କରିଛନ୍ତି । ସେହିପରି ପ୍ରେକ୍ଷୀରେ ଶନିବାର ଦିନ ଟାଉନ ଥାନା ସମ୍ମିଳନୀ କକ୍ଷରେ ମୁଖ୍ୟାନ୍ତ୍ରୀଙ୍କ ସାଇବର ସେଫ୍ଟି କାର୍ଯ୍ୟକ୍ରମକୁ ପୁରୀ ଏସପି ପ୍ରତୀକ ସିଂ, ବରିଷ୍ଠ ପୋଲିସ ଅଧିକାରୀ ଓ ସାଧାରଣ ଲୋକମାନେ ଉପସ୍ଥିତ ରହି ଦେଖିଥିଲେ ।

# ସମବାୟ ବିଭାଗ ମହିଳା କର୍ମଚାରୀଙ୍କ ଦୀପାବଳି ଶୁଭେଚ୍ଛା

ଭୁବନେଶ୍ୱର (ସବ୍ୟୁ): ଦୀପାବଳି ଉତ୍ସବ ଉପଲକ୍ଷେ ସମବାୟ ବିଭାଗର ମହିଳା କର୍ମଚାରୀମାନେ ତଥା ସୁମିତ୍ରା ମିଶ୍ର, ଶାଶ୍ୱତୀ ସଂଗ୍ରଚିତା ବେହେରା, ରାଜଶ୍ରୀ ରାଉତ, ସୁଶ୍ରୀ ସ୍ମିତା ମହାନ୍ତି, ସୁଶ୍ରୀ ଅର୍ପିତା ପ୍ରିୟଦର୍ଶିନୀ, ଶ୍ରୀମତୀ ସ୍ତୁତିମୟୀ, ସୁଶ୍ରୀ ପ୍ରିୟଙ୍କା ବେହେରା ବିଭାଗର ପ୍ରାଙ୍ଗଣରେ ଭିନ୍ନ ଭିନ୍ନ ସ୍ଥାନରେ ଦୀପାବଳି



ସମ୍ବନ୍ଧୀୟ ମୁରୁଜ ଅଙ୍କନ କରି ହାର୍ଦ୍ଦିକ ଶୁଭେଚ୍ଛା ସମସ୍ତ କର୍ମଚାରୀମାନଙ୍କୁ ଆଗୁଆ ଜଣାଇଥିଲେ । କମିଶନର ତଥା ଶାସନ ସଚିବ ମହୋଦୟଙ୍କ ଉପସ୍ଥିତିରେ ବିଭାଗୀୟ ସହକର୍ମୀମାନେ ଉତ୍ସାହର ସହ ଆଲୋକର ଏହି ପର୍ବ ସମସ୍ତଙ୍କ ଜୀବନକୁ ଆନନ୍ଦ, ସମୃଦ୍ଧି ଓ ସମନ୍ୱୟରେ ଆଲୋକିତ କରିବା ପାଇଁ ତିନି ଠାକୁରଙ୍କ ନିକଟରେ ପ୍ରାର୍ଥନା କରିଥିଲେ ।

# ଓଡ଼ିଶା ଅଗ୍ନିଶମ ବିଭାଗ ଓ ଗାଷ୍ଟ୍ରୋ ଲିଭର କେୟାର ଫାଉଣ୍ଡେସନ ମଧ୍ୟରେ ଏମ୍‌ଓୟୁ

## ଚୁକ୍ତି ସ୍ୱାକ୍ଷର କଲେ ବରିଷ୍ଠ ପେଟରୋଗ ବିଶେଷଜ୍ଞ ପ୍ରଫେସର ମନୋଜ ସାହୁ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ଅଗ୍ନିଶମ ଓ ଜରୁରୀ ସେବା ଗାଷ୍ଟ୍ରୋ ଲିଭର କେୟାର ଫାଉଣ୍ଡେସନ ସହ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଛି । କୃତଜ୍ଞତା ଶୀର୍ଷକ ଏହି ଏମଓୟୁ ସ୍ୱାକ୍ଷର ଅବସରରେ ଫାୟାର ଡିଜି ବରିଷ୍ଠ ଆଇପିଏସ ଡକ୍ଟର ସୁଧାଂଶୁ ଷଡ଼ଙ୍ଗୀ, ଜିଆଇଜି ଡକ୍ଟର ଉମାଶଙ୍କର ଦାଶ ଏବଂ ଗ୍ୟାଷ୍ଟ୍ରୋ ଲିଭର କେୟାର ଫାଉଣ୍ଡେସନର ଟ୍ରଷ୍ଟି ତଥା ବରିଷ୍ଠ ପେଟରୋଗ ବିଶେଷଜ୍ଞ ପ୍ରଫେସର ଡାକ୍ତର ମନୋଜ ସାହୁ, ଏବଂ ଦୁଇ ସଂସ୍ଥାର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଭୁବନେଶ୍ୱର ସ୍ଥିତ ଅଗ୍ନିଶମ ପ୍ରଶିକ୍ଷଣ କେନ୍ଦ୍ର ପରିସରରେ ଏହି ଏମ୍‌ଓୟୁ କାର୍ଯ୍ୟକ୍ରମ ହୋଇଯାଇଛି । ସମଗ୍ର ସ୍ୱାସ୍ଥ୍ୟକୁ ନେଇ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି ।

ଏହି ଏମଓୟୁର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଅଗ୍ନିଶମ କର୍ମଚାରୀଙ୍କ ମଧ୍ୟରେ ପ୍ରତିରୋଧମୂଳକ ସ୍ୱାସ୍ଥ୍ୟ ସେବା, ଯକୃତ ସଚେତନତା ଓ ସମଗ୍ର ଆରୋଗ୍ୟ ପ୍ରଚାର କରିବା । ଯେମିତିକି ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ଲିଭର ଫଙ୍କସନ ସ୍କ୍ରିନିଂ, ସଚେତନତା ଶିବିର ଓ ଚିକିତ୍ସା ଆଲୋଚନା ମାଧ୍ୟମରେ ଅଗ୍ନିଶମ କର୍ମଚାରୀମାନେ ସୁସ୍ଥ ଜୀବନ ଯାପନ କରିପାରିବେ



। ସର୍ବଦା ବିପଦ ଓ କଠୋର ପରିସ୍ଥିତିରେ ସେବା ଯୋଗାଉଥିବା ଅଗ୍ନିଶମ ଭାଇ ଭାଉଣୀଙ୍କ ବ୍ୟକ୍ତିଗତ ସ୍ୱାସ୍ଥ୍ୟର ସଠିକତା ଓ ସୁସ୍ଥତା ମଧ୍ୟ ଜରୁରୀ ବୋଲି ଏହି ଅବସରରେ ବରିଷ୍ଠ ଅତିଥୀ ମତ ପ୍ରକାଶ କରିଛନ୍ତି । ୨୦୨୬ ସୁଦ୍ଧା ରାଜ୍ୟ ଅଗ୍ନିଶମ ବିଭାଗରେ କାର୍ଯ୍ୟରତ ଥିବା ସମସ୍ତ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ଠିକ୍ କରାଯିବ । କେବଳ ଏତିକି ନୁହଁ ସାରା ରାଜ୍ୟରେ ଥିବା ଅଗ୍ନିଶମ ବିଭାଗର କର୍ମଚାରୀଙ୍କ ନିକଟରେ ଗ୍ୟାଷ୍ଟ୍ରୋ ଲିଭର କେୟାର ଫାଉଣ୍ଡେସନର ଟିମ୍ ପହଁଚି, ସମସ୍ତଙ୍କୁ ସୁସ୍ଥ ଓ ନିରୋଗ ଜୀବନ ନେଇ ଟିପ୍‌ସ ପ୍ରଦାନ କରିବା ସହିତ ସ୍ୱାସ୍ଥ୍ୟ ଯାଂଚ କରିବେ । ଏନେଇ ଚୁକ୍ତି ସ୍ୱାକ୍ଷର ଅବସରରେ ମତ ରଖିଛନ୍ତି ଅଗ୍ନିଶମ ଡିଜି ଡକ୍ଟର ସୁଧାଂଶୁ ଷଡ଼ଙ୍ଗୀ । ଅଗ୍ନିଶମ, ହୋମଗାର୍ଡ ଓ ସିଭିଲ ଡିଫେନ୍ସ ଡିରେକ୍ଟର ଜେନେରାଲ ଡଃ ସୁଧାଂଶୁ ଷଡ଼ଙ୍ଗୀଙ୍କ ମତରେ "ଆମ ଅଗ୍ନିଶମ କର୍ମଚାରୀ ଓ ଅଧିକାରୀମାନେ ଶାରୀରିକ ଭାବେ ଶ୍ରମସାଧ୍ୟ ଓ ମନୋସାମାଜିକ ଚାପ ଭିତରେ କାମ କରନ୍ତି । ସେମାନଙ୍କ ସ୍ୱାସ୍ଥ୍ୟ ଓ ଫିଟନେସ୍ ନିଶ୍ଚିତ କରିବା ଆମର ଦାୟିତ୍ୱ । 'କୃତଜ୍ଞତା' କାର୍ଯ୍ୟକ୍ରମ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଯାହା କେବଳ ପେଶାଗତ ବିପଦ ନୁହେଁ, ସମଗ୍ର ଜୀବନଶୈଳୀ ସ୍ୱାସ୍ଥ୍ୟକୁ ମଧ୍ୟ ଧ୍ୟାନ ଦେଉଛି ।

ଗାଷ୍ଟ୍ରୋ ଲିଭର କେୟାର ଫାଉଣ୍ଡେସନର ଟ୍ରଷ୍ଟି ପ୍ରଫେସର ଡଃ ମନୋଜ କୁମାର ସାହୁ ଅଗ୍ନିଶମ ବିଭାଗର ପ୍ରତିରୋଧମୂଳକ ସ୍ୱାସ୍ଥ୍ୟ ପ୍ରବନ୍ଧନ ପ୍ରତି ସକ୍ରିୟ ଭୂମିକାକୁ ପ୍ରଶଂସା କରିଛନ୍ତି । ପ୍ରଫେସର ମନୋଜ ସାହୁଙ୍କ ମତରେ , ପ୍ରାରମ୍ଭିକ ଅବସ୍ଥାରେ ଯକୃତ ଜନିତ ରୋଗ ଗୁଡ଼ିକ ନୀରଗ ଅବସ୍ଥାରେ ରହିଥାନ୍ତି ଏବଂ ଯଦି ସମୟରେ ଚିହ୍ନଟ ହେଉନାହିଁ, ତେବେ ସେଗୁଡିକ ଜୀବନର ଗୁରୁତ୍ୱ ଓ କାର୍ଯ୍ୟକ୍ଷମତାକୁ ଗଭୀର ଭାବରେ ପ୍ରଭାବ ପକାଏ । "କୃତଜ୍ଞତା" ମାଧ୍ୟମରେ ଓଡ଼ିଶା ଅଗ୍ନିଶମ ଓ ଜରୁରୀ ସେବା କର୍ମଚାରୀ କଲ୍ୟାଣ ପାଇଁ ନିତି ନୂତନ ମାନକ ନିର୍ଦ୍ଧାରଣ କରୁଛି । ସେମାନେ ଯେଉଁମାନେ ଜନସାଧାରଣଙ୍କୁ ସୁରକ୍ଷା ଦିଅନ୍ତି, ସେମାନଙ୍କ ଯତ୍ନ ନେବା ମଧ୍ୟ ସେହିପରି ଜରୁରୀ ବୋଲି ମତ ରଖିଛନ୍ତି ଗ୍ୟାଷ୍ଟ୍ରୋ ଲିଭର କେୟାର ଫାଉଣ୍ଡେସନର ଟ୍ରଷ୍ଟି ପ୍ରଫେସର ଡଃ ମନୋଜ କୁମାର ସାହୁ । ଖୁବଶୀଘ୍ର ରାଜ୍ୟର ଅଗ୍ନିସେବା ବିଭାଗ କର୍ମଚାରୀଙ୍କ ପାଇଁ ଏ ଦିଗରେ ସମସ୍ୟା ଜଣାଇବାକୁ ଓ ସ୍ୱାସ୍ଥ୍ୟ ସମ୍ପର୍କିତ ପରାମର୍ଶ ନେବାକୁ ଏକ ଟୋଲ୍ ଫ୍ରି ନମ୍ବର ଆସିବ ଏବଂ ଏହି ନମ୍ବର ଜରିଆରେ, ରାଜ୍ୟର କୋଣ ଅନୁକୋଣରେ ଥିବା ଅଗ୍ନିଶମ କର୍ମଚାରୀ ସ୍ୱାସ୍ଥ୍ୟ ସମ୍ପର୍କିତ, ଯକୃତ ସମ୍ପର୍କିତ ସମସ୍ୟାର ସମାଧାନ ଦିଗରେ ପରାମର୍ଶ ଅତି ସହଜରେ ପାଇପାରିବେ ବୋଲି ବରିଷ୍ଠ ପେଟ ରୋଗ ବିଶେଷଜ୍ଞ ତଥା ଗ୍ୟାଷ୍ଟ୍ରୋ ଲିଭର କେୟାର ଫାଉଣ୍ଡେସନର ଟ୍ରଷ୍ଟି ପ୍ରଫେସର ଡଃ ମନୋଜ କୁମାର ସାହୁ ସୂଚନା ଦେଇଛନ୍ତି ।

### ଏଏସ୍‌ଜି ଚକ୍ଷୁ ଚିକିତ୍ସାଳୟର ବାଣଫୁଟା ସଂକ୍ରାନ୍ତରେ ସଚେତନତା

# ଆହତ ୧୫ ବର୍ଷରୁ କମ୍ ପିଲାଙ୍କୁ ମିଳିବ ନିଶୁଳ୍କ ଡାକ୍ତରୀ ସେବା

କଟକ,(ସବ୍ୟୁ): ଲିଙ୍କରୋଡ ସ୍ଥିତ ଏଏସଜି ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଦୀପାବଳିରେ ବାଣ ଫୁଟା ବେଳେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି । ବିଶେଷ କରି ଛୋଟ ଛୋଟ ପିଲାମାନେ ବାଣ ଫୁଟାଇଲାବେଳେ ଅସାବଧାନତା ଯୋଗୁଁ ଆହତର ଶିକାର ହୋଇଥାନ୍ତି । ତେଣୁ ବାଣ ଫୁଟାଇ ଦୁର୍ଘଟଣାର ଶିକାର ହୋଇଥିବା ୧୫ ବର୍ଷ ବୟସରୁ କମ୍ ପିଲାଙ୍କ ନିଶୁଳ୍କ ଡାକ୍ତରୀ ପରାମର୍ଶ ସହ ଆବଶ୍ୟକ ସର୍ଜରୀ ସେବା ପ୍ରଦାନ କରାଯିବ ବୋଲି ଚିକିତ୍ସାଳୟ ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଏଭଳି ଅଭିଯାନ ଦେଶର ୧୯୪ଟି ସ୍ଥାନରେ ଥିବା ଚିକିତ୍ସାଳୟରେ କରାଯାଉଛି । ରୋଗୀମାନେ କେବଳ ଔଷଧ, ଆନାସ୍ଥେସିଆ ଏବଂ ଅପ୍ଟିକାଲ ସେବା ଆଦି ପାଇଁ




ସ୍ୱଳ୍ପ ଦେୟ ଦେବାକୁ ହେବ । ତେବେ ଦୀପାବଳିରେ ବାଣ ଯୋଗୁଁ ପ୍ରାୟ ୬୦ ପ୍ରତିଶତ ୧୫ ବର୍ଷ ବୟସର କମ୍ ପିଲା ଆହତ ହେଉଥିବାବେଳେ ୧୦ ପ୍ରତିଶତ ଘଟଣାସ୍ଥଳରେ ଦୃଷ୍ଟିହୀନ ହୋଇଯାଉଛନ୍ତି । ତେଣୁ ଏହାକୁ ଦୃଷ୍ଟିରେ ରହି ଚିକିତ୍ସାଳୟ ପକ୍ଷରୁ ଏଭଳି ପ୍ରୟାସ କରାଯାଇଥିବା ଡ଼ା. ରାଜ ଅଗ୍ରୱାଲ, ଡା. ଅକ୍ଷୟ କୁମାର ପଣ୍ଡା, ଡା.ସୋନାଲି ଷଡ଼ଙ୍ଗୀ ପ୍ରମୁଖ କହିଛନ୍ତି ।ଏଥିସହ ଏକ ଟୋଲ ଫ୍ରି ନମ୍ବର ୧୮୦୦୧୨୧୧୮୦୪ ଜାରି ହୋଇଛି ।

# ପୁରୀ ଜିଲ୍ଲା ସୁନାମୀ ପ୍ରସ୍ତୁତି ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ପୁରୀ, (ସବ୍ୟୁ): ପୁରୀ ଜିଲ୍ଲା ସ୍ତରୀୟ ସୁନାମୀ ପ୍ରସ୍ତୁତି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶନିବାର ପୂର୍ବାହ୍ନରେ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ ଓସଡାମା ଓ ଜିଲ୍ଲା ଜରୁରୀ ବିଭାଗ ପକ୍ଷରୁ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିବା ସହ ଅନେକ ବିପର୍ଯ୍ୟୟ ସମ୍ପର୍କରେ ଆମେ



ବୈଷୟିକ ଜ୍ଞାନ ର ଉପଯୋଗ କରି ଆଗୁଆ ସୂଚନା ପାଉଥିବା ବେଳେ ଅନେକ ବିପର୍ଯ୍ୟୟର କୌଣସି ସୂଚନା ବିନା ଅତର୍କିତ ସମ୍ମୁଖୀନ ହେବାକୁ ପଡିଥାଏ । ତେବେ ପୂର୍ବ ପ୍ରସ୍ତୁତି ଧନ ଜୀବନର କ୍ଷୟକ୍ଷତିକୁ ହ୍ରାସ କରିବାରେ ସହାୟକ ହୋଇଥାଏ ।ତେଣୁ ଆମେ ଉପଯୁକ୍ତ ପ୍ରଶିକ୍ଷିତ ହେବା ସହ ଅନ୍ୟ ମାନଙ୍କୁ ସଚେତନ କରିବାକୁ ଶ୍ରୀ ବେହେରା ଆହ୍ୱାନ ଦେଇଥିଲେ । ପୁରୀ ଜିଲ୍ଲା ର ୪ ଟି ବ୍ଲକ ଅସ୍ତରଙ୍ଗ, କାକଟପୁର, ଗୋପ ଓ ବ୍ରହ୍ମଗିରିର ୮୬ ଟି ଗ୍ରାମ ଓ ୨୩ଶଟି ୱାର୍ଡ ସୁନାମୀ ଦ୍ୱାରା କ୍ଷତିଗ୍ରସ୍ତ ଜୋନରେ ଆସୁଥିବାରୁ ସେହି ଅଞ୍ଚଳର ଲୋକ ମାନଙ୍କୁ ଅଧିକ ସତର୍କ ଓ ସଚେତନ ର ଆବଶ୍ୟକତା ସମ୍ପର୍କରେ ଶ୍ରୀ ବେହେରା ମତ ବ୍ୟକ୍ତ କରିଥିଲେ ।ମାଷ୍ଟର ଟ୍ରେନର ଭାବେ ଓସଡାମାର ଡିଜିଏମ ଅମ୍ବିକା ମିଶ୍ର ସୁନାମୀର ଅର୍ଥ, ସୁନାମୀ ହେବାର କାରଣ, ନିରାକରଣ, ଉଦ୍ଧାର, ଥଇଥାନ ଓ ପୂର୍ବ ପ୍ରସ୍ତୁତି ସମ୍ପର୍କରେ ବିଷଦ ଆଲୋଚନା କରିଥିଲେ ।ସଚେତନ, ସତର୍କତା ଓ ଅନ୍ୟ ମାନଙ୍କୁ ସଚେତନ ସମସ୍ତ ବିପର୍ଯ୍ୟୟ କମେଇବାରେ ସାହାଯ୍ୟ କରିଥାଏ ବୋଲି ସେ କହିଥିଲେ । ପ୍ରାରମ୍ଭରେ ଜିଲ୍ଲା ଜରୁରୀ ଅଧିକାରୀ ମନୀଷା ଷଡ଼ଙ୍ଗୀ ସମସ୍ତଙ୍କୁ ସ୍ୱାଗତ ସହ କାର୍ଯ୍ୟକ୍ରମ ର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମ ରେ କ୍ଷତି ଗ୍ରସ୍ତ ଆଶଙ୍କା ଥିବା ୪ ଟି ବ୍ଲକର କର୍ମକର୍ତ୍ତା, ପଞ୍ଚାୟତ ଲୋକ ପ୍ରତିନିଧି, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ସ୍ୱେଚ୍ଛାସେବୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଜରୁରୀ ବିଭାଗର ଡିପିଓ ସୁକାନ୍ତ କୁମାର ଦାଶ ଓ ଅନ୍ୟ କର୍ମଚାରୀ ମାନେ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

## ୨୯କୁ ଘୁଞ୍ଚିଲା ଡି.ଇଏଲ.ଇଡି ପରୀକ୍ଷା

କଟକ, (ସବ୍ୟୁ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ହେବାକୁ ଥିବା ଡିପ୍ଲୋମା ଇନ୍ ଏଲିମେଣ୍ଟାରୀ ଏଜୁକେସନ(ଡିଇଏଲଇଡି) ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇଛି । ଅକ୍ଟୋବର ୨୦ ତାରିଖରେ ପରିବର୍ତ୍ତେ ଏହି ପରୀକ୍ଷା ଆସନ୍ତା ୨୯ ତାରିଖରେ ଅନୁଷ୍ଠିତ ହେବ । ପୂର୍ବ ନିର୍ଦ୍ଧାରିତ ସମୟ ଏବଂ ପରୀକ୍ଷା କେନ୍ଦ୍ରରେ ଉକ୍ତ ପରୀକ୍ଷା ହେବ । ରାଜ୍ୟ ସରକାରଙ୍କ ଦ୍ୱାରା ୨୦ ତାରିଖକୁ ଦୀପାବଳି ପାଇଁ ଛୁଟି ଘୋଷଣା କରାଯାଇଛି । ଏଥିପାଇଁ ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇଥିବା ବୋର୍ଡ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

### ଜାତିଗତ ଜନଗଣନା ଓ ସଂରକ୍ଷଣର ପ୍ରାସଙ୍ଗିକତା ଶୀର୍ଷକ ଆଲୋଚନାଚକ୍ର

# ସମାଜକୁ ନ୍ୟାୟ ଦେବାରେ ଖଣ୍ଡାୟତ ସମାଜର ସାମୂହିକ ଅବଦାନ ରହିଛି

ଭୁବନେଶ୍ୱର, (ସବ୍ୟୁ): ନିଖିଳ ଓଡ଼ିଶା ଖଣ୍ଡାୟତ, କ୍ଷତ୍ରୀୟ-ପାଇକ-ଚଷା ମହାସଂଘ ପକ୍ଷରୁ ଶନିବାର ସ୍ଥାନୀୟ ବୁଦ୍ଧମନ୍ଦିର ଠାରେ ଏକ ବନ୍ଧୁ ସମାବେଶର ଆୟୋଜନ କରାଯାଇଥିଲା । ସମାବେଶରେ ଜାତିଗତ ଜନଗଣନା ଓ ସଂରକ୍ଷଣର ପ୍ରାସଙ୍ଗିକତା ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ମହାସଂଘର ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଏହି ସଭାରେ ସଭାପତିତ୍ୱ କରିଥିଲେ । ମହାସଂଘର ସାଧାରଣ ସମ୍ପାଦକ ସୁଦର୍ଶନ ଛୋଟରାୟ ଅନୁଷ୍ଠାନର ବିବରଣୀ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହ ସାଂଗଠନିକ ବିସ୍ତାର ଉପରେ ଆଲୋଚନା କରିଥିଲେ । ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପ୍ରଦୀପ କୁମାର ବିଶ୍ୱାଳ, ସ୍ତମ୍ଭକାର ନଟବର ଖୁଣ୍ଟିଆ, ଡଃ ଭାଗ୍ୟଲିପି ମଲ୍ଲ, ପ୍ରଭାସ ସାମନ୍ତରାୟ, ମିହିର ରାୟ, ବିଜୟ ବିଶ୍ୱାଳ ଓ ରାଜେନ୍ଦ୍ର କୁମାର ମହାଲିଙ୍ଗ ପ୍ରମୁଖ ଆଲୋଚନାଚକ୍ରରେ ଅଂଶଗ୍ରହଣ କରି ନିଜ ନିଜର ମତାମତ ଉପସ୍ଥାପନ କରି କହିଥିଲେ ଯେ, ସମାଜରେ ସାମାଜିକ ନ୍ୟାୟ ଦେବା କ୍ଷେତ୍ରରେ ସାମୂହିକ ଭାବେ ଖଣ୍ଡାୟତ ସମାଜର ଅବଦାନର ପଟ୍ଟାନ୍ତର ନାହିଁ । ନାରୀନେତ୍ରୀ ବିଳାସିନୀ ପ୍ରଧାନ, ସାମ୍ବାଦିକ ଶବର ତରାଇ, ରଜତ ବଳିୟାର ସିଂ, ଯଜ୍ଞେଶ୍ୱର ସୁନ୍ଦରାୟ, ଅମରେନ୍ଦ୍ର ମହାପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମହାସଂଘ



ସରକାର ବୈଷୟିକ ଶିକ୍ଷା ଓ ଡାକ୍ତରୀ ଶିକ୍ଷାରେ ୨୭ ଭାଗ ସଂରକ୍ଷଣ ଦେବା ପାଇଁ ଆଲୋଚକମାନେ ନିଜ ନିଜର ମତ ରଖିଥିଲେ ।

ମହାସଂଘ ତରଫରୁ ଏହି ସମୁଦାୟରୁ ନିଜ ନିଜ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା କଣ୍ଠଶିଳ୍ପୀ ଜୟଶ୍ରୀ ଧଳ, ସମାଜସେବୀ ଭାବଗ୍ରାହୀ ରାଉତ, ସୁପ୍ରଭା ରାଉତ, ଯୁବନେତା ଦେବବ୍ରତ ରାଉତ, ତରଫରୁ ଖଣ୍ଡାୟତ, ମହାନାୟକ, ମହଲାୟକ ପରି ଜାତି ସମୂହକୁ ଜାତୀୟ ଓ.ବି.ସି. ତାଲିକାରେ ଅନ୍ତର୍ଭୁକ୍ତ କରିବା ସହ ଜାତିଭିତ୍ତିକ ଜନଗଣନା'କୁ ତୁରନ୍ତ କାର୍ଯ୍ୟକାରୀ କରି ସେହି ଅନୁପାତରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ପାଇଁ ଦାବି ଉପସ୍ଥାପନ କରାଯାଇଛି । ଶେଷରେ ରଜତ ବଳିୟାର ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

# ବୈଭବଶାଳୀ ରାଷ୍ଟ୍ର ନିର୍ମାଣ ଲକ୍ଷ୍ୟ ନେଇ ଆର୍‌ଏସ୍‌ଏସ୍ କାର୍ଯ୍ୟ କରୁଛି

କଟକ,(ସବ୍ୟୁ) ଏକ ବୈଭବଶାଳୀ ରାଷ୍ଟ୍ର ନିର୍ମାଣ ଲକ୍ଷ୍ୟ ନେଇ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ବହୁ ଘାତପ୍ରତିଘାତ ମଧ୍ୟରେ ଶହେବର୍ଷ




ଧରି କାର୍ଯ୍ୟ କରିଚାଲିଛି ବୋଲି ସଂଘର ବରିଷ୍ଠ ପ୍ରଚାରକ ତଥା ସମ୍ପର୍କ ବିଭାଗର ପୂର୍ବକ୍ଷେତ୍ର ପ୍ରମୁଖ ବିଦ୍ୟୁତ୍ ମୁଖାର୍ଜୀ କହିଛନ୍ତି । ଶନିବାର ପୂର୍ବାହ୍ନରେ ସ୍ଥାନୀୟ ଗ୍ରାଣ୍ଡ ରେସିଡେନ୍ସିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ 'ଆର୍‌ଏସ୍‌ଏସ୍ - ଏକଶହ ବର୍ଷ' ଶୀର୍ଷକ ସେମିନାରରେ ଯୋଗଦେଇ ଶ୍ରୀ ମୁଖାର୍ଜୀ କହିଲେ ଯେ, ଭାରତୀୟ ପରିବାର ବ୍ୟବସ୍ଥା ସାରା ବିଶ୍ୱରେ ଅନନ୍ୟ ଏବଂ ଆମକୁ ଏହି ବ୍ୟବସ୍ଥାକୁ ବଜାୟ ରଖିବାକୁ ହେବ । ରୋଟାରୀ କ୍ଲବ ଅଫ୍ କଟକ ମିଲେନିୟମର ପୂର୍ବତନ ସଭାପତି ଡକ୍ଟର ଅନଙ୍ଗ ମୋହନ ଦ୍ୱିବେଦୀ ଓ ରୋଟାରୀ ଜିଲ୍ଲା ୩୨୬୨ର ପୂର୍ବତନ ପ୍ରାନ୍ତପାଳ ଅଶୋକ ବିହାରୀ ମହାପାତ୍ରଙ୍କ ଯୁଗ୍ମ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଘର ପୂର୍ବପ୍ରାନ୍ତ ସଂଘଚାଳକ ସମୀର କୁମାର ମହାନ୍ତି ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ । ଡକ୍ଟର ନାରାୟଣ ମହାନ୍ତି ସ୍ୱାଗତ ଭାଷଣ ଦେଲାପରେ ଆଡ଼ଭୋକେଟ ସର୍ବେଶ୍ୱର ବେହେରା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ମହାନ୍ତି କାମ ଓ କ୍ରୋଧକୁ ପରିହାର କରି ରାଷ୍ଟ୍ର ପ୍ରତି ଆମର କର୍ତ୍ତବ୍ୟ ପାଳନ କରିବା ପାଇଁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ରୋଟାରୀ ଜିଲ୍ଲାର ପୂର୍ବତନ ପ୍ରାନ୍ତପାଳ ଦେବାଶିଷ ମିଶ୍ର ଓ ଶାନ୍ତନୁ କୁମାର ପାଣିଙ୍କ ସମେତ ଅନେକ ରୋଟାରୀଆନ୍ ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ । ଶେଷରେ ସଂଘର କଟକ ବିଭାଗ ସହ ସଂଘଚାଳକ କିଶୋର କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ସାଂସଦ ଖେଳ ମହୋତ୍ସବର ଶୁଭାରମ୍ଭ

କଟକ, (ସବ୍ୟୁ): ବିକଶିତ ଭାରତ ଗଠନ ପାଇଁ ସୁସ୍ଥ ରହିବେ ଯୁବବର୍ଗ, ଏହି ଉଦ୍ଦେଶ୍ୟ ନେଇ ସମଗ୍ର ଦେଶରେ ସାଂସଦ ଖେଳ ମହୋତ୍ସବ ଆୟୋଜନ କରାଯାଇଥିବା ବେଳେ ଆଜି କଟକରେ ମୁଖ୍ୟ ଅତିଥଭାବେ ସାଂସଦ ଭର୍ତ୍ତୃହରି ମହତାବ ଯୋଗଦେଇ ଏହି ସାଂସଦ ଖେଳ ମହୋତ୍ସବର ଶୁଭାରମ୍ଭ କରିଛନ୍ତି ।ଜିଲ୍ଲା ପ୍ରଶାସନ ପକ୍ଷରୁ ଭୁବନାନନ୍ଦ ସ୍କୁଲ ଅଫ ଇଞ୍ଜିନିୟରିଙ୍ଗ ଖେଳ ପଡ଼ିଆରେ ସମସ୍ତ ପ୍ରସ୍ତୁତି ସହ ଆୟୋଜନ କରାଯାଇ ଆଜି ଏହାର ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନ ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ, ଉନ୍ନୟନ ଶ୍ରୀମତି ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଶୁଭାରମ୍ଭ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ।ସାଂସଦ ଖେଳ ମହୋତ୍ସବରେ ପାରମ୍ପାରିକ କ୍ରୀଡାରେ ଭାଗ ନେବା ପାଇଁ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ କ୍ରୀଡାବିତ ମାନେ ଅନଲାଇନ ମାଧ୍ୟମରେ ପଞ୍ଜିକରଣ କରିଛନ୍ତି । ପିଲାମାନଙ୍କୁ ଖେଳ ପ୍ରତି ଆକର୍ଷିତ କରାଇବା ସହ ସମସ୍ତଙ୍କ ମଧ୍ୟରେ ଏକ ଖେଳୁଆଡ ମନୋଭାବ ଜାଗ୍ରତ କରାଇବା ଉଦ୍ଦେଶ୍ୟରେ ଏଥିରେ କ୍ରିକେଟ, ଭଲି, ଫୁଟବଲ, ଖୋଖୋ, କବାଡି, ମାରାଥନ ଓ ପାରମ୍ପରିକ ଖେଳ ସ୍ଥାନ ପାଇଛି ବୋଲି ସାଂସଦ ଶ୍ରୀ ମହତାବ ଏହି ଶୁଭାରମ୍ଭ ଅବସରରେ କହିଛନ୍ତି । ୧୭ ବର୍ଷରୁ କମ ବାଳକ ଓ ବାଳିକା, ୨୫ ବର୍ଷରୁ କମ ମହିଳା ଓ ପୁରୁଷ ଏବଂ ୨୫ ବର୍ଷରୁ ଅଧିକ ମହିଳା ଓ ପୁରୁଷ ଭଳି ବିଭିନ୍ନ ବର୍ଗରେ କ୍ରୀଡ଼ାବିତମାନେ ନିଜ ନିଜର ନାମ ପଞ୍ଜିକୃତ କରିଛନ୍ତି । ପ୍ରତିଯୋଗିତା ପଞ୍ଚାୟତ ସ୍ତରରେ ଆରମ୍ଭ ହୋଇ ମଣ୍ଡଳ ତଥା ବ୍ଲକ ଓ ଶେଷରେ ସଂସଦୀୟ କ୍ଷେତ୍ର ସ୍ତରରେ ଅନୁଷ୍ଠିତ ହୋଇଛି ।

# ମାନବ ଚାଲାଣ ଏବଂ ଗୋତିପ୍ରଥା ସଂକ୍ରାନ୍ତୀୟ ଆଲୋଚନା ଚକ୍ର

କଟକ,(ସବ୍ୟୁ): ଅନେକ ଯୋଜନା କାର୍ଯ୍ୟକାରୀ ସତ୍ତ୍ୱେ ଅଜି ବି ସମାଜରେ ମାନବ ଚାଲାଣ ଏବଂ ଗୋତି ଶ୍ରମିକ ପ୍ରଥା ଚାଲୁ ରହିଛି । ଏଥିପାଇଁ ଗରିବୀ, ସାମାଜିକ ବ୍ୟାଧି ଆଦି କାରଣ ଦାୟୀ ଓ ଆଜି ବି ଏହି ପ୍ରଥା ବ୍ୟବସ୍ଥା ଚାଲୁ ରହିବା ଅର୍ଥ କେବଳ ଆଇନ ଏହାକୁ ରୋକିବା ପାଇଁ ଯଥେଷ୍ଟ ନୁହେଁ ବୋଲି ଓଡ଼ିଶା ଜୁଡିସିଆଲ ଏକାଡେମୀରେ 'ମାନବ ଚାଲାଣ ଏବଂ ଗୋତିପ୍ରଥା' ସମସ୍ୟାର ମୁକବିଲା ଉପରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏହା କହିଛନ୍ତି । ଜଷ୍ଟିସ୍ ଟଣ୍ଡନ ଏହି ସମସ୍ୟାର ସମାଧାନ ପାଇଁ ସମସ୍ତଙ୍କର ଭୂମିକା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏହି ସମସ୍ୟାର ସମାଧାନ କରିବାକୁ ହେଲେ ଏହାର ମୂଳ କାରଣରୁ ଖୋଜିବାକୁ ପଡ଼ିବ ଏବଂ ଯେଉଁମାନେ ସମ୍ବେଦନଶୀଳ ସେମାନଙ୍କୁ ସୁରକ୍ଷା ଦେବାର ଆବଶ୍ୟକତା ରହିଛି । ଏଥିପାଇଁ ସାମାଜିକ ଅଡିଟ୍ ମଧ୍ୟ କରାଯିବା ଦରକାର ଓ ଦାଦନ ଶ୍ରମିକ ପାଇଁ ରାଜ୍ୟ ବାହାରକୁ ଯାଇଥିବା ସମ୍ବେଦନଶୀଳ ପରିବାରକୁ ଚିହ୍ନଟ ପାଇଁ ପଦକ୍ଷେପ ନିଆଯିବା ଦରକାର । ରାଜ୍ୟ ଭିତରେ ଏହିଭଳି ଲୋକଙ୍କ ପାଇଁ କାମ ଯୋଗାଇ ଦେବା ଦରକାର । ଏହିଭଳି ସବୁ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ସଚେତନତା ମଧ୍ୟ ସୃଷ୍ଟି କରିବା ଦରକାର । ସେମାନଙ୍କୁ ଶିକ୍ଷା, ଦୀକ୍ଷା ଦେବାର ମଧ୍ୟ ଆବଶ୍ୟକତା ରହିଛି ବୋଲି ମୁଖ୍ୟ ବିଚାରପତି ମତବ୍ୟକ୍ତ କରିଛନ୍ତି । ଏହି ଅବସରରେ ହାଇକୋର୍ଟର ବିଚାରପତି ତଥା ଜୁଡିସିଆଲ ଏକାଡେମୀ ଏବଂ ତାଲିମ୍ କମିଟିର ଅଧ୍ୟକ୍ଷ ଜଷ୍ଟିସ୍ କେ.ଆର. ମହାପାତ୍ର ସ୍ୱାଗତ ଭାଷଣ ଦେବାସହ ଏହି ସାମାଜିକ ବ୍ୟାଧି ଉପରେ ନିଜର ବକ୍ତବ୍ୟ ରଖିଥିଲେ ।

# ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା ଭାବେ ମୟୂରଭଞ୍ଜ ସମ୍ମାନିତ

ବାରିପଦା, (ସବ୍ୟୁ): ଆଦି କର୍ମଯୋଗୀ ଅଭିଯାନ ଅଧିନରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା ଭାବରେ ଉଲ୍ଲେଖନୀୟ ପ୍ରଦର୍ଶନ ଏବଂ ଉଦାହରଣୀୟ ଅବଦାନ ପାଇଁ ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରାଳୟ ଦ୍ୱାରା ସ୍ୱୀକୃତି ପ୍ରମାଣ ପତ୍ର ପ୍ରଦାନ କରାଯାଇଛି । ଶୁକ୍ରବାର ନୂଆଦିଲ୍ଲୀ ଠାରେ ଆଦିବାସୀ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ଆୟୋଜିତ "ଆଦି କର୍ମଯୋଗୀ ଅଭିଯାନ' ଉପରେ ଜାତୀୟ ସମ୍ମେଳନ ଉତ୍ସବରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରେଷ୍ଠ କାର୍ଯ୍ୟ ପ୍ରଦର୍ଶନ କରିଥିବା ରାଜ୍ୟ, ଜିଲ୍ଲା, ବ୍ଲକ ଓ ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା ମାନଙ୍କୁ ସମ୍ମାନିତ କରିଛନ୍ତି । ଉକ୍ତ ଉତ୍ସବରେ ଆଦିବାସୀ ବ୍ୟାପାର ମନ୍ତ୍ରାଳୟର ମନ୍ତ୍ରୀ ଜୁଏଲ ଓରାମ ଓ ମନ୍ତ୍ରାଳୟର ସଚିବ ବିଭୁ ନାୟାର ଉପସ୍ଥିତ ଥିଲେ । ଏହି କ୍ରମରେ ମୟୂରଭଞ୍ଜ ଜିଲ୍ଲାକୁ ଆଦି କର୍ମଯୋଗୀ ଅଭିଯାନରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଜିଲ୍ଲାପାଳ ହେମକାନ୍ତ ସୟଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୁରସ୍କୃତ କରିଛନ୍ତି । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ସୟ ସ୍ୱର୍ଗ ଓ ଆନନ୍ଦର ସହିତ ଏହି ସମ୍ମାନ ସାମଗ୍ର ମୟୂରଭଞ୍ଜ ଜିଲ୍ଲାର ବୋଲି କହିଛନ୍ତି । ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ଅଧିକାରୀ ଓ ଅନୁଷ୍ଠାନ ଯଥା ଆଦି କର୍ମଯୋଗୀ, ଆଦି ସହଯୋଗୀ ଓ ଆଦି ସାଥି ମାନଙ୍କର ଏହା ମିଳିତ ପ୍ରୟାସର ଫଳ ବୋଲି କହିଛନ୍ତି । ଏହି ଅଭିଯାନରେ ଜିଲ୍ଲାର ୧୩୬୩ଟି ଆଦିବାସୀ ବହୁଳ ବସତି ଗ୍ରାମକୁ ଅନ୍ତର୍ଭୁକ୍ତ କରାଯାଇ ସେମାନଙ୍କୁ ସଶକ୍ତ କରିବା ତଥା ଯେଉଁମାନେ ଏହାର ସର୍ବାଧିକ ଆବଶ୍ୟକତା ଆଶା ରଖିଛନ୍ତି ସେମାନଙ୍କ ପାଇଁ ଏହା କିପରି ଶତ ପ୍ରତିଶତ ଉପଲବ୍ଧ ହେବ ତାହା ଆମର ଲକ୍ଷ୍ୟ ବୋଲି କହିଛନ୍ତି । ଏହି ଅଭିଯାନର ମୂଳ ଲକ୍ଷ୍ୟ ଅନୁସାରେ ପ୍ରତ୍ୟେକ ଆଦିବାସୀ ଗ୍ରାମକୁ ସ୍ୱାବଲମ୍ବୀ, ବିକଶିତ ଗ୍ରାମ କରିବା ଏବଂ ଦେଶର ଉନ୍ନତିରେ ସେମାନଙ୍କ ସକ୍ରିୟ ସହଭାଗୀତା ରହିବା ସହିତ ଉନ୍ନତିର ଲାଭ ଆଦିବାସୀ ଅଂଚଳର ପ୍ରତ୍ୟେକ ଲୋକଙ୍କ ପାଖରେ ପହଞ୍ଚାଇବା ନିମନ୍ତେ ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପ୍ରଶାସନ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି ।



# ୯ ଦିନରେ ଆନ୍ଦୋଳନ : ଶୁଣୁନି ପ୍ରଶାସନ

ଛତ୍ରପୁର ,(ସବ): ଆନ୍ଦୋଳନକୁ ଶୁକ୍ରବାର ଦିନ ୯ ଦିନ ରେ ପହଁଚି ଥିବା ବେଳେ ପ୍ରଶାସନ ସେମାନଙ୍କ କଥାଶୁଣୁ ନଥିବା କହିଛନ୍ତି ଆନ୍ଦୋଳନକାରୀ । ଏପରି ଘଟଣା ଦେଖିବାକୁ ମିଳିଛି ଖୋଦ ଜିଲ୍ଲାର ସଦର ମହକୁମା ଛତ୍ରପୁର ବ୍ଲକ ଅନ୍ତର୍ଗତ ଚିକଲଖଣ୍ଡି ପଞ୍ଚାୟତର ଝର ପୋଖରୀ ଗ୍ରାମରେ । ଗ୍ରାମରେ ଥିବା ଓଁ ସାଇ ପଥର କ୍ରସର ବନ୍ଦ କରିବା ଦାବିକୁ ୯ ଦିନ ପୂରିଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନଥିବା ଘଟଣା ଏବେ ସାରା ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । କାହା ଚାପରେ ପ୍ରଶାସନ ଚୁପ ହୋଇ ବସିଛି ବୋଲି ପଶ୍ନ କରିଛନ୍ତି ଗ୍ରାମବାସୀ । ଝର ପୋଖରୀ ଗ୍ରାମରେ ଥିବା ପଥର କ୍ରସର ବନ୍ଦ କରିବା ଲାଗି ଦୀର୍ଘ ୯ ଦିନ ଧରି ଆନ୍ଦୋଳନରେ ବସି ରହିଛନ୍ତି ଗ୍ରାମବାସୀ ।

# ପଛପଟୁ ପିଟିଲା ବାଇକ, ସ୍କୁଟି ଚାଳକ ଗୁରୁତର

ଧରାକୋଟ ,(ସବ୍ୟୁ):ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ ଅନ୍ତର୍ଗତ ମୁଣ୍ଡମରାଇ ହନୁମାନ ଦାର ଗ୍ରାମ ମଧ୍ୟେ ରେ ଥିବା ଧାନମିଲ ଆଗ ୫୯ ନମ୍ବର ରାଜପଥ କଡ଼ରେ ବାଇକ ପଛ ପଟୁ ସ୍କୁଟିକୁ ଧକ୍କା। ଫଳରେ ସ୍କୁଟି ଚାଳକ ଜାନିବିଲି ଗ୍ରାମର ବନମାଳୀ ଗୌଡ଼ ବୟସ ( ୬୫) ଗୁରୁତର ଆହତ ହୋଇଛନ୍ତି । ସେଜଣେ ଅବସର ପୋଷ୍ଟମାଷ୍ଟର ବୋଲି ଜଣାପଡିଛି । ନିଜ ପେନଶନ ଟଙ୍କା ଉଠାଇ ମୁଣ୍ଡମରାଇ ଯାଇ ନିଜ ଗ୍ରାମ ଜାନିବିଲିକୁ ଫେରିବା ବେଳେ ହଟାତ ପଛପଟୁ ଗୋଟିଏ ବାଇକ ମୁଣ୍ଡମରଇ ଗ୍ରାମର ଫକୀରଗୌଡ଼ ନାମକ ବାଇକ ଚାଳକି ଦ୍ରୁତଗତି ରେ ଆସି ସ୍କୁଟି ପଛପଟୁ ପିଟିବା ଫଳରେ ଉଭୟ ଗାଡି କଚାଡି ହୋଇ ପଡିବା ପରେ ସ୍କୁଟି ଚାଳକ ଗୁରତର ହୋଇଥିଲେ । ଚିକତ୍ସା ପାଇଁ ତାଙ୍କୁ ପ୍ରଥମେ ଧରାକୋଟ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଓ ବ୍ରହ୍ମପୁର ବଡ଼ମେଡିକାଲ ସ୍ଥାନାନ୍ତର କରାଯାଇଛି । ଅନ୍ୟ ପଟେ ପୋଲିସ ଦୁଇଟି ଗାଡିକୁ ଜବତ କରିଛି ।

# ଦିପାବଳୀ ପୂର୍ବରୁ ଅଘଟଣ
## ବାଣ ଫୁଟି ଦାଦା-ପୁତୁରା ଗୁରୁତର

ଢେଙ୍କାନାଳ,(ସବ୍ୟୁ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ ଅନ୍ତର୍ଗତ ଜିରାଳ ଗ୍ରାମରେ ବାଣ ଫୁଟି ଦାଦା ପୁତୁରା ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବାରଜଣାପଡିଛି । କାମାକ୍ଷାନଗର ଥାନା ଅନ୍ତର୍ଗତ ଜିରାଳବାଣ ଫୁଟାଇ ଥିବା ବେଳେ ଅସାବଧାନତା ବଶତଃ ଏକାଧିକ ବାଣ ବିସ୍ଫୋରଣ ଘଟିଛି । ବାଣ ବିସ୍ଫୋରଣ ଭୟଙ୍କର ହୋଇଥିବା ବେଳେ ସେଠାରେ ଥିବା ୩୩ ବର୍ଷୀୟ ଦାଦା ବିଜୟ ଖୁଣ୍ଟିଆ ଓ ୧୨ ବର୍ଷୀୟ ପୁତୁରା ରୁତୁରାଜ ଖୁଣ୍ଟିଆ ଗୁରୁତର ଆହତ ହୋଇଛନ୍ତି । ଉଭୟଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଗୁରୁତର ଅବସ୍ଥାରେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ପରେ କଟକ ସ୍ଥାନାନ୍ତର କରାଯାଇଛି । ଏବେ ଚାରିଆଡେ ବାଣ ପ୍ରସ୍ତୁତି ଏବଂ ବିକ୍ରୟ ଚାଲିଥିବା ବେଳେ ଦିପାବଳୀପୂର୍ବରୁ ଏଭଳି ଅଘଟଣକୁ ନେଇ ଆଶଙ୍କା ଦେଖାଦେଇଛି ।

# ଶିଶୁକନ୍ୟାକୁ ଦୁଷ୍କର୍ମ ମାମଲା : ଆସାମୀକୁ ୨୦ ବର୍ଷ ଜେଲଦଣ୍ଡ

କେନ୍ଦୁଝର,(ସବ୍ୟୁ):କେନ୍ଦୁଝର ଜିଲ୍ଲା ରୁଗୁଡ଼ି ଥାନା ଅଞ୍ଚଳରେ ୨୦୨୨ ମସିହା ଅକ୍ଟୋବର ମାସରେ ଘଟିଯାଇଥିବା ବହୁ ଚର୍ଚ୍ଚିତ ଶିଶୁକନ୍ୟା ଦୁଷ୍କର୍ମ ମାମଲାର ଶୁକ୍ରବାର ରାୟ ପ୍ରକାଶ ପାଇଛି । କେନ୍ଦୁଝର ସ୍ୱତନ୍ତ୍ର ପୋକ୍ସ କୋର୍ଟର ବିଚାରପତି ମୋନାଲିସା ମହାନ୍ତି ମାମଲାଟିର ୧୬ ଜଣ ସାକ୍ଷୀ ଏବଂ ପ୍ରମାଣକୁ ଭିତ୍ତିକରି ଆସାମରକୁ ୨୦ ବର୍ଷ ଜେଲ ଦଣ୍ଡାଦେଶ, ୨ ହଜାର ଜରିମନା, ଅନାଦେୟ ଅଧିକ ୧ ବର୍ଷ ଜେଲଦଣ୍ଡ ଆଦେଶ ଦେଇଛନ୍ତି । ଏଥିସହିତ କୋର୍ଟ ପୀଡିତା ଶିଶୁ କନ୍ୟାକୁ ୧୦ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ ଆଦେଶରେ ଉଲ୍ଲେଖ କରିଛନ୍ତି । କୋର୍ଟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ରୁଗୁଡ଼ି ଥାନା ଅଞ୍ଚଳରେ ଅଭିଯୁକ୍ତ ସଚୀନ ଓରାମ(୩୭)ଏବଂ ପୀଡିତା ଶିଶୁକନ୍ୟା ପଡୋଶୀଭାବେ ବସବାସ କରନ୍ତି । ଗତ ତା୩୧/୧୦/୨୦୨୨ରିଖରେ ପୀଡିତା ଶିଶୁକନ୍ୟା ଏବଂ ଅଭିଯୁକ୍ତ ସଚୀନ ଓରାମଙ୍କ ଛୋଟ ପୁଅ ଅଭିଯୁକ୍ତ ଙ୍କ ଅଗଣାରେ ସାଙ୍ଗ ହୋଇ ଖେଳୁଥିଲେ । ଏତିକିବେଳେ ଅଭିଯୁକ୍ତ ପୀଡ଼ିତାକୁ ମୋବାଇଲ ଦେଖେଇବ କହି ଘର ଭିତରକୁ ଡାକି ନେଇ ଶିଶୁ କନ୍ୟାର ଯୌନାଙ୍ଗରେ ଆଙ୍ଗୁଳି ପୁରାଇ ଦୁଷ୍କର୍ମ କରିବାକୁ ଉଦ୍ୟତ ହୋଇଥିଲା । ଏଭଳି ସ୍ଥିତିରେ ପୀଡିତାର ଯୌନାଙ୍ଗରୁ ପ୍ରବଳ ରକ୍ତ ଶ୍ରାବ ହୋଇଥିଲା ଏବାବଦରେପୀଡିତାର ବଡ ବାପା ପୋଲିସରେ ଏତଲା ଦେଇଥିଲେ । ଏତଲା ଭିତ୍ତିରେ ରୁଗୁଡ଼ି ଥାନା କେଶ ନମ୍ବର ୯୭/୨୦୨୨ ଅନୁସାରେ ମାମଲା ରୁଜୁକରି ଅଭିଯୁକ୍ତକୁ ଗିରଫ କରାଯାଇଥିଲା । ଏହି ମାମଲାର ଶୁକ୍ରବାର ସ୍ୱତନ୍ତ୍ର ପୋକ୍ସ କୋର୍ଟ ରାୟ ପ୍ରକାଶକରି ଉପରୋକ୍ତ ଦଣ୍ଡ ବିଧାନ କରିଛନ୍ତି । ସରକାରଙ୍କ ପକ୍ଷରୁ ପୋକ୍ସ କୋର୍ଟର ସ୍ୱତନ୍ତ୍ର ପିପି ଗଣେଶ୍ୱର ମହାପାତ୍ର ମାମଲା ପରିଚାଳନା କରୁଥିଲେ ବୋଲି ଜଣାପଡିଛି ।

# ୪୮ ଗୋରୁ ବୋଝେଇ ୬ ପିକଅପ ଜବତ

ମହୁଲଡିହା,(ସବ୍ୟୁ): ମହୁଲଡିହା ଥାନା ପୁଲିସ ଆନନ୍ଦପୁର - ଠାକୁରମୁଣ୍ଡା ନଂ ୫୩ ରାଜ୍ୟ ରାଜପଥରେ ପେଟ୍ରୋଲିଙ୍ଗ କରୁଥିବା ସମୟରେ ଆନନ୍ଦପୁର ଆଡୁ ଚୋରାରେ ଗୋରୁ ବୋଝେଇ କରି ଆସୁଥିବା ୬ ଟି ପିକଅପ ଜବତ କରି ଥାନାକୁ ଆଣିଛି । ପ୍ରକାଶ ଥାଉ କି, ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲିଙ୍କ ତତ୍ପରତା ଫଳରେ କରଞ୍ଜିଆ ଉପଖଣ୍ଡ ପୁଲିସ ଅଧିକାରୀ ନବକୃଷ୍ଣ ନାଏକଙ୍କ ନିର୍ଦ୍ଦେଶନାରେ ଖବର ପାଇ ମହୁଲଡିହା ଥାନା ଆଇଆଇସି ଅରୁଣ କୁମାର ଟୁଡୁ ବିଶେଷ ସୁତ୍ରରୁ ଖବର ପାଇ ଏଏସଆଇ ସନ୍ତୋଷ କୁମାର ନାୟକ,ବିଜୟକୃଷ୍ଣ ସାନ୍ତରା ଓ ପୁଲିସ କର୍ମଚାରୀଙ୍କ ସହିତ ଗୁରୁବାର ରାତିରେ ସୂଚନା ଅନୁସାରେ ମହୁଲଡିହା- ଭାଲିଆଡାଳ ରାସ୍ତାର ପୁରୁଣାପାଣି ପୋଲ ବାଙ୍କରେ ଗାଡ଼ି ଗୁଡ଼ିକ ଜବତ କରି ଥାନାକୁ ଆଣିଛନ୍ତି ।

# ଖୋଲିଲା ଶିମିଳିପାଳ
## ପ୍ରଥମଦିନରେ ବୁଲିଲେ ୧୨୯ ପର୍ଯ୍ୟଟକ

ବାରିପଦା,(ସବ୍ୟୁ):ଶନିବାର ଠାରୁ ବିଶ୍ୱପ୍ରସିଦ୍ଧ ଶିମିଳିପାଳ ଅଭୟାରଣ୍ୟ ଖୋଲିଛି ପର୍ଯ୍ୟଟକମାନଙ୍କ ପାଇଁ ଖୋଲିଛି । ପ୍ରଥମଦିନରେ ଲୁଲୁଙ୍ଗ ସ୍ଥିତ ପିଠାବଟା ଫାଟକ ଦେଇ ୨୦ଟି ଯାନରେ ୭୫ଜଣ ପର୍ଯ୍ୟଟକ ଓ ଯଶିପୁର ସ୍ଥିତ କାଳିଆଣୀ ତନଖୀ ଫାଟକ ଦେଇ ୧୩ଟି ଯାନରେ ୫୪ଜଣ ପର୍ଯ୍ୟଯଟକ ଶିମିଳିପାଳ ଅଭୟାରଣ୍ୟକୁ ବୁଲିବାକୁ ଯାଇଛନ୍ତି । ଫଳରେ ଶନିବାର ପ୍ରଥମଦିନରେ ମୋଟ୍ ୧୨୯ଜଣ ପର୍ଯ୍ୟଟକ ୩୩ଟି ଗାଡିରେ ଶିମିଳିପାଳ ଅଭୟାରଣ୍ୟର ମନଲୋଭା ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଜୀବଜନ୍ତୁଙ୍କୁ ଦେଖିବାକୁ ଯାଇଛନ୍ତି । ବିଶେଷ କରି ଶିମିଳିପାଳ ଅଭୟାରଣ୍ୟରେ ପର୍ଯ୍ୟଟକଙ୍କ ପାଇଁ ବିଶେଷ ଆକର୍ଷଣ ପାଲଟିଛି ଜଙ୍ଗଲ ସଫାରୀ । ଫଳରେ ଶନିବାର ପ୍ରଥମଦିନରେ ମୋଟ୍ ୧୧ଟି ସଫାରୀରେ ପର୍ଯ୍ୟଟକମାନେ ଯାଇଥିବାବେଳେ ଏହାର ବେଶ ମଜା ଉଠାଇଛନ୍ତି । ଅନ୍ୟପକ୍ଷରେ ପ୍ରତ୍ୟେକ ଦିନ ୨୦ଟି ସଫାରୀ ଶିମିଳିପାଳକୁ ପ୍ରବେଶ କରିବାର ବ୍ୟବସ୍ଥା କରାଯାଇଛି । ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଉଭୟ ଫାଟକରେ ଶିମିଳିପାଳ ଉଚ୍ଚ କର୍ତ୍ତୃପକ୍ଷ ମାନେ ଉପସ୍ଥିତ ଥିବାବେଳେ ଆଦିବାସୀ ନୃତ୍ୟର ତାଳେ ତାଳେ ବାଦ୍ୟଯନ୍ତ୍ରରେ ପର୍ଯ୍ୟଟକମାନଙ୍କୁ ସ୍ୱାଗତ କରାଯାଇଥିଲା। ଏତତ୍‌ବ୍ୟତୀତ କିଛି ପର୍ଯ୍ୟଟକମାନେ ଶିମିଳିପାଳ ଅଭୟାରଣ୍ୟରେ ରାତ୍ରିଯାପନ କରିଛନ୍ତି ।




# ଦୁଇ ସ୍କୁଟି ସହ ମଦ ଜବତ, ଦୁଇ ଗିରଫ



ସୋର,(ସବ୍ୟୁ):କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ, କଟକ,ୟୁନିଟ -୨ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଦୁଇଟି ସ୍କୁଟି ସମେତ ଦେଶୀ ବିଦେଶୀମଦ ଜବତ କରି ଦୁଇ ଜଣଙ୍କୁ ଗିରଫ କରି ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି ।କେନ୍ଦ୍ରାଞ୍ଚଳ ଅବକାରୀ ଆଇଆଇସି ଧିରେନ ବେହେରାଙ୍କ ନେତୃତ୍ୱରେ ଏକ ଟିମ ଶନିବାର ମଧ୍ୟାହ୍ନରେ ୧୬ ନମ୍ବର ଜାତୀୟ ରାଜପଥ ନାୟକବନ୍ଧ ଛକ ନିକଟରେ ପେଟ୍ରୋଲିଂ କରୁଥିଲେ । ଏହି ସମୟରେ ବାଲେଶ୍ୱରରୁ ସୋର ଅଭିମୁଖେ ଆସୁଥିବା ଏକ ନମ୍ବର ବିହୀନ ସ୍କୁଟିକୁ ଅଟକାଇ ଯାଞ୍ଚ କରିଥିଲେ । ଯାଞ୍ଚ ପରେ ସେଥିରେ ୭ ଲିଟର ବିଦେଶୀମଦ ଚାଲାଣ ହେଉଥିବା ଜାଣିପାରି ବାଇକ ସହ ମଦକୁ ଜବତ କରି ବିହାର ଗଜଦିଶପୁର ଅଞ୍ଚଳର ଚୁଲୁ ରାଜକୁ ଗିରଫ କରିଥିଲେ ।ସେହିପରି ଏହି ଟିମ ଦହିସଡା ଛକରେ ଚଢ଼ାଉ କରି ଓଡି ୦୧ ଏଏକ୍ସ ୬୯୭୨ ନମ୍ବର ବିଶିଷ୍ଟ ଓଲା ସ୍କୁଟି ସହ ସହ ୫୦ ଲିଟର ଦେଶୀମଦ ଜବତ କରିବା ସହିତ ବରୁଣସିଂ ଗ୍ରାମର ରାଉଲ ଦାସକୁ ଗିରଫ କରିଥିଲେ । ଅପରାହ୍ନରେ ସୋର ଡାକ୍ତରଖାନାରେ ଡାକ୍ତରୀ ମାଇନା ପରେ ଶନିବାର ସନ୍ଧ୍ୟାରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଏସଆଇ ଦିବ୍ୟଜ୍ୟୋତି ସତ୍ୟପ୍ରକାଶ,ଏଏସଆଇ କିଶୋର ରାଉତ,କନେଷ୍ଟବଳ ରାଜେଶ କିଷାନ, ବସନ୍ତ ମଲ୍ଲିକ,ଜଗନ୍ନାଥ ନାୟକ,ଯୋଗେନ୍ଦ୍ର ସାହୁ ପ୍ରମୁଖ ସାମିଲ ହୋଇଥିଲେ ।

# ବାଲେଶ୍ୱର ଏଫ୍‌ଏମ୍ ମେଡ଼ିକାଲ କଲେଜରେ ପି.ଜି. ଶ୍ରେଣୀ ଖୋଲିବ

ବାଲେଶ୍ୱର,(ସବ୍ୟୁ):ଅନେକ ଘାତ ପ୍ରତିଘାତ ସତ୍ତ୍ୱେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ନିରନ୍ତର ପ୍ରଚେଷ୍ଟା ଫଳରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ନିର୍ଦ୍ଦେଶ ପରେ ବାଲେଶ୍ୱର ଫକିରମୋହନ ମେଡିକାଲ କଲେଜରେ ସ୍ନାତକୋତ୍ତର (ପି.ଜି.) ପାଇଁ ରାଷ୍ଟ୍ରୀୟ ଚିକିତ୍ସା ଆୟୋଗ ଦ୍ୱାରା ତିନୋଟି ବିଭାଗ ଯଥା କର୍ଣ୍ଣ ନାସା ଓ ଗଳା ବିଭାଗ, ନିଶ୍ଚେତକ ବିଭାଗ ଓ ସ୍ତ୍ରୀ ପ୍ରସୂତି ବିଭାଗକୁ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଅନୁମତି ପ୍ରଦାନ କରାଯାଇଛି । ବର୍ତ୍ତମାନର ଶିକ୍ଷାବର୍ଷ ୨୦୨୫-୨୬ରୁ ଏହି ପାଠ୍ୟକ୍ରମରେ ସ୍ନାତକ ଡାକ୍ତର ଛାତ୍ରଛାତ୍ରୀ ମାନେ ଭର୍ତ୍ତି ହୋଇପାରିବେ । ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସ୍ୱାସ୍ଥ୍ୟମନ୍ତ୍ରୀ ଡା.ମୁକେଶ ମହାଲିଙ୍ଗ, ଫକିରମୋହନ ମେଡିକାଲ କଲେଜର ସମସ୍ତ ଅଧିକାରୀ ଓ ଡାକ୍ତରମାନଙ୍କୁ ଏହି ସଫଳତା ପାଇଁ ଅଶେଷ ଶୁଭେଚ୍ଛା ଓ ଅଭିନନ୍ଦନ । ଏହି ଶିକ୍ଷାନୁଷ୍ଠାନ ଏହିପରି ସଫଳତାର ସୋପାନ ଅତିକ୍ରମ କରିଚାଲୁ ବୋଲି ସାଂସଦ କାମନା କରିବା ସହିତ ସମସ୍ତଙ୍କର ଆନ୍ତରିକ ସହଯୋଗ କାମନା କରିଛନ୍ତି ।












# ଟ୍ରାକ୍ଟର ଧକ୍କାରେ ଲକ୍ଷ୍ମୀ ବସ ଗାଡିଚାଳକଙ୍କ ମୃତ୍ୟୁ

## କ୍ଷତିପୂରଣ ଦାବୀରେ ରାସ୍ତାରୋକ



କୁଆଁପାଳ , (ସବ୍ୟୁ) : ମାହାଙ୍ଗା ଥାନା କୁମୁଡାଜୟପୁର ଫାଣ୍ଡି ଅନ୍ତର୍ଗତ ଛତିଆ -ସାଲେପୁର ପୂର୍ତ ସଡକର କୋଠପଦା ଠାରେ ଟ୍ରାକ୍ଟର ଓ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଜନୈକ ଗାଡିଚାଳକଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ଖବରରୁ ପ୍ରକାଶ , ଶୁକ୍ରବାର ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ମୋ ସେବା ବସ ଡ୍ରାଇଭର ତଥା କୁଣ୍ଡି ପଂଚାୟତ ନନ୍ଦକିଶୋରପୁର ଗ୍ରାମର ଅଜୟ କୁମାର ରାଉତ (୩୬) ବାଇକ ଯୋଗେ ନିଜ ଘରୁ କୁଆଁପାଳକୁ ଆସୁଥିବା ସମୟରେ କୋଠପଦା ନିକଟ ଶୂନ୍ୟ ଶୂନ୍ୟ ମହାଶୂନ୍ୟ ମନ୍ଦିର ନିକଟରେ ତାଙ୍କ ସମ୍ମୁଖ ପଟୁ ଆସୁଥିବା ଏକ ଟ୍ରାକ୍ଟର ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଯାହା ଫଳରେ ଅଜୟ ଗାଡି ସହ ତଳେ ପଡି ଗୁରୁତର ଆହତ ହୋଇଥିଲେ । ଖବର ପାଇ କୁଆଁପାଳ ଦମକଳବାହିନୀ ଘଟଣାସ୍ଥଳରେ ପହଂଚି ଅଜୟଙ୍କୁ ମୁମୂର୍ଷ ଅବସ୍ଥାରେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତୀ କରିଥିଲେ । ସେଠାରେ ତାଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ଅଧିକ ଚିକିତ୍ସା ନିମନ୍ତେ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା । ତେବେ ଚିକିତ୍ସାଧିନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବାର ଜଣାଯାଇଛି । ଦୁର୍ଘଟଣା ସ୍ଥଳରେ ଫାଣ୍ଡି ଅଧିକାରୀ ମନୋଜ କୁମାର ବେହେରା ପହଂଚି ଟ୍ରାକ୍ଟରଟିକୁ ଜବତ କରିବା ସହ ମାହାଙ୍ଗା ଥାନାରେ ଅଟକ ରଖି ତଦନ୍ତ ଚଳାଇଥିବା ଜଣାଯାଇଛି । ରିପୋର୍ଟ ଲେଖା ହେବା ବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇନଥିବା ଜଣାଯାଇଛି । ଯାହାକୁ ନେଇ ଆଜି ସନ୍ଧ୍ୟାରେ ଡ୍ରାଇଭର ମହାସଂଘ ଓ ସ୍ଥାନୀୟ ଅଂଚଳବାସୀ କ୍ଷତିପୂରଣ ଦାବୀରେ କୁଆଁପାଳ ସାଲେପୁର ପୂର୍ତ ସଡକ ଅବରୋଧ କରାଯାଇଥିବା ଦେଖିବାକୁ ମିଳିଛି ।

# ସିଡବ୍ଲୁସିର ଚଢାଉ : ୫ ଶିଶୁ ଉଦ୍ଧାର

ଜଗତସିଂହପୁର (ସବ୍ୟୁ) : ସଦର ଥାନା ଧନିପୁର ଠାରେ ଥିବା ଏକ ମଦ୍ରାସାରେ ଶୁକ୍ରବାର ସିଡବ୍ଲୁସିର , ଡିସିପିୟୁ ଓ ଚାଇଲଡ଼ ଲାଇନର ମିଳିତ ଚଢାଉ କରି ସନ୍ଦେହ ଜନକ ଭାବରେ ଥିବା ବିହାର ଓ ଉତ୍ତର ପ୍ରଦେଶର ୫ ନା ବାଳକଙ୍କୁ ଉଦ୍ଧାର କରିଛନ୍ତି। ସେମାନଙ୍କୁ କେଉଁ ଉଦେଶ୍ୟ ରେ ରଖାଯାଇଥିଲା ତାହା ସ୍ପଷ୍ଟ ହୋଇପାରି ନଥିବା ବେଳେ ଘଟଣାର ତଦନ୍ତ ଜାରି ରହିଛି ।ଜଗତସିଂହପୁର ଏସପି ଅଙ୍କିତ କୁମାର ବର୍ମାଙ୍କ ନିର୍ଦ୍ଦେଶରେ ୬ ଜଣିଆ ଟିମ ମଦ୍ରାଶାରେ ଚଢ଼ାଉ କରି ଏମାନଙ୍କୁ ଉଦ୍ଧାର କରିଛନ୍ତି ।ଉଦ୍ଧାର ନା ବାଳକ ମାନଙ୍କର ବୟସ ୫ ରୁ ୧୦ ବର୍ଷ ଭିତରେ ହେବ ।ଏହି ଘଟଣା ବାବଦରେ ଉକ୍ତ ଘରୋଇ ଧନୀପୁର ମଦ୍ରାସାର ଶିକ୍ଷକ ଦୌଲତ ଖାନଙ୍କୁ ପଚାରିବାରୁ ସେ ୧ ବର୍ଷ ହେବ ସେଠାରେ ଶିକ୍ଷାଦାନ କରୁଛନ୍ତି ।୫ ଜଣ ପିଲା ୧ ବର୍ଷ ହେବ ରହୁଛନ୍ତି ।ସୋନଙ୍କର ଖାଇବା ପିଇବା ସମସ୍ତ ଖର୍ଚ୍ଚ ହେଡସାର ମୁଜାହିଦ ସାର ବୁଝନ୍ତି ।ପିଲାମାନେ ବିହାରର ବୋଲି ସ୍ୱିକାର ରହିଛନ୍ତି ।ପିଲାମାନେ ଉର୍ଦ୍ଦୁ ପଢିବା ସହିତ ହିନ୍ଦି,ଇଂରାଜୀ ଓ ଧର୍ମ ବାବଦରେ ବାବଦରେ ପାଠ ପଢନ୍ତି କହିଥିଲେ ମଧ ତାଙ୍କ କଥାରେ କିଛି ତାଳ ମେଳ ରହୁନଥିବାରୁ ତାଙ୍କୁ ମଧ ଅଟକ ରଖା ଯାଇଛି।ଏହି ଘଟଣା ବାବଦରେ ଜିଲା ଶିଶୁ ମଙ୍ଗଳ ସମିତି ଅଧକ୍ଷ ଶକୁନ୍ତଳା ଚୌଧୁରୀଙ୍କୁ ପଚାରିବାରୁ ଜଗତସିଂହପୁର ଏସପିଙ୍କ ଚିଠି ଅନୁସାରେ ଧନୀପୁରରେ ଏକ ମଦ୍ରାସା ରହିଛି ।ଉକ୍ତ ମଦ୍ରାସାରେ ୮ରୁ ୧୦ ବର୍ଷର ୫ ଜଣ ଛୋଟ ପିଲା ବିହାର ଓ ଉତ୍ତରପ୍ରଦେଶରୁ ଆସି ରହିଛନ୍ତି ।ସେମାନଙ୍କୁ ଜୋରଜବରଦସ୍ତ ଆଣି ରଖାଯାଇଛି ଓ ସେମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଉ ବୋଲି ନିର୍ଦ୍ଦେଶ ରହିଥିଲା ।ଏସପିଙ୍କ ନିର୍ଦ୍ଦେଶ ଅନୁସାରେ ଆଜି ନିଜେ ଅଧକ୍ଷାଙ୍କ ସମେତ ଏକ ୬ ଜଣିଆ ଟିମ ପୋଲିସ ସହାୟତାରେ ଉକ୍ତ ଛୋଟ ପିଲାମାନଙ୍କୁ ଉଦ୍ଧାର କରି ଜିଲ୍ଲା ଶିଶୁ ସୁରକ୍ଷା ବିଭାଗରେ ହାଜର କରାଯାଇଛି ।ବିନା କିଛି କାଗଜପତ୍ର ବା ରେଜିଷ୍ଟ୍ରେସନରେ ବିହାର ଓ ୟୁପିରୁ ପିଲା ଆଣି ରଖୁଥିଲେ ।ସେ ବାବଦରେ ଅଧକ୍ଷା ଶକୁନ୍ତଳା ଚୌଧୁରୀ ମଦ୍ରାସା କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ତାଙ୍କର କଥାରେ ତାଳମେଳ ନଥିବା ସହିତ ସଠିକ କାଗଜପତ୍ର ଦେଖାଇ ପାରି ନଥିଲେ ।ତଦନ୍ତ ପରେ ଅଧିକ ତଥ୍ୟ ସାମନାକୁ ଆସିବ ବୋଲି ଜିଲା ଶିଶୁ ମଙ୍ଗଳ ବିଭାଗ ଅଧକ୍ଷା ଶକୁନ୍ତଳା ଚୌଧୁରୀ କହିଛନ୍ତି ।

# ଓକିଲଙ୍କୁ ଦାଦାବଟି ମାଗିବା ଓ ମାଡ ମାରିବା ମାମଲାରେ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲଦଣ୍ଡ

ଜଗତସିଂହପୁର, (ସବ୍ୟୁ) : ଓକିଲଙ୍କୁ ଦାଦାବଟି ମାଗିବା ଓ ମାଡ ମାରି ଗୁରୁତର କରିବା ଘଟଣାରେ ଆଜି ଜଣେ ଅଭିଯୁକ୍ତଙ୍କୁ ୩ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ହରପ୍ରସାଦ ପଟ୍ଟନାୟକ । ସୁଚନା ଅନୁସାରେ ଗତ ୨୦୨୫ ମାର୍ଚ୍ଚ ୩ ତାରିଖରେ ରଘୁନାଥପୁର ଥାନା କଳିଙ୍ଗା ଗ୍ରାମର ପ୍ରଫୁଲ୍ଲ କୁମାର ରାଉତ କୌଣସୀ କାର୍ଯ୍ୟରେ ଘରୁ ବାହାରି ଆସୁଥିବା ସମୟରେ ସେହି ଗ୍ରାମର ପ୍ରଭାତ କୁମାର ରାଉତ ଓରଫ ସନିଆ ତାଙ୍କ ଗାଡିକୁ ଅଟକାଇବା ସହିତ ୫୦ ହଜାର ଟଙ୍କା ଦାଦାବଟି ମାଗିଥିଲା ।ଏଥିରେ ଓକିଲ ପ୍ରଫୁଲ୍ଲ ରାଉତ ବିରୋଧ କରିବାରୁ ଅଭିଯୁକ୍ତ ତାଙ୍କୁ ଏକ କାଠ ଫାଳିଆରେ ପିଠି,ହାତ,ଅଣ୍ଟାକୁ ଜୋରରେ ମାଡ ମାରିଥିଲା ।ଫଳରେ ଓକିଲ ଜଣକ ତଳେ ପଡିଯିବା ଦେଖି ତାଙ୍କ ପୁଅ ମଳୟ ରଞ୍ଜନ ରାଉତ ଓ ପତ୍ନୀ ମମତା ଖଟୁଆ ଉଦ୍ଧାର କରିବାକୁ ଦୌଡି ଆସିବାରୁ ଅଭିଯୁକ୍ତ ଜଣକ ଏକ କଟୁରୀ ଧରି ଉଭୟ ମାଆ ପଅୁଙ୍କୁ ହାଣିବାକୁ ଗୋଡାଇ ଥିଲା ।ଏକ କଟୁରୀ ଚୋଟ ମଳୟଙ୍କ ହାତରେ ବାଜି କଟିଯାଇଥିଲା ।ଏହା ଦେଖି ଗ୍ରାମବାସୀମାନେ ଆସି ଘଟଣା ସ୍ଥଳରେ ପହଞ୍ଚିଯିବାରୁ ଅଭିଯୁକ୍ତ ଘଟଣାସ୍ଥଳରୁ ଦୌଡି ପଳାଇଥିଲା ।ଏହାକୁ ନେଇ ରଘୁନାଥପୁର ଥାନାରେ ଏତଲା ଦେବା ପରେ ପୋଲିସ କେଶ ନମ୍ବର ୬୧/୨୫ ରୁଜୁ କରି ଅଭିଯୁକ୍ତ ପ୍ରଭାତ କୁମାର ରାଉତଙ୍କୁ ଗିରଫ କରିଥିଲା ।ଆଜି ଏକ୍ତ କେଶର ବିଚାର କରି ୧୦ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ହରପ୍ରସାଦ ପଟ୍ଟନାୟକ ଅଭିଯୁକ୍ତ ପ୍ରଭାତ କୁମାର ରାଉତଙ୍କୁ ୩ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି ।ଏହି କେଶକୁ ସରକାରୀ ଓକିଲ ଭଜହରି କର ପରିଚାଳନା କରୁଥିଲେ ।

## ପାରିକଇଁଚି କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଉଦ୍‌ଯାପିତ

କୁଆଖିଆ, (ସବ୍ୟୁ) : ରସୁଲପୁର ବ୍ଲକ ଅନର୍ଗତ ଗନ୍ଧଣ ପଂଚାୟତଦ୍ୱିଞ୍ଚଳ ସରକାରୀ ଉ ପ୍ରା ବିଦ୍ୟାଳୟ, ପରିସରରେ ଆଜିପାରିକଇଁଚି କ୍ଲଷ୍ଟର ସ୍ତରୀୟ ସୁରଭି ଉଦଯାପିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ସମିତି ସଭ୍ୟ ଅଜୟ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ପୂର୍ବତନ ବି ଆର ସି ପ୍ରଦୀପ କୁମାର ସାମଲ, ଏସ ଏମ ସି ସଭାପତି ପ୍ରଫୁଲ୍ଲ ସ୍ୱାଇଁ, ଏ ବି ଇ ଓ ଅରୁଣ କୁମାର ସେଠି, ଶାନ୍ତିଲତା ରାଉତ ଯୋଗ ଦେଇ ଲୁକ୍କାୟିତ ପ୍ରତିଭାର ବିକାଶ ପାଇଁ ସୁରଭି ର ଉପାଦେୟତା ଉପରେ କହିଥିଲେ । ପ୍ରଥମ ଅଧିବେଶନରେ ପ୍ରଧାନ ଶିକ୍ଷକ ସୁକାନ୍ତ ମଲ୍ଲିକ ସଭା ପରିଚାଳନା କରିଥିଲେ । ଏଥିରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସି ଆର ସି ସି ,ବିଶ୍ୱଜିତ ସେଠି ସଭା ପରିଚାଳନା କରିଥିଲେ । ଆଜି ଉଦଯାପନୀରେ ସରପଞ୍ଚ ରୁଦ୍ରନାରାୟଣ ମହାନ୍ତି, ହାଇସ୍କୁଲ ପ୍ରଧାନ ଶିକ୍ଷକ ବିଭୁତି ଭୂଷଣ ପାଳ ଯୋଗ ଦେଇ ସୁରଭିର ବିଭିନ୍ନ ପ୍ରତିଯୋଗିତାରେ ସଫଳତା ପାଇଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରି ସୁରଭି ଉପରେ କହିଥିଲେ । ଏଥିରେ ଶିକ୍ଷକ ରାଜେଶ ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ । ଦିବସ ବ୍ୟାପି କାର୍ଯ୍ୟକ୍ରମକୁ ଶିକ୍ଷକ ପବିତ୍ର କୁମାର ସ୍ୱାଇଁ , ସରୋଜ ମହାରଣା, ବିରଜା କୁମାରୀ ସାହୁ, ସୌମେନ୍ଦ୍ର ବୋଇତାଇ, ପ୍ରଧାନ ଶିକ୍ଷକ ଚନ୍ଦ୍ରକାନ୍ତ ରଥ, ନିରଞ୍ଜନ ତରାଇ ପ୍ରମୁଖଙ୍କ ସହ କ୍ଲଷ୍ଟରର ସମସ୍ତ ଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ ।

# ପୌର ନୂତନ କାର୍ଯ୍ୟାଳୟର ଶିଳାନ୍ୟାସ କଲେ ନଗର ଉନ୍ନୟନ ମନ୍ତ୍ରୀ



କେନ୍ଦ୍ରାପଡା : ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର ଆଜି କେନ୍ଦ୍ରାପଡ଼ା ଗସ୍ତକରି କେନ୍ଦ୍ରାପଡ଼ା ପୌରପାଳିକାର ନୂତନ କାର୍ଯ୍ୟାଳୟ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲାପାଳ ରଘୁରାମ ଆର ଆୟର, ପୌର ଅଧ୍ୟକ୍ଷା ସରିତା ସାହୁ, ସାଂସଦଙ୍କ ପ୍ରତିନିଧି ସଲିମ ଖାନ, ଉପାଧ୍ୟକ୍ଷା ଆକବରି ଖାତୁନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ପୌରପାଳିକା ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି ପ୍ରମୁଖ ଉପସ୍ଥିତ ଥିଲେ । କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟିକୁ ସବୁଜ ସହରରେ ପରିଣତ କରିବାପାଇଁ ଆଗେଇ ଆସିବାକୁ ମନ୍ତ୍ରୀ ଡ. ମହାପାତ୍ର ଆହ୍ୱାନ ଦେଇଥିଲେ । ସ୍ୱଚ୍ଛତା ହିଁ ସଭ୍ୟତା, ସ୍ୱଚ୍ଛତା ଉପରେ କୌଣସି ସାଲିସ କରାଯିବ ନାହିଁ ବୋଲି ସେ କହିଥିଲେ।

## ମହିଳାଙ୍କୁ ଅସଦାଚରଣ

ବିଂଝାରପୁର, (ସବ୍ୟୁ) : ବିଂଝାରପୁର ବ୍ଲକ ତଥା ଅଳକୁଣ୍ଡ ଥାନା ଅନ୍ତର୍ଗତ କପିଳା ପଞ୍ଚାୟତ ମାନଧାତା ପାଟଣା ଗ୍ରାମର ଶ୍ରୀଧର ଜେନା ଙ୍କ ସ୍ତ୍ରୀ ସଞ୍ଜୁକ୍ତା ନାୟକ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ କପିଳା ଗ୍ରାମର ବିଷ୍ଣୁ ଦାସଙ୍କ ପୁଅ ସୁଶାନ୍ତ ଦାସ ଯେ କି ଗୃହରକ୍ଷୀ ଭାବରେ ଅଳକୁଣ୍ଡ ଥାନାରେ କାମ କରୁଛନ୍ତି । ସେ ଜମିବାଡି ସମସ୍ୟାକୁ ଆଳକରି ତାଙ୍କ ସ୍ୱାମୀଙ୍କ ଅନୁପସ୍ଥିରେ ବାଡି ଓ ଘରେ ପଶି ଅସଦାଚରଣ କରିବାକୁ ଗୋଡାଇଥିଲା । ଏନେଇ ମହିଳା ଜଣକ ଅଳକୁଣ୍ଡ ଥାନାରେ ଅଭିଯୋଗ କରିବା ସତ୍ତ୍ୱେ ପୁଲିସର କାର୍ଯ୍ୟାନୁଷ୍ଠାନ ରେ ଶିଥିଳତା କୁ ନେଇ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଙ୍କୁ ଅଭିଯୋଗ କରିବେ ବୋଲି କହିଛନ୍ତି । ଗତ ମଇ ମାସରେ ସେ ଗୃହରକ୍ଷୀଙ୍କ ଦୌରାତ୍ମ୍ୟ ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ । ସେତେବେଳେ ପୁଲିସ ତାକୁ ଚାପି ଦେଇଥିଲେ । ଘଟଣା ସମ୍ପର୍କରେ ଅଧିକ ସୂଚନା ପାଇଁ ଅଳକୁଣ୍ଡ ଥାନାଅଧିକାରୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ପାରିନାହିଁ।

## ବିଦ୍ୟାଳୟ ସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା

ରାଜକନିକା, (ସବ୍ୟୁ) : ରାଜକନିକା ଆର. ଏନ ହାଇସ୍କୁଲ ମିନି ଷ୍ଟାଡିୟମ ରେ ଚାଲିଥିବା ରାଜକନିକା ବ୍ଲକ ବିଦ୍ୟାଳୟ ସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ଏହି ପ୍ରତିଯୋଗିତାକୁ ମୁଖ୍ୟଅତିଥି ଭାବେ ବ୍ଲକ କ୍ରୀଡା ର ସ୍ଥାୟୀ ସଭାପତି ତଥା ବିଇଓ ରତିକାନ୍ତ ସେନାପତି ଉଦଘାଟନ କରି ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟ ସମ୍ମାନିତ ଅତିଥି ଭାବେ ଉପସଭାପତି ତଥା ଆରସିସି କୈଳାସ ଚନ୍ଦ୍ର ସାହୁ, ନୋଡାଲ ପ୍ରଧାନ ଶିକ୍ଷକ ଧର୍ମ ଜ୍ୟୋତି ରାଉତ, ସିଆରସିସି ଖଗେଶ୍ୱର ପିହାରୀ ସହକାରୀ ଶିକ୍ଷକ, ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକର ୩୫ରୁ ଉର୍ଦ୍ଧ ବିଦ୍ୟାଳୟର ୧୫୦ରୁ ଉର୍ଦ୍ଧ ପ୍ରତିଯୋଗୀ ଏହି ଦୌଡ଼କୁଦ ଓ କ୍ରିକେଟ ଖେଳରେ ରେ ଅଂଶ ଗ୍ରହଣ କରିଥିଲେ । ନୋଡାଲ କ୍ରୀଡା ସମ୍ପାଦକ ଅରୁଣ କୁମାର ଧଳଙ୍କ ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ କ୍ରୀଡା ଶିକ୍ଷୟତ୍ରୀ ରଶ୍ମିତା ଗୋଛାୟତ ମନ୍ତ୍ର ପାଠ କରିଥିବା ବେଳେ ଅବସର ପ୍ରାପ୍ତ କ୍ରୀଡା ଶିକ୍ଷକ ଗୋଲକ ବିହାରୀ ମଲ୍ଲିକ, ଅରୁଣ କୁମାର ବାରିକ, ବିପିନ ବିହାରୀ ବେହୁରାଙ୍କ ସମେତ ବ୍ଲକର ସମସ୍ତ କ୍ରୀଡା ଶିକ୍ଷକ ଶିକ୍ଷୟତ୍ରୀ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

# ମେଡିକାଲରୁ ବାଇକରେ ଶବ ନେଇଯାଉଥିବା ବେଳେ ଉତେଜନା



ଧର୍ମଶାଳା, (ସବ୍ୟୁ) : ଗତକାଲି ରାତିରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଦେଖିବାକୁ ମିଳିଛି ଅପ୍ରୀତିକର ପରିସ୍ଥିତି । ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ କେତେଜଣ ଯୁବକ ଜଣେ ଯୁବତୀଙ୍କ ମୃତଦେହକୁ ଜୋର ଜବରଦସ୍ତ ନେଇଯାଉଥିବା ବେଳେ ଉତେଜନା ଦେଖିବାକୁ ମିଳିଥିଲା । ସୂଚନା ମୁତାବକ ବ୍ରହ୍ମବାରଦା ଥାନା ବାଲିହୁଡ଼ା ଗ୍ରାମର ଦିନବନ୍ଧୁ ସାହୁଙ୍କ ଝିଅ ମାନସୀ ସାହୁ(୧୮) କୌଣସି କାରଣ ବସତ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲା । ପରିବାର ଲୋକ ରାତି ପ୍ରାୟ ସାଢେ ଆଠଟା ବେଳେ ତାକୁ ମୁମୂର୍ଷ ଅବସ୍ଥାରେ ଧର୍ମଶାଳା ମେଡିକାଲକୁ ଆଣିଥିଲେ। ମାତ୍ର ସେଠାରେ ଡାକ୍ତର ଯୁବତୀଙ୍କୁ ମୃତ ଘୋଷଣା କରିଥିଲେ। ଯୁବତୀଙ୍କୁ ସାଙ୍ଗରେ ନେଇ ମେଡିକାଲ ଆସିଥିବା ଯୁବକମାନେ ମେଡିକାଲ କର୍ତୃପକ୍ଷଙ୍କୁ ଯୁବତୀଙ୍କ ଠିକଣା ନଦେଇ ନିୟୋଜିତ ସୁରକ୍ଷା କର୍ମୀ ଙ୍କୁ ଖରାପ ଭାଷା ରେ ଗାଳି ଗୁଲଜ କରି ଜୋରକରି ଯୁବତୀଙ୍କ ମୃତଦେହକୁ ଏକ ବାଇକରେ ଲଦି ନେଇଯାଉଥିଲେ । ଏହି ସମୟରେ କେତେକ ସମ୍ବାଦିକ ସେଠାରେ ପହଂଚି ଫଟୋ ଉଠାଇବା ସମୟରେ ସାମ୍ବାଦିକମାନଙ୍କୁ ଉକ୍ତ ଯୁବକମାନେ ଦୁର୍ବ୍ୟବହାର କରିଥିଲେ । ଏହି ସମୟରେ ଖବର ପାଇ ଧର୍ମଶାଳା ପୁଲିସ ଘଟଣା ସ୍ଥଳରେ ପହଁଚି ଶବଟିକୁ ଜବତ କରିବା ସହ ବାଇକରେ ବୋହି ନେଉଥିବା ସମ୍ପର୍କୀୟ ୪ଜଣଙ୍କୁ ଧର୍ମଶାଳା ଥାନାରେ ଅଟକ ରଖି ପରେ ବ୍ରାହ୍ମବରଦା ପୁଲିସକୁ ହସ୍ତାନ୍ତର କରିଥିଲା । ବ୍ରାହ୍ମବରଦା ପୁଲିସ ଉକ୍ତ ଯୁବକଙ୍କୁ ପଚାର ଉଚରା କରି ରାତିରେ ଛାଡିଦେଇଥିବା ଜଣାପଡିଛି । ତେବେ ଯୁବତୀ ଜଣକ କଣ ପାଇଁ ଏଭଳି ଆତ୍ମହତ୍ୟା ହତ୍ୟା କରିବାକୁ ନିଷ୍ପତି ନେଲା ତାହା ତଦନ୍ତ ସାପେକ୍ଷ ।

# ଗୁରୁକୂଳ ସ୍କୁଲରେ ଆଲୋଚନାଚକ୍ର



ଚଣ୍ଡିଖୋଲ, (ସବ୍ୟୁ): ଯାଜପୁର ଜିଲ୍ଲାର ନେଉଳପୁର ହରିଦାସପୁର ସ୍ଥିତ ଗୁରୁକୁଳ ପବ୍ଲିକ ସ୍କୁଲରେ ଉତ୍କଳମଣି ଶିଶୁମେଳା ସମିତି ଆନୁକୁଲ୍ୟରେ ମାନବ ଧର୍ମର ବାର୍ତ୍ତାବହ ଉତ୍କଳମଣି ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ସମିତିର ଅଧ୍ୟକ୍ଷ ଅଭିମନ୍ୟୁ ଧଳଙ୍କ ପୌରହିତ୍ୟରେ ଏହି ଆଲୋଚନଖ ଚକ୍ର ଆୟୋଜିତ ହୋଇଥିଲା । ଏଥିରେ ଉଦଘାଟକ ଭାବେ ସଂଛ ସିଦ୍ଧେଶ୍ୱର ମହାରାଜ,ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ଜର୍ଜ ଗୟାଧର ପଣ୍ଡା ଯୋଗଦେଇ ଉତ୍କଳ ମଣିଙ୍କ ତ୍ୟାଗପୂତ ଜୀବନ ଓ ମାନବ ସେବା ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ବିଜୟକେତନ ସାମଲ, ଗୁରୁକୁଳ ପବ୍ଲିକ ସ୍କୁଲର ଅଧକ୍ଷ ପ୍ରଶାନ୍ତକୁମାର ପଣ୍ଡା,ବରିଷ୍ଠ ସମାଜସେବୀ ଉତ୍ତମକୁମାର ଦାସ ପ୍ରମୁଖ ଯୋଗଦାନ କରି ଗୋପବନ୍ଧୁଙ୍କ ନୀତି ଆଦର୍ଶରେ ଆମେ ସଭିଏଁ ଅନୁପ୍ରାଣିତ ହେଲେ ତାହା ତାଙ୍କ ପ୍ରତି ଶ୍ରେଷ୍ଠ ସମ୍ମାନ ହେବ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ସୁରେନ୍ଦ୍ର ସାମଲ, ଶିବରାମ ସାହୁ,ଦିଲ୍ଲୀପକୁମାର ସାହୁ, ଗୋରେଖ ରାଉତ ଓ ନରହରି ବିହାରି ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ । ଗୁରୁକୁଳ ବିଦ୍ୟାଳୟ ତରଫରୁ ସଭାପତି ଅଭୟ ଜେନା, ନିର୍ଦ୍ଦେଶକ ସୁଶାନ୍ତ ମହାପାତ୍ର, ନିର୍ବାହୀ ଅଧିକାରୀ ପ୍ରବୀର କୁମାର କର ଓ ଶିକ୍ଷକ ଚିତ୍ତରଞ୍ଜନ ମହାପାତ୍ର ପ୍ରମୁଖ ସଭାସଂଚାଳନ କରିଥିଲେ । ଶେଷରେ ସାମ୍ବାଦିକ ପ୍ରସନ୍ନ କୁମାର ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ୨ ମଦ ବ୍ୟବସାୟୀ ଗିରଫ

କୁଆଁପାଳ, (ସବ୍ୟୁ) : ମାହାଙ୍ଗା ବ୍ଲକର ବିଭିନ୍ନ ସ୍ଥାନରେ ନିଶ୍ଚିନ୍ତକୋଇଲି ଅବକାରୀ ବିଭାଗ ପକ୍ଷରୁ ଚଢାଉ କରି ୨ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ସୂଚନା ମୁତାବକ ଅବକାରୀ ବିଭାଗ ଏସପି କରୁଣା ପାଲଙ୍କ ନିର୍ଦ୍ଦେଶ କ୍ରମେ ଇନିସପେକ୍ଟର କମଳଲୋଚନ ପାଇକାରାୟ ଙ୍କ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଟିମ ମାହାଙ୍ଗା ବ୍ଲକ ମୂଳବସନ୍ତ ପଂଚାୟତ ମୂଳବସନ୍ତ ଗ୍ରାମର ଗିରିଶ ଚନ୍ଦ୍ର ବିଶ୍ୱାଳଙ୍କ ଘର ନିକଟରୁ ୮ ଲିଟର ଦେଶୀ ବିଦେଶୀ ମଦ ଜବତ କରାଯାଇଥିବାବେଳେ ପଣସପୁର ଗ୍ରାମର ରଶ୍ମିତା ବେହେରାଙ୍କ ଠାରୁ ୪୦ ଲିଟର ହାତ ରନ୍ଧା ଦେଶୀ ମଦ ଜବତ କରିଥିଲେ । ଉଭୟଙ୍କୁ ଗିରଫ କରି କୁଆଁପାଳସ୍ଥିତ ଜେଏମଏଫସିଙ୍କ ଅଦାଲତକୁ ଚାଲାଣ କରାଯାଇଥିବା ଜଣାଯାଇଛି । ଚଢାଉ ସମୟରେ ନିଶ୍ଚିନ୍ତକୋଇଲିଅବକାରୀ ବିଭାଗ ଅଧିକାରୀ ରାଜକିଶୋର ନାୟକ,ଏଏସଆଇ ଚିତରଂଜନ ଦାସ,ତୃପ୍ତି ମୟୀ ପରିଡା,ଖଗେଶ୍ୱର ବେହେରା,ଗୀତାଞ୍ଜଳି ବେହେରା ପ୍ରମୁଖ ସାମିଲ ଥିଲେ ।

# ସାଂସଦ ଖେଳ ମହୋତ୍ସବ ୨୦୨୫ ଉଦ୍‌ଘାଟିତ

କେନ୍ଦ୍ରାପଡ଼ା, (ସବ୍ୟୁ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ପ୍ରତି ଲୋକସଭା ସ୍ତରରେ ଆୟୋଜିତ ହେଉଥିବା ସାଂସଦ ଖେଳ ମହୋତ୍ସବ -୨୦୨୫ କେନ୍ଦ୍ରାପଡ଼ା ଲୋକସଭାରେ ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ପତାକା ଉତ୍ତୋଳନ କରି ଉଦଘାଟନ କରିଛନ୍ତି । ସ୍ଥାନୀୟ କେନ୍ଦ୍ରାପଡ଼ା ଉଚ୍ଚ ବିଦ୍ୟାଳୟ ପଡିଆରେ ମହୋତ୍ସବ ପରିଚାଳନା ସମିତି ସଭ୍ୟ ତଥା ବିଜେପି ସଂଖ୍ୟାଲଘୁ ମୋର୍ଚ୍ଚା ଉପସଭାପତି ସଲିମ ଖାଁ ଙ୍କ ସଂଯୋଜନାରେ ଆୟୋଜିତ ଏକ ସଭାରେ ସାଂସଦ ଶ୍ରୀ ପଣ୍ଡାଙ୍କ ସମେତ ମହାକାଳପଡ଼ାର ବିଧାୟକ ଡ଼ ଦୁର୍ଗା ପ୍ରସନ ନାୟକ, ଜିଲ୍ଲାପାଳ ରଘୁରାମ ଆର ଆୟାର,ବିଜେପି ରାଜ୍ୟ ଉପସଭାପତି ବିଷ୍ଣୁ ଦାସ, ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, ବିଜେପି ନେତା କୃଷଚନ୍ଦ୍ର ପଣ୍ଡା, ତେଜେଶ୍ୱର ପରିଡା, ଲଳିତ ବେହେରା,ଗୀତାଞ୍ଜଳୀ ସେଠୀ,ସୁମନ୍ତ ଘଡେଇ,ମହୋତ୍ସବର ସଂଯୋଜକ ସୁନାକର ବେହେରା, ମହିଳା କମିଶନ ସଦସ୍ୟ ଡ଼ କଳ୍ପନା ମଲ୍ଲିକ,କିଶୋର କୁମାର ପଣ୍ଡା,ଦୁର୍ଯ୍ୟୋଧନ ସାହୁ, ଜିଲ୍ଲା ଉପସଭାପତି ଅଭିମନ୍ୟୁ ଗୋଛାୟତ,ସଞ୍ଜୟ ରଥ, ସାଧାରଣ ସମ୍ପାଦକ ଉପିନ କୁମାର ରାଉତ, ଜ୍ୟୋତ୍ସ୍ନାରାଣୀ ଜେନା,ଜାନକୀ ପ୍ରଧାନ, ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ,ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ଜିଲ୍ଲା ଶାରୀରିକ ନିରୀକ୍ଷକ ସ୍ମିତାପ୍ରଭା ସାହୁ ପ୍ରମୁଖ ଯୋଗଦେଇ କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ରରେ କ୍ରୀଡା କ୍ଷେତ୍ରରେ ଲୁକ୍କାୟିତ ପ୍ରତିଭା ମାନଙ୍କୁ ଲୋକଲୋଚନକୁ ଆଣିବା ଓ ସେମାନଙ୍କୁ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ନିଜର ଉତ୍କର୍ଷତାକୁ ପ୍ରତିପାଦନ କରିବା ପାଇଁ ସୁଯୋଗ ଦେବା ଏହି ଖେଳ ମହୋତ୍ସବର ଉଦ୍ଦେଶ୍ୟ ବୋଲି ମତବ୍ୟକ୍ତ କରିଥିଲେ । ପ୍ରକାଶ ଥାଉକି, ଏହି ମହୋତ୍ସବରେ କେନ୍ଦ୍ରାପଡ଼ା ଲୋକସଭାରେ ପଞ୍ଜିକୃତ ହୋଇଥିବା ପ୍ରାୟ ପଚାଶ ହଜାର କ୍ରୀଡ଼ାବିତଙ୍କୁ ନେଇ ପ୍ରଥମେ ଜିଲ୍ଲା ପରିଷଦ ଜୋନ ସ୍ତରରେ, ତା ' ପରେ ବ୍ଲକ ସ୍ତରରେ ଓ ଆସନ୍ତା ଡ଼ିସେମ୍ବର ୨୫ ତାରିଖରେ ସୁଦ୍ଧା ଲୋକସଭା ସ୍ତରରେ ପ୍ରାୟ ୮ ପ୍ରକାର ଖେଳକୁ ନେଇ ପ୍ରତିଯୋଗିତାମାନ ଆୟୋଜନ କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ।

## ବ୍ୟାଙ୍କ ଆଗରୁ ବାଇକ୍ ଚୋରି

ଚଣ୍ଡିଖୋଲ,(ସବ୍ୟୁ): ଯାଜପୁର ଜିଲ୍ଲାର ଚଣ୍ଡିଖୋଲ ବଜାରରେ ଥିବା କାନାରା ବ୍ୟାଙ୍କ ସମ୍ମୁଖରୁ ଶୁକ୍ରବାର ଦିନ ଏକ ମୋଟର ସାଇକେଲ ଚୋରି ହୋଇଥିବା ପୋଲିସ ନିକଟରେ ଅଭିଯୋଗ ହୋଇଛ । ଜେନାପୁର ଥାନା ତୁରଙ୍ଗନୂଆଗାଁ ଗ୍ରାସର କୁମର ନାୟକ ନିଜ ମଟର ସାଇକଲକୁ କାନାରା ବ୍ୟାଙ୍କ ସମ୍ମୁଖରେ ରଖି କାମ ପାଇଁ ବ୍ୟାଙ୍କ ଭିତରକୁ ଯାଇଥିଲେ । କୁମାର ବ୍ୟାଙ୍କରୁ କାମ ସାରି କିଛି ସମୟ ପରେ ଆସି ଦେଖନ୍ତିତ ତାଙ୍କ ମଟର ସାଇକଲକୁ ଜଣେ ଅଜଣା ବ୍ୟକ୍ତି ଷ୍ଟାର୍ଟ କରି ନେଉଥିବା ଦେଖି ସେ ପାଟିକରି ତା ପଛରେ ଗୋଡାଇଥିଲେ । କିନ୍ତୁ ଲୋକଟି ମୋଟର ସାଇକେଲ ନେଇ ଦୃତ ଗତୀରେ ପଳାଇ ଯାଇଥିଲା । ଶେଷରେ ନିରାସ ହୋଇ କୁମର ନାୟକ ଏ ନେଇ ଚଣ୍ଡିଖୋଲ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି ।

# ତେଲ ଚୋରିର ଭୁସ୍ୱର୍ଗ ପାଲଟିଲାଣି ପାରାଦୀପ

ପାରାଦୀପ ,( ଜି ପ୍ର ): ଚୋରକୁ ଚିହ୍ନିଛନ୍ତି ବଡ ଚୋର , ପୁରୁଣା ଚୋରକୁ ମୂଷା ନ୍ୟାୟରେ ଏବେ ତେଲ ଚୋରିକୁ ନେଇ ପାରାଦୀପରେ ଜୋରସୋର ଚର୍ଚ୍ଚା । କାରଣ କିଛି ତେଲ ଚୋର ଏବେ ଅନ୍ୟ ଏକ ତେଲ ଚୋରି ଗୋଷ୍ଠୀକୁ ଧରାଇ ଦେବାକୁ ନେଇ ଆରମ୍ଭ ହୋଇଛି ଛକାପାଞ୍ଝ । ବନ୍ଦର ନଗରୀ ପାରାଦୀପର ତିନୋଟି ତେଲ ଡିପୋରୁ ରାଜ୍ୟର ବିଭିନ୍ନ ତେଲ ଡିପୋକୁ ତେଲ ଟ୍ୟାଙ୍କର ମାଧ୍ୟମରେ ତେଲ ସପ୍ଲାଇ କରାଯାଉଛି । ଏହି ତେଲ ଟ୍ୟାଙ୍କରରୁ କିଛି ଚୋର ଡ୍ରାଇଭରଙ୍କୁ ହାତକାରୀ ପାରାଦୀପର ବିଭିନ୍ନ ଜାଗାରେ ତେଲ କାଟି ରଖୁଛନ୍ତି । ପରିତ୍ୟକ୍ତ ଜାଗାରେ ଏକାଧିକ ତେଲ ବ୍ୟାରେଲ ଭର୍ତି ହେବାପରେ ଏମାନେ ସେହି ତେଲକୁ କିଛି ରିହାତି ମୂଲ୍ୟରେ ବିକ୍ରି କରି ଲକ୍ଷ ଲକ୍ଷ ଟଙ୍କା ମୁନାଫା କମାଉଥିବା ବେଳେ କିଛି ଚୋର ତୈଳ ବିଶୋଧନାଗାର କୁ ଯାଇଥିବା ପାଇପ ଲାଇନ ରୁ ମଧ ତେଲ ଚୋରି କରି କୋଟିପତି ପାଲଟିଗଲେଣି । ସେହିପରି ବନ୍ଦର ନିଷିଦ୍ଧାଞ୍ଚଳକୁ ଯାଉଥିବା କିଛି ଟ୍ୟାଙ୍କର ମଧ୍ୟରୁ ମଧ ଏହି ଅସାଧୁ ତେଲ ଚୋର ମାନେ ତେଲ ଚୋରି କରି ଆଣି ବିକ୍ରି କରୁଛନ୍ତି । ଗତ କିଛି ମାସ ତଳେ ପିପିଏଲ ଛକ ନିକଟରେ ଥିବା ଏକ କଣ୍ଟେନରରେ ଚୋରା ତେଲ ଗଛିତ ଥିବାବେଳେ ଚୋର ମାନଙ୍କ ମଧ୍ୟରେ ବ୍ୟବସାୟିକ ବିବାଦ ହେତୁ ବୋମାମାଡ଼ ହୋଇ କଣ୍ଟେନର ନିଆଁ ଲାଗିଲା ଓ ଦୁଇଟି ଟ୍ରକ ମଧ ପୋଡିଗଲା । ଅନେକ ସମୟ ହେବ ଏହି ବ୍ୟବସାୟ ଟିକେ ଧିମା ପଡିଥିବା ବେଳେ ପୁଣି ଗତ କିଛିମାସ ହେବ ଏହି ତେଲ ଚୋରି ଆରମ୍ଭ ହୋଇଛି । ନିଜକୁ କୁଜିନେତାଙ୍କ ସମ୍ପର୍କୀୟ ପରିଚୟ ଦେଇ କିଛି ଦିନ ହେବ ପୋଲିସ ଓ ପ୍ରଶାସସନର ଅନୁକମ୍ପା ହାତେଇ ବେଶ ଭଲ ଭାବେ ତେଲ ଚୋରି କରି ଗଛିତ ରଖି ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କ କାଳ ହୋଇଛନ୍ତି ଆଉ ଦଳେ ଚୋର ଟର୍ମିନାଲ ଛକର କିଛି ଦୁରରେ ଥିବା ନୂତନ ନିର୍ମାଣାଧୀନ ରାସ୍ତାରେ ଥିବା ଏକ ପରିତ୍ୟକ୍ତ ଜାଗା ଓ ରାଇସମିଲ ପାଖରେ ଥିବା ଏକ ହୋଟେଲ ପଛ ପଟେ ଏହି ଚୋର ମାନେ ତେଲ ଗଛିତ ରଖୁଥିବା ବେଳେ ଏକ ପୁରୁଣା ବ୍ୟବସାୟୀ ଗତ ଚାରିଦିନ ହେବ ଟର୍ମିନାଲ ଛକକୁ ଆସି ତେଲ ଚୋରି ବ୍ୟବସାୟ ଆରମ୍ଭ କରିଥିଲା । ସେଠାରେ ପୂର୍ବରୁ ଚୋରା ତେଲ ବ୍ୟବସାୟ କରୁଥିବା ଚୋର ମାନେ ଅତି ସତର୍କତାର ସହ ତେଲ କଟାହେବା ବେଳେ ପୋଲିସକୁ ଖବର ଦେଇ ଧରାଇ ଦେଇଥିବା ଚର୍ଚ୍ଚା ହେଉଛି । ପୋଲିସ ୪୨୦ ଲିଟର ଚୋରା ଡିଜେଲ ଧରିଥିବା ବେଳେ ଦୁଇ ଡ୍ରାଇଭର ଙ୍କୁ ଧରି ଥାନାକୁ ଆଣିଛି । କିନ୍ତୁ ଏହି ତେଲକୁ ଚୋରି କରୁଥିବା ରାକେଟର ମୁଖ୍ୟ ଖସିଯିବା ଓ ଉଭୟ ତେଲ ଚୋରି ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଥିବା ଶୁଣିବାକୁ ମିଳିଛି । ଗୋଟିଏ ଗୋଷ୍ଠୀ କିଭଳି ଭାବେ ଦୀର୍ଘଦିନ ହେବ ସେହି ଜାଗାରେ ତେଲ ବ୍ୟବସାୟ କରୁଛନ୍ତି ଓ ଦିନରାତି କାହା ଅନୁକମ୍ପାର ସେମାନଙ୍କ ପାଖରେ ପୋଲିସ ପହଂଚି ପାରୁନାହିଁ , ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି । ରାତି ହେଲେ ଉକ୍ତ ଚୋର ଗୋଷ୍ଠୀର କିଛି ଚୋର ଆସି ଥାନା ପାଖରେ ଟହଲ ମାରୁଥିବା ମଧ ଦେଖିବାକୁ ମିଳିଛି । ସେମାନେ କୁଆଡେ ମାସିକିଆ ଚାନ୍ଦା ଦେଇ ସମସ୍ତଙ୍କ ମୁହଁ ବନ୍ଦ କରିଥିବା ଓ ତାଙ୍କର କେହି କିଛି କରିପାରିବେ ନାହିଁ ବୋଲି ସମସ୍ତଙ୍କୁ ଅଭୟ ବାଣୀ ଶୁଣାଉଛନ୍ତି । ପ୍ରଶାସନ ପାଖରେ ଏମାନେ ସଦାସର୍ବଦା ଘୁରି ବୁଲୁଥିବା ଓ ନିଜକୁ କିଛି ନେତାଙ୍କ ସମ୍ପର୍କୀୟ କହି ଅନୁକମ୍ପା ହାସଲ କରୁଥିବା ବେଳେ ଏମାନଙ୍କ ପାଖରେ କେବେ ପୋଲିସ ପହଂଚିବ ଓ ଏହି ତେଲ ଚୋରଙ୍କ ମୁଖ ଖୋଲିବା ତାହା ଦେଖିବାକୁ ବାକି ରହିଲା ।

## ସାଂସଦ ଓ ବିଧାୟକଙ୍କ ଦ୍ୱାରା ରାସ୍ତାର ଶିଳାନ୍ୟାସ



ନିଶ୍ଚିନ୍ତକୋଇଲି, (ସବ୍ୟୁ) : ଆଜି କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା ଓ ମାହାଙ୍ଗା ସ୍ୱାଧିନ ବିଧାୟକ ସାରଦା ପ୍ରଧାନଙ୍କ ଦ୍ୱାରା ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ ପ୍ରାୟ ୨୦କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦରେ ୨ଟି କେନାଲ ବନ୍ଧ ରାସ୍ତାର ଶିଳାନ୍ୟାସ କରାଯାଇଛି। ଏହି ଅବସରରେ ସାଂସଦ ଶ୍ରୀ ପଣ୍ଡା ହେଲିକପ୍ଟର ଯୋଗେ କେନ୍ଦୁପାଟଣା ନିୟନ୍ତ୍ରୀତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ଓହ୍ଲାଇଥିଲେ।

## ପ୍ରାଥମିକ ଚିକିତ୍ସା ତାଲିମ୍ କାର୍ଯ୍ୟକ୍ରମ

କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡ଼ାର ପୌରାଂଚଳ ଅନ୍ତର୍ଗତ ଗୋପସ୍ଥିତ ତୁଳସୀ ମହିଳା ମହା ବିଦ୍ୟାଳୟର ଯୁବ ରେଡ୍‌କ୍ରସ୍ ଆନୁକୁଲ୍ୟରେ 'ପ୍ରାଥମିକ ଚିକିତ୍ସା , ବିପର୍ଯ୍ୟୟ ପରିଚାଳନା ଏବଂ ସଡ଼କ ସୁରକ୍ଷା' ଶୀର୍ଷକକୁ ନେଇ ଏକ ଓରିଏଂଟେସନ୍ ଓ ଟ୍ରେନିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହା ବିଦ୍ୟାଳୟର ଅଧ୍ୟକ୍ଷ ଡ଼ ମଥୁରି ଚରଣ ନାୟକ ପୌରହିତ୍ୟ କରି ପ୍ରାଥମିକ ଚିକିତ୍ସା ଓ ସୁରକ୍ଷା ଉପରେ ଛାତ୍ରୀ ମାନଙ୍କୁ ସଚେତନ କରାଇଥିଲେ। ଯୁବ ରେଡ୍‌କ୍ରସ୍‌ର ସଂଯୋଜିକା ଡ଼ ସୁଜାତା ଭଞ୍ଜ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରାଥମିକ ଚିକିତ୍ସା , ବିପର୍ଯ୍ୟୟ ପରିଚାଳନା ଏବଂ ସଡକ ସୁରକ୍ଷାର ମାଷ୍ଟର ଟ୍ରେନର୍ ଦୀପକ କୁମାର ଚୌଧୁରୀ ପାଣିରେ ବୁଡିଯିବା , ନିଆଁରେ ପୋଡି ହେବା, ରାସ୍ତାରେ ଯାନବାହନ ଜନିତ ଦୁର୍ଘଟଣାରେ ଗୋଡହାତ ଭାଙ୍ଗିବା ଭଳି ଅଘଟଣ ଉପରେ ଟ୍ରେନିଂ ଦେଇ ଛାତ୍ରୀ ମାନଙ୍କୁ ସଚେତନ କରିବା ସହିତ ସୁରକ୍ଷିତ ରହିବା ପାଇଁ ପରାମର୍ଶ ଦେଇଥିଲେ। ଯୁବ ରେଡ୍‌କ୍ରସ୍‌ର ସହ ସଂଯୋଜିକା ଦୀପ୍ତିପ୍ରଭା ସେଠୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସହ ସଂଯୋଜକ ରଞ୍ଜିତ ଦାସ ଓ ବଳରାମ ବାରିକ ସହଯୋଗ କରିଥିଲେ।

## ବିଏମ୍‌ସି ପକ୍ଷରୁ ଲଟେରୀ ମାଧ୍ୟମରେ ଗୃହ ଆବଣ୍ଟନ

# ସାଲିଆସାହିର ୪୪ ପରିବାରକୁ ସୁଲଭ ଆବାସ ଗୃହ

ଭୁବନେଶ୍ୱର(ସବ୍ୟୁ): ସାଲିଆ ସାହି ବାମ ସମାନ୍ତରାଳ ରାସ୍ତା ନିର୍ମାଣ ପାଇଁ ସ୍ଥାନାନ୍ତର ହେବେ ୨୧ ନମ୍ବର ୱାର୍ଡର ୨୭୫ ପରିବାର । ଶନିବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସେମାନଙ୍କୁ ସୁଲଭ ଆବାସ ଯୋଜନାରେ ଲଟେରୀ ମାଧ୍ୟମରେ ୪୪ ଗୋଟି ପରିବାରକୁ ଗୃହ ଆବଣ୍ଟନ କରାଯାଇଛି । ଏହି ପରିବାରଗୁଡ଼ିକୁ ଚନ୍ଦ୍ରଶେଖରପୁର ଅନ୍ତର୍ଗତ ବୁଦ୍ଧ ବିହାର ଆବାସ ପ୍ରକଳ୍ପକୁ ସ୍ଥାନାନ୍ତର କରିବା ପାଇଁ ବିଏମ୍‌ସି ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇଛି ।

ସ୍ଥାନାନ୍ତର ହେବାକୁ ଥିବା ପରିବାରଗୁଡିକର ପ୍ରାଥମିକ ସର୍ଭେ କରାଯାଇଥିଲା । ସେହି ସର୍ଭେ ଫଳାଫଳକୁ ଆଧାର କରି, ୨୭୪ ଜଣ ହିତାଧିକାରୀଙ୍କୁ ଚନ୍ଦ୍ରଶେଖରପୁର (ବୁଦ୍ଧ ବିହାର)ରେ ଏଏଚ୍‌ପି ଘର ଆବଣ୍ଟନ ପାଇଁ ଅସ୍ଥାୟୀ ଭାବେ ଚୟନ କରାଯାଇଛି । ସେମାନଙ୍କ ସମସ୍ତ କାଗଜାତ ଯାଞ୍ଚ ପରେ ଗୃହ



ପ୍ରଦାନ କରାଯିବ ବୋଲି ବିଏମ୍ ସି ପକ୍ଷରୁ କୁହାଯାଇଛି । ଉଚ୍ଛେଦ ଏବଂ ପୁନର୍ବାସ ନିୟମ ଅନୁଯାୟୀ, ସ୍ଥାନାନ୍ତର ସମୟରେ ପ୍ରଭାବିତ ପରିବାରଙ୍କୁ ମୌଳିକ ଜରୁରୀ ସହାୟତା ଯୋଗାଇଦେବା ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଇଛି । ଯେଉଁଥିରେ ସେମାନଙ୍କର ପରିବହନ, ୩ ଦିନ ପାଇଁ ଖାଦ୍ୟ ସୁବିଧା, ସ୍ଥାୟୀ ବିଦ୍ୟୁତ ସଂଯୋଗ ଏବଂ ଟିପିସିଓଡିଏଲ ଓ ୱାଟକୋ ପରି ସମ୍ପୃକ୍ତ ଏଜେନ୍ସି ସହିତ ସମନ୍ୱୟ ରକ୍ଷା କରି ଜଳ ଯୋଗାଣ ବ୍ୟବସ୍ଥା ମଧ୍ୟ କରାଯାଇଛି ।

ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମାନ୍ୟବର ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ବିଏମସି ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଂଜୁଲତା କହଁର, ବିଏମ୍‌ସି କମିଶନର ଚଞ୍ଚଳ ରାଣା ପ୍ରମୁଖ ଉପସ୍ଥିତ ଥିଲେ । ଲଟେରୀ ମାଧ୍ୟମରେ ଗୃହ ଆବଣ୍ଟନ କରିବା ଅର୍ଥ ହେଉଛି ଆବଣ୍ଟନରେ ସ୍ୱଚ୍ଛତା ରକ୍ଷା କରିବା । ଭୁବନେଶ୍ୱରରେ ନିଜ ନିଜର ସ୍ୱପ୍ନର ଘର ପାଇ ହିତାଧିକାରୀମାନେ ସୁଖ ଓ ଶାନ୍ତିରେ ନିଜ ଘରେ ରହୁଥିବାରୁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ଏହି ପ୍ରକ୍ରିୟା ଜାରି ରହିବ । ଏଥିପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଉଥିବାରୁ ଧନ୍ୟବାଦ ଜଣାଇଛନ୍ତି ମେୟର ଶ୍ରୀମତୀ ଦାସ ।

## ଏନଏସି ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଆଠଗଡ ,(ସବ୍ୟୁ): ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ପରିମଳ ବ୍ୟବସ୍ଥାର ଘରୋଇକରଣ ହେବା ପରେ କାର୍ଯ୍ୟରତ ସଫେଇ କର୍ମଚାରୀମାନେ ଠିକ ସମୟରେ ସେମାନଙ୍କ ପାରିଶ୍ରମିକ ପାଉ ନାହାଁନ୍ତି । ସେମାନଙ୍କ ର ଇପିଏଫ ଆକାଉଣ୍ଟ ମଧ ଠିକ ଭାବରେ ପରିଚାଳିତ ହେଉନାହିଁ । ଏମିତି କି ସଫେଇ କର୍ମଚାରୀମାନେ ମଧ ଦୀର୍ଘ ଦିନ ଧରି ପୋଷାକ ପାଇବାରୁ ବଞ୍ଚିତ ହେଉଛନ୍ତି ।ଏ ବାବଦରେ କେହି କର୍ମଚାରୀ ମୁହଁ ଖୋଲିଲେ ଠିକା ସଂସ୍ଥା ତାଙ୍କୁ ବାହାର କରି ଦେବାକୁ ଧମକ ଚମକ ଦେଉଥିବା ଅଭିଯୋଗ ହୋଇଛି ।ଏ ବାବଦରେ କର୍ମଚାରୀ ମାନେ ବାରମ୍ବାର ବିଜ୍ଞାପିତ ଅଞ୍ଚଳ ପରିଷଦ ର ନିର୍ବାହୀ ଅଧିକାରୀ ଏବଂ ଅଧକ୍ଷା ଙ୍କୁ ଅଭିଯୋଗ କଲେ ମଧ ଏହାର କୌଣସି ସୁଫଳ ମିଳିନଥିଲା । ପରିଣାମ ସ୍ୱରୂପ ଶନିବାର ଦିନ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ର ସମସ୍ତ ସଫେଇ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ । ଫଳରେ ଆଜି ସହରର ପରିମଳ ବ୍ୟବସ୍ଥା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡିଥିବା ଦେଖିବାକୁ ମିଳିଥିଲା । ଅପରାହ୍ନ ରେ ଠିକା ସଂସ୍ଥା ର କର୍ମଚାରୀ ଏବଂ ସଫେଇ କର୍ମଚାରୀଙ୍କ ସହିତ ବିଜ୍ଞାପିତ ଅଞ୍ଚଳ ପରିଷଦର୍ନିର୍ବାହୀ ଅଧିକାରୀ ଓ ଉପାଧକ୍ଷ ଙ୍କ ସହିତ ମିଳିତ ଆଲୋଚନାରେ ଏହି ସବୁ ସମସ୍ୟା ର ତୁରନ୍ତ ସମାଧାନ ପାଇଁ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

## ଅସମ୍ପୂର୍ଣ୍ଣ ଅବସ୍ଥାରେ ଦେବୋତ୍ତର କାର୍ଯ୍ୟାଳୟ ଗୃହ

କଣ୍ଟିଲୋ,(ସବ୍ୟୁ): ନୀଳମାଧବ ରୂପାନ୍ତରଣ ପ୍ରକଳ୍ପ ପାଇଁ ୧୦୦କୋଟି ଘୋଷଣା ପରେ ବି ମନ୍ଦିର ର ମୁଖ୍ୟ ମୌଳିକ ସମସ୍ୟା ପ୍ରତି ଦୃଷ୍ଟି ଦିଆଯାଇନଥିବା ଅଭିଯୋଗ ହେଉଛି। ମନ୍ଦିର ପ୍ରଶାସନିକ ଅଫିସ ଗୃହ ଏ ପର୍ଯ୍ୟନ୍ତ ନିର୍ମାଣ ହୋଇନାହିଁ। ମନ୍ଦିର ଉପରେ ଏକ ଛୋଟ ଗମ୍ଭୀରା ଘରେ ଚାଲିଛି ଅଫିସ।ସେଠି କୌଣସି ବୋର୍ଡ ଲଗାଯାଇନାହିଁ । ପ୍ରାୟ ୧୦ ବର୍ଷ ପୂର୍ବରୁ ୨୦୧୫ ରେ ନୀଳମାଧ ମନ୍ଦିର ପୂର୍ବ ଦ୍ୱାର ଠାରେ ଏକ ଚାଳ ଘରେ ଚାଲିଥିବା ଅଫିସ ଗୃହ କୁ ୨ମହଲା ବିଶିଷ୍ଟ କୋଠା ରେ ପରିଣତ କରାଯିବା ପାଇଁ ଓଟିଡିସି ପକ୍ଷରୁ ପଦକ୍ଷେପ ନିଆଯାଇଥିଲା।ଏଥିପାଇଁ ପ୍ରାୟ ୪୦ଲକ୍ଷ ଟଙ୍କା ବ୍ୟୟ ବରାଦ ରେ ନିର୍ମାଣ କାର୍ଯ୍ୟ ଇନଟାକ ମାଧ୍ୟମରେ ହୋଇଥିଲା। ତେବେ ଉକ୍ତ ଅଫିସ ଗୃହ କିନ୍ତୁ ସମ୍ପୂର୍ଣ୍ଣ ହୋଇପାରିନଥିଲା। ନିମ୍ନମାନର ନିର୍ମାଣ କାର୍ଯ୍ୟ ଓ ଅବଧି ସମୟ ମଧ୍ୟରେ ନିର୍ମାଣ କାର୍ଯ୍ୟ ସମ୍ପାଦନ କରିପାରିନଥିବାରୁ ତତ୍କାଳୀନ ଜିଲ୍ଲାପାଳ ପୋମା ଟୁଡୁ ଇନଟାକ ସହିତ ବୁଝାମଣା ରଦ୍ଦ କରିଥିଲେ ଓ ଅଫିସ ନିର୍ମାଣ ଶେଷ କରିବାକୁ ନୀଳମାଧ ମନ୍ଦିର ରୂପାନ୍ତରଣ ପ୍ରକଳ୍ପ ହାତକୁ ନେଇଥିବା ଓବିସିସି କୁ ନିର୍ଦ୍ଦେଶ ଦେଇଥିଲେ। ଅଫିସ ଗୃହ ର ପୁନଃ ନିର୍ମାଣ ରୂପାନ୍ତରଣ ଯୋଜନା ରେ ରହିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ। ସିଂହ ଦ୍ୱାର ର ଉନ୍ନତିକରଣ ଯଥା ଅଫିସ ଗୃହ ନିର୍ମାଣ ସମେତ ହସ୍ତପାଦ ପ୍ରକ୍ଷଳନ କେନ୍ଦ୍ର, ପର୍ଯ୍ୟଟକ ବିଶ୍ରାମ କକ୍ଷ ଆଦି ପୂର୍ବ ଦ୍ୱାର ର ବିକାଶ କାର୍ଯ୍ୟ ହୋଇପାରିନାହିଁ ତେବେ ଗୁରୁତ୍ୱପୂର୍ଣ୍ଣ ଯେ ପୂର୍ବ ରୁ ଇନଟାକ ଅଫିସ ଗୃହ ସମ୍ପୂର୍ଣ୍ଣ ନକରି ୩୫ଲକ୍ଷ ଟଙ୍କା ବିଲ ନେଇସାରିଥିବା ବେଳେ ନିମ୍ନ ମାନର ନିର୍ମାଣ କାର୍ଯ୍ୟ ଯୋଗୁଁ ଏବେ ଏହି ୨ମହଲା କୋଠା ଭୁଶୁଡିବା ଆଶଙ୍କା ସୃଷ୍ଟି ହୋଇଛି ।

ନୀଳମାଧ ରୂପାନ୍ତରଣ କାର୍ଯ୍ୟ ଗତ ୩ ବର୍ଷ ଧରି ଚାଲିଥିଲେବି ଏ ପର୍ଯ୍ୟନ୍ତ ପୂର୍ବ ଦ୍ୱାର ବିକାଶ କାର୍ଯ୍ୟ ଆରମ୍ଭ ହୋଇନାହିଁ।ଇତି ମଧ୍ୟରେ କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବଙ୍କ ଅନୁରୋଧ କ୍ରମେ ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତା ରେ ଏକ ବୈଠକ ଅନୁଷ୍ଠିତ ହୋଇ ନୀଳମାଧବ ପ୍ରକଳ୍ପ ର ଅଗ୍ରଗତି ସମ୍ପର୍କ ରେ ଆଲୋଚନା କରାଯାଇଥିଲା। ଏଇ ଆଲୋଚନାରେ ସାଂସଦ ଭର୍ତ୍ତୃହରି ମହତାବ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ସମେତ ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ। ଖୁବଶିଘ୍ର ପ୍ରକଳ୍ପ କାର୍ଯ୍ୟତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ଶ୍ରୀଯୁକ୍ତ ହରିଚନ୍ଦନ ବିଭାଗୀୟ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି ।

## ରାଉରକେଲାରେ ବିଗ୍ ବାସ୍କେଟ୍‌ର ୧୦-ମିନିଟ୍ ଡେଲିଭରି ସେବା

ଭୁବନେଶ୍ୱର, (ସବ୍ୟୁ): ଏକ ଟାଟା ଏଣ୍ଟରପ୍ରାଇଜ୍, ବିଗ ବାସ୍କେଟ୍, ରାଉରକେଲାରେ ଏହାର ଦ୍ରୁତ ଡେଲିଭରି ସେବା ଆରମ୍ଭ କରିଛି । ଯାହା ସହରର ସପିଂ ଅଭିଜ୍ଞତାରେ ଏକ ଗୁରୁତ୍ୱପୂର୍ଣ୍ଣ ଉନ୍ନତି। ବିଗ ବାସ୍କେଟ୍ ରାଉରକେଲା ବାସିନ୍ଦାଙ୍କୁ ୧୦,୦୦୦ରୁ ଅଧିକ ଉତ୍ପାଦର ବିବିଧ ଚୟନ ପ୍ରଦାନ କରେ। ଯେଉଁଥିରେ ତାଜା ଉତ୍ପାଦ, ଇଲେକ୍ଟ୍ରୋନିକ୍ସ ଏବଂ ବ୍ୟକ୍ତିଗତ ଯତ୍ନ ଆବଶ୍ୟକୀୟ ସାମଗ୍ରୀ ଅନ୍ତର୍ଭୁକ୍ତ। ଯାହା ସମସ୍ତ ଏକ ପ୍ରଭାବଶାଳୀ ୧୦ ମିନିଟ୍ ମଧ୍ୟରେ ବିତରଣ କରାଯାଏ। ଏହି ସେବା ସୁବିଧାକୁ ପୁନଃପରିଭାଷିତ କରିବା ପାଇଁ ଡିଜାଇନ୍ କରାଯାଇଛି। ଯାହା ଗ୍ରାହକମାନଙ୍କୁ ଅଭୂତପୂର୍ବ ଗତିରେ ସେମାନଙ୍କ ଘରୁ ଆରାମରେ କିଣାକିଣି କରିବାକୁ ସକ୍ଷମ କରିଥାଏ। ରାଉରକେଲା ଏକ ଦ୍ରୁତ ଗତିରେ ସହରୀ ହବ୍‌ରେ ପରିଣତ ହେବା ସହିତ, ଏହାର ବାସିନ୍ଦାମାନେ ବର୍ଦ୍ଧିତ ଭାବରେ ସ୍ମାର୍ଟ ଏବଂ ଅଧିକ ଦକ୍ଷ ସପିଂ ସମାଧାନ ଖୋଜୁଛନ୍ତି । ଦ୍ରୁତ, ସୁବିଧା ଏବଂ ନିର୍ଭରଯୋଗ୍ୟତା ପାଇଁ ସହରର ବର୍ଦ୍ଧିତ ଚାହିଦା ଏହାକୁ ବିଗବାସ୍କେଟର ୧୦-ମିନିଟ୍ ଡେଲିଭରି ସେବା ପାଇଁ ଏକ ଆଦର୍ଶ ଲକ୍ଷ୍ୟସ୍ଥାନ କରିଥାଏ ।

ଜୀବନଶୈଳୀ ବ୍ୟସ୍ତବହୁଳ ହେବା ଏବଂ ଡିଜିଟାଲ ଗ୍ରହଣ ବୃଦ୍ଧି ପାଇବା ସହିତ, ଏହି ସମୟୋଚିତ ଲଞ୍ଚ ରାଉରକେଲାର ପରିବର୍ତ୍ତିତ ଗ୍ରାହକ ଅଭ୍ୟାସ ଏବଂ ବର୍ଦ୍ଧିତ ଆଶା ସହିତ ସମ୍ପୂର୍ଣ୍ଣ ଭାବରେ ସମନ୍ୱିତ ହୁଏ।ଏହି ମାଇଲଖୁଣ୍ଟ ବିଷୟରେ କହିବାକୁ ଗଲେ, ବିଗବାସ୍କେଟର ଜାତୀୟ ବ୍ୟବସାୟ ମୁଖ୍ୟ - ଟିୟର ୨, ଶଶି ଶେଖର କହିଛନ୍ତି, ଆମେ ରାଉରକେଲାରେ ବିଗବାସ୍କେଟକୁ ପରିଚିତ କରାଇ ଆନନ୍ଦିତ ।

## କରତକଳରେ ବନବିଭାଗ ଚଢ଼ାଉ

ବଳଙ୍ଗା, (ସବ୍ୟୁ): ପୁରୀ ଜିଲ୍ଲା ଫରେଷ୍ଟ ଅଧିକାରୀ ଅଶୋକ କୁମାର ବେହେରା ( ଏସ ଏଫ ) ଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ଦିନ ଭୋର ୪ଟାରେ ବଳଙ୍ଗା ସ୍ଥିତ ଏକ କରତ କଳ ଓ ରଡ଼ ବଜାର ଅଧିନ ବଉଳପଦା ଠାରେ ଥିବା କରତ କଳ ଦୁଇ ଗୋଟି ଉପରେ ଚଢ଼ାଉ କରାଯାଇଛି. ।ଚଢ଼ାଉ ସମୟରେ ଲକ୍ଷାଧିକ ଟଙ୍କାର ଯନ୍ତ୍ରାସ ଏବଂ ଏକ ସୋନାଲିକା ଟ୍ରାକ୍ଟର ଜବତ କରାଯାଇଛି। ଏହା ଦୀର୍ଘ ଦିନ ଧରି ବେଆଇନ ଭାବରେ ବେଧ ଭାବରେ ଚାଲି ଥିଲା।

ତାହାରି ମଧ୍ୟରେ ସ୍ଥାନୀୟ ଅଞ୍ଚଳ ମାନଙ୍କରେ ଥିବା ବିଭିନ୍ନ ସରକାରୀ ଜାଗା ଓ ରାସ୍ତା ପାର୍ଶ୍ୱରୁ ଚୋରାରେ ଗଛ କଟାଯାଇ ରାତାରାତି କଳରେ ଚିରାଯାଇ ବାହାରକୁ ଚାଲାଣ ହେଉ ଥିବା ଅଭିଯୋଗ ହୋଇ ଆସୁ ଥିବା ବେଳେ ଶନିବାର ଜିଲ୍ଲା ଫରେଷ୍ଟ ଅଧିକାରୀଙ୍କ ଦ୍ୱାରା ଚଢ଼ାଉ ହୋଇ ଥିଲା। ଏହି ଚଢ଼ାଉ ରେ ସହଯୋଗ କରି ଥିଲେ ଅସ୍ତରଙ୍ଗ ଫରେଷ୍ଟ ଅଧିକାରୀଣୀ ମୋନାଲିସା ମହାପାତ୍ର। ବାଲୁଖଣ୍ଡ ଫରେଷ୍ଟ ଅଧିକାରୀ ପ୍ରଦୀପ କୁମାର ମହାନ୍ତି। ବ୍ରହ୍ମଗିରି ଫରେଷ୍ଟ ଅଧିକାରୀ ଚନ୍ଦ୍ର ଶେଖର ସାହୁ. ଗୋପ ଫରେଷ୍ଟ ଅଧିକାରୀ ସୁଦର୍ଶନ ଦେହୁରୀ। ରହି ଥିବା ବେଳେ ୮୦ ରୁ ୯୦ ଜଣ ଫରେଷ୍ଟ କର୍ମଚାରୀ ନିୟୋଜିତ ଥିଲେ।

## ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପରିଚାଳନା ବୈଠକ



ନୟାଗଡ଼, (ସବ୍ୟୁ): ନୟାଗଡ଼ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପରିଚାଳନା ବୈଠକ ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲଯାଣ ବିଗାଭ ର ମାର୍ଗଦର୍ଶୀକା ଅନୁପାଳନ ଓ ନାଗରୀକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବା ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ସ୍ୱାସ୍ଥ୍ୟସେବା ସଂପର୍କିତ ଗରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ଜିଲ୍ଲାର ସଦରମହକୁମା ହସ୍ପିଟାଲ ଠାରୁ ଆରମ୍ଭ କରି ବିଭିନ୍ନ ବ୍ଲକ ଏନଏସି ଏବଂ ପଞ୍ଚାୟତସ୍ତରୀୟ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିରେ ଉତ୍ତମ ସ୍ୱାସ୍ଥ୍ୟ ସେବା ଉପଲବ୍ଧ ହେଉଥିବା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁଶାନ୍ତ କୁମାର ଦାସ ସୂଚନା ପ୍ରଦାନ କରିଥିଲେ। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲଯାଣ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଜାରୀ ଜନ ସ୍ୱାସ୍ଥ୍ୟ ସେବା ଯୋଜନା ଓ ପଦ୍ଧତିକୁ କାଯ୍ୟକାରୀ କରାଯାଉଥିବା ଏଠାରେ ଆଲେଚନା ହୋଇଛି। ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ସଦସ୍ୟଙ୍କ ସକ୍ରିୟ ସହଭାଗୀତାରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ସମେତ ସମସ୍ତସ୍ଥାନରେ ରୋଗୀ କଲ୍ୟାଣ କୁ ଅଗ୍ରାଧୀକାର ଦିଆଯିବା ଉପରେ ପରାମର୍ଶ ଦେଇଥିଲେ। ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

## ଗୋଷ୍ଠୀ ଶିକ୍ଷା ସାକ୍ଷରତା ଉଲ୍ଲାସ କାର୍ଯ୍ୟକ୍ରମ

ବାଲିପାଟଣା ,(ସବ୍ୟୁ):ବ୍ଲକ ସ୍ତରୀୟ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ' ଉଲ୍ଲାସ ' ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁକ୍ରବାର ପୂର୍ବାହ୍ନରେ ଶ୍ରୀ ବୁଦ୍ଧନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକ ଅଞ୍ଚଳର ସର୍ବେକ୍ଷକ, ପ୍ରଧାନ ଶିକ୍ଷକ ଓ ସି ଆର ସି ସି ମାନେ ଯୋଗଦେଇ ଗ୍ରାମ ମାନଙ୍କରେ ରହି ଯାଉଥିବା ନିରକ୍ଷର ମାନଙ୍କୁ କିପରି ସାକ୍ଷର କରାଯାଇପାରିବ ସେଥିପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ ପ୍ରଭାତ କୁମାର ରଥ ଉଦଘାଟନ କରିଥିଲେ। ସାଧନ କେନ୍ଦ୍ର ସଂଯୋଜିକା ତଥା ସହ ଶିକ୍ଷା ଅଧିକାରୀ ଯଶୋଦା ସାହୁ ଓ ବିଜୟ ବେହେରା ଙ୍କ ତତ୍ତ୍ୱାବଧାନରେ ସାଧନ କର୍ମୀ ସ୍ୱିଟି ଦଳାଇ, ମମିତା ଦଳାଇ ଓ ପ୍ରତାପ ସେଠୀ , ଝୁନା ଦେଇ ପ୍ରମୁଖ ଯୋଜନାର ରୂପରେଖ ସମ୍ପର୍କରେ ତଥ୍ୟ ରଖିଥିଲେ। ବ୍ଲକ ର ୧୦ ଟି କ୍ଲଷ୍ଟର୍ ର ସି ଆର୍ ସି ସି,ଜଣେ ଜଣେ ପ୍ରଧାନ ଶିକ୍ଷକ ଓ ଶ୍ରେଣୀ ଶିକ୍ଷକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ଧନତେରାସ : ସନ୍ଧ୍ୟାରେ ମହିଳା ଖାଲି କଲେ ଝାଡୁ

ନିରାକାରପୁର, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଜଂକିଆ ଓ ନିରାକାରପୁର ବଜାରରେ ଶନିବାର ଧନତେରସ ଅବସରରେ ଗହଳ ଚହଳ ଦେଖିବାକୁ ମିଳିଥିଲା। ସୁନା ଦୋକାନ ଅପେକ୍ଷା ଲୋକେ ଭିଡ ଜମାଇଥିଲେ ଝାଡୁ ଦୋକାନ ସାମନାରେ। ଧନତେରସରେ ଘରକୁ ସୁନା ରୁପା ନେବାର ବିଧି ଚାଲିଥିବାବେଳେ ଚଳିତ ବର୍ଷ ସୁନା ରୂପାର ଦର ଆକାଶ ଛୁଆଁ ହୋଇଥିବାରୁ ଅଧିକାଂଶ ଲୋକେ ଘରକୁ ଝାଡୁ ଓ ଅନ୍ୟାନ୍ୟ ସାମଗ୍ରୀ କିଣି ନେଇଥିବାର ଦେଖାଯାଇଥିଲା।

## ଅବକାରୀ ବିଭାଗର ଚଢ଼ାଉ

ଆଠଗଡ ,(ସବ୍ୟୁ): ଆଠଗଡ଼ ଅବକାରୀ ଏବଂ ପୋଲିସ ବିଭାଗ ପକ୍ଷରୁ ବାରମ୍ବାର ଚଢାଉ ହେଉଛି । ମାମଲା ରୁଜୁ ମଧ ହେଉଛି,ମଦ ଏବଂ ପୋଚ ନଷ୍ଟ କରାଯାଉଛି। କିନ୍ତୁ ଆସାମୀ ଖସି ଯାଉଛନ୍ତି। ଘଟଣାରୁ ପ୍ରକାଶ ଶନିବାର ଆଠଗଡ଼ ଥାନା ଅନ୍ତର୍ଗତ କୋରଙ୍ଗା ଠାରେ ୧୯୯୫ ଲିଟର ଚୋରା ଦେଶୀ ରନ୍ଧା ମଦ ଏବଂ ୨୦୮୯୫ ଲିଟର ଗୁଡ ପୋଚ ଜବତ କରା ଯାଇ ନଷ୍ଟ କରା ଯାଇଛି।ଏ ବାବଦରେ ୬ ଟି ମାମଲା ରୁଜୁ କରା ଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଏହି କୋରଙ୍ଗା ଗ୍ରାମ ଉପରେ ବାରମ୍ବାର ଗଣମାଧମରେ ଖବର ପ୍ରକାଶିତ ହେଉଛି ଏବଂ ଅବକାରୀ ବିଭାଗ ପକ୍ଷରୁ ଚଢାଉ ହେଉଛି । କିନ୍ତୁ ଫଳ ଶୂନ। ଚଢାଉ ହେବାର କିଛି ଘଣ୍ଟା ପରେ ପୁନର୍ବାର ମଦ ପ୍ରସ୍ତୁତ କରାଯାଇଥାଏ। ଆଜିର ଚଢ଼ାଉରେ ଆଠଗଡ଼ ଅବକାରୀ ଉପ ଅଧିକ୍ଷକ ସି ଏଚ ତିରୁପତି ଅବକାରୀ ନିରୀକ୍ଷକ ରବି ନାରାୟଣ ପ୍ରଧାନ ଉପ ନିରୀକ୍ଷକ ଅରୁଣ କୁମାର ଭୋଇ ସୌମ୍ୟରଞ୍ଜନ ମାଝୀ ବାପି ସାହୁ ତରୁଣ ପାତ୍ର ଙ୍କ ସହିତ ଆଠଗଡ଼ ପୋଲିସ କର୍ମଚାରୀ ଏବଂ ଅବକାରୀ ବିଭାଗ କର୍ମଚାରୀ ମାନେ ସାମିଲ ହୋଇଥିଲେ।

## ବାଣ ଜବତ : ୨ ଗିରଫ

କାକଟପୁର, (ସବ୍ୟୁ): କାକଟପୁର ଥାନା ପୋଲିସ ବେଆଇନ ବାଣ ରଖିବା ଅଭିଯୋଗରେ ବିପୁଳ ବାଣ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିବା ସହ ବିପୁଳ ବାଣ ଜବତ କରିଥିବା ବେଳେ, ଅନ୍ୟ ଏକ ମାମଲାରେ ଜୈନିକା ମହିଳାଙ୍କୁ ଦୁର୍ବ୍ୟବହାର, ମାଡ଼, ଗାଳି ଓ ଧମକ ଦେବା ଅଭିଯୋଗ ରେ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଦପାବଳୀ ପୂର୍ବରୁ କାକଟପୁର ଅଞ୍ଚଳରେ ବିପୁଳ ବାଣ ମହଜୁଦ ରଖି ଚୋରା ବ୍ୟବସାୟୀ ମାନେ ଲୁଚା ଚୋରା ରେ ବେପାର କରୁଥିବା ବେଳେ ଖବର ପାଇ କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁ ସଦଳବଳେ ପୋଲିସ ଫୋର୍ସ ସହ ଚଢ଼ାଉ କରି ଛଡାଂସ ଗ୍ରାମରୁ ଜଣେ ଓ କୁଅପଦା ଗ୍ରାମ ରୁ ଜଣକୁ ଧରିବା ସହ ବିପୁଳ ବାଣ ଜବତ ଜବତ କରିଥିବା ବେଳେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । କେଶ ନଂ ୩୦୯,୩୧୦/୨୦୨୫ ଅଟେ । ସେହପରି ଅନ୍ୟ ଏକ ମାମଲା ରେ କାକଟପୁର ଥାନା କଣ୍ଟାସାହି ଗ୍ରାମର ଜୈନିକା ମହିଳାଙ୍କୁ ମାଡ଼ ଗାଳି ଓ ଦୁର୍ବ୍ୟବହାର କରିବା ଅଭିଯୋଗରେ ସେହି ଗ୍ରାମର ସୁରେଶ କାଣ୍ଡି ଙ୍କ ପୁତ୍ର କହେଁଇ କାଣ୍ଡି କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । କେଶ ନଂ ୩୦୮/୨୦୨୫ ।

## ବିଶିପଦାକୁ ମିଳିଲା ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମର ମାନ୍ୟତା

ଫୁଲନଖରା, (ସବ୍ୟୁ): ବାରଙ୍ଗ ବ୍ଲକ କୋରକରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବିଶିପଦା ଗ୍ରାମକୁ ସରକାରଙ୍କ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ୍ୟ ଯୋଜନାରେ ୨୦୨୫-୨୬ ଆର୍ଥିକ ବର୍ଷରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଦିନ କୋରକରା ପଞ୍ଚାୟତ କାର୍ଯ୍ୟଳୟ ଠାରେ ଏକ ଗ୍ରାମ୍ୟ କମିଟି ଗଠନ ପାଇଁ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ସରପଞ୍ଚ ଅଶୋକ କୁମାର ପାତ୍ର ସଭାପତିତ୍ୱ କରିଥିଲେ। ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ଶ୍ରୀମତୀ ହରପ୍ରିୟା ସାମଲ ଏହି ଯୋଜନାର ମୂଳଲକ୍ଷ୍ୟ ବିଷୟରେ ବିଷୟରେ ବୁଝାଇଥିଲେ ।

ଯେଉଁ ଗ୍ରାମ ଆଦର୍ଶ ଗ୍ରାମରେ ସାମିଲି ହେବ ସେହି ଗ୍ରାମର ରାସ୍ତା, ପାନୀୟଜଳ, ଆଲୋକୀକରଣ, ବିଦ୍ୟାଳୟ ଆଦି ଅନେକ ବିକାଶ ହୋଇପାରିବ। ଏବାବଦରେ ବାର୍ଷିକ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଅନୁଦାନ ରାଶି ସରକାରଙ୍କ ତରଫରୁ ପ୍ରଦାନ କରାଯିବ ବୋଲି ଶ୍ରୀମତୀ ସାମଲ ସୂଚନା ଦେଇଥିଲେ। ଏହି ସଭାରେ ସରପଞ୍ଚ ଙ୍କ ସମେତ କୋରକରା ନାଏବ ସରପଞ୍ଚ ଶ୍ରୀମତୀ ନିରୁପମା ନାୟକ,ପିଇଓ ପ୍ରିୟମ୍ବଦା ବେହେରା,୩୩ ନଂ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ଭୋଇ,ୱାର୍ଡ ସଭ୍ୟ ସମୀର ମଲ୍ଲିକ,ଶହୀଦ ସ୍ମୃତି ନୋଡାଲ ବିଦ୍ୟାପୀଠ ପ୍ରଧାନଶିକ୍ଷକ ଶିଶିର କୁମାର ପ୍ରଧାନ,ଆଶା କର୍ମୀ ମଞ୍ଜୁଲତା ଦାଶ,ବ୍ରଜକିଶୋର ମହାନ୍ତି,ନରେଶ ଦାଶ,ବିରଞ୍ଚି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ଖଣ୍ଡପଡ଼ା,(ସବ୍ୟୁ): ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଲିଙ୍ଗରାଜ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ପୂର୍ବାହ୍ନରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସାହୁଙ୍କ ପୌରହିତ୍ୟରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖଳିସାହି ସରପଞ୍ଚ ଫକିର ମୋହନ ଦାସ ଯୋଗଦେଇ ଉଦଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କର ଏବଂ ସମ୍ମାନିତ ଅତିଥି ଭାବେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ କଳିଙ୍ଗ ଚନ୍ଦ୍ର ନାୟକ ପ୍ରଦୀପ୍ତ କୁମାର ସାହୁ, ନାରାୟଣ ଦାସ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚରଣ ସାହୁ ପ୍ରମୁଖ ମଞ୍ଚାସିନ ରହିଥିଲେ। ସେହିପରି ଅପରାହ୍ନରେ ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କର ପୌରହିତ୍ୟରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିବା ସୁରଭି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବୋଲି କହିଥିଲେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ଉପମା ବେହେରା ଏବଂ ସାଂସଦଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂହ ମଞ୍ଚାସିନ ରହିଥିଲେ। ବ୍ଲକ ଅଧୀନ ୧୧ ଗୋଟି କ୍ଲଷ୍ଟରୁ ଆସିଥିବା କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ତେବେ କ୍ଲଷ୍ଟର ସ୍ତରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀ ମାନଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇଥିବା ବେଳେ ପ୍ରତ୍ୟେକ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ମାନଙ୍କୁ ଜିଲ୍ଲା ସ୍ତରକୁ ମନୋନୀତ କରାଯାଇଥିଲା।



## ଶୁଭ ଧନତେରାସ: ସ୍ୱାସ୍ଥ୍ୟଠାରୁ ଆରମ୍ଭ ସମ୍ପଦର ଉତ୍ସବ

ଆଲୋକ ଓ ଆନନ୍ଦର ପର୍ବ ଦୀପାବଳିର ଆରମ୍ଭ ଦିନରେ ଆଜି ଆମେ ପବିତ୍ର ଧନତେରାସ ଉତ୍ସବ ପାଳନ କରୁଛୁ । ଏହି ଦିନକୁ ଆମ ଜୀବନରେ ସମୃଦ୍ଧି, ପୁନର୍ଜାଗରଣ ଏବଂ ନୂତନ ଆରମ୍ଭର ପ୍ରତୀକ ଭାବେ ଗଣାଯାଏ । ପାରମ୍ପରିକ ଭାବେ ଏହି ଉତ୍ସବଟି କେବଳ ଧନସମ୍ପଦ ଆହ୍ୱାନର ଅବସର ନୁହେଁ, ବରଂ ସ୍ୱାସ୍ଥ୍ୟ, ଶୁଭ୍ରତା ଓ ସମଗ୍ର ମଙ୍ଗଳର ଉତ୍ସବ ଅଟେ । ପ୍ରାଚୀନ ପୁରାଣ ଅନୁସାରେ, ଏହି ଦିନ ଧନର ଦେବୀ ମହାଲକ୍ଷ୍ମୀ ଓ ଦେବବୈଦ୍ୟ ଧନ୍ୱନ୍ତରୀ ସମୁଦ୍ର ମନ୍ଥନ ସମୟରେ ଦେବଲୋକରେ ଆବିର୍ଭୂତ ହୋଇଥିଲେ । ସେହି କାରଣରୁ ଏହି ଦିନଟିକୁ ପବିତ୍ରତା, ସମୃଦ୍ଧି ଓ ଆରୋଗ୍ୟର ସଂଯୋଗ ଭାବେ ପାଳନ କରାଯାଏ । ସଂକ୍ଷେପରେ କହିଲେ, ଧନତେରାସ ଆମକୁ ସ୍ୱାସ୍ଥ୍ୟ ଓ ସମ୍ପଦ ଉଭୟ ବିଷୟରେ ସଚେତନ କରାଇଥାଏ, ଜୀବନର ସଠିକ ସମ୍ବଳ ହେଉଛି ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ । କାରଣ ସ୍ୱାସ୍ଥ୍ୟ ହିଁ ସବୁଠୁ ବଡ଼ ଧନ ।



**ଶ୍ରୀ ପ୍ରତାପ ରାଓ ଯାଦବ**
ଆୟୁଷ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ)
ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ
ରାଷ୍ଟ୍ରମନ୍ତ୍ରୀ, ଭାରତ ସରକାର

ଆୟୁର୍ବେଦର ଅପାର ଜ୍ଞାନସାଗର ମଧ୍ୟରେ ଧନତେରାସ ପର୍ବକୁ ବିଶେଷ ମହତ୍ତ୍ୱ ଦିଆଯାଇଛି । ଏହା କେବଳ ଧନଲକ୍ଷ୍ମୀଙ୍କ ଉପାସନା ଦିନର ନୁହେଁ, ବରଂ ଶରୀର ଓ ମନର ସଫଳ ସମନ୍ୱୟର ଏକ ପବିତ୍ର ପର୍ବ ମଧ୍ୟ ଅଟେ । ଆୟୁର୍ବେଦ ଦୃଷ୍ଟିରୁ ଏହି ଦିନ ହେମନ୍ତ ଋତୁର ବିଦାୟ ଓ ପ୍ରାକ୍-ଶୀତ ଋତୁର ଅୟମାରମ୍ଭର ପର୍ଯ୍ୟାନ୍ତରଣ କାଳକୁ ହିଁ ସୂଚୀତ କରେ, ଯାହାକୁ ପ୍ରାଚୀନ ଋଷିମୁନିମାନେ ପୁନର୍ଜାଗରଣ ଓ ସର୍ବୋତ୍କୃଷ୍ଟ ସମୟ ଭାବରେ ବର୍ଣ୍ଣନା କରିଛନ୍ତି । ଏହି ଋତୁ ପରିବର୍ତ୍ତନର ସମୟରେ ଶରୀରରେ ଥିବା ବିଷାକ୍ତ ପଦାର୍ଥ ଦୂର କରିବା, ପଚନତନ୍ତ୍ରକୁ ଶକ୍ତିଶାଳୀ କରିବା ଓ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାର ପରାମର୍ଶ ଦିଆଯାଇଛି । ସେହିପରି ଧନତେରାସ ହେଉଛି ଆୟୁର୍ବେଦିକ ଭାବରେ ଏକ ସ୍ୱାସ୍ଥ୍ୟ ପୁନର୍ଜୀବନ ଦିବସ – ଯେଉଁଠି ଆଲୋକ, ସୁଚିନ୍ତା ଓ ଶାନ୍ତି ମାନବ ଜୀବନକୁ ସୁସ୍ଥତାର ନୂତନ ପଥରେ ଆଗେଇ ନିଏ । ଏହି ପବିତ୍ର ଦିନଟି ସହିତ ଅନେକ ପାରମ୍ପରିକ ରୀତିନୀତି ଜଡ଼ିତ ହୋଇରହିଛି । ପ୍ରଦୀପ ପ୍ରଜ୍ୱଳନ, ଯାହା ଅନ୍ଧକାର ଓ ଅଜ୍ଞତାକୁ ଦୂର କରି ଜ୍ଞାନ ଓ ଚେତନାର ଆଲୋକ ପ୍ରଜ୍ୱଳିତ କରେ । ସେପରି, ସୁନା ଓ ରୂପା ଭଳି ମୂଲ୍ୟବାନ ଧାତୁ କ୍ରୟ କରିବା ରୀତିଟି ମଧ୍ୟ ଗଭୀର ଆୟୁର୍ବେଦିକ ତତ୍ତ୍ୱ ଉପରେ ଆଧାରିତ । ସୁନା ଓ ରୂପା ଭଳି ମୂଲ୍ୟବାନ ଧାତୁକୁ ଆୟୁର୍ବେଦ ଶାସ୍ତ୍ରରେ ହଜାର ହଜାର ବର୍ଷ ଧରି ପୋଷକ ତତ୍ତ୍ୱ ଭାବରେ ଗ୍ରହଣ କରାଯାଇଛି ଏବଂ ଏହାର ଅନେକ ଉପଶମକାରୀ ଗୁଣ ରହିଛି । ଏପରିକି ସେହିସବୁ ଧାତୁର ମାନବ ଶରୀରକୁ ସୂକ୍ଷ୍ମ ସ୍ତରରେ ସନ୍ତୁଳିତ ରଖିବାର ବିଶେଷ କ୍ଷମତା ରହିଛି ବୋଲି ବିଶ୍ୱାସ କରାଯାଏ ।

ତେଣୁ, ଧନତେରାସ ହେଉଛି ସଂପଦ ଓ ସ୍ୱାସ୍ଥ୍ୟ ଉଭୟର ଉତ୍ସବ – ଯେଉଁଠି ଆଲୋକ ଆମ ଜୀବନର ଅଜ୍ଞାନକୁ ଦୂର କରେ ଓ ଆୟୁର୍ବେଦିକ ଜ୍ଞାନ ଆମ ଶରୀର ଓ ମନକୁ ସମୃଦ୍ଧ କରେ ।

ଦୀପାବଳିର ଏହି ପବିତ୍ର ଅବସର କେବଳ ଆଲୋକ ଓ ଆନନ୍ଦର ଉତ୍ସବ ନୁହେଁ, ବରଂ ଆତ୍ମ ନିରୀକ୍ଷଣ, କୃତଜ୍ଞତା ଓ ଆତ୍ମସେବାର ମୂଲ୍ୟବୋଧ ଆମ ମନରେ ଜାଗ୍ରତ କରିଥାଏ । ଆୟୁର୍ବେଦ ଶରୀରରେ ଥିବା ତିନୋଟି ଜୈବ ଶକ୍ତି – ବାତ, ପିତ୍ତ ଓ କଫ ମଧ୍ୟରେ ସନ୍ତୁଳନ ରକ୍ଷା ପାଇଁ ଶିକ୍ଷା ଦେଇଥାଏ । ଏହି ତ୍ରିଦୋଷ ହେଉଛି ଶରୀରର ଆକୃତି ଓ ପ୍ରକୃତିର ନିୟନ୍ତ୍ରକ, ରୋଗ ପ୍ରତିରୋଧ ଶକ୍ତିର ସ୍ରୋତ ଏବଂ ଦୀର୍ଘ ନିରାମୟ ଜୀବନର ଆଧାର । ଯେତେବେଳେ ବାତ, ପିତ୍ତ ଓ କଫ ସନ୍ତୁଳିତ ଅବସ୍ଥାରେ ଥାଏ, ଶରୀର ଓ ମନ ଉଭୟ ମଧ୍ୟରେ ଉତ୍ପନ୍ନ ହୁଏ ଏକ ଦିବ୍ୟ ଶକ୍ତି – 'ଓଜଃ', ଯାହା ଆମକୁ ଶକ୍ତି, ରୋଗ ପ୍ରତିରୋଧକ ଶକ୍ତି, ଉଜ୍ଜ୍ୱଳତା ଓ ଆଧ୍ୟାତ୍ମିକ ତେଜରେ ଭରି ଦିଏ । ଏହି ଓଜଃ ହେଉଛି ସତ୍ୟ ସମୃଦ୍ଧିର ଆଧାର, ଯାହା ପାର୍ଥିବ ଧନ, ମାନସିକ ସଫଳତା କିମ୍ବା ଅସ୍ଥାୟୀ ସୁଖଠାରୁ ଅନେକ ଗୁଣ ଉଚ୍ଚ । ଏହି ଦୀପାବଳି ଆମକୁ ଶିଖାଏ ଯେ, ଆଲୋକ କେବଳ ବାହାରୁ ନୁହେଁ ଏହା ଆମ ଭିତରେ ମଧ୍ୟ ଜଳିପାରେ, ଯଦି ଆମେ ନିଜ ଶରୀର, ମନ ଓ ଆତ୍ମାକୁ ସନ୍ତୁଳିତ ରଖି ଆୟୁର୍ବେଦିକ ଜୀବନଶୈଳୀକୁ ଆପଣାଇବା ।

ଆୟୁର୍ବେଦ ଶାସ୍ତ୍ରରେ ସମ୍ପଦର ଅବଧାରଣାକୁ ଏହିଭଳି ବିଶେଷ ଭାବରେ ସାମଗ୍ରିକ ଏବଂ ବିବିଧ ପର୍ଯ୍ୟାୟଯୁକ୍ତ ବୋଲି ବିବେଚନା କରାଯାଏ । ଏହା ଆମମାନଙ୍କୁ ଏହି ସମୟରେ ସଚେତନ ଭାବରେ ଶାରୀରିକ, ମାନସିକ ଏବଂ ଆଧ୍ୟାତ୍ମିକ ନିରାମୟତା ଅଭ୍ୟାସକୁ ଆପଣାଇବା ନିମନ୍ତେ ପ୍ରେରିତ କରିଥାଏ । ସେଥି ମଧ୍ୟରେ ଆମର ଶରୀରରେ ପୌଷ୍ଟିକତା ଭରିବା ସହିତ ସାମଗ୍ରିକ ଭାବରେ ଋତୁକାଳୀନ ଖାଦ୍ୟ ସେବନ ସାମିଲ ଅଟେ । ଧ୍ୟାନ ଓ ପ୍ରାଣାୟାମ ମାଧ୍ୟମରେ ମନକୁ ପ୍ରଶାନ୍ତ କରିବା, ପର୍ଯ୍ୟାପ୍ତ ଓ ଶ୍ରମଲାଘବଯୁକ୍ତ ନିଦ୍ରା, ସମସ୍ତଙ୍କ ସହିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ରକ୍ଷା ଏବଂ କୃତଜ୍ଞତା ଓ ସନ୍ତୁଷ୍ଟିର ଭାବନା ମନରେ ଜାଗ୍ରତ କରିବା ମଧ୍ୟ ଏହା ସହିତ ସାମିଲ । ଏହି ସବୁ ଅଭ୍ୟାସ ମାତ୍ର ଆନୁଷ୍ଠାନିକ ପରମ୍ପରା ନୁହେଁ, ବରଂ ଏକ ଜୀବନମୂଳକ ଆୟୁର୍ବେଦିକ ପରିପତ୍ର, ଯାହା ଆମମାନଙ୍କୁ ସହନଶୀଳତା ଭଳି ସାମର୍ଥ୍ୟ, ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି କରିବା ସହିତ ଆମମାନଙ୍କ ଜୀବନରେ ଶାନ୍ତି, ଆନନ୍ଦ ଓ ସ୍ଥିରତା ଭରିଦେଇଥାଏ ।

ଧନତେରାସ ଅବସରରେ ପାଳନ କରାଯାଉଥିବା ଏହି ଋତୁକାଳୀନ ପର୍ଯ୍ୟାନ୍ତରଣ ଏକ ସୁଯୋଗର ଅବସର ଯାହା ଆମମାନଙ୍କୁ ଆୟୁର୍ବେଦିକ ଅଭ୍ୟାସ ଯଥା ଅଭ୍ୟଙ୍ଗ (ତୈଳମର୍ଦ୍ଦନ), ଘୃତ ସେବନ ଓ ବିଭିନ୍ନ ପ୍ରକାର ମସଲା ଭଜା, ଯୋଗ ଅଭ୍ୟାସ, ଓ ଋତୁକାଳୀନ ଖାଦ୍ୟ ସନ୍ତୁଳନ ରକ୍ଷା ପାଇଁ ସୁଯୋଗ ଆଣି ଦେଇଥାଏ । ଏହା ଆମର ପାଚନ ଶକ୍ତି ତଥା ପୌରୁଷତ୍ୱ ବୃଦ୍ଧି ପାଇଁ ସହାୟକ ହୋଇଥାଏ । ଏଭଳି ପ୍ରତିଷେଧମୂଳକ ପଦକ୍ଷେପ ଯାହାର ସାମଗ୍ରିକ ପ୍ରଜ୍ଞା ହଜାର ହଜାର ବର୍ଷ ଧରି ପରମ୍ପରାକ୍ରମେ ଅଦ୍ୟାବଧି ଗଡ଼ିଆସିଛି, ତାହା ଆମମାନଙ୍କୁ ନିରାମୟ ସ୍ୱାସ୍ଥ୍ୟ ରକ୍ଷା ପାଇଁ ସହାୟକ ହେବା ସହିତ ଅନେକ ପ୍ରକାର ରୋଗରୁ ରକ୍ଷା ପାଇବାର ଶକ୍ତି ପ୍ରଦାନ କରିଥାଏ ।

ସାମ୍ପ୍ରତିକ ବିଶ୍ୱରେ, ଯେଉଁଠାରେ ଆମର ଜୀବନଶୈଳୀ ବିଶୃଙ୍ଖଳା ମହାମାରୀର ରୂପ ଧାରଣ କରିବାକୁ ବସିଛି ଏବଂ ମାନସିକ ଓ ଶାରୀରିକ କ୍ଳାନ୍ତି ଜନିତ ରୋଗ କୋଟି କୋଟି ଲୋକଙ୍କୁ ଆକ୍ରାନ୍ତ କରିଚାଲିଛି, ସେତିକିବେଳେ ଆମର ପ୍ରାଚୀନ ଆୟୁର୍ବେଦ ଜ୍ଞାନ ଆମକୁ ବାସ୍ତବ, ସହଜ ଓ ସଫଳ ସମାଧାନ ସୂତ୍ର ପ୍ରଦାନ କରିଆସୁଛି । କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟ ନିରବଚ୍ଛିନ୍ନ ଭାବରେ ଏହିସବୁ ପାରମ୍ପରିକ ସ୍ୱାସ୍ଥ୍ୟ ବିଜ୍ଞାନକୁ ସମନ୍ୱିତ କରି ସ୍ୱାସ୍ଥ୍ୟସେବାର ମୁଖ୍ୟ ସ୍ରୋତରେ ସାମିଲ କରିବାର ପ୍ରୟାସ ଜାରି ରଖିଛି ଏବଂ ଦେଶର ପ୍ରତ୍ୟେକ ପରିବାର ନିକଟରେ ନିରାମୟତାକୁ ଉପଲବ୍ଧ କରାଇବା ସହିତ ଏହି ଅମୂଲ୍ୟ ଜ୍ଞାନକୁ ସାରା ବିଶ୍ୱରେ ବାଣ୍ଟି ଚାଲିଛି ।

ଚଳିତ ବର୍ଷ ଧନତେରାସରେ, ମୁଁ ନିଷ୍ଠାର ସହିତ ଦେଶର ସମସ୍ତ ନାଗରିକଙ୍କୁ ନିବେଦନ କରୁଛି ଯେ, ଆପଣମାନେ ଆୟୁର୍ବେଦିକ ନୀତିକୁ ନିଜର ଦୈନନ୍ଦିନ ଜୀବନରେ ଆପଣାନ୍ତୁ: ସନ୍ତୁଳିତ ଏବଂ ଋତୁକାଳୀନ ପୌଷ୍ଟିକତା ଉପରେ ଗୁରୁତ୍ୱ ଦିଅନ୍ତୁ, ନିଜ ସ୍ୱାସ୍ଥ୍ୟର ଯତ୍ନ ନେବାକୁ ନିୟମିତ ଦିନଚର୍ଯ୍ୟାରେ ପରିଣତ କରନ୍ତୁ, ସୁଚିନ୍ତିତ ଓ ସଚେତନ ଜୀବନଶୈଳୀ ଆପଣାନ୍ତୁ, ପ୍ରତିଷେଧମୂଳକ ସ୍ୱାସ୍ଥ୍ୟରକ୍ଷା ଜନିତ ବ୍ୟବସ୍ଥା ଆହରଣ କରନ୍ତୁ ଏବଂ ଶରୀର, ମନ ଓ ଚିନ୍ତନ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରନ୍ତୁ । ଆସନ୍ତୁ, ଏହି ପବିତ୍ର ଉତ୍ସବକୁ କେବଳ ପାର୍ଥିକ ସମୃଦ୍ଧି ହାସଲ ନିମନ୍ତେ ଆପଣାଇବା ନାହିଁ, କିମ୍ବା ସୁନା ଓ ରୁପା ଭଳି ଅଳଙ୍କାର କ୍ରୟରେ ନିଜକୁ ସୀମିତ ରଖିବା ନାହିଁ ବରଂ ଆମର ସବୁଠାରୁ ମୂଲ୍ୟମାନ ସ୍ୱାସ୍ଥ୍ୟ ଓ ନିରାମୟତା ଭଳି ମୂଲ୍ୟବାନ ଓ ଅପରିବର୍ତ୍ତନୀୟ ସମ୍ପଦକୁ ସୁରକ୍ଷିତ ରଖିବା ନିମନ୍ତେ ନିବେଶ ଓ ପ୍ରତିବଦ୍ଧତା ପ୍ରଦର୍ଶନ କରିବା ।

ଆମର ସଭ୍ୟତାଗତ ଜ୍ଞାନର ମୂଳରେ ରହିଥିବା ଏହି ସରଳ ଅଥଚ ବିରାଟ ଫଳପ୍ରସୂ, ସମୟସିଦ୍ଧ ଅଭ୍ୟାସକୁ ଆହରଣ କରି, ଆମେ ଆମର ଘରକୁ କେବଳ ସାମଗ୍ରିକ ସମୃଦ୍ଧିର ଆଲୋକରେ ଆଲୋକିତ କରିବା ନାହିଁ ଅପର ପକ୍ଷେ ଆମର ପରିବାରକୁ ମଧ୍ୟ ମଜଭୁତ କରି ସମାଜକୁ ଉନ୍ନତି ଦିଶାରେ ଆଗକୁ ଆଗେଇ ନେଇପାରିବା । ଆମର ଏଭଳି କାର୍ଯ୍ୟଧାରା ଯୋଗୁଁ, ଆମେ ଏହି ପବିତ୍ର ଉତ୍ସବର ପାରମ୍ପରିକ ମହତ୍ତ୍ୱକୁ କେବଳ ସମ୍ମାନ ଜଣାଇବା ନାହିଁ ବରଂ ଆମର ଭବିଷ୍ୟତ ପିଢ଼ିଙ୍କ ନିମନ୍ତେ ନିଜର ଦାୟିତ୍ୱକୁ ମଧ୍ୟ ଉତ୍ତମ ରୂପେ ନିର୍ବାହ କରିବା ।

ତେଣୁ ଏହି ପବିତ୍ର ଧନତେରାସ ଆମମାନଙ୍କ ପାଇଁ କେବଳ ଜାଗତିକ ସଂପଦ ଓ ସମୃଦ୍ଧି ଆଣିବା ନୁହେଁ, ବରଂ ସାରା ଦେଶ ତଥା ପ୍ରତ୍ୟେକଙ୍କ ଗୃହ ଓ ହୃଦୟରେ ଶକ୍ତି, ସାମର୍ଥ୍ୟ, ସାମ୍ବିଧାନିକ ସନ୍ତୁଳନ, ମାନସିକ ଶାନ୍ତି ଏବଂ ବାସ୍ତବ ଆନନ୍ଦ ପହଞ୍ଚାଉ । ଆସନ୍ତୁ, ସଭିଏଁ ମିଶି ଏହି ଉତ୍ସବକୁ ଏଭଳି ଭାବରେ ପାଳନ କରିବା ଯାହା ଫଳରେ ଆମର ଶରୀର ଓ ମନ ଉଭୟ ଶକ୍ତି ପ୍ରାପ୍ତ ହେବ ଏବଂ ଆମର ମାନସିକତା ମଧ୍ୟ ଉନ୍ନତ ହୋଇପାରିବ । ଏହି ଆଲୋକମୟ ପର୍ବ ଆମକୁ ଏହା ଶିକ୍ଷା ଦିଏ ଯେ ସତ୍ୟ ଧନ ସେଇଠି, ଯେଉଁଠି ମନରେ ଶାନ୍ତି ଓ ଶରୀରରେ ସମତା ଅଛି । ଯଦି ଆମେ ଆୟୁର୍ବେଦିକ ଜୀବନଶୈଳୀ ଓ ଆତ୍ମ ଜାଗରଣକୁ ଆପଣାଇ ପାରିବା, ଏହା ଦେଶରେ ନିରାମୟତା ଓ ସାମଗ୍ରିକ ସମୃଦ୍ଧିର ଅବିଚ୍ଛିନ୍ନ ପ୍ରବାହ ହୋଇପାରିବ । ଏହିପରି ଚେତନା ଓ ସମତାର ଦୀପ ଆଗାମୀ ପିଢ଼ିଙ୍କୁ ଏକ ନୂତନ ପଥ ଦେଖାଇବ, ଯେଉଁଠି ଆଲୋକ ଓ ଆରୋଗ୍ୟ ମିଶି ମାନବ ଜୀବନକୁ ପୂର୍ଣ୍ଣତାର ଆଲୋକରେ ଭରିବେ ।

**: ଶୁଭ ଧନତେରାସ :**

# ଗଙ୍ଗାଧରଙ୍କ ଦୃଷ୍ଟିରେ ତପସ୍ୱିନୀ

## ମୋହନ ଚରଣ ବିଷି

ଏହା ନିଶ୍ଚିତ ଯେ ରାମଚରିତ ପ୍ରଦର୍ଶନ ଗଙ୍ଗାଧରଙ୍କ ଲକ୍ଷ୍ୟ ନୁହେଁ । ତେଣୁ ବାଲ୍ମୀକୀଙ୍କ ରାମାୟଣର ଘଟଣାବଳୀରୁ କିମ୍ବା ଭବଭୂତିଙ୍କ ଉତ୍ତର ରାମଚରିତରେ ରାମଙ୍କ ଚିନ୍ତାର କେନ୍ଦ୍ରବର୍ତ୍ତିନୀ ସୀତା ରାମଚରିତର ପ୍ରାଣତନ୍ତ୍ରୀ ରୂପେ ରହିଥିଲେ ହେଁ ରାମ ଚରିତ ମାଧ୍ୟମରେ ରାମଙ୍କ ପ୍ରେମପ୍ରଦର୍ଶନ ହିଁ ତାର ଲକ୍ଷ୍ୟ । ସେଥିପାଇଁ ଶମ୍ବୁକ ତପସ୍ୟା, ଅଶ୍ୱଚରିତ ପ୍ରଭୃତି ଘଟଣାମାନ ତପସ୍ୱିନୀର ଉପଯୋଗୀ ନୁହେଁ ବାଲ୍ମୀକି ଆଶ୍ରମ-ତପୋବନର କ୍ଷୁଦ୍ର ପରିସର ମଧ୍ୟରେ ସୀତାଙ୍କ ଜୀବନକୁ ମୁଖ୍ୟ ଭାବରେ ଆଲୋଡିତ କଲାଭଳି ଅପର କୌଣସି ଘଟଣାର କଳ୍ପନା କରି ବସିଲେ ପ୍ରତିଷ୍ଠିତ ଘଟଣା ପରମ୍ପରାର ପ୍ରଭାବ ତଥା ଦେଶକାଳପାତ୍ର ଦୃଷ୍ଟିରୁ ତହିଁରେ ଔଚିତ୍ୟଭଙ୍ଗର ସମ୍ଭାବନା ହିଁ ବେଶୀ । ବାଲ୍ମୀକି ଆଶ୍ରମର ପ୍ରକୃତି ଏବଂ ତା ଜୀବନର ବର୍ଣ୍ଣନା ୨ୟ, ୪ର୍ଥ, ୫ମ, ୯ମ ଓ ୧୦ମ ସର୍ଗରେ ଲିପିବଦ୍ଧ କରି ଦାୟିତ୍ୱ ସୁନ୍ଦରଭାବେ ତୁଲାଇଛନ୍ତି କବି । କବିଙ୍କର ଉପଜୀବ୍ୟ ତପସ୍ୱିନୀର ଆଧ୍ୟାତ୍ମ ଯଜ୍ଞ ବର୍ଣ୍ଣନା ।

ଏହା ସଂପୂର୍ଣ୍ଣ ରୂପେ ସତ୍ୟନିଷ୍ଠ ଏବଂ ଜୀବନ ତଥା ମାନସିକ ବିଶ୍ଳେଷଣ ହିଁ ଏହାର ପନ୍ଥା । ତପସ୍ୱିନୀ ସୀତା ନିଜ କାର୍ଯ୍ୟ ମଧ୍ୟରେ, ଅତୀତ ସ୍ମୃତି ମଧ୍ୟରେ ଏବଂ ଅପର କ୍ଷେତ୍ରରେ କିପରି ତପସ୍ୟାର ପ୍ରେରଣା ପାଇଥିଲେ କିମ୍ବା ତପସ୍ୟା-ନିରତ ଥିଲେ ତାହା ରାମାୟଣରୁ ଆମେ ଜାଣିଛେ । ଆହୁରି ମଧ୍ୟ ଏହି ତପସ୍ୟାର ସ୍ୱରୂପ, ଅଗ୍ରଗତି, ପରୀକ୍ଷା ଓ ଫଳ ପ୍ରଭୃତି ମଧ୍ୟ ପ୍ରଦର୍ଶନ କରିବାର ଚେଷ୍ଟା କରାଯାଇଛି । ଏ ସମସ୍ତ ମଧ୍ୟରେ ମେହେରଙ୍କ ଆଦର୍ଶ -ନାରୀ ଧାରଣା ଅନ୍ତଃସ୍ରୋତ ରୂପେ ରହି ଏ ତପସ୍ୱିନୀ ଓ ତାଙ୍କର ତପସ୍ୟାକୁ ସଙ୍ଗଠିତ, ସମ୍ବନ୍ଧିତ ଓ ସଂଜୀବିତ କରି ପୂର୍ବରୂପ ଦେଇଛି । ତପସ୍ୱିନୀର ପ୍ରତିପାଦ୍ୟ ବିଷୟରେ ଏହି ପ୍ରକୃତି ଯୋଗୁଁ ଆମୂଳଚୂଳ ଏକ ମନସ୍ତାତ୍ତ୍ୱିକ କାବ୍ୟର ରୂପ ଗ୍ରହଣ କରିଛି । ମେହେରଙ୍କ ନାରୀ ଧାରଣାର ରୂପକ ଚିତ୍ର ଓ ପ୍ରକୃତି-ଚିତ୍ରଣର ପ୍ରାଚୁର୍ଯ୍ୟ ନଥିଲେ ହୁଏତ ଏହା ମନୋବିଜ୍ଞାନର ଏକ ଆଲୋଚନା ମାତ୍ର ହୋଇ ଯାଇଥାଆନ୍ତା ।

ଏ କ୍ଷେତ୍ରରେ ଚମତ୍କାରିତାପୂର୍ଣ୍ଣ ବିଚିତ୍ର ଘଟଣା-ସମାବେଶ ଏ କାବ୍ୟ ପାଇଁ ସହାୟକ ହୋଇଥାନ୍ତା ବୋଲି ମନେ ହୁଏ ନାହିଁ । ବରଂ ପାଠକର ଦୃଷ୍ଟି ଇତସ୍ତତଃ ଆକୃଷ୍ଟ ଫଳରେ ତପସ୍ୱିନୀର ଅବବୋଧରେ ଅନ୍ତରାୟ ଉପସ୍ଥିତ ହୋଇଥାଆନ୍ତା । ଅବଶ୍ୟ ଏହା ମଧ୍ୟ ସ୍ୱୀକାର୍ଯ୍ୟ ଯେ ଅନ୍ୟ କେତେକ ଘଟଣାର ସମାବେଶ କରିବାକୁ ଆଗ୍ରହ ହୋଇଥିଲେ କବି ସ୍ୱକୀୟ କୌଶଳରେ ସେଗୁଡ଼ିକ ନିପୁଣଭାବେ ନିବଦ୍ଧ କରିଥାନ୍ତେ । ତପସ୍ୱିନୀ ଜୀବନର ପ୍ରତିକ୍ରିୟା ବିଚିତ୍ର ଭଙ୍ଗୀରେ ଫୁଟାଇ ତପସ୍ୱିନୀକୁ ଆହୁରି ସ୍ପଷ୍ଟ, ଆହୁରି ମୂର୍ତ୍ତ କରିପାରିଥାନ୍ତେ, ଏପରି ସମ୍ଭାବନା କରିବାରେ ବାଧା ନାହିଁ । କିନ୍ତୁ ତାହା ସମ୍ଭାବନା ମାତ୍ର । ଆମର ଦେଖିବା କଥା, କବି ପରିବେଷଣ କରିବାକୁ ପ୍ରତିଶ୍ରୁତି ଦେଇ ଆରମ୍ଭ କଲେ, ତାହା ସଂଯୋଜିତ ଘଟଣା ଓ ଚରିତ୍ର ଦ୍ୱାରା ସମ୍ପୂର୍ଣ୍ଣରୂପେ ରସୋତ୍ତୀର୍ଣ୍ଣ ହୋଇ ଉପସ୍ଥାପିତ ହୋଇପାରିଛି ନା ନାହିଁ । ପ୍ରତ୍ୟେକ ଓଡ଼ିଆ ପାଠକ 'ତପସ୍ୱିନୀ' ପଢ଼ି ତପସ୍ୱିନୀର ତପସ୍ୟାର ମର୍ମ, ସ୍ୱରୂପ, ଲକ୍ଷ୍ୟ, ଅଭିବୃଦ୍ଧି ଏବଂ ପରିଣତି ବୁଝିବା ସଙ୍ଗେ ସଙ୍ଗେ ଆଦର୍ଶ ପାଇଁ ଆପଣାକୁ ତିଳ ତିଳ ଦଗ୍ଧ କରିଥିବା ଏହି ମହୀୟସୀ ସତୀର ଦୁଃଖରେ ଅଶ୍ରୁ ଢାଳେ, ଅଥଚ ଅନୁଦ୍ୱିଗ୍ନ ମନରେ ସ୍ୱୀୟ ସ୍ଫୀତ ହୃଦୟରେ ସେହି ଉନ୍ନତ ଆଦର୍ଶର ମହତ୍ତ୍ୱକୁ ଅନୁଭବ କରି ତାହାରି ପାଇଁ ଗଙ୍ଗାଧରଙ୍କ ଆଡ଼କୁ ପ୍ରସନ୍ନ କୃତଜ୍ଞ ଦୃଷ୍ଟିରେ ଚାହିଁ ରହେ, ତାହାହିଁ ତପସ୍ୱିନୀ କାବ୍ୟର ପୂର୍ଣ୍ଣତା ଓ ସଫଳତାର ଦ୍ୟୋତକ ।

ଆହୁରି ମଧ୍ୟ ଆମେ ଯଦି ଦେଖିବା ନାରୀ ଚରିତ୍ର ଭାବେ ତପସ୍ୱିନୀକୁ ତା'ହେଲେ ମେହେରଙ୍କ ଦୃଷ୍ଟିରେ ନାରୀ ହେଇଯାଇଛି ସ୍ୱୟଂ ସଂପୂର୍ଣ୍ଣା । ମେହେରଙ୍କ ଆଦର୍ଶ ନାରୀ-ଚରିତ୍ର ପ୍ରେମ, ସେବା, ଭକ୍ତି ଓ ତ୍ୟାଗ ତଥା କର୍ତ୍ତବ୍ୟବୋଧକୁ ଅବଲମ୍ବନ କରି ଗଠିତ ଏକ ସ୍ଥାୟୀ ଧାରଣାର ବର୍ହିବିକାଶ । କାଳିଦାସଙ୍କ ପ୍ରଦର୍ଶିତ ମାର୍ଗରେ ଶକୁନ୍ତଳାର ଚରିତ୍ରରେ ଇତସ୍ତତଃ ପରିବର୍ତ୍ତନ କରି ମେହେର କବି ତାକୁ ନିଜ ମାନସିକ ଆଦର୍ଶରେ ରଞ୍ଜିତ କରିବାକୁ ଚେଷ୍ଟା କରିଥିଲେ ବିଶ୍ଳେଷଣ ଓ ଚିତ୍ରଣର ସ୍ୱାଧୀନତା ନ ଥିବାରୁ ତାହା ସମ୍ପୂର୍ଣ୍ଣ ହୋଇ ନ ଥିଲେ ମଧ୍ୟ ମେହେରୀୟ ଧାରଣାର ଆଦର୍ଶ ନାରୀ ଓ ପ୍ରେମିକା ବ୍ୟତୀତ ତାହାର ଅନ୍ୟ ପରିଚୟ ନାହିଁ । କିନ୍ତୁ ସୀତା ଚରିତ୍ର ପ୍ରୟୋଜନ ଓ ସଂସ୍ଥାପନରେ ମେହେରଙ୍କ ନିରଙ୍କୁଶ କର୍ତ୍ତୃତ୍ୱ ଥିବାରୁ ସେ ଏହି ଚରିତ୍ରରେ ନିଜ ଧାରଣା ପରିପୂର୍ଣ୍ଣ ଭାବରେ ରୂପାୟିତ କରିବାରେ ସମର୍ଥ ହୋଇଅଛନ୍ତି । କାଳିଦାସଙ୍କ ଶକୁନ୍ତଳାକୁ ବିକୃତ କରିଦେଲେ ବା ସୀତାଙ୍କୁ ଏପରି ଗଢ଼ିଲେ ବୋଲି ଯେଉଁ ସମାଲୋଚକମାନେ ମେହେରଙ୍କ ଚିତ୍ରଣରେ ଦୋଷ ଦେଖନ୍ତି, ସେମାନେ ହୁଏତ ମେହେରଙ୍କ ନାରୀ ଚରିତ୍ର ଧାରଣା ବିଷୟରେ ଅଜ୍ଞ, ନଚେତ୍ ସ୍ୱକୀୟ ଭାବନାର ପୁଟ ଦେଇ ସେହି କବି-ନିଷ୍ଠ ଧାରଣା-ବିଶେଷଟିକୁ ଭିନ୍ନ କରି ପକାନ୍ତି । ସେ ଧାରଣା ସହ ସମାଲୋଚକଙ୍କ ଧାରଣାର ସାମ୍ୟ ନ ରହିବାରେ ଅସ୍ୱାଭାବିକତା ନାହିଁ, କିନ୍ତୁ ଆତ୍ମଧାରଣାକୁ କବି-ଧାରଣା ଉପରେ ଆରୋପ କରି କବିର ସମାଲୋଚନା କରି ବସିଲେ ଆଲୋଚନା ନିରପେକ୍ଷ ହେବ ନାହିଁ । କବିଙ୍କ ଧାରଣାର ସମ୍ୟକ୍ ଅବବୋଧ ପରେ ସେହି ଧାରଣାରେ ତନ୍ମୟ ହେଲେ ଯାଇ କବିଙ୍କ ସୃଷ୍ଟିର ସୌଷ୍ଠବ ଓ ସ୍ୱାଭାବିକତା ଉପଲବ୍ଧି କରିହେବ । ନିଜ ଧାରଣାରେ ଗଭୀର ଆସ୍ଥା ଫଳରେ କବି ଗଙ୍ଗାଧର କାବ୍ୟର କ୍ରମିକ ପରିଣତି ମଧ୍ୟରେ ସ୍ୱାଭାବିକତା ଓ ସାବଲୀଳତା ରକ୍ଷାକରି ଯେଉଁ ଅପୂର୍ବ ସୃଷ୍ଟି କରିଅଛନ୍ତି ତାହା ଓଡ଼ିଆ ସାହିତ୍ୟରେ ଦୁର୍ଲଭ । ତାଙ୍କର ସମସାମୟିକ ଓ ପରବର୍ତ୍ତୀ ଆଧୁନିକ କବିମାନେ ଜୀବନ ବିଶ୍ଳେଷଣ ଉପରେ ନିବଦ୍ଧ ଏହିପରି ଅସାଧାରଣ କାବ୍ୟ ସୃଷ୍ଟି କରିବାରେ ଆତ୍ମନିୟୋଗ କରିନାହାନ୍ତି । ତେଣୁ ଏ କ୍ଷେତ୍ରରେ ମେହେର-ସୃଷ୍ଟି ଯେପରି ଅଭିନବ ସେହିପରି ତାହା ମେହେର-ପ୍ରତିଭାର ମୌଳିକ ଓ ପୂର୍ଣାଙ୍ଗ ଅବଦାନ ରୂପେ ମେହେରଙ୍କ କାବ୍ୟାୟାନର ଶ୍ରେଷ୍ଠ କୁସୁମ ।

**ଗଡରାମାଲ, କୋକସରା, କଳାହାଣ୍ଡି**
**ମୋ-୭୯୭୮୪୨୦୭୬୬**

# ମେଲାଣିରୁ ମହାଯାତ୍ରା

## ରାମଚନ୍ଦ୍ର ସାହୁ

ଗଳ୍ପ

ଶାରଦୀୟ ଆଶ୍ୱିନ ଆସର। ସରସ ରସଯୁକ୍ତ ଧରା ରସାଣିତ ରସା। ମନ୍ଦିରରୁ ମେଢ ଯାଏ ଚାଲିଥାଏ ମା' ଦୁର୍ଗାଙ୍କ ପୂଜା । ପୀଠରେ ଦଶହରା ଅନ୍ତେ ମଣ୍ଡପରେ ଦଶରା ପୂଜା। ଗହଗହ ବେଦ ମନ୍ତ୍ର ପାଠ-ଚଣ୍ଡୀପାଠରେ ପ୍ରକମ୍ପିତ ଭୂମିରୁ ଭୂମା। ମହ ମହ ବାସରେ ପୁରିତ ବାୟୁମଣ୍ଡଳ । ଆକାଶର ସୁନୀଳ ବକ୍ଷରେ ମାଳମାଳ ଶୁଷ୍କ ବଉଦର ଭେଳା । ସକାଳ ଚିକିମିକିଆ ପାଣିଖରା । ଶେଷରେ ଅପରାହ୍ନ ଆଡକୁ ମାଡି ଆସିଲା ଝଡବର୍ଷା ।

ଗାଁରୁ ସହର ସବୁଠି ନବ ପୂଳକ ଅପୂର୍ବ ଶିହରଣ, ଭକ୍ତିରେ ପ୍ଲାବିତ ଭକ୍ତର ହୃଦୟ । ମା' ଦୁର୍ଗା ଦଶଭୂଜାରେ ଧରାବତରଣ ଆଗମନୀରୁ ବିସର୍ଜନ ଯାଏ ଧରା ପାଲଟେ ସ୍ୱର୍ଗ । କାହିଁ ଷୋଳପୂଜା ତ କାହିଁ ନବଦିନାତ୍ମକ ପୂଜାରେ ପ୍ରକମ୍ପିତ ଧରଣୀ । ସାରା ବରଷର ପାପତାପ-ଶୋକ ସନ୍ତାପ ଦୂର କରନ୍ତି ଦୁର୍ଗତି ନାଶିନୀ ମା' ଦୁର୍ଗା । ନଭଶ୍ଚୁମ୍ବୀ ରୋଷଣୀ, ଆତସ-ଆଲୋକମାଳାରେ ଧନ୍ୟ ହୁଏ ଧରିତ୍ରୀ । ଏକ ନବ୍ୟ ନୂତନ ନିରୁତାପଣରେ ଆହ୍ଲାଦିତ କରେ ସବୁଜ ଧାନ ଗହୀରରେ ଧବଳ ଶୁଭ୍ର ଶୋଭାରେ କାଶତଣ୍ଡୀ ଆମନ୍ତ୍ରେ ମାତାଙ୍କୁ ମର୍ତ୍ତ୍ୟର ଏ ମାଟି ମଣ୍ଡପକୁ । ପବନ ଦୋଳିରେ ଆଳଟ ଚାମର ପକାଇ ପାର୍ବଣ ପ୍ରାରମ୍ଭ ଶ୍ରୀଗଣେଶ ପୂଜାରୁ କାର୍ତ୍ତିକେଶ୍ୱର ପୂଜା ଯାଏ ।

ରମେଶ ଏବେ ଜୀବନର ତୃତୀୟ ପାହାଚରେ ଉପନୀତ ବୟସ ଚଉଷଠୀ ଛୁଇଁଲାଣି । ତଥାପି ସେ ଭୁଲି ନାହାନ୍ତି ଅତୀତର ସ୍ମୃତି ସବୁକୁ । ଦିନ ଥିଲା ସେ ଏକ ଅଖ୍ୟାତ ପଲ୍ଲୀ ଗାଁର ବିଲବଣ ପରିବେଷ୍ଟିତ ଗାଁର ଏକ କୃଷକ ପରିବାରରେ ଜନ୍ମ ନେଇଥିଲେ । ଅବଶ୍ୟ ତାଙ୍କ ବାପାଙ୍କର କୃଷି ସାଥେ ବାଣିଜ୍ୟ ବି ଥିଲା । ତିନି ନଈ କାଦୁଅ ବିଲ ହିଡ ଦେଇ ସେ ଚାରି କିମି ବାଟ ଚାଲି ହାଇସ୍କୁଲରେ ପାଠ ପଢିଥିଲେ । ଠିକ୍ ଏକାଦଶ ଶେଣୀର ବୋର୍ଡ ପରୀକ୍ଷା କିଛି ଦିନ ବାକି ଥାଏ ରମେଶଙ୍କ ବାପାଙ୍କର ଦେହାନ୍ତ ହୁଏ । ରମେଶଙ୍କ ବୟସ ମାତ୍ର ଷୋଳବର୍ଷ ଥାଏ ସେ ବେଳେ । ତିନିଭାଇ ମଧ୍ୟରେ ସେ ଥିଲେ ମଧ୍ୟମ ପୁଅ ଏବଂ ତାଙ୍କ ପରେ ଥିଲେ ଦୁଇ ଭଉଣୀ । ରମେଶଙ୍କ ବଡଭାଇ ସେତେବେଳେ ଚାକିରି ପାଇଁ ଚେଷ୍ଟା କରୁଥିଲେ ।

ଶେଷରେ ଦିନେ ତାଙ୍କରି ଚାକିରିରେ ଜଏନିଂ ଲେଟର ଆସି ପହଞ୍ଚେ । ପୋଷ୍ଟମ୍ୟାନ ଗଜେନ୍ଦ୍ର ଯାଗାରେ ଯୋଗୀନ୍ଦ୍ର ଘରେ ଲେଟରଟା ଦେଇ ଚାଲିଯାନ୍ତି ଭୁଲରେ। ଅପାଠୋଇ ଯୋଗୀନ୍ଦ୍ରଙ୍କ ସ୍ତ୍ରୀ ଲେଟରଟାକୁ ପଢି ନପାରି ଘର ଆଗ ମଇଳା କୁଣ୍ଡରେ ପକାଇ ଦିଅନ୍ତି । ଏ ସବୁକୁ ଦେଖିଥିଲେ ରମେଶ ନିଜ ଦୋକାନ ଚୌକିରେ ବସି । ସେ ଶିଘ୍ର ଆସି ଉଠାଇ ନେଇଥିଲେ କାଗଜଟିକୁ । ଜାଣିବାକୁ ପାଇଲେ ଏଇଟା ତାଙ୍କ ଭାଇ ଗଜେନ୍ଦ୍ରଙ୍କ ଚାକିରି ଜଏନିଂ ଲେଟର । ଓଃ ଭଗବାନଙ୍କୁ କୃତଜ୍ଞତା ଜଣାଇ ବଢେଇ ଦେଇଥିଲେ ଭାଇ ହାତକୁ । ଯେଉଁ ଭାଇ ଚାକିରିରେ ଯୋଗ ଦେବା ପରେ ଏବଂ ରମେଶ ତାଙ୍କର ବାହାଘର କରାଇ ଦେବା ପରେ ଘରଠୁ ଅଲଗା ହୋଇ ସହରରେ ରହି ଘର ଭୁଲିଗଲେ ସେ ।

ଏମିତିକି ମଝିଆ ଭାଇ ରମେଶର ବାହାଘର ବେଳେ ଡ୍ରେସ ବାବଦକୁ ମିଳିଥିବା ତିନି ହଜାର ଟଙ୍କାକୁ ବଡଭାଇ ଲୁଚେଇ ରଖିଦେଇ ଚୁପ୍ ରହିଗଲେ । ରମେଶ ମଝିଆ ପୁଅ ଘରର ମଝି ଖୁଣ୍ଟ ହୋଇ ଦୁଇ ଭଉଣୀ ଓ ସାନ ଭାଇକୁ ରୋଜଗାର ଯୋଗାଇ ତାଙ୍କୁ ବାହାଘର ମଧ୍ୟ କରାଇଥିଲେ । ରମେଶ ନିଜର ଆସିଥିବା ବନ ବିଭାଗ ଚାକିରିକୁ ମାଆଙ୍କ କଥାରେ ଛାଡି ଦେଇଥିଲେ। ତାଙ୍କ କଲେଜ ପଢା ସମୟରେ । ସମସ୍ତଙ୍କ ଜୀବନକୁ ସଜାଡି ନିଜେ ସେ ଅସଜଡା ପାଲଟିଗଲେ । ବନ୍ଧୁବାନ୍ଧବ ପରିବାର କେହି ଆଉ ତାଙ୍କୁ ଭଲ ପାଉ ନଥିଲେ ନିସ୍ୱଃ ଅସହାୟତା ସ୍ଥିତିନେଇ । ନିଜକୁ ପରିବାର ପାଇଁ ତିଳ ତିଳ କରି ଜାଳିଦେବା ପରେ ସେ ଏବେ ବିକଳରେ ବଞ୍ଚିଯିବା ପାଇଁ ଗାଁ ଘର ଛାଡି ସହର ଫୁଟପାଥକୁ ଚାଲି ଆସିଥିଲେ କ୍ଷୁଦ୍ର ଦୋକାନୀଟେ ହୋଇ ।

ସହରରେ ରମେଶ ନିଜର ଏକମାତ୍ର ପୁଅକୁ ଉଚ୍ଚଶିକ୍ଷା ଦେଲେ । ଏବେ ସେ କେନ୍ଦ୍ର ସରକାରଙ୍କ ଅଧୀନର ଏକ ଉଚ୍ଚସ୍ଥ କର୍ମଚାରୀ ଭାବେ ନିଯୁକ୍ତ । ପୁଅର ବାହାଘର ପରେ ରମେଶ ଏବେ ଜେଜେ ହୋଇ ଗଲେଣି ଇତି ମଧ୍ୟରେ । ତେବେ ରମେଶଙ୍କୁ ଆଉ ଏବେ କାହିଁକି ଜୀବନଟା ଭଲ ଲାଗୁନି ଆଗ ପରି । ନା ଅଛି ଆଶା ନା ଆନନ୍ଦ ବାସ୍ ଏକ ନିରସ ବେରଙ୍ଗ ଜୀବନ ଜୀଇଁ ଚାଲିଛନ୍ତି ସେ । ସ୍ତ୍ରୀ ବୋଲି ଯାହାକୁ ବାହା ହୋଇଛନ୍ତି ଆଦ୍ୟରୁ ଆଜି ଯାଏ ତାଙ୍କର ସର୍ବଦା କର୍କଷ କଣ୍ଠି ମଧୁରତା ବଚନରେ ନାହିଁ । ଟାଣୁଆ ଟାଆଁସା ବଚନ ଆଦରହୀନ ଚଳଣି ଚର୍ଯ୍ୟା । ରମେଶ ଯାହା ସମ୍ଭାଳି ନେଇଛନ୍ତି ତାଙ୍କ ନିଜର ଓ ସାମାଜିକ ସମ୍ମାନ ପାଇଁ ।

ରମେଶ ଜଣେ ବ୍ୟବସାୟୀ ହେଲେ ମଧ୍ୟ ଜଣେ ସୁଲେଖକ, କବି, ଗାଳ୍ପିକ, ସ୍ତମ୍ଭକାର ମଧ୍ୟ ଅନେକ ପୁରସ୍କାରରେ ସମ୍ମାନିତ ସେ । ପତ୍ର ପତ୍ରିକା ଖବର କାଗଜରେ ନିୟମିତ ଯାହାଙ୍କ ଲେଖା ପ୍ରକାଶ ପାଏ । ରମେଶଙ୍କ ସରଳ ସୁନ୍ଦର ମନ ସୌମ୍ୟ ଚେହେରା ଶିକ୍ଷିତ ଗଣ ତାଙ୍କ ପ୍ରଶଂସା କରନ୍ତି । ସୃଜନ ପରିବାର ବନ୍ଧୁବର୍ଗ ମଧ୍ୟରେ ରମେଶ ଆଜି ଅନାଲୋଚିତ ଫର୍ଦ୍ଦ । ଜୀବନ ଯଦି ଯନ୍ତ୍ରଣା ଜହର ପାଲଟେ ଆଉକି ଇଛା ହୁଏ ବଞ୍ଚିବାକୁ । ଏ ଯୁଗରେ ମୋହ ମନ୍ଦିରରେ ନିମଜ୍ଜିତ ଅନ୍ୟାୟୀ ଚରିତ୍ର ମାନେ ତ ସମ୍ମାନ ପାଆନ୍ତି । ଶାନ୍ତ ସୁଧାର ସରଳ ବ୍ୟକ୍ତି କଷ୍ଟ ପାଆନ୍ତି । ବେଳେ ବେଳେ କାହା ଜୀବନରେ ଅକାଳ ଝଡରେ ଝଡି ଯାଏ ଆଶା ସ୍ୱପ୍ନ ଅନ୍ତିମ ଅଭିଳାଷ ସବୁ । ପୂର୍ଣ୍ଣତା ପାଏ ନାହିଁ ସାଇତା ସପନ ଉଜୁଡି ଯାଏ ଅବେଳରେ । ଅଲକ୍ଷ୍ୟରେ ।

ରମେଶ ପ୍ରଥମରୁ ମାଆଙ୍କ ମଣ୍ଡପକୁ ନିତି ଯାଆନ୍ତି । ବିଲ୍ୟ ବରଣୀ, ଚକ୍ଷୁଦାନ - ସନ୍ଧିପୂଜା, ମହାନବମୀ ଯାଏ । ଶେଷରେ ନବ ଦୁର୍ଗା ପୂଜା ପରେ ଦଶମୀର ବିଜୟାଲଗ୍ନରେ ମଧ୍ୟ ଦଶହରା ସନ୍ଧ୍ୟାରେ ମାଆଙ୍କ ପାଖକୁ ଯାଇଥିଲେ ରମେଶ । 'ଲୋକନାଂ ବରଦା ଭବ' ମା' ଦୁର୍ଗାଙ୍କୁ ମନ କଥା କହିଥିଲେ ସବୁ । ପାଇବାର ଆଶା କିଛି ନଥିଲା ମନରେ । ବରଂ ଜୀବନର ଉଦ୍ଧାର ପାଇଁ ସେ ପ୍ରାର୍ଥନା କରିଥିଲେ ମାଆଙ୍କୁ ।

ସମୟର ଇଙ୍ଗିତରେ ମନେ ମନେ ଭାବୁଥିଲେ ରମେଶ ଆଶ୍ୱିନ ଶୁକ୍ଳ ପ୍ରତିପଦାରୁ ନବମୀ ଦଶମୀ ଯାଏ ଗହଗହ କମ୍ପୁଥିବା ମାଆଙ୍କ ମେଢ ସ୍ୱର୍ଗସମ ଲାଗେ । ହେଲେ ଆଗମନୀରୁ ବିସର୍ଜନ ବେଦନା ବଳି ଯାଏ । ଏତେ ଭକ୍ତି ପୂଜା ପାଠ ନୈବେଦ୍ୟ ସବୁ କୁଆଡେ ଯାଏ । ଶେଷରେ ମା'ଙ୍କୁ ମଣ୍ଡପରୁ ଟାଣି ଓଟାରି ଏକ ନିର୍ଦ୍ଦୟ ଅସଜଡା ଭାବେ ଫିଙ୍ଗି ଦିଆଯାଏ ପାଣିରେ । ସତରେ କି ହୃଦୟ ବିଦାରକ ଲାଗେ ସେ ଦୃଶ୍ୟ । ଲୋକେ ମାଆଙ୍କୁ ନେଇ ବିସର୍ଜନ କରି ଦିଅନ୍ତି । ସମସ୍ତଙ୍କ ଶୋକ ସନ୍ତାପ ଦୂର କରି ମା' ଧରାପୃଷ୍ଠରୁ ଏମିତି ଦୁଃଖଦ ମେଲାଣି ନିଅନ୍ତି ।

ସବୁ ଦେଇ ଶେଷରେ ଏମିତି ଭାବେ ଫେରି ଯାଆନ୍ତି ମାଆ । ଏକଥା ଭାବୁ ଭାବୁ ରମେଶ ମା'ଙ୍କ ଭୋଗ ଧରି ପାହାଚ ଓହ୍ଲାଉ ଓହ୍ଲାଉ ତଳେ ପଡି ପ୍ରାଣ ତ୍ୟାଗ କଲେ । ମାଆ ବୋଧେ ଶୁଣି ପାରିଲେ ତାଙ୍କ ଅନ୍ତରର ଆବେଗକୁ ସତରେ ମେଳନର ଅପୂର୍ବ ସୁଖ ଅନ୍ତେ ମେଲାଣି ଦୁଃଖ କେତେ ।

**ମୋ- ୭୮୯୪୪୯୯୩୪୪**

# ଭାଷା ବିଶାରଦ ଗୋପାଳ ଚନ୍ଦ୍ର ପ୍ରହରାଜ




## ଇନ୍ଦୁ ଭୂଷଣ ଭୂୟାଁ (ବାଦଲ)

ଓଡ଼ିଶାର ଯଶସ୍ୱୀ ସାରସ୍ୱତ ପୁରୁଷ 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ'ର ପ୍ରଣେତା ଗୋପାଳ ଚନ୍ଦ୍ର ପ୍ରହରାଜ ଜଣେ ସୁପ୍ରସିଦ୍ଧ ଭାଷାତତ୍ତ୍ୱବିତ୍ ଓ ସୁଲେଖକ । ଉତ୍କଳ କାହାଣୀ, ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ, ଢଗଢମାଳି ଏବଂ ବହୁ ରମ୍ୟ ରଚନା ସେ ରଚନା କରିଛନ୍ତି । ସଂସ୍କୃତ, ଇଂରାଜୀ, ପାର୍ଶୀ, ବଙ୍ଗଳା, ହିନ୍ଦୁସ୍ଥାନୀ ଆଦି ଭାଷାରେ ସେ ପଣ୍ଡିତ ଥିଲେ ମଧ୍ୟ ତାଙ୍କର ଭାଷା ଓ ସାହିତ୍ୟ ପ୍ରତି ଅପୂର୍ବ ଶ୍ରଦ୍ଧା ଓ ଅନୁରାଗ ତାଙ୍କର ସମଗ୍ର ଜୀବନ ସାରସ୍ୱତ ମାର୍ଗରେ ନିୟୋଜିତ କରିବାକୁ ପ୍ରେରଣା ଦେଇଥିଲା ।

ଭାଷା ବିଶାରଦ ଗୋପାଳଚନ୍ଦ୍ର ପ୍ରହରାଜ ୧୮୭୪ ମସିହା ସେପ୍ଟେମ୍ବର ୨୭ ତାରିଖରେ କଟକ ଜିଲ୍ଲାସ୍ଥ ସିଦ୍ଧେଶ୍ୱରପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ନରସିଂହ ପ୍ରହରାଜଙ୍କ ଝିଅ ଓ ପୁଅଙ୍କ ମଧ୍ୟରୁ ଗୋପାଳଚନ୍ଦ୍ର ଥିଲେ ବଡ଼ ପୁଅ ଓ ଦ୍ୱିତୀୟ ସନ୍ତାନ । ତାଙ୍କ ପୂର୍ବପୁରୁଷମାନେ ପୁରୀ ଜିଲ୍ଲାର ଗୋବିନ୍ଦପୁର ଶାସନୀ ବ୍ରାହ୍ମଣ ଥିଲେ । ତାଙ୍କ ବଂଶର ପୂର୍ବପୁରୁଷ ସୁଦାମ ଆଚାର୍ଯ୍ୟ ସିଦ୍ଧେଶ୍ୱରପୁରରେ ବାହା ହୋଇ ସେଠାରେ ସ୍ଥାୟୀ ଭାବରେ ଅବସ୍ଥାନ କରିଥିଲେ । ପରବର୍ତ୍ତୀ ସମୟରେ ତାଙ୍କର ଜଣେ ବଂଶଧର ପ୍ରହରାଜ ଉପାଧି ପାଇଥିଲେ ।

ପିଲାଦିନେ ଗୋପାଳଚନ୍ଦ୍ର ବହୁତ ଦୁଷ୍ଟ ଥିଲେ । ସେ ତାଙ୍କ ଗାଁଗହଳିରେ ପାଠପଢ଼ା ଆରମ୍ଭ କରିଥିଲେ । ସେତେବେଳେ ଭଲ ପଢୁନଥିବାରୁ ତାଙ୍କ ଅବଧାନଙ୍କୁ ଖୁସି କରିବା ପାଇଁ ଭଲ ଭଲ ଖାଇବା ଜିନିଷ ଦେଉଥିଲେ । ପ୍ରାଥମିକ ଶିକ୍ଷା ଶେଷକରି ସିଦ୍ଧେଶ୍ୱରପୁରରେ ତାଙ୍କ ବାପାଙ୍କ ଦ୍ୱାରା ପ୍ରତିଷ୍ଠିତ ଭର୍ଣ୍ଣାକୁଲାର ସ୍କୁଲରେ ପାଠ ପଢ଼ିଲେ । ତାଙ୍କୁ ଏଗାର ବର୍ଷ ହୋଇଥିବାବେଳେ ୧୮୮୫ ମସିହାରେ ତାଙ୍କ ମା'ମୃତ୍ୟୁବରଣ କରିଥିଲେ । ମା'ଙ୍କ ସ୍ମୃତିରେ ସେ ତାଙ୍କ ପ୍ରଥମ କବିତା ବହି 'ମାତୃ ବିୟୋଗ' ଲେଖିଥିଲେ । ୧୮୮୭ ମସିହାରେ ତେର ବର୍ଷ ବୟସରେ ଉଚ୍ଚଶିକ୍ଷା ପାଇଁ ସେ କଟକ ଆସିଥିଲେ ।

ସେ କଟକର ରେଭେନ୍‌ସା କଲିଜିଏଟ୍ ସ୍କୁଲରେ ନାମ ଲେଖାଇଥିଲେ । ସ୍କୁଲରେ ସେ ଭଲ ପଢୁଥିଲେ ଓ ପ୍ରଥମ ତିନିଜଣଙ୍କ ଭିତରେ ରହୁଥିଲେ । ସେ ୧୮୮୧ ମସିହାରେ କଲିକତା ବିଶ୍ୱବିଦ୍ୟାଳୟରୁ ପ୍ରଥମ ଶ୍ରେଣୀରେ ଏଣ୍ଟ୍ରାନ୍ସ ପାଶ କରିଥିଲେ । ଓଡ଼ିଶାରେ ତୃତୀୟ ସ୍ଥାନ ଅଧିକାର କରିଥିବାରୁ ମାସିକ ପନ୍ଦର ଟଙ୍କା ଲେଖାଏଁ ବୃତ୍ତି ପାଇଥିଲେ । ତା'ପରେ ସେ ରେଭେନ୍ସା କଲେଜରେ ଏଫ୍.ଏ ଶ୍ରେଣୀରେ ନାମ ଲେଖାଇଲେ । ମାତ୍ର କୁସଙ୍ଗରେ ପଡ଼ି ପଢ଼ାପଢ଼ି ନକରିବାରୁ ସେ ଦୁଇଥର ପରୀକ୍ଷାରେ ଫେଲ ହୋଇଥିଲେ ।



ବାପାଙ୍କ ଠାରୁ ଗାଳିଶୁଣି ଗୋପାଳଙ୍କ ମନ ବଦଳି ଯାଇଥିଲା ଓ ସେ ୧୮୯୪ ମସିହାରେ ପ୍ରଥମ ଶ୍ରେଣୀରେ ଏଫଏ ପାସ୍ କଲେ । ଏହାପରେ ସେ କଲିକତାରେ ଶିବପୁରରେ ଇଞ୍ଜିନିୟରିଂ ପଢ଼ିବାକୁ ଗଲେ । କିନ୍ତୁ ସେଠାରେ ତାଙ୍କ ଦେହ ଖରାପ ହେବାରୁ ବର୍ଷକ ପରେ ଫେରିଆସି ରେଭେନ୍‌ସା କଲେଜରେ ବିଏ ପଢ଼ିଲେ ଓ ୧୮୮୯ ମସିହା ବିଏ୍ ପାସ କଲେ ।

୧୯୦୦ ମସିହାରେ ସେ ଲ'ପାସ କରିବା ପରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସହଯୋଗୀ ଭାବରେ ଓକିଲାତି ଆରମ୍ଭ କଲେ । ୧୯୧୪ ମସିହାରେ ତାଙ୍କ ବାପାଙ୍କ ମୃତ୍ୟୁପରେ ସେ ବଡ଼ପୁଅ ଭାବରେ ଘରର ଦାୟିତ୍ୱ ସୁଚାରୁରୂପେ ତୁଲାଇଥିଲେ । ସେ ୧୮ବର୍ଷ ବୟସରେ ମୁକ୍ତାମଣୀ ଦେବୀଙ୍କୁ ବିବାହ କରିଥିଲେ । ଓଡ଼ିଶା ସାହିତ୍ୟ ପ୍ରତି ଗୋପାଳଚନ୍ଦ୍ରଙ୍କର ବହୁତ ନିଷ୍ଠା ଥିଲା । ସେ ଏକାଧାରାରେ ଥିଲେ ଭାଷାବିତ୍, ପ୍ରାବନ୍ଧିକ, କବି, ଗାଳ୍ପିକ ଓ ସମାଲୋଚକ । 'ପୂର୍ଣ୍ଣଚନ୍ଦ୍ର ଓଡ଼ିଶା ଭାଷାକୋଷ' ତାଙ୍କର ଅନବଦ୍ୟ ସୃଷ୍ଟି । ୧୯୧୩ରୁ ୧୯୪୦ ମସିହା ପର୍ଯ୍ୟନ୍ତ ଦୀର୍ଘ ୨୭ ବର୍ଷ କାଳ ଅକ୍ଳାନ୍ତ ପରିଶ୍ରମ କରି ୧ଲକ୍ଷ ୮୫ ହଜାର ଶବ୍ଦକୁ ଆବିଷ୍କାର କରି ୯୫୦୩ ପୃଷ୍ଠାରେ ପରିବ୍ୟାପ୍ତ ସାତଖଣ୍ଡରେ ଏହି ବିଶାଳ ଓଡ଼ିଆ ଅଭିଧାନ ପ୍ରଣୟନ କରିଥିଲେ, ଯାହା ଭାରତୀୟ ଭାଷା ଓ ସାହିତ୍ୟ ଇତିହାସରେ ଏକ ଅନତିକ୍ରମ ଅଧ୍ୟାୟ ।

ଭାଷାକୋଷ ବ୍ୟତୀତ ଉତ୍କଳ କାହାଣୀ ପ୍ରଥମ, ଦ୍ୱିତୀୟ ଭାଗ, ଭାଗବତ ଟୁଙ୍ଗୀରେ ସନ୍ଧ୍ୟା, ବାଇ ମହାନ୍ତି ପାଞ୍ଜି, ମିଆଁ ସାହେବଙ୍କ ରୋଜନାମଚା, ଧୋ'ରେ ବାଇଆ ଧୋ, ଦୁନିଆରେ ହାଲଚାଲ, ନନାଙ୍କ ବସ୍ତାନି, ଆମ ଘରର ହାଲଚାଲ, ବାଇନାନୀଙ୍କ ବୁଢୁଳି, ବାଇଦାସଙ୍କ ଭଜନ ଓ ଶିଶୁଗୀତ, ଢଗଢମାଳି ବଚନ ପ୍ରଥମ ଓ ଦ୍ୱିତୀୟ ଜେଜେବାପାଙ୍କ ଟୁଣିମୁଣି, ସ୍ୱପ୍ନରେ ରାଜଯୋଗ, ସ୍ୱପ୍ନରେ ରାଜଧାନୀ ଯୋଗ, ମନର ପାଞ୍ଚ, ଭାଷାକୋଷ ପାଇଁ ସଫର, ଦୁନିଆର ରୀତି ଇତ୍ୟାଦି ତାଙ୍କର ଉଲ୍ଲେଖନୀୟ ରଚନାବଳୀ । ସେ ମେ' ୧୬ ତାରିଖ ୧୯୪୫ ମସିହାରେ ଇହଧାମ ତ୍ୟାଗ କରିଥିଲେ ।

**ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍', ପୁରୁଣା ସୋନାରି, ଜାମସେଦପୁର,**
**ମୋ- ୭୪୮୮୯୯୮୫୩୨**

# କବିତା



**ଅଖିଳ କୁମାର ମିଶ୍ର**

*(କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ ଆଞ୍ଚଳିକ ଜନସଂପର୍କ କେନ୍ଦ୍ର, ଓଡ଼ିଶା ଓ ଝାଡଖଣ୍ଡର ଅତିରିକ୍ତ ମହାନିର୍ଦ୍ଦେଶକ ରୂପେ ଦାୟିତ୍ୱ ନିର୍ବାହ କରୁଥିବା ଶ୍ରୀ ଅଖିଳ କୁମାର ମିଶ୍ର ଜଣେ ସୁପରିଚିତ ଓଡ଼ିଆ କବି । ତାଙ୍କ ଲେଖନୀରେ ସାଧାରଣ ମଣିଷର ପ୍ରେମ, ଦୁଃଖ, ନିଃସଙ୍ଗତା, ସ୍ୱପ୍ନ ଓ ଆଶା ଆକାଂକ୍ଷା ସବୁ ବିଚିତ୍ର ଭାବେ ପ୍ରତିଫଳିତ । ତାଙ୍କର କବିତା ସଂକଳନ ମଧ୍ୟରେ ବିଷାଦ ରାସ୍ତା 'The Road To Sadness'ମହାଯଜ୍ଞ, ସ୍ୱପ୍ନ ସମୟ, ସେଇ ସଂପର୍କ, ସ୍ମୃତି, ଅନ୍ୟମନସ୍କ ଋତୁ, ମହାନଦୀ ଓ ଅନ୍ୟାନ୍ୟ କବିତା ବେଶ୍ ଆଦୃତ । 'The Painted Silence'ତାଙ୍କର ଇଂରାଜୀ ଲିଖିତ କବିତା ସଂକଳନ । 'ନିଷିଦ୍ଧ ନାୟକ' ନାମକ ଏକ ଗଳ୍ପ ସଂକଳନରେ ତାଙ୍କର ଗଳ୍ପଗୁଡ଼ିକ ଭିନ୍ନ ଧରଣର ହୋଇ ପାଠକୀୟ ସ୍ୱୀକୃତି ଲାଭ କରିଛି । ଜଣେ ପ୍ରଶାସନିକ ଅଧିକାରୀ ଭାବେ ସେ ଦିଲ୍ଲୀ, ଭୁବନେଶ୍ୱର, କଟକ, କୋଲକାତା, କୋହିମା, ଗୌହାଟୀ ପ୍ରଭୃତିରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ତାଙ୍କର କାର୍ଯ୍ୟଦକ୍ଷତା ମଧ୍ୟ ପ୍ରତିପାଦନ କରିଛନ୍ତି । )*

## ରଙ୍ଗମଞ୍ଚ


ଯେତିକି ବଞ୍ଚିବା ପାଇଁ ଆସିଲା ଏ ଦେହ,
ସମ୍ପୂର୍ଣ୍ଣ ଏହା ଏକ କାହାଣୀ ନା ରହିଯାଉଚି କେଉଁଠାରେ ?
ଯାତ୍ରା ଆରମ୍ଭରୁ ଜମାଟ ମାରୁଥିବା ଡାଇଲଗଯାକ
ଖଣ୍ଡେ ଖଣ୍ଡେ ବିକ୍ଷିପ୍ତ ହେଇଯାଉଥିବା କାହାଣୀ,
ତମେ କେଉଁଠାରେ ଏବେ ? ଏ ରଙ୍ଗମଞ୍ଚରେ ସଦା ଥାଅ ତମେ,
ଆଗରେ, ପଛରେ ବା ମଝି ଧସ୍ତାଧସ୍ତିରେ ।
ଆଖି ଖୋଲି, ଦୃଷ୍ଟିର ଯବକାଚରେ ଦେଖ-
ଅଧୁରା ଅଧୁରା ଘରର ନକ୍ସା,
ବଗିଚାରେ ଫୁଟୁଥିବା ପ୍ରିୟ ଫୁଲଗଛମାନେ,
ବାତିଲ ହୋଇ ପୁଣି ଆଗକୁ ପଡୁଥିବା ଲମ୍ବା ହାଜିରା,
ତୁହାକୁ ତୁହା ଫେରି ଆସି, ଚାଲି ଯାଉଥିବା ପ୍ରିୟ ମଣିଷମାନେ ।
ଯାତନାର ପ୍ରିୟା ...,
ଭୀଷଣ ବ୍ୟସ୍ତ ରହନ୍ତି ସମ୍ପୂର୍ଣ୍ଣ ଜୀବନ ରଙ୍ଗମଞ୍ଚରେ,
ଏକାଠି ଥିଲେ ବି ବେଳଟିଏ ଗାଏବ ରହେ, ସମ୍ବନ୍ଧର ହିସାବଖାତାରୁ ।
ମୃତ୍ୟୁପରେ ଫୁଲମାଳ ଦିଏ ପ୍ରିୟବନ୍ଧୁ,
ଫେସବୁକରେ ସ୍ମୃତିଚାରଣ କରେ ଆଉ
କେତେଜଣ ପସନ୍ଦ କଲେ, ବାରମ୍ବାର ଗଣେ ।
ପ୍ରିୟ ମଣିଷ:
ଜୀବନ କଣ ମୃତ୍ୟୁ ?
ନା ତାର ବେଶ୍ ପୂର୍ବରୁ ଧୂପ ଲିଭି ଯାଇଥାଏ,
ସଳିତା ଓ ଅଙ୍ଗାରଖଣ୍ଡ ନେଇ,
ମୃତ୍ୟୁ ସହ ପରିଚୟ କରାଉଥାଏ ସେ ।

**ଆଡିସନାଲ ଡି.ଜି.**
**ପିଆଇବି, ଭୁବନେଶ୍ୱର**



# ପ୍ରାପ୍ତ ପତ୍ରିକା

*ପତ୍ରିକାର ନାମ- ସମ୍ଭବାମି ଭାରତ (୨୦୨୫)*
*ସମ୍ପାଦିକା- ଶ୍ରୀମତୀ ନନ୍ଦିତା ପଣ୍ଡା*
*ସହଯୋଗୀ ସମ୍ପାଦକ - ଶ୍ରୀ ପ୍ରଫୁଲ୍ଲ କୁମାର ମହାନ୍ତି*
*ପ୍ରକାଶକ- ଜୟ ଭାରତ ଫାଉଣ୍ଡେସନ*



ଜୟ ଭାରତ ଫାଉଣ୍ଡେସନ, କଟକ ପକ୍ଷରୁ ଅଗଷ୍ଟ ୨୭ ତାରିଖରେ ୨୬ତମ ଭାରତ ପ୍ରତିଭା ସମ୍ମାନ-୨୦୨୫ ଅନୁଷ୍ଠିତ ହୋଇଯାଇଛି । ସେହି ଅବସରରେ 'ସମ୍ଭବାମି ଭାରତ ୨୦୨୫' ନାମକ ସ୍ମରଣିକା ପ୍ରକାଶ ପାଇଛି । ସ୍ମରଣିକାଟି ଆମର ହସ୍ତଗତ ହୋଇଛି । ଓଡ଼ିଶାର କେତେକ ଲେଖକଙ୍କ ଲୋକପ୍ରିୟ ପୁରୁଣା ରଚନା ସହ ବର୍ତ୍ତମାନର କେତେକ ଲେଖକଙ୍କ ରଚନାରେ ସ୍ମରଣିକାଟି ସମୃଦ୍ଧ ହୋଇଛି । ସମ୍ପାଦିକା ନନ୍ଦତା ପଣ୍ଡାଙ୍କ ଲେଖନୀରେ ପରିପୁଷ୍ଟ 'ନାରୀ ଭୋଗ୍ୟା ନୁହେଁ, ସ୍ରଷ୍ଟା ସମାଜର'ଯୁଗୋପୋଯୋଗୀ ହୋଇପାରିଛି । ସେହିଭଳି ସହଯୋଗୀ ସମ୍ପାଦକ ପ୍ରଫୁଲ୍ଲ କୁମାର ମହାନ୍ତିଙ୍କର 'ଭବିଷ୍ୟତର ସାହିତ୍ୟ' ଉପରେ ଦୃଷ୍ଟିପାତ ମଧ୍ୟ ଶିକ୍ଷଣୀୟ ହୋଇପାରିଛି । ସର୍ବୋପରି ସ୍ମରଣିକାଟିର ପ୍ରଚ୍ଛଦ ପରିକଳ୍ପନା, ବିଷୟ ସଜ୍ଜା ଆଦି ପ୍ରଶଂସନୀୟ ।

**ଅଳକା**

*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)*
samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କଂଗ୍ରେସ...

ସୋନିଆ ଜୈନ,ଗୋଲ୍ଡି ଅଗ୍ରୱାଲ, ପ୍ରେମ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ । ଅଦ୍ୟାବଧି ସୁଦ୍ଧା ୫ ଜଣ ପ୍ରାର୍ଥୀ ୭ ଟି ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ପୂର୍ବରୁ ସ୍ୱାଧୀନ ପ୍ରାର୍ଥୀ ଆଶ୍ରୟ ମହାନନ୍ଦ ନାମାଙ୍କନ ପତ୍ର ଦାଖଲ କରିଥିଲେ । ଶନିବାର ଆଉ ୪ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । କ୍ରମାନ୍ୱୟରେ ସେମାନେ ହେଲେ ଶୁକଦେବ ଦଣ୍ଡସେନା, ଓଡିଶା ଜନତା ଦଳ, ପୁରୁଷୋତ୍ତମ ବେହେରା, ସ୍ୱାଧୀନ ଭାବେ ନାମାଙ୍କନ ପତ୍ର ଦାଖଲ, ଘାସିରାମ ମାଝୀ ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଜୟ ଢୋଲକିଆ ଭାରତୀୟ ଜନତା ଦଳ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ।

ନିର୍ବାଚନ ଆୟୋଗଙ୍କ ବିଜ୍ଞପ୍ତି ଅନୁସାରେ ନିର୍ବାଚନ ପାଇଁ ନାମାଙ୍କନର ଶେଷ ତାରିଖ ଅକ୍ଟୋବର ୨୦ (ସୋମବାର) ତାରିଖ ଧାର୍ଯ୍ୟ ହୋଇଛି । ସେହିପରି ଅକ୍ଟୋବର ୨୨ (ବୁଧବାର) ରେ ନାମାଙ୍କନ ପତ୍ର ଯାଞ୍ଚ ହେବାକୁ ଥିବାବେଳେ ଅକ୍ଟୋବର ୨୪ (ଶୁକ୍ରବାର) ତାରିଖକୁ ନାମାଙ୍କନ ପତ୍ର ପ୍ରତ୍ୟାହାରର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି । ନଭେମ୍ବର ୧୬ ( ରବିବାର) ତାରିଖ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ ।

## ଶୁଳ୍କ...

ସମୟ ପୂର୍ବରୁ ସମ୍ପୂର୍ଣ୍ଣ ହୋଇଛି । ପରବର୍ତ୍ତୀ-ପୀଢ଼ିର ଜିଏସଟି ସଂସ୍କାର ନବରାତ୍ରିର ପ୍ରଥମ ଦିନରୁ କାର୍ଯ୍ୟକାରୀ ହେଲା ଏବଂ ଭାରତର ଲୋକମାନେ ଏହାକୁ ଭଲ ଭାବରେ ଗ୍ରହଣ କରିଥିବା ସେ କହିଛନ୍ତି ।

କେନ୍ଦ୍ର ଅର୍ଥମନ୍ତ୍ରୀ କହିଥିଲେ, ଆମେ ଜିଏସଟି ପାଇଁ ମାର୍ଗ ନିର୍ଦ୍ଧାରଣ କରିଛୁ, ଏହାକୁ କାର୍ଯ୍ୟକାରୀ କରିଛୁ । ବିରୋଧୀମାନେ ଜିଏସଟି ଆଣିଲେ ନାହିଁ କିମ୍ବା ଏଥିପାଇଁ ଚେଷ୍ଟା କରିବାକୁ ସାହସ ମଧ କଲେ ନାହିଁ । ଆଜି ଆମେ ଯାହା କରୁଛୁ ତାହା କୌଣସି ସଂଶୋଧନ ନୁହେଁ, ବରଂ ଏକ ସଚେତନ ନିଷ୍ପତ୍ତି ଯାହା ଜନସାଧାରଣଙ୍କୁ ଅଧିକରୁ ଅଧିକ ଲାଭ ପ୍ରଦାନ କରିବା ଲାଗି କେନ୍ଦ୍ର ସରକାର ଏବଂ ଜିଏସଟି ପରିଷଦ ମଧ୍ୟରେ ସହଯୋଗର ପ୍ରତିଫଳନ । ଟିକସ ହାରରେ ହ୍ରାସରେ ଗ୍ରାହକଙ୍କ ଲାଭ ପାଇଁ ଉଦ୍ଦିଷ୍ଟ-ଏବଂ ପ୍ରଧାନମନ୍ତ୍ରୀ ଆମକୁ ଏହା କରିବା ଲାଗି ମାର୍ଗଦର୍ଶନ କରିଛନ୍ତି । ୨୦୧୭ ମସିହାରୁ ଆଜି ପର୍ଯ୍ୟନ୍ତ ଆମେ କ୍ରମାଗତ ଭାବେ ଏହା କରିଆସୁଛୁ ବୋଲି ସୀତାରମଣ କହିଛନ୍ତି ।

ସେପ୍ଟେମ୍ବର ୨୨ ଠାରୁ ଆମେ ସମସ୍ତ ସାମଗ୍ରୀ ଉପରେ ଆଞ୍ଚଳିକ ସ୍ତରରୁ ସୂଚନା ପାଉଛୁ । ତଥାପି, ଆମେ ୫୪ଟି ଉତ୍ପାଦର ମୂଲ୍ୟ ଉପରେ ତୀକ୍ଷ୍ଣ ନଜର ରଖିଛୁ, ଯାହାଦ୍ୱାରା ସଂଶୋଧିତ ଟିକସ ବ୍ୟବସ୍ଥାର ଲାଭ ଶେଷ ଉପଭୋକ୍ତାଙ୍କ ନିକଟରେ ପହଞ୍ଚିଥିବା ଆମେ ସୂଚନା ପାଇପାରିଛୁ ।ପରବର୍ତ୍ତୀ ପୀଢ଼ିର ଜିଏସଟି ସଂସ୍କାର ଲାଭ ସମସ୍ତ ୫୪ଟି ସାମଗ୍ରୀ ଉପରେ ସମ୍ପୂର୍ଣ୍ଣ ଭାବେ ଲାଗୁ କରାଯାଇଛି ବୋଲି ସେ କହିଛନ୍ତି । ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ବିଭାଗ, ପରବର୍ତ୍ତୀ-ପିଢ଼ିର ଜିଏସଟି ପରିବର୍ତ୍ତନ ଅବଧିରେ ୫୪ଟି ଚୟନିତ ଉତ୍ପାଦ ଉପରେ ସକ୍ରିୟ ଭାବରେ ନଜର ରଖିଛି ।

ପୀୟୁଷ ଗୋୟଲ ତାଙ୍କ ବକ୍ତବ୍ୟରେ ସେପେଟମ୍ବର ୨୨ ତାରିଖରେ ପରବର୍ତ୍ତୀ ପୀଢ଼ିର ଜିଏସଟି ଲାଗୁ କରି ଚଳିତ ବର୍ଷର ନବରାତ୍ରିକୁ ସ୍ୱତନ୍ତ୍ର କରିବା ପାଇଁ ପ୍ରଧାନମନ୍ତ୍ରୀ ଏବଂ ଅର୍ଥମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ । ସେ କହିଥିଲେ, ଏହି ସଂସ୍କାର ସାରା ଦେଶରେ, ବିଶେଷ କରି ସାଧାରଣ ଲୋକଙ୍କ ମଧ୍ୟରେ, ଶିଳ୍ପ ଓ ବାଣିଜ୍ୟିକ କ୍ଷେତ୍ର ଏବଂ ସାଧାରଣ ପରିବାର ମଧ୍ୟରେ ଏକ ନୂତନ ଉତ୍ସାହ ଓ ଶକ୍ତି ଆଣିଛି । ସ୍ୱାଧୀନତା ପରଠାରୁ ଏହାକୁ ସବୁଠାରୁ ବଡ଼ ସଂସ୍କାର ବୋଲି ଅଭିହିତ କରି ମନ୍ତ୍ରୀ କହିଛନ୍ତି ଯେ ପରୋକ୍ଷ ଟିକସ ବ୍ୟବସ୍ଥା ୧୪୦ କୋଟି ଭାରତୀୟଙ୍କୁ ପ୍ରଭାବିତ କରିଥାଏ । ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଟିକସ ପଦକ୍ଷେପ ମାଧ୍ୟମରେ ୨.୫ ଲକ୍ଷ କୋଟି ଟଙ୍କାର ଆଶ୍ୱସ୍ତି ପ୍ରଦାନ କରିବାର ନିଷ୍ପତ୍ତି ଅଭୂତପୂର୍ବ ଏବଂ କଳ୍ପନାତୀତ ।

ଶ୍ରୀ ଗୋୟଲ ଆଲୋକପାତ କରିଥିଲେ, ଚଳିତ ବର୍ଷ ଫେବୃଆରୀ ୧ ତାରିଖରେ ଆୟକରରେ ଘୋଷଣା କରାଯାଇଥିବା ପ୍ରମୁଖ ରିହାତି ସଞ୍ଚୟକୁ ଉତ୍ସାହିତ କରିବା ଏବଂ ଲୋକଙ୍କ ପାଇଁ ଆୟ ବୃଦ୍ଧି କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ଥିଲା । ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଅର୍ଥମନ୍ତ୍ରୀ ଗତ ଦେଢ଼ ବର୍ଷ ଧରି ବ୍ୟାପକ ଟିକସ ସଂସ୍କାର ଉପରେ କାର୍ଯ୍ୟ କରୁଛନ୍ତି, ଯାହା ୩ ସେପେଟମ୍ବର ୨୦୨୫ରେ ଜିଏସଟି ଘୋଷଣାରେ ଶେଷ ହୋଇଥିବା ସେ କହିଥିଲେ ।

କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ତାଙ୍କ ବକ୍ତବ୍ୟରେ ଭାରତର ଇଲେକ୍ଟ୍ରୋନିକ୍ସ ଇକୋସିଷ୍ଟମରେ ଉଲ୍ଲେଖନୀୟ ଅଭିବୃଦ୍ଧି ଓ ଉପଯୋଗ, ନିବେଶ ଓ ଉତ୍ପାଦନ ଉପରେ ଜିଏସଟି ସଂସ୍କାରର ସକାରାତ୍ମକ ପ୍ରଭାବ ଉପରେ ଆଲୋକପାତ କରିଥିଲେ ।କେନ୍ଦ୍ର ମନ୍ତ୍ରୀ କହିଥିଲେ, ଭାରତୀୟ ଅର୍ଥବ୍ୟବସ୍ଥା ରେକର୍ଡ ଉପଭୋକ୍ତା ଚାହିଦା, ନୀତିଗତ ସ୍ଥିରତା ଏବଂ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଉତ୍ପାଦନ ଆଧାର ଦ୍ୱାରା ପରିଚାଳିତ ଦୃଢ଼ ପ୍ରଦର୍ଶନ ଜାରି ରଖିଛି ।

ସେ ଆହୁରି ମଧ କହିଥିଲେ, ଚାହିଦା ବୃଦ୍ଧି ଭାରତର ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଷେତ୍ରରେ ସିଧାସଳଖ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧିରେ ରୂପାନ୍ତରିତ ହୋଇଛି । ଏହା ସାରା ଦେଶରେ ୨୫ ଲକ୍ଷରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିଛି । ବିଶ୍ୱର ସର୍ବବୃହତ୍ ଉପଭୋକ୍ତା ବଜାର ମଧ୍ୟରୁ ଅନ୍ୟତମ ଆମେରିକାକୁ ସ୍ମାର୍ଟଫୋନ୍ ରପ୍ତାନୀ କରିବାରେ ଭାରତ ମଧ ଏହାର ପଡ଼ୋଶୀ ଦେଶକୁ ଅତିକ୍ରମ କରିଛି । ଏକ ପ୍ରମୁଖ ବିଶ୍ୱସ୍ତରୀୟ କମ୍ପାନୀ ବର୍ତ୍ତମାନ ଏହାର ମୋଟ ଉତ୍ପାଦନର ୨୦ ପ୍ରତିଶତ ଭାରତରେ ଉତ୍ପାଦନ କରୁଛି, ଯାହା ଏକ ପସନ୍ଦଯୋଗ୍ୟ ବିଶ୍ୱ ଉତ୍ପାଦନ ଗନ୍ତବ୍ୟସ୍ଥଳ ଭାବେ ଦେଶର ସ୍ଥାନକୁ ପ୍ରତିଫଳିତ କରୁଛି ।ଚାହିଦା ବୃଦ୍ଧି ସହିତ, ନିବେଶ ବୃଦ୍ଧି ପାଇଥାଏ, ଫଳସ୍ୱରୂପ, ଚାହିଦା ଆହୁରି ବୃଦ୍ଧି ପାଇଥାଏ-ଯାହା ଆର୍ଥିକ ଅଭିବୃଦ୍ଧିର ଏକ ଉତ୍ତମ ଚକ୍ର ସୃଷ୍ଟି କରିଥାଏ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

ସାମଗ୍ରିକ ଆର୍ଥିକ ତଥ୍ୟ ବିଷୟରେ ଉଲ୍ଲେଖ କରି ଶ୍ରୀ ବୈଷ୍ଣବ କହିଥିଲେ ଯେ ଗତ ବର୍ଷ ଭାରତର ୩୩୫ ଲକ୍ଷ କୋଟି ଟଙ୍କାର ଜିଡିପି ମଧ୍ୟରୁ ୨୦୨ ଲକ୍ଷ କୋଟି ଟଙ୍କା ଉପଭୋକ୍ତାଙ୍କ କ୍ରୟଜନିତ ବ୍ୟୟରୁ ଏବଂ ୯୮ ଲକ୍ଷ କୋଟି ଟଙ୍କା ନିବେଶରୁ ଆସିଥିଲାଛ ଜିଏସଟି ସଂସ୍କାରର ପ୍ରଭାବ ସ୍ପଷ୍ଟ ଭାବେ ଦୃଶ୍ୟମାନ ହେଉଛି, କାରଣ ଚଳିତ ବର୍ଷ ଉପଭୋକ୍ତା ବ୍ୟୟ ପ୍ରାୟ ୧୦ ପ୍ରତିଶତ ବୃଦ୍ଧି ପାଇଛିଛ ଉପଭୋକ୍ତା ବ୍ୟୟରେ ଅତିରିକ୍ତ ୨୦ ଲକ୍ଷ କୋଟି ଟଙ୍କା ବୃଦ୍ଧି ହୋଇଛି । ଏହି ବୃଦ୍ଧି ନିବେଶରେ ଅନୁରୂପ ବୃଦ୍ଧି କରିବ ବୋଲି ଆଶା କରାଯାଉଛି, ଯାହା ଅଭିବୃଦ୍ଧିର ଗତିକୁ ସୁଦୃଢ଼ କରିବଛ ଜିଏସଟି ସଂସ୍କାର ଅର୍ଥବ୍ୟବସ୍ଥାରେ ଉପଭୋକ୍ତାଙ୍କ କ୍ରୟଜନିତ ବ୍ୟୟ ଏବଂ ନିବେଶ ମଧ୍ୟରେ ଥିବା ସମ୍ପର୍କକୁ ଦର୍ଶାଉଛି ବୋଲି ସେ କହିଛନ୍ତି ।

## ଦୀପାବଳିରେ...

ପାଳନ ହେବା ସହ ଏହି ଦିନକୁ ଅତିରିକ୍ତ ଛୁଟି ଘୋଷଣା କରିଛନ୍ତି । ହେଲେ ନୂଆପଡ଼ାରେ ଉପନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ହୋଇଥିବା ବେଳେ ୨୦ ତାରିଖରେ ଏହି ଜିଲ୍ଲାରେ ସମସ୍ତ ସରକାରୀ କାର୍ଯ୍ୟାଳୟ ଖୋଲା ରହିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଚିଠି ଜାରି କରାଯାଇଛି ।

ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ଚିଠିରେ ଉଲ୍ଲେଖ ହୋଇଛି ଯେ, ଆସନ୍ତା ସୋମବାର ଓ ମଙ୍ଗଳବାର ଦୁଇ ଦିନ ଲାଗି ଦୀପାବଳି ଛୁଟି ହେବା ଅର୍ଥାତ୍ ୨୦ଓ ୨୧ ତାରିଖରେ ଓଡ଼ିଶାରେ ଦୀପାବଳି ଛୁଟି ଘୋଷଣା କରାଯାଇଛି। ୨୧ ତାରିଖ ପାଇଁ ପୂର୍ବରୁ ଛୁଟି ଘୋଷଣା କରାଯାଇଥିବା ବେଳେ ୨୦ ତାରିଖରେ ପୟାଶ୍ରଦ୍ଧ ପାଳନ ନିମନ୍ତେ ଅତିରିକ୍ତ ଛୁଟି ହେବ। ତେବେ ଏଥିରୁ ନୂଆପଡ଼ା ଜିଲ୍ଲା ବାଦ ପଡ଼ିଛି । କାରଣ ସେଠାରେ ଉପନିର୍ବାଚନ ଲାଗି ଆଚରଣ ବିଧି ଲାଗୁ ହୋଇଥିବାରୁ ସମସ୍ତ ସରକାରୀ କାର୍ଯ୍ୟାଳୟର ତଥା ମ୍ୟାଜିଷ୍ଟ୍ରେରିଆଲ କୋର୍ଟ ଖୋଲା ରହିବ । ନୂଆପଡ଼ା ଜିଲ୍ଲା ବ୍ୟତୀତ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ତଥା ମ୍ୟାଜିଷ୍ଟ୍ରେରିଆଲ କୋର୍ଟ ବନ୍ଦ ରହିବ ।

ଦୀପାବଳି ଛୁଟି ଦିବସକୁ ୨୧ ତାରିଖ ପରିବର୍ତ୍ତେ ୨୦ ତାରିଖରେ ପାଳନ ହେବାକୁଥିବା ବେଳେ ନୂଆପଡ଼ା ଜିଲ୍ଲା ବ୍ୟତୀତ ସମସ୍ତ ବ୍ୟାଙ୍କ ଏବଂ ଅନ୍ୟାନ୍ୟ ବ୍ୟାଙ୍କିଙ୍ଗ ସଂସ୍ଥା ବନ୍ଦ ରହିବ । ୨୧ ତାରଖରେ ରାଜ୍ୟର ସମସ୍ତ ବ୍ୟାଙ୍କ ଓ ଅନ୍ୟାନ୍ୟ ବ୍ୟାଙ୍କିଙ୍ଗ ସଂସ୍ଥା ଖୋଲା ରହିବ । ତେବେ ସେହିଦିନ ସରକାରୀ କାର୍ଯ୍ୟାଳୟ ବି ବନ୍ଦ ରହିବ ବୋଲି ଘୋଷଣା କରାଯାଇଛି । ଏହା ସହିତ ଚଳିତ ମାସର ଚତୁର୍ଥ ଶନିବାର ଅର୍ଥାତ୍ ୨୫ ତାରିଖରେ କାର୍ଯ୍ୟ ଦିବସ ଭାବେ ସରକାର ଘୋଷଣା କରିଛନ୍ତି ।

ସେହିପରି ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ୨୦ ତାରିଖରେ ବନ୍ଦ ରହିବ। ସୋମବାର ସରକାରୀ, ଅନୁଦାନପ୍ରାପ୍ତ ଓ ଘରୋଇ ବିଦ୍ୟାଳୟଗୁଡ଼ିକ ବନ୍ଦ ରହିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି । ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ରାଜ୍ୟର ବିଶ୍ୱବିଦ୍ୟାଳୟ ଓ କଲେଜ ଗୁଡିକ ଛୁଟି ରହିବ। ତେବେ ନୂଆପଡ଼ା ଜିଲ୍ଲାରେ ଉପନିର୍ବାଚନ ଥିବାରୁ ଏହି ନିୟମ ଲାଗୁ ହେବ ନାହିଁ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଚିଠି କରାଯାଇଛି ।

## ୧୦ ରାଜ୍ୟରୁ...

ଲୋକଙ୍କୁ କମ୍ପାନୀ ସହିତ ଯୋଡିଥିଲା ।

ବିଜୟ କୁମାର ପାଣିଗ୍ରାହୀ ନାମକ ଜଣେ ବ୍ୟକ୍ତି ସରକାରୀ ଚାକିରିରୁ ଅବସର କରିବା ପରେ ଅବସରକାଳୀନ ଟଙ୍କା ପାଇଥିଲେ। ପ୍ରତାପ କାମ କରିଥିବା କମ୍ପାନୀ ମାସିକ ୧୧%-୧୮ % ସୁଧ ଦେଉଥିବା ସେ ଜାଣିବା ପରେ ୯୨,୬୦,୪୮୦ ଟଙ୍କା ବିନିଯୋଗ କରିଥିଲ । ନିର୍ଦ୍ଧାରିତ ସମୟ ଅନୁଯାୟୀ ୨୦୨୪ ମସିହା ମଧ୍ୟରେ ଟଙ୍କା ଫେରସ୍ତ ଆସିଲା ନାହିଁ। କାରଣ ୧୦ ରାଜ୍ୟରୁ ୧୦୦୦ରୁ ଊର୍ଦ୍ଧ୍ୱ କୋଟି ଟଙ୍କା ସଂଗ୍ରହ କରିବା ପରେ କମ୍ପାନୀ ବନ୍ଦ କରିଦେଇଥିଲେ ଠକେଇ ର୍ୟାକେଟର ମୁଖ୍ୟା ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ ଏଜେଣ୍ଟଙ୍କ ମାଧ୍ୟମରେ ଟଙ୍କା ସଂଗ୍ରହ ହୋଇଥିବାରୁ ଲୋକମାନେ ଠକେଇରେ ପଡିଯାଇଥିଲ । ଇଓଡବ୍ଲ୍ୟୁରେ ଏତଲା କରୁଥିବା ବିଜୟ ଟଙ୍କା ନପାଇବାରୁ ଓଡ଼ିଶାର ମୁଖ୍ୟ ପ୍ରତାପ ସହ ଯୋଗାଯୋଗ କରି ପ୍ରତାରିତ ହେବା ପରେ ଉପାୟଶୂନ୍ୟ ହୋଇ ଇଓଡବ୍ଲ୍ୟୁରେ ଏତଲା କରିଥିଲ । ବିଭିନ୍ନ ପର୍ଯ୍ୟାୟରେ ସୁଧ ଅନୁଯାୟୀ ଟଙ୍କା ଫେରିପାଇବା ବିଜୟଆଶା ରଖିଥିଲ । କେବଳ ବିଜୟ ନୁହଁନ୍ତି ଓଡ଼ିଶାର ୧୨ ହଜାର ଲୋକ ବିଜୟଙ୍କ ପରେ ଆଶା ରଖି ବିଫଳ ହୋଇଛନ୍ତି । ବିଜୟଙ୍କ ଏଲତା ଅନୁଯାୟୀ ପ୍ରତାପ କୁମାର ରାଉତକୁ ଇଓଡବ୍ଲ୍ୟୁ ଗିରଫ କରିବା ପରେ ଶନିବାର କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ ହାଜତ ପଠାଇ ଦିଆଯାଇଛି । ମାମଲାର ତଦନ୍ତ ଜାରି ରହିଥିବାରୁ ଅନ୍ୟ ଠକ ଅଭିଯୁକ୍ତମାନେ ଗିରଫ ହୋଇପାରନ୍ତି ବୋଲି ସୂଚନା ମିଳିଛି ।

## ମୁନା...

ପୈତୃକ ଘର ବାଙ୍କୀ ବ୍ଲକ ଅନ୍ତର୍ଗତ ବୈଦେଶ୍ୱର ଥାନା ନିକଟସ୍ଥ କଳାପଥର ତଳ ସାହିରେ ଶନିବାର ପୂର୍ବାହ୍ନ୧୧ଟାରେ କ୍ରାଇମ ବ୍ରାଞ୍ଚର ଇନ୍ସପେକଟରଙ୍କ ନେତୃତ୍ୱରେ ଏକ ତିନି ଜଣିଆ ଟିମ ଆସି ମୁନା ମହାନ୍ତି ଙ୍କ ଦୁଇ ମହଲା ଘରେ ଚଢାଉ କରିଥିଲେ । ମୁନା ମହାନ୍ତି ଙ୍କ ଘରେ ତାଙ୍କ ମାଆ ଥିବାରୁ ମାଆ ଙ୍କ ଉପସ୍ଥିତି ରେ ତନ ତନ କରି ଯାଞ୍ଚ କରିଛି କ୍ରାଇମ ବ୍ରାଞ୍ଚ ର ଟିମ । କ୍ରାଇମ ବ୍ରାଞ୍ଚଟିମ କିଛି କିଛି ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଓ ତଥ୍ୟ ପାଇଥିବାର ସୂଚନା ମିଳିଛି ।କ୍ରାଇମ ବ୍ରାଞ୍ଚଟିମ ଅପରାହ୍ନ ସାଢେ ଦୁଇ ଟା ପର୍ଯ୍ୟନ୍ତ ଚଢ଼ାଉ ଜାରି ରଖିଥିଲେ । ବର୍ଷକ ମଧ୍ୟରେ ମୁନା ମହାନ୍ତି ଏଭଳି ଅଟ୍ଟାଳିକା ନିର୍ମାଣ କରିଥିବା ସ୍ଥାନୀୟ ଲୋକମାନେ ସୂଚନା ଦେଇଛନ୍ତି । ନୟାଗଡ ଜିଲ୍ଲାର ଦଶପଲ୍ଲା ଅଞ୍ଚଳରେ ଥିବା ମୁନା ମହାନ୍ତିର ଦୁଇଟି ହାଇଓ୍ୱା ଗାଡି ଓ ଥର ଗାଡିକୁ ପୋଲିସ ଜବତ କରିଛି ।

# ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ପୋଡ଼ାଜଳା, ଗୁଳିମାଡ଼ : ୩ ଆହତ

କଣାସ,(ସବ୍ୟୁ):ପରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ବଡାଲ ପଞ୍ଚାୟତ ଅଡ଼ାଲ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗୁଳିମାଡ଼ ଓ ଗାଡି ଜଳାପୋଡା ହୋଇଛି । ସୁରେନ୍ଦ୍ର ମହାରଣାଙ୍କ ପୁଅ ମନୋଜ ମହାରଣା ଗଡିଶାଗୋଦା ଥାନାରେ ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି ଶୁକ୍ରବାର ବିଳମ୍ବିତ ରାତିରେ ସମସ୍ତେ ଶୋଇଥିବା ବେଳେ ତାଙ୍କ ପଡୋଶୀ ଭାରତ ମହାରଣା ଓ ରାମ ମହାରଣା ଗୋଟିଏଟାଟା ଏସି,ଗୋଟିଏଆଟୋ ଓ କିଛି ପଟାରେ ନିଆଁ ଲଗାଇ ଦେଇଥିଲେ ।ଏହାଜାଣି ଗ୍ରାମବାସୀ ଓ ପରିବାର ଲୋକେ ଉଠି ପାଣି ଆଣି ନିଆଁକୁ ଆୟତ କରିଥିଲେ । ।ସକାଳୁ ମନୋଜଙ୍କ ଘରଲୋକ ଗାଳି କରିବାରୁ ରାମ,ଭାରତ ଓ ତାଙ୍କ ବାପା ରବି ଆସି ଅତି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କଲେ ।ଏହାକୁ ବିରୋଧ କରିବାରୁ ରାମ ଭାରତ ମିଶି କାଠ ଫାଳିଆ ଓ ଭୁଜାଲିରେ ମନୋଜଙ୍କୁ ଆକ୍ରମଣ କରିବାରୁ ସେ ଘରକୁ ଯାଉଥିବା ବେଳେ ରାମ ମହାରଣା ତାଙ୍କୁ ଗୁଳି କରିଥିଲେ । ହେଲେ ଗୁଳି ମନୋଜଙ୍କ ଦେହରେ ବାଜି ନଥିଲା । ପରେ ଏହାକୁ ନେଇ ମନୋଜଙ୍କ ଶ୍ୱଶୁର ବିରୋଧ କରିବାରୁ ତାଙ୍କୁ ମଧ ଆକ୍ରମଣ କରିଥିଲେ ଓ ବମ ପକାଇ ଘର ଜାଳିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ ।ଖବର ପାଇ ଗଡିଶାଗୋଦା ଥାନା ଅଧିକାରୀ ସୁଧୀର କୁମାର ଦାସ ଓ ଏସଆଇ ପରେଶ କୁମାର ଷଡଙ୍ଗୀ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଅଭିଯୁକ୍ତମାନେ ଫେରାର ଥିବା ଥାନା ଅଧିକାରୀ ଶ୍ରୀ ଦାସ ସୂଚନା ଦେଇଛନ୍ତି ।

# ବେତନଟୀ ଜୁଡିସିଆଲ କୋର୍ଟ କମ୍ପ୍ଲେକ୍ସ ଲୋକାର୍ପିତ



ବେତନଟୀ (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ଅଧୀନ ବେତନଟୀ ଜୁଡିସିଆଲ କୋର୍ଟ କମ୍ପ୍ଲେକ୍ସକୁ ଶୁକ୍ରବାର ଦିନ ଆନୁଷ୍ଠାନିକ ଭାବରେ ଲୋକାର୍ପିତ କରିଛନ୍ତି ଓଡିଶା ହାଇକୋର୍ଟର ମୁଖ୍ୟବିଚାରପତି ଜଷ୍ଟିସ ହରିଶ ଟଣ୍ଡନ । ମୂଖ୍ୟ ବିଚାରପତିଙ୍କ ସମେତ ଓଡିଶା ହାଇକୋର୍ଟର ମାନ୍ୟବର ବିଚାରପତି ତଥା ବିଲ୍ଡିଂ କମିଟି ଅଧ୍ୟକ୍ଷ ଜଷ୍ଟିସ ମାନସ ରଞ୍ଜନ ପାଠକ ଏବଂ ମୟୂରଭଞ୍ଜ ଜଜ୍‌ଶିପ୍ର ପ୍ରଶାସନିକ ଜଜ ତଥା ଓଡିଶା ହାଇକୋର୍ଟର ବିଚାରପତି ଜଷ୍ଟିସ ରାଧାକୃଷ୍ଣ ପଟ୍ଟନାୟକ , ପ୍ରମୁଖ ଅତିଥି ଅଧିକାରୀଗଣ ଯୋଗଦେଇ ପଣ୍ଡୁଗଡିଆ ଠାରେ ନିର୍ମିତ ବେତନଟୀ ଜୁଡିସିଆଲ କୋର୍ଟ କମ୍ପ୍ଲେକଟକୁ ଅଞ୍ଚଳବାସୀଙ୍କ ଉଦେଶ୍ୟରେ ଆନୁଷ୍ଠାନିକ ଭାବରେ ଲୋକାର୍ପିତ କରିଥିବା ବେଳେ ଏକ ଟ୍ରାଞ୍ଜିଟ ଗୃହ ନିର୍ମାଣ ପାଇଁ ଶୁଭ ଶିଳାନ୍ୟାସ ମଧ କରିଛନ୍ତି । ।ସେଠାରେ ନୂତନ କୋର୍ଟ ବିଲ୍ଡିଂର ଆନୁଷ୍ଠାନିକ ଲୋକାର୍ପଣ ପରେ ନୂତନ ଟ୍ରାଞ୍ଜିଟ ବିଲ୍ଡିଂର ଶୁଭଶିଳାନ୍ୟାସ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ସବଜଜ ଶତରୂପା ଶତପଥୀଙ୍କ ସଂଯୋଜନା ଏବଂ ମଞ୍ଚ ପରିଚାଳନାରେ ଆୟୋଜିତ ସଭାକାର୍ଯ୍ୟରେ ମାନ୍ୟବର ଚିଫଜଷ୍ଟିସ ହରିଶ ଟଣ୍ଡନ, ଜଷ୍ଟିସ ମାନସ ରଞ୍ଜନ ପାଠକ, ଜଷ୍ଟିସ ରାଧାକୃଷ୍ଣ ପଟ୍ଟନାୟକ, ଜିଲ୍ଲାଜଜ ସୁଦୀପ୍ତ ଆଚାର୍ଯ୍ୟ, ବେତନଟୀ ବାର ଏସୋସିଏସନର ସଭାପତି ଦେବବ୍ରତ ପରିଡା, ସମ୍ପାଦକ ପ୍ରବୀର କୁମାର ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ । ମାନ୍ୟବର ଚିଫଜଷ୍ଟିସ ହରିଶ ଟଣ୍ଡନ ମୟୂରଭଞ୍ଜର ପୁରାତନ ତଥା ସମୃଦ୍ଧ କଳା, ସଂସ୍କୃତି ଏବଂ ଐତିହ୍ୟ ତଥା ପରମ୍ପରା ବାବଦରେ ସମ୍ୟକ ବକ୍ତବ୍ୟ ରଖିଥିଲେ । ମୁଖ୍ୟବିଚାରପତି ଜଷ୍ଟିସ ହରିଶ ଟଣ୍ଡନଙ୍କ ଗସ୍ତ କାର୍ଯ୍ୟକ୍ରମକୁ ନେଇ ବେତନଟୀ ବାର ବାର ଏସୋସିଏସନ ସିଏସନ ସମେତ ଜିଲ୍ଲା ନ୍ୟାୟପାଳିକା ପକ୍ଷରୁ ବ୍ୟାପକ ବନ୍ଦ ବନ୍ଦ ବସ୍ତ କରାଯାଇଥିଲା । ଏଥିରେ ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଡୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଉପଜିଲ୍ଲାପାଳ ଦୟାସିନ୍ଧୁ ସୀନ୍ଧୁ ପରିଡାଙ୍କ ସମେତ ଗ୍ରାମ୍ୟ ଉନ୍ନୟନ ବିଭାଗ ତଥା ଅନ୍ୟାନ୍ୟ ବିଭାଗର ଅଧକାରୀ ଉପସ୍ଥିତ ଥିଲେ । ସଭାକାର୍ଯ୍ୟ ପରେ ମାନ୍ୟବର ମୁଖ୍ୟବିଚାରପତି ଜଷ୍ଟିସ ହରିଶ ଟଣ୍ଡନ, ଜଷ୍ଟିସ ମାନସ ରଞ୍ଜନ ପାଠକ ଏବଂ ଜଷ୍ଟିସ ରାଧାକୃଷ୍ଣ ପଟ୍ଟନାୟକ ପ୍ରମୁଖ ସଙ୍ଗେସଙ୍ଗେ କଡା ସୁରକ୍ଷା ମଧ୍ୟରେ କଟକ ପ୍ରତ୍ୟାବର୍ତ୍ତନ କରିଥିଲେ ।

## ଜେସିବି ଚଢ଼ାଇ ହତ୍ୟା ଉଦ୍ୟମ ଘଟଣା: ମୁଖ୍ୟ ଅଭିଯୁକ୍ତ ଗିରଫ

ଗୋପ,(ସବ୍ୟୁ): ଗୋପ ଥାନା ମଦରଙ୍ଗ ବଜାରରେ ଘର ଆଗରେ ୨ଟି ଦୋକାନ ଘର ବିବାଦକୁ ନେଇ ଗତ ସେପେଟମ୍ବର ୧୫ ତାରିଖ ରାତି ୩ଟାରେ ଏହି ଦୁଇ ଗୋଟି ଦୋକାନ ଘର ଉପରେ ଜେସିବି ଚଢ଼ାଇ ଦିଆ ଯାଇଥିଲା । ଏହି ସମୟରେ ଦୋକାନ ମଧ୍ୟରେ ଥିବା ନାଗପୁର ଗ୍ରାମ ର ମିଠା ଦୋକାନ ମାଲିକ ପ୍ରହ୍ଲାଦ ସାହୁ (୬୫) ବନ୍ତଲିଗ୍ରାମ ଗ୍ରାମର ସାଇକେଲ ଦୋକାନ ମାଲିକ ଜଟାଧାରୀ ସାହୁ (୮୦) ଅଳ୍ପକେ ବର୍ତ୍ତି ଯାଇଥିଲେ ।ଏହି ଘଟଣା ଘଟାଇଥିବା ମୁଖ୍ୟ ଅଭିଯୁକ୍ତ ମଦରଙ୍ଗର କେଦାର ରାଉତ ( ୫୯) କୁ ପୋଲିସ ଗିରଫ କରିଥିଲା । ତେବେ ଏହି ଘଟଣାରେ କିଙ୍ଗି ପିନି ତଥା ଦ୍ୱିତୀୟ ଅଭିଯୁକ୍ତ ଦୀର୍ଘ ମାସେ ଧରି ଗୋପ ପୋଲିସ ଆଖିରେ ଧୂଳିଦେଇ ଫେରାର ଥିଲା । ତେବେ ଗୋପ ଥାନାର ତଦନ୍ତ କାରୀ ଅଧିକାରୀ ବୁଲୁ ସେଠୀ ବିଭିନ୍ନ ସ୍ଥାନରେ ଚଢ଼ାଉ ଜରିରଖିଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଶୁକ୍ରବାର ରାତିରେ ଚଢ଼ାଉ କରି କିଙ୍ଗିପିନି ରଘୁନାଥ ସାହୁକୁ ଗିରଫ କରିଛନ୍ତି ।ଗିରଫ ରଘୁ ସାହୁଙ୍କ ନାଁରେ ଏକାଧିକ ମାମଲା ଥିବା ବେଳେ କୋର୍ଟ ଜାମିନ ନାମଞ୍ଜୁର କରି ଜେଲେ ପଠାଇଥିବା ତଦନ୍ତ କରୁଥିବା ଅଧିକାରୀ ବୁଲୁ ସେଠୀ କହିଛନ୍ତି ।ତେବେ ଏହି ଘଟଣାରେ ଅନ୍ୟ ଅଭିଯୁକ୍ତ ମାନେ ଖୁବ୍ର ଶୀଘ୍ର କରାଜୀବ ବୋଲି ପୋଲିସ କହିଛି ।


**AFFIDAVIT**

By virtue of an affidavit sworn before Notary Public, Bhubaneswar , dated 15/10/2025 I, Dimple Agarwal, Address At- Nangalia Complex, Ramchandrapur, Po- Jatani, Ps- Jatani, Dist- Khordha, Odisha, Pin- 752050 declare that I have changed my name from **Mrs Dimple Jain** to **Dimple Agarwal**. Henceforth, I shall be known as **Dimple Agarwal** for all purposes.

Dimple Agarwal

**ODISHA GRAMEEN BANK**
INFORMATION TECHNOLOGY DEPARTMENT, HEAD OFFICE, GANDAMUNDA, KHANDAGIRI, BHUBANESWAR-751030 (ODISHA)

**Bid Number # GEM/2025/B/6793358 Date: 17.10.2025**

**Odisha Grameen Bank** invites application for procurement of 350 units of passbook printer with buy-back arrangement from GeM. For details and application format please visit Bank's website: **www.odishabank.bank.in**

GENERAL MANAGER

**AFFIDAVIT**

That Susmita Sahu and Suryakanti Sahu, D/o- Simanchala Sahu is same and one person. That, I will be known as 'Susmita Sahu' for all purposes. That, I swear this affidavit to produce before the authority concern for genuineness of same person and mentioning name as 'Susmita Sahu' in the Adhar Card.

**AFFIDAVIT**

I, Sek Yunus Ali,S/O-Sk Emam Alli,Resident At- Kasabakamarda, PO/PS- Kamarda, Dist- Balasore, Odisha,Pin code 756035 Declare by this Affidavit No-32364, Date- 18/10/2025, that now onwards I shall be known as **Sk Yunus Alli** for all Future purposes.

**ODISHA GRAMEEN BANK**
INFORMATION TECHNOLOGY DEPARTMENT, HEAD OFFICE, GANDAMUNDA, KHANDAGIRI, BHUBANESWAR-751030 (ODISHA)

**Bid Number # OGB/RFP/ITD/HARDWARE/002/2025-26 Date: 18.10.2025**

**Odisha Grameen Bank** invites application for finalization of rate contract for supply, installation and maintenance of batteries for Branch / ATM / Offices of Odisha Grameen Bank with buy-back arrangement. For details and application format please visit Bank's website: **www.odishabank.bank.in**

GENERAL MANAGER

**AFFIDAVIT**

I, Pranabrndhu Dash, S/o- Late Managobinda Dash, Resident ward No- 09, Adhikarisahi, Manmathpur, Po- Brahmangaon, Dist- Bhadrak, Pin- 756165, Odisha, Declared by this Affidavit No. 227 from Executive Magistrate Office, Basudevpur. Dtd.-18/03/2025 That now onwards, I Shall be known as PRANABANDHU DASH for all other future Purposes.

**AFFIDAVIT**

By virtue of an affidavit sworn before Notary Public, Bhubaneswar, dated 15/10/2025 I, Hemangini Mohapatra, Address At- Plot No- 717, Saheednagar, Po- Saheednagar, Ps- Saheednagar, Dist- Khordha, Odisha, 751007 declare that I have changed my name from **H. Mohapatra** to **Hemangini Mohapatra**. Henceforth, I shall be known as **Hemangini Mohapatra** for all purposes.

Hemangini Mohapatra

Office of The Principal
DERABIS COLLEGE, DERABIS,
DIST-KENDRAPARA, PIN-754289
NAAC ACCREDITED B+
Phone : 06727-263824, Email : derabishcollege@gmail.com,
Website : www.derabiscollege.edu.in

**DERABIS COLLEGE, DERABISH, Dist-KENDRAPARA**
**No. 2015 (1)/DC/25 / Dtd. 18/10/2025**
**TENDER CALL NOTICE**

Sealed quotations are invited from intending and eligible manufacturers / firms / suppliers / authorized dealers having valid GST to supply science laboratory equipment (Physics, Chemistry, Botany & Zoology) and the quoted price details should reach to the undersined by 1st November'2025. The details of the tender documents, terms and conditions are available in the College website **www.derabiscollege.org.in.**

The undersigned reserves the right to reject / cancel any or all the quotations without specifying any reason thereof.

Sd/- PRINCIPAL
DERABIS COLLEGE, DERABISH

**AFFIDAVIT**

By virtue of an affidavit sworn before The Executive Magistrate, Jajpur on 17th Oct. 2025 I Manjulata Das, D/O- Shiva Das, Vill - Sunapal, P.O.- Dolagram Damodarpur, PIN-755013, P.S. Alakund, Dist - Jajpur Declare that I have changed my name from Manjulata Mallik to Manjulata Das. Henceforth I will known as Manjulata Das for all purposes.

Sd/- Manjulata Das

**AFFIDAVIT**

By virtue of an affidavit sworn before Notary Public, Bhubaneswar , dated 15/10/2025 I, Nabaghana Nayak, Address At- Udayapatna, Khaman, Po- Sankhachilla, Ps- Panikoili, District- Jajpur, Odisha, Pin Code- 755015 declare that I have changed the name of my daughter from **Papuni Nayak** to **Manasini Nayak**. Henceforth, she shall be known as **Manasini Nayak** for all purposes.

Nabaghana Nayak

**OFFICE OF THE SUPERINTENDING ENGINEER ELECTRICAL CIRCLE (R&B) NIRMAN SOUDHA BHUBANESWAR**

B-

E-mail seec.bbsr2010 @ gmail.com

**Bid Identification No.S.E.E.C (R&B) 16/2025-26**

**No. 3803 / Date 16.10.2025**

The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.29.10 at 05.00 P.M. to dt. 13.11.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt. 14.11.2025 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd/- Superintending Engineer
Electrical Circle (R & B) Odisha,
BBSR

OIPR : 34006/11/0054/2526

**AFFIDAVIT**

By virtue of an affidavit sworn before Executive Magistrate Dharmasala dated. **18.10.2025**, I Pramod Das son of Purusottam Das at Sukutijhar (Ichhapur) P.O. : Purunaboulmal, PS : Jenapur, Dist - Jajpur, Pin Code : 755023, Odisha declare that I have changed the name of my daughter from Subhalanga Das to Subhalagna. Henceforth, she shall be known as Subhalagna Das for all purposes.

Sd/- (Pramod Das)

**AFFIDAVIT**

I, Sek Emmaalli Bibi, S/O- Sk Khairat Alli, Resident At- Kasabakamarda, PO/PS- Kamarda, Dist- Balasore, Odisha, Pin code 756035 Declare by this Affidavit No- 32365,Date-18/10/2025, that now onwards I shall be known as **SK EMAM ALLI** for all Future purposes.

**AFFIDAVIT**

By virtue of an affidavit sworn before Notary Public, Bhubaneswar , dated 15/10/2025 I, Shubham Agarwal, Address At- Nangalia Complex, Ramchandrapur, Po- Jatani, Ps- Jatani, Dist- Khordha, Odisha, Pin- 752050 declare that I have changed my name from **Shubham Jain** to **Shubham Agarwal**. Henceforth, I shall be known as **Shubham Agarwal** for all purposes.

Shubham Agarwal

**ODISHA TOURISM DEVELOPMENT CORPORATION LIMITED**
(A GOVT. OF ODISHA UNDERTAKING
PANTHANIVAS (OLD BLOCK): LEWIS ROAD: BHUBANESWAR-14
INVITATIONS FOR BIDS (IFB)
Letter No. 2261Date: 18.10.2025

CAD -

**NOTICE INVITATION FOR BIDS (NIFB)**
**E-Procurement Notice No.BP-I/21/2025-26 Dt. 18.10.2025**

1. Nature of Work : Civil, P.H, Electrical Works & Fairs and Festival.
2. Total No.of Works : 03 Nos.
3. Value of Works : As per NIT.
4. Bid Security : As per NIT
5. Class of Contractor : As Per NIT
6. Period of Completion : 15 Days to 01 (One) Month.
7. Other details as follows :

| Procurement Officer | Bid Identification No. | Availability of Bid online | | Date, Time & Place of Opening of Tender |
|---|---|---|---|---|
| | | From | To | |
| Superintending Engineer, OTDC Ltd., Bhubaneswar | BP-I/21/2025-26 Dt. 18.10.2025 | 22.10.2025 | 31.10.2025 | 11.30 Hours of Dt. 01.11.2025 in the office of the Superintending Engineer, OTDC Ltd., Bhubaneswar |

Further details can be seen from the Govt. Website **www.etenderodisha.gov.in**

Sd/- Superintending Engineer
O.T.D.C. Ltd., BBSR

OIPR : 37002/11/0121/2526

## ୨୧ରୁ ଓଡ଼ିଶା ପାଳିବ ଗାଁ ଦିବସ

# ୩୦ ହଜାର ଗାଁକୁ ଯିବ ଅଭିଯାନର ବାର୍ତ୍ତା

ଭୁବନେଶ୍ୱର(ସବ୍ୟୁ): ପ୍ରବାସୀ ଭାରତୀୟ ଦିବସ ଯେମିତି ମା, ମାଟି ଆଉ ମାତୃଭୂମିକୁ ଭଲ ପାଇବାର କଥା ସହ ଭୋକାଲ ଫର ଲୋକାଲକୁ ପ୍ରୋତ୍ସାହିତ କରୁଛି, ଗାଁ ଦିବସରେ ବି ଏହି ସ୍ଲୋଗାନ ସହ ଭାଇଚାରାର ବାର୍ତ୍ତା ନେଇ ଦୀପାବଳିରେ ଗାଁ ଦିବସ ପାଳିବାକୁ ଓଡ଼ିଶାର ଗାଁକୁ ଯାଉଛି ରାଜ୍ୟର ଅଗ୍ରଣୀ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ କଳାକ୍ଷେତ୍ର । ଏନେଇ ଶନିବାର ସ୍ଥାନୀୟ ଲୋହିଆ ଏକାଡେମୀଠାରେ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗାଁ ଦିବସ ଅଭିଯାନ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି କଳାକ୍ଷେତ୍ର ପ୍ରତିଷ୍ଠାତା ତଥା ଆବାହକ ବାସୁଦେବ ମାଳବିଶୋଇ । ଶ୍ରୀ ମାଳବିଶୋଇ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗାଁକୁ ଫୋକସ କରିଛନ୍ତି । ଆଜି ସବୁ କାର୍ଯ୍ୟ ଗାଁ ରୁ ଆରମ୍ଭ ହେଉଛ । ଏହିଭଳି ସମୟରେ କଳାକ୍ଷେତ୍ର ନିଷ୍ପତ୍ତି ନେଇଛି ଓଡ଼ିଶାର ୩୦ ଜିଲ୍ଲା, ୧୦୦ ବ୍ଲକ, ୩୦୦ ଗ୍ରାମରେ ଗାଁ ଦିବସ ପାଳନ ହେବ ଏବଂ ୩୦ ହଜାର ଗାଁ କୁ ଗାଁ ଦିବସ ଅଭିଯାନର ବାର୍ତ୍ତା ଯିବ । ଚଳିତମାସ ୨୧ରୁ ୨୩ ପର୍ଯ୍ୟନ୍ତ ୩ ଦିନ ଧରି ସାରା ଓଡ଼ିଶାରେ ପାଳନ ହେବ । ଏଥିରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିଠୁ ନେଇ ଗ୍ରାମ୍ୟ ଜୀବନ ବିଷୟରେ ଅନେକ କାର୍ଯ୍ୟକ୍ରମ ହେବ । ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ନିହାରିକା ପଟ୍ଟନାୟକ, ସଦସ୍ୟା ପଦ୍ମାବତୀ ଖେମୁଣ୍ଡ, ଚିତ୍ରା ମିଶ୍ର, ସଦସ୍ୟ ପଞ୍ଚାନନ ପ୍ରଧାନ, ନାରାୟଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।



# ଚାଇଲ୍ଡ ହେଲ୍ପ ଫାଉଣ୍ଡେସନ ତରଫରୁ ସମୁଦ୍ରକୂଳ ସଫେଇ

ଭୁବନେଶ୍ୱର (ସବ୍ୟୁ) କାର୍ତ୍ତିକ ମାସରେ ବହୁ ଦୁରଦୁରାନ୍ତରୁ ଲୋକମାନେ ପୁରୀକୁ ଆସିଥାନ୍ତି । ଏହି ସମୟରେ ପୁରୀ ସମୁଦ୍ରକୂଳରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ । ଏହି ଅବସରରେ ଚାଲଲ୍ଡ ହେଲ୍ପ ଫାଉଣ୍ଡେସନ ତରଫରୁ ଆଜି ସକାଳ ୯ଘଟିକା ୨୫ ମିନିଟ୍ ସମୟରେ ପୁରୀ ସମୁଦ୍ର କୂଳ ଫାଉଣ୍ଡେସନ ତରଫରୁ ସଫେଇ କାର୍ଯ୍ୟକ୍ରମ କରିବା ସହିତ ପର୍ଯ୍ୟଟକ ମାନଙ୍କୁ ସଚେତନା ବିଷୟରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଚାଲଲ୍ଡ ହେଲ୍ପ ଫାଉଣ୍ଡେସନ ଭୁବନେଶ୍ୱର ଶାଖାର ମୁଖ୍ୟ ନମ୍ରତା ପ୍ରସାଦ ଏବଂ ଉକ୍ତ ଶାଖାର ଜୟନ୍ତ ପରିଡ଼ା , ସୁନିତା ବଳ, ସର୍ମିଷ୍ଠା ପାତ୍ର ଗଣେଷ ଲେଙ୍କା, ଭାନୁପ୍ରିୟା ରେଡ଼ି ପ୍ରମୁଖ ଉପସ୍ଥିତ ଥିଲେ । ଏଥି ମଧ୍ୟରେ କୃଷ୍ଣ ପ୍ରସାଦ ବ୍ଲକର ସାତପଡ଼ା ହାଇସ୍କୁଲର ପ୍ରଧାନ ଶିକ୍ଷକ ବିରେନ୍ଦ୍ର କୁମାର ମହାନ୍ତି ଓ ସମାଜସେବିକା ସଞ୍ଜୁକ୍ତା ଦାଶ ଉପସ୍ଥିତ ରହି ଏହି ସଫେଇ କାର୍ଯ୍ୟକ୍ରମରେ ସହଯୋଗ କରିବା ସହିତ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ଲୋକ ଓ ପର୍ଯ୍ୟଟକ ମାନେ ଚାଲଲ୍ଡ ହେଲ୍ପ ଫାଉଣ୍ଡେସନ କୁ ପ୍ରଶଂସା କରିଥିଲେ ।



## ବ୍ୟାଙ୍କ ଅଫ୍ ଇଣ୍ଡିଆ କେନ୍ଦୁଝର ଅଞ୍ଚଳ କାର୍ଯ୍ୟାଳୟରେ

# ନରାକାସ କେନ୍ଦୁଝରର ୨୭ତମ ଅର୍ଦ୍ଧବାର୍ଷିକୀ ବୈଠକ

ଭୁବନେଶ୍ୱର (ସବ୍ୟୁ) : ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି, କେନ୍ଦୁଝରର ୨୭ତମ ଅର୍ଦ୍ଧବାର୍ଷିକୀ ବୈଠକ ବ୍ୟାଙ୍କ ଅଫ୍ ଇଣ୍ଡିଆ କେନ୍ଦୁଝରର ପାନ୍ଥ ନିବାସ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ତଥା ବ୍ୟାଙ୍କ ଅଫ୍ ଇଣ୍ଡିଆ କେନ୍ଦୁଝର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ଅମିତ୍ କୁମାର ପାଲ ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ । ଗୃହ ମନ୍ତ୍ରଣାଳୟ, ଭାରତ ସରକାର, ରାଜଭାଷା ବିଭାଗ ଅନ୍ତର୍ଗତ କ୍ଷେତ୍ରୀୟ କାର୍ଯ୍ୟାନ୍ୱୟନ କାର୍ଯ୍ୟାଳୟ (ପୂର୍ବାଞ୍ଚଳ)ର ପ୍ରତିନିଧିତ୍ୱ କରୁଥିବା ଉପ ନିର୍ଦ୍ଦେଶକ ଡଃ ବିଚିତ୍ର ସେନ ଗୁପ୍ତା ଅତିଥି ରୂପେ ଏଥିରେ ଯୋଗଦେଇଥିଲେ । କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟର ଉପ-ଆଞ୍ଚଳିକ ପ୍ରବନ୍ଧକ ସିଦ୍ଧାର୍ଥ କୁମାର ବେହେରା, ବ୍ୟାଙ୍କ ଅଫ୍ ଇଣ୍ଡିଆ ପ୍ରଧାନ କାର୍ଯ୍ୟାଳୟର ମୁଖ୍ୟ ପ୍ରବନ୍ଧକ (ଅନ୍‌ଲାଇନ୍ ମୋଡ୍‌ରେ), ନରାକାସ, କେନ୍ଦୁଝରର ସଦସ୍ୟ ସଚିବ ଦେବ ଜୈସ୍‌ୱାଲ ତଥା ସମସ୍ତ ସଦସ୍ୟ କାର୍ଯ୍ୟାଳୟର ମୁଖ୍ୟମାନେ ନିଜ ନିଜର ରାଜଭାଷା ଅଧିକାରୀମାନଙ୍କ ସହ ଏଥିରେ ଉପସ୍ଥିତ ଥିଲେ । ଏହି ବୈଠକରେ ୨୦୨୪-୨୫ ବର୍ଷରେ ସର୍ବଶ୍ରେଷ୍ଠ ରାଜଭାଷା କାର୍ଯ୍ୟାନ୍ୱୟନ ହେତୁ କାର୍ଯ୍ୟାଳୟଗୁଡିକୁ ସିଲ୍ଡ ଦ୍ୱାରା ପୁରସ୍କୃତ କରାଯାଇଥିଲା ଏବଂ ବିଭିନ୍ନ ପ୍ରତିଯୋଗୀତାର ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇ ସମ୍ମାନୀତ କରାଯାଇଥିଲା ।



## ବେଦାନ୍ତ ଆଲୁମିନିୟମ ବି କାଶ, ପେଟେଣ୍ଟ

# ସଫଳତା ତଥା ସ୍ଥାୟୀ ଧାତୁବିଦ୍ୟାରେ ନବସୃଜନକୁ ଆଗକୁ ବୃଦ୍ଧିକରିଛି

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ସୀସା ଏବଂ ଟିନ୍-ମୁକ୍ତ ବିସ୍ମୁଥ-ଆଲୁମିନିୟମ ମିଶ୍ରଧାତୁ ପାଇଁ ଏହାର ପ୍ରଥମ ନୂତନ ଉତ୍ପାଦ ବିକାଶ ପେଟେଣ୍ଟ ପ୍ରଦାନ କରି ଏକ ପ୍ରମୁଖ ମାଇଲଖୁଣ୍ଟ ହାସଲ କରିଛି । ଏହି ଉଦ୍ଭାବନ ସୀସା ଏବଂ ଟିନ୍ ଭଳି ବିପଦପୂର୍ଣ୍ଣ ଉପାଦାନଗୁଡ଼ିକର ବିଶ୍ୱସ୍ତରୀୟ ପର୍ଯ୍ୟାୟ ବାହାରକୁ ସମ୍ବୋଧିତ କରିଛି, ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ପ୍ରୟୋଗ ପାଇଁ ଏକ ସ୍ଥାୟୀ, ଉଚ୍ଚ-ଯନ୍ତ୍ରଗତ ସମାଧାନ ମଧ୍ୟ ପ୍ରଦାନ କରେ । ଏହି ପେଟେଣ୍ଟ ସ୍ଥାୟୀ ସାମଗ୍ରୀ ନବସୃଜନରେ ଏକ ସଫଳତା ଚିହ୍ନିତ କରେ, ପରିବେଶଗତ ଦାୟିତ୍ୱ ସହିତ ଇଞ୍ଜିନିୟରିଂ ଉତ୍କର୍ଷତାକୁ ମିଶ୍ରଣ କରିଛି । ବେଦାନ୍ତ ଆଲୁମିନିୟମର ଇନ-ହାଉସ୍ ଆରଏଣ୍ଡଡି ଦଳ ଦ୍ୱାରା ବିକଶିତ, ଏହି ମିଶ୍ରଧାତୁ ସ୍ଥାୟୀ ଧାତୁ ବିଜ୍ଞାନରେ ଏକ ପ୍ରମୁଖ ପଦକ୍ଷେପ ପ୍ରତିନିଧିତ୍ୱ କରେ । ସୀସା ଏବଂ ଟିନ୍ ଭଳି ବିପଦପୂର୍ଣ୍ଣ ଉପାଦାନଗୁଡ଼ିକୁ ବିସ୍ମୁଥ ସହିତ ବଦଳାଇ, ମିଶ୍ରଧାତୁ କେବଳ ବିଶ୍ୱ ପରିବେଶଗତ ମାନଦଣ୍ଡ ପୂରଣ କରେ ନାହିଁ ବରଂ ଅସାଧାରଣ ମେସିନ୍ ଏବଂ ଯାନ୍ତ୍ରିକ ଶକ୍ତି ମଧ୍ୟ ପ୍ରଦାନ କରେ ।

ମିଶ୍ରଧାତୁଟି ମୋଟୋମୋଟିଭ୍, ଇଲେକ୍ଟ୍ରୋନିକ୍ସ ଏବଂ ଟେକ୍ସଟାଇଲ୍ କ୍ଷେତ୍ରରେ ବ୍ୟବହୃତ ଉପାଦାନଗୁଡ଼ିକ ପାଇଁ ଇଞ୍ଜିନିୟର୍ କରାଯାଇଛି, ଯେଉଁଠାରେ ମେସିନିଂ କାର୍ଯ୍ୟ ଉତ୍ପାଦନର କେନ୍ଦ୍ରବିନ୍ଦୁ । ପ୍ରୟୋଗଗୁଡ଼ିକରେ ଏବିଏସ ମେନିଫୋଲ୍ଡ, ହାଇଡ୍ରୋଲିକ୍ ମେନିଫୋଲ୍ଡ, ଭାଲ୍ଭ ବ୍ଲକ୍, ଟ୍ରାନ୍ସମିସନ୍ ସ୍ଲିଭ୍, ଏୟାର କଣ୍ଡିସନିଂ କମ୍ପୋନେଣ୍ଟ, ଷ୍ଟିଅରିଂ ୟୋକ୍, ଡ୍ରାଇଭ୍ ଶାଫ୍ଟ ଏବଂ ବୈଦ୍ୟୁତିକ ସଂଯୋଗକାରୀ ଭଳି ଅଟୋମୋଟିଭ୍ ଅଂଶ, ଏବଂ କ୍ୟାମେରା ଏବଂ ଘଣ୍ଟା ଅଂଶ ଏବଂ ମୋବାଇଲ୍ ଫୋନ୍ ହାଉସିଂ ଭଳି ଇଲେକ୍ଟ୍ରୋନିକ୍ ଉପାଦାନ ଅନ୍ତର୍ଭୁକ୍ତ ଅଟେ ।

ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ବେଦାନ୍ତ ଆଲୁମିନିୟମର ଆରଏଣ୍ଡଡି ପ୍ରୟାସର ହୃଦୟରେ ନବସୃଜନ ଏବଂ ସ୍ଥାୟୀତ୍ୱ ରହିଛି, ଯାହା ଆମକୁ ବିଶ୍ୱସ୍ତରୀୟ ସଫଳତା ଉତ୍ପାଦ ପ୍ରଦାନ କରିବା ସହିତ ଆମର ପରିବେଶଗତ ଲକ୍ଷ୍ୟକୁ ଆଗକୁ ବଢାଇବା ପାଇଁ ସମାଧାନ ସୃଷ୍ଟି କରିବାକୁ ପ୍ରେରଣା ଦିଏ । ଏହି ପେଟେଣ୍ଟ ଆମର ମୂଲ୍ୟ ଶୃଙ୍ଖଳର ପ୍ରତ୍ୟେକ ପର୍ଯ୍ୟାୟରେ ସ୍ଥାୟୀତ୍ୱକୁ ଏମ୍ବେଡ୍ କରିବା ସହିତ ଭୌତିକ ବିଜ୍ଞାନର ସୀମାକୁ ଆଗକୁ ବଢାଇବା ପାଇଁ ଆମର ପ୍ରୟାସକୁ ବୈଧ କରେ । ବିସ୍ମୁଥ-ଆଲୁମିନିୟମ ମିଶ୍ରଧାତୁ ଦାୟିତ୍ୱପୂର୍ଣ୍ଣ ଉତ୍ପାଦନର ଭବିଷ୍ୟତକୁ ପ୍ରତିନିଧିତ୍ୱ କରେ ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱଚ୍ଛତା ଓଡ଼ିଶା କାର୍ଯ୍ୟକ୍ରମ

କଟକ,(ସବ୍ୟୁ): ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସ୍ୱଚ୍ଛ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରେଭେନ୍ସା ବାଳିକା ବିଦ୍ୟାଳୟର ଛାତ୍ରୀମାନେ ମଧ୍ୟ ଅଂଶ ଗ୍ରହଣ କରିଥିଲେ । ହସ୍ପିଟାଲ ପରିସରରେ ସଫେଇ କରିବା ସହ ଏକ ସଚେତନତା ରାଲି ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଶାନ୍ତ କୁମାର ହୋତା, ସିଟି ହସ୍ପିଟାଲ ଅଧ୍ୟକ୍ଷ ଡ.ନୃପେନ୍ଦ୍ର ଶତପଥି, ରେଭେନ୍ସା ବାଳିକା ବିଦ୍ୟାଳୟ ଅଧ୍ୟକ୍ଷା ସୌଦାମିନୀ ମହାପାତ୍ର, ସମାଜସେବୀ ସୌମ୍ୟଦୀପ ଘୋଷ, ହସ୍ପିଟାଲ ମ୍ୟାନେଜର ଯୋଗସ୍ମିତା ଜେନା, ଶକ୍ତିମୟୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

## ରାଉରକେଲାରେ ଆର୍‌ସିଏମ୍‌ର 'ରୂପାନ୍ତରଣ ଯାତ୍ରା'କୁ ଭବ୍ୟ ସ୍ୱାଗତ

# ଯୋଗଦେଲେ ୨୦ ହଜାରରୁ ଊର୍ଦ୍ଧ୍ୱ ଉଦ୍ୟୋଗୀ

ଭୁବନେଶ୍ୱର (ସବ୍ୟୁ): ରାଇଟ୍ କନସେପ୍ଟ ଅଫ୍ ମାର୍କେଟିଂ (ଆର୍‌ସିଏମ୍)ର ଦେଶବ୍ୟାପୀ ରୂପାନ୍ତରଣ ଯାତ୍ରା ଆରମ୍ଭ ହେବା ପରଠାରୁ, ଏହି ଲୋକଭିମୁଖୀ ଅଭିବୃଦ୍ଧି ଯାତ୍ରାରେ ଲକ୍ଷାଧିକ ଆକାଂକ୍ଷୀ ଉଦ୍ୟୋଗୀ ଅଂଶଗ୍ରହଣ କରିଛନ୍ତି, ଯାହାକି କମ୍ପାନୀ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବେ ସାବ୍ୟସ୍ତ ହୋଇଛି । ଏହି ରୂପାନ୍ତରଣ ଯାତ୍ରାରେ ସ୍ୱାସ୍ଥ୍ୟ, ସେବା ଓ ସଂସ୍କୃତିକୁ ପ୍ରୋତ୍ସାହିତ କରୁଥିବା ବିଭିନ୍ନ ସାମୁହିକ କାର୍ଯ୍ୟକଳାପରେ ହଜାର ହଜାର ନାଗରିକ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ ।

ରାଉରକେଲା ସମେତ ଏପର୍ଯ୍ୟନ୍ତ ଦେଶର ୨୦ ଟି ସହରରେ ଆୟୋଜିତ ଏହି ରୂପାନ୍ତରଣ ଯାତ୍ରାରେ ଲକ୍ଷାଧିକ ଲୋକ ଅଂଶଗ୍ରହଣ କରିଛନ୍ତି । ୨୩ ଡିସେମ୍ବର, ୨୦୨୫ ସୁଦ୍ଧା ଏହି ଲୋକାଭିମୁଖୀ ଯାତ୍ରା ୭୫ ଟି ସହରର ପ୍ରାୟ ୧୦ ଲକ୍ଷ ଲୋକଙ୍କ ନିକଟରେ ପହଞ୍ଚିବ ବୋଲି ପୂର୍ବାନୁମାନ କରାଯାଇଛି । ରାଉରକେଲାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହରର ଯୁବବର୍ଗଙ୍କ ଠାରୁ ଆରମ୍ଭ କରି ମହିଳା ତଥା ପରିବାରର ଅନ୍ୟାନ୍ୟ ସଦସ୍ୟମାନେ ମଧ୍ୟ ଉତ୍ସାହର ସହ ଯୋଗ ଦେଇଥିଲେ । ରକ୍ତଦାନ କରିବା ସହ ଏକ ସୁସ୍ଥ ଏବଂ ଆତ୍ମନିର୍ଭର ଜୀବନ ଶୈଳୀ ସମ୍ବନ୍ଧରେ ଜ୍ଞାନ ଅର୍ଜନ କରିଥିଲେ । କେବଳ କାର୍ଯ୍ୟକ୍ରମରେ ଯୋଗଦେବା ଲୋକଙ୍କ ଉଦ୍ଦେଶ୍ୟ ନଥିଲା, ଏଠାରେ ସମସ୍ତେ ନିଷ୍ଠା ଓ ନିଃସ୍ୱାର୍ଥ ଭାବେ ଜନସେବା ପାଇଁ ଆଗ୍ରହର ସହ ଆଗେଇ ଆସିଥିଲେ ।



୨୦୨୫ ସେପ୍ଟେମ୍ବର ୧୬ ତାରିଖରୁ ଆରମ୍ଭ ହୋଇଥିବା ଏହି ରୂପାନ୍ତରଣ ଯାତ୍ରାରେ ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଆର୍‌ସିଏମ୍ ପରିବାରରେ ସାମିଲ ହୋଇଛନ୍ତି, ଯାହା ବର୍ତ୍ତମାନ ୨୦ ଲକ୍ଷ ଆସୋସିଏଟ ବାୟର୍‌ଙ୍କ ନେଟ୍‌ୱର୍କକୁ ସମୃଦ୍ଧ କରିଛି । ଦୁଇଟି ପର୍ଯ୍ୟାୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବାହ୍ନରେ ସ୍ୱାସ୍ଥ୍ୟ ଓ ସେବା ସମ୍ପର୍କିତ ଏବଂ ଅପରାହ୍ନରେ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରୂପାନ୍ତରଣ ମେଳାରେ ଆର୍‌ସିଏମ୍‌ର 'ସ୍ୱେଚ୍ଛ ଓ ଗୁଡ୍ ଡଟ୍' ବ୍ରାଣ୍ଡ ଖାଦ୍ୟ ସହ ମହିଳାଙ୍କ ପାଇଁ ବିଭିନ୍ନ ସାମଗ୍ରୀର ସ୍ୱତନ୍ତ୍ର ପାଭିଲିଅନ୍ ରହିଥିଲା । ଏତଦ୍‌ବ୍ୟତୀତ ଆର୍‌ସିଏମ୍‌ର ପ୍ରତିଷ୍ଠାତା ତିଲୋକ୍‌ଚନ୍ଦ ଛାବ୍ରାଙ୍କର ଆତ୍ମଜୀବନୀ ସମ୍ପର୍କିତ ପୁସ୍ତକ 'ମନ୍‌ସା ବାଚା କର୍ମଣା-ଏକ କର୍ମଯୋଗୀ କି ଜୀବନୀ' ଉନ୍ମୋଚନ କରାଯାଇଥିଲା । ଏହି ଅବସରରେ ରାଉରକେଲାବାସୀଙ୍କ ଠାରୁ ମିଳିଥିବା ଅଭୂତପୂର୍ବ ସମର୍ଥନ ପାଇଁ ଆନନ୍ଦ ବ୍ୟକ୍ତ କରିବା ସହ ସ୍ୱସ୍ଥ ଓ ବିକଶିତ ଭାରତର ଏହି ଯାତ୍ରାରେ ପ୍ରତି ପରିବାରକୁ ବଳିଷ୍ଠ ମୂଲ୍ୟବୋଧ ଆଧାରରେ ଉତ୍ତମ ସ୍ୱାସ୍ଥ୍ୟ ଓ ପର୍ଯ୍ୟାପ୍ତ ଆର୍ଥିକ ସୁଯୋଗ ଯୋଗାଇ ଦେବା ପାଇଁ ଆମେ ସର୍ବଦା ପ୍ରତିବଦ୍ଧ ବୋଲି କହିଛନ୍ତି ଆର୍‌ସିଏମ୍‌ର ପରିଚାଳନା ନିର୍ଦ୍ଦେଶକ ସୌରଭ ଛାବ୍ରା ।

# ଅର୍ଥ ଇଣ୍ଡିଆ ପକ୍ଷରୁ ୫୦୦ କୋଟିର ଏଭିଏଫ୍ ୨ ଘୋଷଣା

ଭୁବନେଶ୍ୱର (ସବ୍ୟୁ): ଅର୍ଥ ଇଣ୍ଡିଆ ଭେଞ୍ଚର୍ସ (ଏଆଇଭି) ପକ୍ଷରୁ ଏହାର ୨ୟ ପ୍ରାରମ୍ଭିକ ପର୍ଯ୍ୟାୟ ମାଇକ୍ରୋଭିସି ଫଣ୍ଡ, ଅର୍ଥ ଭେଂଚର ଫଣ୍ଡ ୨ (ଏଭିଏଫ ୨) ପାଇଁ ୨୫୦ କୋଟି ଟଙ୍କାର ଫାଷ୍ଟ କ୍ଲୋଜ ଘୋଷଣା କରାଯାଇଛି । ଯାହା ଏକ ୧୦୦ କୋଟି ଟଙ୍କାର ଗ୍ରୀନ-ସୁ ବିକଳ୍ପ ସହିତ ୫୦୦ କୋଟି ଟଙ୍କାର ମୋଟ ପାଣ୍ଠି ପାଇଁ ଲକ୍ଷ୍ୟ ରଖିଛି । ଏହି ଫଣ୍ଡ ଏହାର ୫୦%ରୁ ଅଧିକ ପ୍ରତିଶ୍ରୁତି ପୂରଣ କରିଛି, ଯାହା ଅର୍ଥର ବିଶ୍ୱାସ-ଆଧାରିତ ରଣନୀତି ଓ ପ୍ରମାଣିତ ଟ୍ରାକ ରେକର୍ଡରେ ମଜବୁତ ନିବେଶକ ଆତ୍ମବିଶ୍ୱାସକୁ ପ୍ରତିଫଳନ କରୁଛି । ଏହି ଘୋଷଣା ସମ୍ପର୍କରେ ଅର୍ଥ ଭେଂଚର ଫଣ୍ଡର ମ୍ୟାନେଜିଂ ପାର୍ଟନର, ଅନିରୁଦ୍ଧ ଏ. ଦମାନି କହିଛନ୍ତିଯେ, ଏଭିଏଫ ୨ ଏଭଳି ଏକ ସମୟରେ ଲଞ୍ଚ ହୋଇଛି ଯେତେବେଳେ ଷ୍ଟାର୍ଟଅପ ଇକୋସିଷ୍ଟମ ଏକ ରିସେଟର ସମ୍ମୁଖୀନ ହେଉଛି । ଏହି ଫଣ୍ଡର ପୁଞ୍ଜି ଆଧାର ୮୦% ଘରୋଇ ଓ ୨୦% ଆନ୍ତର୍ଜାତୀୟ ରହିବା ସହ ଫାଷ୍ଟ-କ୍ଲୋଜ କମିଟ୍ମେଣ୍ଟର ୯୦% ଭାରତୀୟ ପାରିବାରିକ କାର୍ଯ୍ୟାଳୟ ସମେତ ଭାରତୀୟ ଏଲ୍‌ପି ଏକ୍ସିଟ୍ କରିଥିବା ଫାଉଣ୍ଡରଙ୍କଠାରୁ ଆସୁଛି ଏବଂ ଅବଶିଷ୍ଟ ୧୦% ଆନ୍ତର୍ଜାତୀୟ ନିବେଶକଙ୍କଠାରୁ ଆସିଛି ।

## ଏଲ୍‌ଆଣ୍ଡଟି ଫାଇନାନ୍ସ ଲିମିଟେଡ ଶେଷ ହୋଇଥିବା

# ଦ୍ୱିତୀୟ ତ୍ରୈମାସିକ ପାଇଁ ଟିକସ ପରବର୍ତ୍ତୀ ଲାଭ ୭୩୫ କୋଟି ଟଙ୍କା

ଭୁବନେଶ୍ୱର, (ସବ୍ୟୁ): ଭାରତର ଏକ ପ୍ରମୁଖ ଅଣ ବ୍ୟାଙ୍କିଙ୍ଗ ଆର୍ଥିକ କଂପାନି ଏଲଆଣ୍ଡଟି ଫାଇନାନ୍‌ସ ଲିମିଟେଡ ସେପ୍ଟେମ୍ବର ୩୦,୨୦୨୫ରେ ଶେଷ ହୋଇଥିବା ଦ୍ୱିତୀୟ ତ୍ରୈମାସିକ ପାଇଁ ସର୍ବାଧିକ ୭୩୫ କୋଟି ଟଙ୍କା ଟିକସ ପରବର୍ତି ଲାଭ ରେକର୍ଡ କରିଛି । ଯାହା ତ୍ରୈମାସିକ ତୁଳନାରେ ୫% ଓ ୬% ବୃଦ୍ଧି ପାଇଛି । ସେହିପରି ଖୁଚୁରା ବୁକ ଆକାର ୧୮% ବୃଦ୍ଧି ପାଇ ୧,୦୪,୬୦୭ କୋଟି ଟଙ୍କା ହୋଇଛି । କମ୍ପାନିର ଗ୍ରାହକମୁଖୀ ପ୍ଲାନେଟ ଆପ ଗ୍ରାହକଙ୍କ ପାଇଁ ଏକ ଶକ୍ତିଶାଳୀ ଚ୍ୟାନେଲ ଭାବେ କାର୍ଯ୍ୟ କରୁଛି । ଆଜି ପର୍ଯ୍ୟନ୍ତ ଏହି ଚ୍ୟାନେଲ ୯୩୪ ଲକ୍ଷରୁ ଅଧିକ ଅନୁରୋଧକୁ ସେବା ପ୍ରଦାନ କରିବା ସହ ୬୪୦୦ କୋଟି ଟଙ୍କାରୁ ଅଧିକ ସଂଗ୍ରହ କରିଛି ଓ ୧୯୩୦୦ କୋଟି ଟଙ୍କାରୁ ଅଧିକ ଋଣ ପାଇଛି । ଡିଜିଟାଲ ଆପ ସହ ଏହି ଆପ ମଧ୍ୟ ପୁରସ୍କୃତ ହୋଇଛି ।

ପ୍ରକଳ୍ପ ସାଇକ୍ଲୋପ୍ସ ଦୁଇଚକିଆ ଆର୍ଥିକ ସହାୟତା ଫାର୍ମ ଉପକରଣ ଓ ଏସଏମଇ ଆର୍ଥିକ କାରବାର କ୍ଷେତ୍ରରେ କାର୍ଯ୍ୟକାରୀ କରାଯାଇଛି । ଏହା ଆର୍ଥିକ ବର୍ଷ ୨୬ର ୩ ତ୍ରୟମାସରେ ବ୍ୟକ୍ତିଗତ ଋଣ, ଗୃହ ଋଣ ଓ ଗ୍ରାମୀଣ ଗୋଷ୍ଠୀ ଋଣ ଏବଂ ଏଫଏମଆଇରେ ଆରମ୍ଭ କରାଯିବ । ଏସଆଣ୍ଡପି ଗ୍ଲୋବାଲ ରେଟିଂସ ଏଲଟିଏଫର ଦୀର୍ଘକାଳୀନ ଜାରିକର୍ତ୍ତା କ୍ରେଡିଟ ରେଟିଂକୁ ବିବିବି ପଜିଟିଭରୁ ବିବିବି ଷ୍ଟାବଲ ଓ ସ୍ୱଳ୍ପକାଳୀନ ଜାରୀକର୍ତ୍ତା କ୍ରେଡିଟ ରେଟିଂକୁ ଏ୩ରୁ ଏ୨କୁ ଉନ୍ନତ କରିଛି । ଏହି ଦୀର୍ଘକାଳୀନ ରେଟିଂ ଗୁଡ଼ିକ ନିବଶେ ଗ୍ରେଡ ଓ ଭାରତ ସାର୍ବଭୌମ କ୍ରେଡିଟ ରେଟିଂ ସହ ସମକକ୍ଷ । ଏହା ପୁଞ୍ଜିବଜାରକୁ ଟାପ କରିବା ଓ ଦାୟିତ୍ୱ ଫ୍ରାଞ୍ଚାଇଜକୁ ବିବିଧ କରିବା ସହ ନିବେଶକ ଆଧାରକୁ ଗଭୀର କରିବାକୁ ସକ୍ଷମ କରିବ ।

## ଏଡୁନମ୍ ପକ୍ଷରୁ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପୂର୍ବ ପ୍ରସ୍ଥାନ ଉତ୍ସବ

# ବିଦେଶରେ ଡାକ୍ତରୀ ଶିକ୍ଷା ପାଇଁ ରାସ୍ତା ସୁଗମ କରୁଛି ଏଡୁନମ୍

ଭୁବନେଶ୍ୱର, (ସବ୍ୟୁ): ଏଡୁନମ୍ ପକ୍ଷରୁ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପାଇଁ ପୂର୍ବ ପ୍ରସ୍ଥାନ ଉତ୍ସବ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ନିର୍ଦ୍ଦେଶକ ଲମ୍ବୋଦର ରାଉତଙ୍କ ଅଧ୍ୟକ୍ଷତାର ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆୟୁଷ ହସ୍ପିଟାଲର ପ୍ରତିଷ୍ଠାତା ଓ ହାଉସ୍ ସର୍ଜନ ପ୍ରଫେସର ଡ.ଅଶୋକ ଆଚାର୍ଯ୍ୟ, ଏଡୁନମ୍ ର ଉପ ସଭାପତି ପ୍ରକାଶ ଚନ୍ଦ୍ର ନାୟକ ଯୋଗଦାନ କରି ଅନୁଷ୍ଠାନ ପକ୍ଷରୁ ନିଆଯାଇଥିବା ପଦକ୍ଷେପକୁ ସାଧୁବାଦ ଦେବା ସହ ଅନୁଷ୍ଠାନର ଉତ୍ତୋରତର ଉନ୍ନତି କାମନା କରିଥିଲେ ।

ଅନୁଷ୍ଠାନର ପରାମର୍ଶଦାତା ତଥା ପ୍ରତିଷ୍ଠାତା ନିର୍ଦ୍ଦେଶକ ଲମ୍ବୋଦର ରାଉତଙ୍କ ଦ୍ୱାରା ୨୦୦୭ରେ ପ୍ରତିଷ୍ଠିତ ହୋଇଥିଲା । ଏହା ଏକ ପ୍ରାଥମିକ ଶିକ୍ଷା ପରାମର୍ଶଦାତା ସଂଗଠନ ଯାହାକି ଛାତ୍ରଛାତ୍ରୀମାନଙ୍କର ବଜେଟ୍ ଏବଂ ଆଶା ଅନୁଯାୟୀ ବିଦେଶରେ ଡ଼ାକ୍ତରୀ ଅଧ୍ୟୟନ ତଥା ବିଦେଶରେ ଅଧ୍ୟୟନ କରିବାକୁ ସାହାର୍ଯ୍ୟ ଏବଂ ମାର୍ଗଦର୍ଶନ ଯୋଗାଇଥାଏ । ନୂତନ ଭାବେ ଶିକ୍ଷା ଗ୍ରହଣ କରିବାକୁ ଯାଉଥିବା ଛାତ୍ରଛାତ୍ରୀଙ୍କ ବିଦାୟ ଶୀର୍ଷ ଦେଶ ତଥା ବିଦେଶରେ ଅଧ୍ୟୟନ ତଥା ଏମ୍.ବି.ବି.ଏସ୍ ଶିକ୍ଷା ବିଷୟରେ ସଠିକ୍ ସୂଚନା ପ୍ରଦାନ କରିବାକୁ ଏହା ଲକ୍ଷ୍ୟ ରଖିଛି । ଏଡୁନମ୍ ଛାତ୍ରମାନଙ୍କୁ ରୁସିଆ, ବାଂଲାଦେଶ, ନେପାଳ, ପୋଲାଣ୍ଡ, ଜର୍ଜିଆ, ଉଜବେକିସ୍ତାନ, କାଜାକିସ୍ତାନ, ମରିସସ୍ ଏବଂ ଜର୍ମାନୀ ପରି ବିଦେଶରେ ଏମ୍.ବି.ବି.ଏସ୍ ପାଇଁ ସେମାନଙ୍କର ସଠିକ୍ ବିଶ୍ୱବିଦ୍ୟାଳୟ ବାଛିବାରେ ସାହାଯ୍ୟ କରେ ଏବଂ ଅଷ୍ଟ୍ରେଲିଆ, ସିଙ୍ଗାପୁର, ଜର୍ମାନୀ, ଦୁବାଇ, ମାଲେସିଆ, ଫ୍ରାନ୍ସ, ଆମେରିକା, ୟୁକେ, କାନାଡ଼ା ଇତ୍ୟାଦି ୨୫୦୦ରୁ ଅଧିକ ଛାତ୍ରଛାତ୍ରୀ ପୂର୍ବରୁ ଏଡୁନମ୍ ମାଧ୍ୟମରେ ଶୀର୍ଷ ମେଡ଼ିକାଲ ବିଶ୍ୱବିଦ୍ୟାଳୟରେ ଏମ୍.ବି.ବି.ଏସ୍ ପାଠ୍ୟକ୍ରମରେ ଆଡ଼ମିଶନ ହୋଇସାରିଛନ୍ତି । ଏହାର ମୁଖ୍ୟ କାର୍ଯ୍ୟାଳୟ ନୂଆଦିଲ୍ଲୀରେ ଥିବାବେଳେ ଭୁବନେଶ୍ୱରରେ ଶାଖା କାର୍ଯ୍ୟାଳୟ ଅଛି । ଭବିଷ୍ୟତରେ ସଫଳ ଡ଼ାକ୍ତର ହେବା ପାଇଁ ନିଜ କ୍ୟାରିୟର ସ୍ଥିର କରିଥିବା ଓଡ଼ିଶା ଛାତ୍ରମାନଙ୍କ ପ୍ରତିଭାକୁ ଚିହ୍ନିବା ପାଇଁ ଏଡୁନମ୍ ବିଦେଶରେ ଡ଼ାକ୍ତରୀ ଶିକ୍ଷା ନିମନ୍ତେ ଯାଉଥିବା ଛାତ୍ରଛାତ୍ରୀମାନଙ୍କ - ପୂର୍ବ- ବିଦାୟ ସମାରୋହ ଆୟୋଜନ କରିବାକୁ ଯାଉଛି । ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୦୦ ଛାତ୍ରଛାତ୍ରୀ ଏବଂ ଅଭିଭାବକ ଅଂଶଗ୍ରହଣ କରିଥିଲେ ।



# ଭୁବନେଶ୍ୱରରେ ଏକ୍ସଟ୍ରା ଇଣ୍ଟେଲିଜେନ୍ସ ପକ୍ଷରୁ ଏକ୍ସଟ୍ରାମାର୍କସ

ଭୁବନେଶ୍ୱର (ସବ୍ୟୁ) : ଭାରତର ଅନ୍ୟତମ ଅଗ୍ରଣୀ ଏଡ୍-ଟେକ୍ କମ୍ପାନୀ, ଏକ୍ସଟ୍ରାମାର୍କସ ଏଜୁକେଶନ ପକ୍ଷରୁ ଭୁବନେଶ୍ୱରରେ ଏକ୍ସଟ୍ରା ଇଂଟେଲିଜେନ୍ସର ଶୁଭାରମ୍ଭ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷକମାନଙ୍କୁ ସଶକ୍ତ କରିବା, ଛାତ୍ରଛାତ୍ରୀଙ୍କୁ ନିୟୋଜିତ କରିବା ଏବଂ ଶ୍ରେଣୀଗୃହକୁ ବୁଦ୍ଧିମାନ, ସହଯୋଗୀ ଶିକ୍ଷଣୀୟ ପରିବେଶରେ ପରିଣତ କରିବା ପାଇଁ ଡିଜାଇନ କରାଯାଇଛି । ଏକ୍ସଟ୍ରା ଇଂଟେଲିଜେନ୍ସ ସହିତ ଏକ୍ସଟ୍ରାମାର୍କସ ହେଉଛି ପାଠ ଯୋଜନା ଓ ଶ୍ରେଣୀଗୃହ ଶିକ୍ଷାଦାନଠାରୁ ଆରମ୍ଭ କରି ମୂଲ୍ୟାଙ୍କନ ଓ ସ୍କୁଲ ପରବର୍ତ୍ତୀ ଶିକ୍ଷା ପର୍ଯ୍ୟନ୍ତ ସ୍କୁଲ ଇକୋସିଷ୍ଟମରେ ସାର୍ଥକ ଭାବେ ଏଆଇକୁ ସମନ୍ୱିତ୍ର କରିଥିବା ପ୍ରଥମ ଶିକ୍ଷା କମ୍ପାନୀ ଅଟେ । ଏହି ଅବସରରେ ଏକ୍ସଟ୍ରାମାର୍କସର ସେଲ୍ସ ବିଭାଗର ଅଧ୍ୟକ୍ଷ, ମାନବ ମେହେଟା କହିଛନ୍ତିଯେ, ଏକ୍ସଟ୍ରା ଇଂଟେଲିଜେନ୍ସ ସହିତ ଆମେ କେବଳ ଆଉ ଏକ ଏଆଇ ଟୁଲର ଶୁଭାରମ୍ଭ କରିନାହୁଁ ବରଂ ଆମେ ଶ୍ରେଣୀଗୃହ ଅନୁଭୂତିକୁ ପୁନଃପରିକଳ୍ପନା କରିଛୁ । ଏହି ଉଦ୍‌ଭାବନ ଏଆଇର ଶକ୍ତିକୁ ସିଧାସଳଖ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ହସ୍ତାନ୍ତର କରୁଛି, ଯାହା ବ୍ୟାପକ ସ୍ତରରେ ବ୍ୟକ୍ତିଗତ, ନିୟୋଜିତ ଓ ସୁରକ୍ଷିତ ଶିକ୍ଷାକୁ ସକ୍ଷମ କରୁଛି । ଆମେ ଏହାକୁ ଭୁବନେଶ୍ୱରର ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପାଇଁ ଆଣି ଖୁବ୍ ଆନନ୍ଦିତ ଏବଂ ଆମେ ନିଶ୍ଚିତ ଯେ, ଏହା ଶ୍ରେଣୀଗୃହ ଅନୁଭୂତିକୁ ରୂପାନ୍ତର କରିବାରେ ସାହାଯ୍ୟ କରିବ ।

# ୧୪ ବର୍ଷରେ ସୋଆ କମ୍ୟୁନିଟି ରେଡିଓ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର କମ୍ୟୁନିଟି ରେଡ଼ିଓ ଷ୍ଟେସନ ଭଏସ୍ ଅଫ୍ ସୋଆ କମ୍ୟୁନିଟି ରେଡ଼ିଓ ୯୦.୪ ପ୍ରସାରଣର ୧୩ ବର୍ଷ ପୂରଣ କରିଛି । ଏହି ବର୍ଷ ପୂର୍ତ୍ତି ଉପଲକ୍ଷେ ସୋଆର ଉପାଧ୍ୟକ୍ଷ ଶ୍ରୀମତି ଶାଶ୍ୱତୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମାଜକୁ ଜନହିତକର ସୂଚନା ଦେବାରେ ସୋଆ କମ୍ୟୁନିଟି ରେଡ଼ିଓ ଅଗ୍ରଣୀ ଭୂମିକା ତୁଲାଉଥିବା କହିଛନ୍ତି ।

୨୦୧୨ ଅକ୍ଟୋବର ୧୫ ତାରିଖରେ ଆରମ୍ଭ ହୋଇଥିବା ସୋଆ କମ୍ୟୁନିଟି ରେଡ଼ିଓ ସଚେତନତା, ଶିକ୍ଷା, ସ୍ୱାସ୍ଥ୍ୟ, ଯୁବପିଢ଼ି, ମହିଳା ସଶକ୍ତିକରଣ, କୃଷି, ସାଂସ୍କୃତିକ, ପର୍ଯ୍ୟଟନ, ଐତିହ୍ୟ, ଜଳବାୟୁ ପରିବର୍ତ୍ତନ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଏକ ଦୃଢ଼ ମଂଚ ହୋଇପାରିଛି ବୋଲି ଶ୍ରୀମତି ଦାସ କହିଥିଲେ । ୧୩ ବର୍ଷ ପୂର୍ତ୍ତୀ ପାଳନ ଅବସରରେ ଶ୍ରୀମତି ଦାସ ରେଡ଼ିଓର ସମସ୍ତ କର୍ମକର୍ତାମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ସେମାନଙ୍କ ଅନୁକରଣୀୟ ପ୍ରଦର୍ଶନ ଏବଂ ସହରର ସବୁଠାରୁ ଲୋକପ୍ରିୟ ରେଡ଼ିଓ ତାଲିକାରେ ସ୍ଥାନୀତ ହେବା ଏବଂ ସମାଜର ସେବା କରିବା ନିମନ୍ତେ ଅଭିନନ୍ଦନ ଜଣାଇଥିଲେ ।


ସୋଆ ରେଡ଼ିଓର ଦାୟିତ୍ୱରେ ଥିବା ଅଧିକାରୀ ଶ୍ରୀମତି ହନି ପଟ୍ଟନାୟକ କହିଥିଲେ ଭଏସ ଅଫ୍ ସୋଆ କମ୍ୟୁନିଟି ରେଡ଼ିଓ ୯୦.୪ ଏକ ଦାୟିତ୍ୱ ସମ୍ପନ୍ନ ପ୍ରସାରଣ ମାଧ୍ୟମ ଏବଂ ଏହା ସର୍ବଦା ଗୁଣାତ୍ମକ କାର୍ଯ୍ୟକ୍ରମ ଜରିଆରେ ଜନସାଧାରଣଙ୍କ ନିକଟରେ ପହଂଚିବାକୁ ଉଦ୍ୟମ ଜାରି ରଖିବ । ଏହି ଅବସରରେ ସୋଆର କଂଟ୍ରୋଲର ଅଫ୍ ଏଗଜାମିନେସନ୍ ପ୍ରଫେସର ମଞ୍ଜୁଳା ଦାସ, ଜଏଂଟ ରେଜିଷ୍ଟ୍ରାର ପ୍ରଫେସର ମଧୁବ୍ରତା ମହାନ୍ତି, ସୋଆ ରେଡ଼ିଓର ସମସ୍ତ ସଦସ୍ୟ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।



## ପ୍ରଧାନମନ୍ତ୍ରୀଙ୍କ ପାର୍ବଣ ଉପହାର

# ନବରାତ୍ରିରେ ଜମିଲା, ଦୀପାବଳିରେ କାରବାର ପାଇଁ କ୍ଷେତ୍ର ପ୍ରସ୍ତୁତ

ନୂଆଦିଲ୍ଲୀ: ଚଳିତ ପାର୍ବଣ ଋତୁରେ ଭାରତକୁ ପ୍ରାରମ୍ଭିକ ଦୀପାବଳି ଉପହାର ମିଳିଛି । ଏହା ରଙ୍ଗିନ କାଗଜରେ ଗୁଡ଼ା ହୋଇଥିବା ଉପହାର ନୁହେଁ, ବରଂ ଏକ ନୀତିଗତ ଉପହାର । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ସାମ୍ପ୍ରତିକ ଜିଏଟି ହାର ହ୍ରାସ ଦେଶବ୍ୟାପୀ କିଣାବିକା ଓ ବାଣିଜ୍ୟ କାରବାର ବୃଦ୍ଧି କରିଛି । ଏ ବର୍ଷର ନବରାତ୍ରିକୁ ଗତ କିଛି ବର୍ଷ ମଧ୍ୟରେ ସବୁଠାରୁ ବଡ଼ କ୍ରୟ ଉତ୍ସବରେ ପରିଣତ କରିଛି । ଅତ୍ୟାବଶ୍ୟକ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଉପରେ କମ ଟିକସ ସାଧାରଣ ପରିବାରକୁ ଆଶ୍ୱସ୍ତି ଦେଇଛି, ବଜାରକୁ ଶକ୍ତି ଦେଇଛି ଏବଂ ଭାରତର ସବୁଠାରୁ ସମୃଦ୍ଧ ଦୀପାବଳି ପାଇଁ କ୍ଷେତ୍ର ପ୍ରସ୍ତୁତ କରିଛି ।ସୂଚନାଯୋଗ୍ୟ ମୁଦ୍ରାସ୍ଫୀତି ଗତ ଆଠ ବର୍ଷ ମଧ୍ୟରେ ସର୍ବନିମ୍ନ ସ୍ତରରେ ପହଞ୍ଚିଛି, ସିପିଆଇ ମୁଦ୍ରାସ୍ଫୀତି ମାତ୍ର ୧.୫୪%ରେ ପହଞ୍ଚିଥିବାବେଳେ ଖାଦ୍ୟ ମୁଦ୍ରାସ୍ଫୀତି ନକାରାତ୍ମକ (-୨.୩%) ହୋଇଛି । ଏହା ସାଧାରଣ ପରିବାରଗୁଡ଼ିକୁ ବଡ଼ ଉତ୍ସବ ପାଳନ କରିବାର ଆର୍ଥିକ ସ୍ୱାଧୀନତା ଦେଇଛି । ଜିଏସଟି ହାର ହ୍‌ରାସ ପାଇବା ସହିତ, ମୂଲ୍ୟ କମିଛି ଏବଂ କ୍ରୟ ଶକ୍ତି ବୃଦ୍ଧି ପାଇଛି । ପାର୍ବଣ ଏବଂ ବିବାହ ଋତୁ ପୂର୍ବରୁ ଜିଏସଟି ହ୍ରାସ ଯୋଗୁ ଗ୍ରାହକଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଛି ଏବଂ ଫଳାଫଳ ପ୍ରତ୍ୟେକ କ୍ଷେତ୍ରରେ ଦୃଶ୍ୟମାନ ହେଉଛି । ପର୍ବପର୍ବାଣୀ ଏବଂ ବିବାହ ଋତୁର କାରବାର ୭ ଲକ୍ଷ କୋଟି ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି, ଯାହା ଗତ କିଛି ବର୍ଷ ମଧ୍ୟରେ ଭାରତର ସର୍ବବୃହତ କ୍ରୟ ପ୍ରବାହକୁ ଦର୍ଶାଉଛି । ଜିଏସଟି ସଞ୍ଚୟର ଲାଭ ଉଠାଇବା ପାଇଁ ଗ୍ରାହକମାନଙ୍କ ମଧ୍ୟରେ ଆଗ୍ରହ ବଢିବାରୁ ଡିଜିଟାଲ୍ ପେମେଣ୍ଟ ଅକସ୍ମାତ ଦଶଗୁଣ ବୃଦ୍ଧି ପାଇ ୨୧ ସେପେଟମ୍ବରରେ ୧.୧୮ ଲକ୍ଷ କୋଟି ଟଙ୍କାରୁ ୨୨ ସେପେଟମ୍ବରରେ ୧୧.୩୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । ଦିଲ୍ଲୀ ଭଳି ସହରରେ, ଉତ୍ସବ ବିକ୍ରୟ ୭୫,୦୦୦ କୋଟି ଟଙ୍କା ଥିବା ଆକଳନ କରାଯାଇଛି । ଅନ୍ୟପକ୍ଷରେ ୨,୫୦୦ ଟଙ୍କାରୁ କମ୍ ପୋଷାକ ଉପରେ ଜିଏସଟି ହ୍ରାସ ପରେ ଅହମ୍ମଦାବାଦର ସୂତା କପଡ଼ା ଚାହିଦା ପ୍ରାୟ ୧୦% ବୃଦ୍ଧି ପାଇଛି ।ସରକାରଙ୍କ ଆର୍ଥିକ ନିଷ୍ପତ୍ତିଗୁଡ଼ିକ କେବଳ ଖର୍ଚ୍ଚ ହ୍ରାସ କରିନାହିଁ, ବରଂ ଉତ୍ସବ ଅର୍ଥବ୍ୟବସ୍ଥାକୁ ମଧ୍ୟ ପୁନର୍ଜୀବିତ କରିଛି । ଏହା ସ୍ଥାନୀୟ ଯୋଗାଣ ଶୃଙ୍ଖଳକୁ ବୃଦ୍ଧି କରିବା ସହିତ ମେଡ୍-ଇନ୍-ଇଣ୍ଡିଆ ଉତ୍ପାଦଗୁଡ଼ିକୁ ସଶକ୍ତ କରିଛି ।



ଭାରତର ଅଟୋମୋବାଇଲ୍ ଶିଳ୍ପ ଗତ ଦଶନ୍ଧି ମଧ୍ୟରେ ଏହାର ସର୍ବୋତ୍ତମ ନବରାତ୍ରି ପ୍ରଦର୍ଶନ କରିଛି । ମାରୁତି ସୁଜୁକିର ବିକ୍ରୟ ଗତ ବର୍ଷ ତୁଳନାରେ ଦ୍ୱିଗୁଣିତ ହୋଇଛ । କେବଳ ଅଷ୍ଟମୀରେ ୩୦,୦୦୦ ବାହନ ବିକ୍ରି ରେକର୍ଡ ସହିତ କମ୍ପାନୀ ୩୫ ବର୍ଷ ମଧ୍ୟରେ ଗୋଟିଏ ଦିନରେ ସର୍ବାଧିକ ବିକ୍ରୟ କରିଛି ।ମହିନ୍ଦ୍ରାର ଏକ୍ସୟୁଭି୭୦୦ ଏବଂ ସ୍କର୍ପିଓ ବିକ୍ରି ୬୦% ବୃଦ୍ଧି ପାଇଛି । ଟାଟା ମୋଟର୍ସ ୫୦,୦୦୦ ରୁ ଅଧିକ ଯାନ ବିକ୍ରି କରି ଥିବା ବେଳେ ଯେତେବେଳେ ହ୍ୟୁଣ୍ଡାଇର କ୍ରେଟା ଓ ଭେନ୍ୟୁ ବିକ୍ରି ୭୨% ପ୍ରତିଶତ ଅଂଶ ହାସଲ କରିଛି । ହିରୋ ଏବଂ ବଜାଜ ପରି ଦୁଇଚକିଆ ଯାନ କମ୍ପାନୀଗୁଡିକ ଗତ ବର୍ଷ ତୁଳନାରେ ଦୁଇ ଗୁଣା ବିକ୍ରି କରିଛନ୍ତି । ଏଫଏଡିଏର ତଥ୍ୟ ମୁତାବକ ଅଟୋମୋବାଇଲ ଶିଳ୍ପରେ ଏଥର ୩୪% ବାର୍ଷିକ ଅଭିବୃଦ୍ଧି ଦେଖିବାକୁ ମିଳିଛି ।ସେହିପରି ଟିଭି, ଫ୍ରିଜ୍, ୱାଶିଂମେସିନ ଭଳି ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ବିକ୍ରି ୪୦-୪୫% ବୃଦ୍ଧି ପାଇଛି । ହାୟର କମ୍ପାନୀ ଅଢେଇ ଲକ୍ଷରୁ ଅଧିକ ଦାମର ଟିଭି ବିକ୍ରିରେ ୮୫% ଅଭିବୃଦ୍ଧି ହାସଲ କରିଛି । ରିଲାଏନ୍ସ ରିଟେଲରେ ଟିଭି ଓ ସ୍ମାର୍ଟଫୋନ୍ ବିକ୍ରି ୨୦-୨୫% ବୃଦ୍ଧି ପାଇଛି । ବିଜୟ ସେଲସ୍, ଏଲଜି, ଗୋଦ୍ରେଜର ବିକ୍ରି ମଧ୍ୟ ଦୁଇ ଅଙ୍କ ଅଭିବୃଦ୍ଧି ହାସଲ କରିଛି । ଓଣମରୁ ନବରାତ୍ରି ପର୍ଯ୍ୟନ୍ତ ଭାରତର ପାର୍ବଣ ବିକ୍ରି ୪୦-୪୫%ରେ ପହଞ୍ଚିଛି । ଏହା ଧନତେରସ ଏବଂ ଦୀପାବଳିରେ ଆହୁରି ବଢିବା ନେଇ ଆକଳନ କରାଯାଇଛି ।ଇ-କମର୍ସ ପ୍ଲାଟଫର୍ମରେ ମଧ୍ୟ ବିକ୍ରି ବିଚ୍ଛି ଛ ଟିୟର ୨ ଏବଂ ଟିୟର ୩ ସହରରେ ଆମାଜନ ଇଣ୍ଡିଆର ପାର୍ବଣ ଗ୍ରାହକ ସଂଖ୍ୟା ୨୭୬ କୋଟିକୁ ବୃଦ୍ଧି ପାଇଛି । ମେଟ୍ରୋ ସହର ବାହାରେ ଛୋଟ ସହରଗୁଡ଼ିକରେ ପ୍ରାଇମ୍ ମେମ୍ବରସିପ୍ ବିବା ସହିତ ୭୦% ନୂଆ ଗ୍ରାହକ ଯୋଡ଼ି ହୋଇଛନ୍ତି ।ସେହପରି ମିଶୋରେ ଗ୍ରାହକ ସଂଖ୍ୟା ମଧ୍ୟ ୨୦୬ କୋଟିକୁ ବୃଦ୍ଧି ପାଇଛି ।

ଭାରତର ବଜାର ଭାବନା ଉପଭୋକ୍ତା ଉତ୍ସାହ ସହିତ ମେଳ ଖାଉଛି । ନିଫଟି ୫୦ ବିଗତ ୫୨-ସପ୍ତାହର ସର୍ବୋଚ୍ଚ ସ୍ତର ୨୫,୭୦୯ ରେ ପହଞ୍ଚିଛି । ଏହା ତିନୋଟି ଅଧିବେଶନରେ ୨.୨% ଲାଭ କରିଛି । ଶକ୍ତିଶାଳୀ ବିଦେଶୀ ନିବେଶ, ଦୃଢ଼ ଭାରତୀୟ ମୁଦ୍ରା ମୂଲ୍ୟ ଏବଂ ଉତ୍ସବର ଚାହିଦା ଏହାକୁ ସମର୍ଥନ କରିଛି । ସ୍ଥାନୀୟ ତେଜରାତି ଦୋକାନଠାରୁ ଆରମ୍ଭ କରି ବିଳାସପୂର୍ଣ୍ଣ କାର୍ ସୋରୁମ୍ ପର୍ଯ୍ୟନ୍ତ, ଭାରତର ଅର୍ଥବ୍ୟବସ୍ଥାର ପ୍ରତ୍ୟେକ କୋଣ ନୂତନ ଆତ୍ମବିଶ୍ୱାସର ସହିତ ଉଜ୍ଜ୍ୱଳ ହେଉଛି ।

ପ୍ରଧାନମନ୍ତ୍ରୀ ମୋଦୀଙ୍କ ସରକାର କେବଳ ଜିଏସଟି ହାର ହ୍ରାସ କରିନାହାନ୍ତି, ବରଂ ଗ୍ରାହକଙ୍କ ମନୋବଳ ବୃଦ୍ଧି କରିଛନ୍ତି । ସର୍ବାଧିକ କ୍ରୟ ଅବଧି ପୂର୍ବରୁ ଦର ହ୍ରାସ କରିବାର ରଣନୀତିକ ସମୟ ନିର୍ଦ୍ଧାରଣ କରି ସରକାର ପ୍ରତ୍ୟେକ ଭାରତୀୟ ପରିବାରକୁ ଏହି ଋତୁରେ ଅଧିକ ସଞ୍ଚୟ ଏବଂ ନିଜର ପସନ୍ଦଯୋଗ୍ୟ ସାମଗ୍ରୀ କିଣିବାର ସୁଯୋଗ ଦେଇଛନ୍ତି । ସେମାନେ ଭାରତୀୟ ସାମଗ୍ରୀ କିଣିବା ସହିତ ଏହାକୁ ନେଇ ଗର୍ବ କରିପାରୁଛନ୍ତି ।ଏହି ପାର୍ବଣ ଋତୁରେ, ବାର୍ତ୍ତା ବେଶ ସ୍ପଷ୍ଟ ହୋଇଛି । ଭାରତର ଅଭିବୃଦ୍ଧି କାହାଣୀ ଦୀପାବଳିର ଆଲୋକ ଅପେକ୍ଷା ଅଧିକ ଉଜ୍ଜ୍ୱଳ ହୋଇଛି । ଯାନବାହନ ଠାରୁ ଆରମ୍ଭ କରି ଇ-କମର୍ସ ପର୍ଯ୍ୟନ୍ତ, ସ୍ଥାନୀୟ କାରିଗରଙ୍କଠାରୁ ଆରମ୍ଭ କରି ଡିଜିଟାଲ୍ ଉଦ୍ୟୋଗୀଙ୍କ ପର୍ଯ୍ୟନ୍ତ, ଦେଶ କେବଳ ପର୍ବପର୍ବାଣୀ ପାଳନ କରୁନାହିଁ, ବରଂ ଏହାର ଅର୍ଥବ୍ୟବସ୍ଥାର ଶକ୍ତି ଏବଂ ସମୟୋଚିତ ସଂସ୍କାରର ଜ୍ଞାନକୁ ମଧ୍ୟ ପାଳନ କରୁଛ ।

# ଖାଦ୍ୟ ଉତ୍ପାଦରେ ଓଆର୍‌ଏସ୍ ବ୍ୟବହାର ବନ୍ଦ

## ଡାକ୍ତରାଣୀଙ୍କ ଅଭିଯାନ ସଫଳ

ନୂଆଦିଲ୍ଲୀ: ଶିଶୁମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଐତିହାସିକ ନିଷ୍ପତ୍ତି । ଅକ୍ଟୋବର ୧୪ରୁ ଏଫ୍‌ଏସ୍‌ଏସ୍‌ଏଆଇ । ଅଣ-ମାନକ ଖାଦ୍ୟ ଉତ୍ପାଦର ବ୍ରାଣ୍ଡ ନାମରେ "ଓରାଲ୍ ରିହାଇଡ୍ରେସନ୍ ସଲ୍ଟ୍ସ (ଓଆର୍‌ଏସ୍)" ଶବ୍ଦର ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିଛି । ଏହା ମଧ୍ୟ ବାଧ୍ୟତାମୂଳକ କରିଛି ଯେ କେବଳ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଦ୍ୱାରା ଅନୁମୋଦିତ ଫର୍ମୁଲା ଥିବା ଉତ୍ପାଦଗୁଡ଼ିକୁ "ଓଆରଏସ୍" ଶବ୍ଦ ସହିତ ଲେବଲ୍ କରାଯିବ ।




ଏହା ନିର୍ଦ୍ଦେଶ ନୁହେଁ, ଏହା ସଂଘର୍ଷର ବିଜୟ । ହାଇଦ୍ରାବାଦର ଶିଶୁରୋଗ ବିଶେଷଜ୍ଞ ଡକ୍ଟର ଶିବରଞ୍ଜନୀ ସନ୍ତୋଷଙ୍କ ପାଇଁ ଆଠ ବର୍ଷର ଲମ୍ବା ସଂଘର୍ଷର ଏହି ପରିଣାମ । ସେ ସୋସିଆଲ ମିଡିଆରେ ଏକ ସଚେତନତା ଅଭିଯାନ ଆରମ୍ଭ କରିଥିଲେ । ନିଷ୍ପତ୍ତି ଘୋଷଣା ହେବା ପରେ ଡକ୍ଟର ଶିବରଞ୍ଜନୀ ଭାବପ୍ରବଣ ହୋଇଛନ୍ତି । ମିଥ୍ୟା ମାର୍କେଟିଂ ରୋକିବା, ପ୍ରକୃତ ଓଆରଏସ୍ ଚିହ୍ନଟ କରିବା । ଏକ ଭାଇରାଲ ଭିଡିଓରେ ସେ ଏହି ଲଢ଼େଇରେ ସମର୍ଥନ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ଡକ୍ଟର ଶିବରଞ୍ଜନୀ ସନ୍ତୋଷ ଓଆର୍‌ଏସ୍" ଭାବରେ ବଜାରରେ ବିକ୍ରି ହେଉଥିବା ଅନେକ ମିଠା ପାନୀୟ ଏବଂ ଶକ୍ତି ପାନୀୟର ଭୁଲ ଉପସ୍ଥାପନକୁ ରୋକିବା ପାଇଁ ତାଙ୍କର ଲଢ଼େଇ ଆରମ୍ଭ କରିଥିଲେ । ଏହି ମିଠା ଉତ୍ପାଦଗୁଡ଼ିକରେ ପ୍ରାୟତଃ ଡବ୍ଲ୍ୟୁଏଚ୍‌ଓ ସୀମା ଅନୁଯାୟୀ ଗ୍ଲୁକୋଜ୍ ଏବଂ ଲୁଣର ସଠିକ୍ ଅନୁପାତ ନଥାଏ । ଅତ୍ୟଧିକ ମିଠା ପିଲାମାନଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ ।

ଓଆର୍‌ଏସ୍ ହେଉଛି ପିଲା ଏବଂ ବୟସ୍କଙ୍କ ଶରୀରରେ ଡିହାଇଡ୍ରେସନର ଚିକିତ୍ସା ପାଇଁ ଏକ ଫର୍ମୁଲା । ଡବ୍ଲ୍ୟୁଏଚ୍‌ଓ ସୀମା ଅନୁଯାୟୀ, ଓଆର୍‌ଏସ୍‌ରେ ସୋଡିୟମ୍, ପୋଟାସିୟମ୍, କ୍ଲୋରାଇଡ୍ ଏବଂ ଗ୍ଲୁକୋଜର ଅନୁପାତ ଥାଏ, ଯାହା ଅନ୍ତନଳୀର ପାଣି ଏବଂ ଇଲେକ୍ଟ୍ରୋଲାଇଟ୍ସ ବଜାୟ ରଖିବା ପାଇଁ ପ୍ରସ୍ତୁତ ହୋଇଥାଏ । ବଜାରରେ ଅନେକ କମ୍ପାନୀ 'ଓଆର୍‌ଏସ୍' ନାମରେ ସେମାନଙ୍କର ମିଠା ପାନୀୟ ବିକ୍ରି କରୁଥିଲେ, ଯାହା ଦ୍ୱନ୍ଦ୍ୱ ସୃଷ୍ଟି କରୁଥିଲା ।

ଅଭିଭାବକମାନେ ପ୍ରାୟତଃ ଏହି ମିଠା ପାନୀୟଗୁଡ଼ିକୁ ପ୍ରକୃତ ଓଆର୍‌ଏସ୍ ଭାବରେ ଭୁଲ ଭାବରେ ଭାବି ସେମାନଙ୍କ ପିଲାମାନଙ୍କ ସ୍ୱାସ୍ଥ୍ୟକୁ ଖରାପ କରିଦିଏ । ଡକ୍ଟର ଶିବରଞ୍ଜନୀ ସନ୍ତୋଷଙ୍କ ବିଜୟ ପିଲାମାନଙ୍କୁ ଏହି ଭ୍ରାମକ ଉତ୍ପାଦଗୁଡ଼ିକ ଦ୍ୱାରା ହେଉଥିବା କ୍ଷତିରୁ ରକ୍ଷା କରିବାରେ ସାହାଯ୍ୟ କରିବ ।

## ମୋଜାମ୍ବିକ ଡଙ୍ଗାବୁଡ଼ି : ମୃତାହତଙ୍କ ମଧ୍ୟରେ ଅଧିକାଂଶ କେରଳର

ବେଇରା : ଶୁକ୍ରବାର ଦିନ ମୋଜାମ୍ବିକର ବେଇରା ବନ୍ଦର ନିକଟରେ ଏକ ଡଙ୍ଗା ବୁଡ଼ିଯାଇଛି । ଏହି ଘଟଣାରେ ୩ ଜଣ ଭାରତୀୟ ନାଗରିକ ମୃତ୍ୟୁବରଣ କରିଥିବାବେଳେ ଆଉ ୫ ଜଣ ନିଖୋଜ ଅଛନ୍ତି । ଉକ୍ତ ଡଙ୍ଗାରେ ଚଉଦ ଜଣ ଭାରତୀୟ ନାବିକ ଏକ ତେଲ ଟାଙ୍କରର କ୍ରୁ (ଚାଳକ ଦଳ) ପରିବର୍ତ୍ତନ ପାଇଁ ଯାତ୍ରା କରୁଥିଲେ । ଦୁର୍ଘଟଣାର କାରଣ ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି, କିନ୍ତୁ ଏହାର ତଦନ୍ତ ଆରମ୍ଭ ହୋଇଛି ।

୩ ମୃତକଙ୍କ ମଧ୍ୟରୁ କେରଳରୁ ୨ ଜଣ ଏହି ଘଟଣା ସଂପର୍କରେ ଭାରତୀୟ ଉଚ୍ଚାୟୋଗ ପକ୍ଷରୁ କେତେକ ସୂଚନା ଦିଆଯାଇଛି । ମୃତକଙ୍କ ମଧ୍ୟରେ କେରଳର ଦୁଇଜଣ ଯୁବକ ଥିବା ଜଣାପଡ଼ିଛି । ଜଣେ ଯୁବକ ୨୨ ବର୍ଷୀୟ ଇନ୍ଦ୍ରଜିତ ସନ୍ତୋଷ ବୋଲି ସୂଚନା ମିଳିଛି । ସେହିପରି କେରଳର ଆଉ ଜଣେ ଯୁବକ ଶ୍ରୀରାଗ ରାଧାକୃଷ୍ଣନ ନିଖୋଜ ଅଛନ୍ତି ।

ଏହି ଦୁର୍ଘଟଣା ସଂପର୍କରେ ଭାରତୀୟ ଉଚ୍ଚାୟୋଗ କହିଛି ଯେ ଡଙ୍ଗା ବୁଡ଼ିବା ପରେ ଛଅ ଜଣ ନାବିକଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇଛି । ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ରହିଛି ଏବଂ ତାଙ୍କୁ ବେଇରାର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ବାକି ନଅ ଜଣଙ୍କ ମଧ୍ୟରୁ ତିନି ଜଣଙ୍କର ମୃତ୍ୟୁ ହୋଇଛି ଏବଂ ପାଞ୍ଚ ଜଣ ଏପର୍ଯ୍ୟନ୍ତ ନିଖୋଜ ଅଛନ୍ତି । ଭାରତୀୟ ଉଚ୍ଚୋୟୋଗର ଅଧିକାରୀମାନେ ହସ୍ପିଟାଲରେ ଉପସ୍ଥିତ ଅଛନ୍ତି ଏବଂ ପୀଡିତମାନଙ୍କୁ ସମସ୍ତ ପ୍ରକାରର ସହାୟତା ପ୍ରଦାନ କରୁଛନ୍ତି । ଉଚ୍ଚାୟୋଗ କହିଛି ଯେ ସେମାନେ ମୃତକଙ୍କ ପରିବାର ସହିତ ନିରନ୍ତର ଯୋଗାଯୋଗରେ ଅଛନ୍ତି ଏବଂ ତୁରନ୍ତ ସେମାନଙ୍କୁ ସୂଚନା ଦିଆଯାଉଛି ।

# ବିଚାରପତିଙ୍କ ନକଲି ଦସ୍ତଖତରେ କୋଟି କୋଟି ଟଙ୍କା ହଡ଼ପ

ନୂଆଦିଲ୍ଲୀ: ଡିଜିଟାଲ ଗିରଫଦାରୀର ଧମକ ଦେଇ ଲୋକଙ୍କଠାରୁ, ବିଶେଷକରି ବରିଷ୍ଠ ନାଗରିକଙ୍କଠାରୁ ଟଙ୍କା ଆଦାୟ କରୁଥିବା ସାଇବର ଅପରାଧ ସିଣ୍ଡିକେଟ୍ଗୁଡ଼ିକର ପର୍ଦ୍ଦାଫାସ ପାଇଁ ସାରା ଦେଶରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ ଗୃହ ମନ୍ତ୍ରଣାଳୟ ଏବଂ ସିବିଆଇକୁ ପଚାରିଛନ୍ତି ।

ବିଚାରପତି ସୂର୍ଯ୍ୟକାନ୍ତ ଏବଂ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ କହିଛନ୍ତି, ବିଚାରାଧୀନ ଡକ୍ୟୁମେଣ୍ଟ ଜାଲିଆତି, ସାଇବର ଆଦାୟ ଏବଂ ନିର୍ଦ୍ଦୋଷ ଲୋକଙ୍କ, ବିଶେଷକରି ବରିଷ୍ଠ ନାଗରିକଙ୍କ ସାଇବର ଗିରଫଦାରୀରେ ସମ୍ପୃକ୍ତ ଏହି ଅପରାଧୀ ସିଣ୍ଡିକେଟ୍କୁ ସମ୍ପୂର୍ଣ୍ଣ ପର୍ଦ୍ଦାଫାସ କରିବା ପାଇଁ କେନ୍ଦ୍ର (ଏଜେନ୍ସି) ଏବଂ ରାଜ୍ୟ ପୁଲିସ ମଧ୍ୟରେ ସମନ୍ୱିତ ପ୍ରୟାସ ସହିତ ସାରା ଦେଶରେ କଠୋର କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି ।



ଅମ୍ବାଲାର ସତୁରି ବର୍ଷୀୟ ବୃଦ୍ଧ ଦମ୍ପତିଙ୍କ ଦ୍ୱାରା ଦାଏର କରାଯାଇଥିବା ଏକ ସ୍ୱତଃପ୍ରବୃତ୍ତ ରିଟ୍ ଆବେଦନ ଉପରେ ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି । ବୃଦ୍ଧ ଦମ୍ପତି ଅଭିଯୋଗ କରିଛନ୍ତି ଯେ, ଠକମାନେ ହ୍ୱାଟ୍ସଆପ୍ ଏବଂ ଭିଡିଓ କନଫରେନ୍ସିଂ ମାଧ୍ୟମରେ ସୁପ୍ରିମକୋର୍ଟଙ୍କ ଆଦେଶକୁ ଜାଲ କରିଛନ୍ତି ଏବଂ ସେମାନଙ୍କୁ ୧ କୋଟିରୁ ଅଧିକ ଟଙ୍କା ଦେବାକୁ ବାଧ୍ୟ କରିଛନ୍ତି ।

କୋର୍ଟ କହିଛନ୍ତି, ଆମେ ଆଶ୍ଚର୍ଯ୍ୟ ହୋଇଛୁ ଯେ, ଠକମାନେ ସୁପ୍ରିମକୋର୍ଟର ଆଦେଶ ଏବଂ ଅନ୍ୟାନ୍ୟ ଅନେକ ଦସ୍ତାବିଜ ତିଆରି କରିଛନ୍ତି ।ଖଣ୍ଡପୀଠ କହିଛନ୍ତି ଯେ, ସାଧାରଣତଃ ତଦନ୍ତ ତ୍ୱରାନ୍ୱିତ କରିବା ପାଇଁ ଆମେଅମ୍ବାଲା ସାଇବର ସେଲ୍କୁ ନିର୍ଦ୍ଦେଶ ଦେଇଥାନ୍ତୁ । କିନ୍ତୁ ଯେତେବେଳେ ନ୍ୟାୟିକ ନିର୍ଦ୍ଦେଶ ଏବଂ ବିଚାରପତିଙ୍କ ଦସ୍ତଖତ ବିନା ଦଣ୍ଡରେ ଜାଲ କରାଯାଉଥିଲା ଏବଂ ଅପରାଧ ଦେଶର ବିଭିନ୍ନ ସ୍ଥାନରେ ବ୍ୟାପିଥିବା ଦେଖାଯାଉଛି, ସେତେବେଳେ ଏକ ସମନ୍ୱିତ ତଦନ୍ତର ଆବଶ୍ୟକତା ରହିଛି । ଖଣ୍ଡପୀଠ ଏହି ମାମଲାରେ କୋର୍ଟଙ୍କୁ ସହାୟତା କରିବାକୁ ଆଟର୍ଣ୍ଣି ଜେନେରାଲ ଆର. ଭେଙ୍କଟରମଣିଙ୍କୁ ଅନୁରୋଧ କରିଛନ୍ତି ।

## ଭୋଟ ଗ୍ରହଣ ପୂର୍ବରୁ ଫାଇଦାରେ ଆରଜେଡି

ପାଟନା: ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଶାସକ ଏନଡିଏକୁ ଏକ ବଡ଼ ଝଟକା ଲାଗିଛି । ଲୋକ ଜନଶକ୍ତି ପାର୍ଟି (ରାମ ବିଳାସ) ପ୍ରାର୍ଥୀ ସୀମା ସିଂହଙ୍କ ପ୍ରାର୍ଥିପତ୍ର ବାତିଲ କରାଯାଇଛି । ଏହା ଫଳରେ ଏହି ଆସନରେ ଜିତିବା ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ପାଇଁ ସହଜ ହୋଇଯାଇଛି ।

ମଢୌରା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜଣାଶୁଣା ଭୋଜପୁରୀ ଚଳଚ୍ଚିତ୍ର ଅଭିନେତ୍ରୀ ସୀମା ସିଂହଙ୍କୁ ଚିରାଗ ପାସୱାନଙ୍କ "ଗ୍ଲାମର ଚେହେରା" ବୋଲି ବିବେଚନା କରାଯାଉଥିଲା । ରିଟର୍ଣ୍ଣିଂ ଅଫିସର ତାଙ୍କ ଡକ୍ୟୁମେଣ୍ଟରେ ଅସଙ୍ଗତି ଦର୍ଶାଇ ତାଙ୍କ ନାମାଙ୍କନକୁ ଖାରଜ କରିଥିଲେ । ମଧୁରା ଆସନରେ ମୋଟ ଚାରି ଜଣ ପ୍ରାର୍ଥୀଙ୍କୁ ଖାରଜ କରାଯାଇଛି । ଏହାପରେ ମଢୌରା ଆସନରେ ବିରୋଧୀ ମହାଗଠବନ୍ଧନର ସିଧାସଳଖ ଲାଭ ପାଇବାର ସମ୍ଭାବନା ବଢ଼ିଛି । ତେଜସ୍ୱୀ ଯାଦବଙ୍କ ଆରଜେଡି ପୂର୍ବରୁ ଅନେକ ଆସନରେ ଦୃଢ଼ ସ୍ଥିତିରେ ଥିବା ବିବେଚନା କରାଯାଉଛି । ତଥାପି, ଚିରାଗ ପାସୱାନ ସୀମାଙ୍କ ନାମାଙ୍କନ ବାତିଲକୁ ଏକ "ସାମାନ୍ୟ ଯାନ୍ତ୍ରିକ ତ୍ରୁଟି" ବୋଲି ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି ଯେ ଦଳ ନିର୍ବାଚନ କମିସନଙ୍କ ନିକଟରେ ନିଜର ମାମଲା ଉପସ୍ଥାପନ କରିଛି ।

ମଢୌରା ନିର୍ବାଚନମଣ୍ଡଳୀରୁ ସୀମା ସିଂହଙ୍କ ନାମାଙ୍କନ ବାତିଲ ହେବାର ମୁଖ୍ୟ କାରଣ ତାଙ୍କ ଡକ୍ୟୁମେଣ୍ଟରେ ଏକ ବୈଷୟିକ ତ୍ରୁଟି ଥିଲା । ରିଟର୍ଣ୍ଣିଂ ଅଫିସରଙ୍କ ଅନୁଯାୟୀ, ତାଙ୍କ ଫର୍ମ-ବି ରେ ଏକ ତ୍ରୁଟି ମିଳିଥିଲା, ଯାହା ପ୍ରମାଣିତ କରେ ଯେ ଜଣେ ପ୍ରାର୍ଥୀ ଏକ ରାଜନୈତିକ ଦଳର ପ୍ରାର୍ଥୀ । କମିସନ ସୀମା ସିଂହଙ୍କୁ ନାମାଙ୍କନର ଶେଷ ଦିନରେ ତ୍ରୁଟି ସଂଶୋଧନ କରି ସଂଶୋଧିତ ଫର୍ମ ଦାଖଲ କରିବାର ସୁଯୋଗ ଦେଇଥିଲେ, କିନ୍ତୁ ସେ ସମୟ ମଧ୍ୟରେ ଡକ୍ୟୁମେଣ୍ଟ ଦାଖଲ କରିବାରେ ବିଫଳ ହୋଇଥିଲେ ।

# ଡାକ ବିଭାଗ କର୍ମଚାରୀଙ୍କ ଭାଗ୍ୟ ଚମକିଲା

## ମିଳିଲା ୨ ମାସର ବେତନ ସହ ସମାନ ବୋନସ୍

ନୂଆଦିଲ୍ଲୀ : ପାର୍ବଣରେ ସରକାରୀ କର୍ମଚାରୀଙ୍କ ଲାଗି ଖୁସି ଖବର ଉପରେ ଖୁସି ଖବର ଆସିବାରେ ଲାଗିଛି । ନିକଟରେ କେନ୍ଦ୍ର ସରକାରଙ୍କ ଘୋଷଣା ପରେ ଡାକ ବିଭାଗ ମଧ୍ୟ ନିଜ କର୍ମଚାରୀଙ୍କ ଲାଗି ଦୀପାବଳି ପୂର୍ବରୁ ବୋନସ ଘୋଷଣା କରିଛି । ଡାକ ବିଭାଗଙ୍କ ଏହି ଘୋଷଣା ଦେଶରେ କାମ କରୁଥିବା ଲକ୍ଷଲକ୍ଷ କର୍ମଚାରୀଙ୍କ ମୁହଁରେ ହସ ଫୁଟାଇଛି । ଉଲ୍ଲେଖଯୋଗ୍ୟ ଯେ ୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ ଡାକ ବିଭାଗ କର୍ମଚାରୀଙ୍କୁ ଉତ୍ପାଦକତା ଆଧାରିତ (ପ୍ରଡକ୍ଟିଭିଟି ଲିଙ୍କଡ) ବୋନସ କୁ ମଞ୍ଜୁରୀ ଦେଇଛି । ରାଷ୍ଟ୍ରପତିଙ୍କ ମଞ୍ଜୁରୀ ପରେ ଏହି ବୋନସ ଘୋଷଣା କରାଯାଇଛି ।



ଘୋଷଣା ଅନୁସାରେ ଡାକ ବିଭାଗ କର୍ମଚାରୀଙ୍କୁ ୬୦ ଦିନର ବେତନ ସହ ସମାନ ବୋନସ ମିଳିବ, ଅର୍ଥାତ ପାଖାପାଖି ଦୁଇ ମାସର ଦରମା କର୍ମଚାରୀମାନେ ବୋନସରେ ପାଇବେ । ଏହି ବୋନସ ଗ୍ରୁପ-ସି, ମଲ୍ଟି ଟାସ୍କିଂ ଷ୍ଟାଫ, ଅଣଗେଜେଟେଡ ଗ୍ରୁପ-ବି କର୍ମଚାରୀ, ଗ୍ରାମୀଣ ଡାକସେବକ ଓ ପୂର୍ଣ୍ଣକାଳୀନ ଆକସ୍ମିକ ଶ୍ରମିକଙ୍କୁ ମିଳିବ । ଡାକବିଭାଗ କର୍ମଚାରୀଙ୍କ ଲାଗି ଏହି ଦୀପାବଳି ବାସ୍ତବରେ 'ଡବଲ ସେଲିବ୍ରେସନ' ହେବାକୁ ଯାଉଛି । ଏଣୁ ସରକାରଙ୍କ ଏହି ପଦକ୍ଷେପ ଯୋଗୁ ଡାକ ବିଭାଗ କର୍ମଚାରୀଙ୍କ ପରିବାରରେ ଏବେ ଉତ୍ସାହର ପରିବେଶ ସୃଷ୍ଟି ହୋଇଛି ।

ଇକୋନମିକ୍ ଟାଇମ୍ସ ରିପୋର୍ଟ ଅନୁସାରେ କର୍ମଚାରୀଙ୍କ ବୋନ ରାଶି ଗଣନା ତାଙ୍କ ହାରାହାରି ବେତନ ଆଧାରରେ କରାଯିବ । ନିୟମିତ କର୍ମଚାରୀଙ୍କ ଲାଗି ଏହି କାଲକୁଲେସନ (ହାରାହାରି ବେତନx୬୦ ଦିନ/୩୦.୪) । ଏହି କାଲକୁଲେସନରେ ବେସିକ୍ ପେ,ମହଙ୍ଗା ଭତ୍ତା (ଡିଏ), ବିଶେଷ ଭତ୍ତା, ଡ୍ୟୁଟି ଭତ୍ତା ଓ ଟ୍ରେନିଂ ଭତ୍ତାକୁ ମଧ୍ୟ ସାମିଲ କରାଯିବ । ବୋନସ ପାଇଁ ମାସିକ ବସର୍ବାଧିକ ବେତନ ସୀମା ମାସିକ ୭,୦୦୦ ଟଙ୍କା ନିର୍ଦ୍ଧାରଣ କରାଯାଇଛି ।

ସେହିପରି ଗ୍ରାମୀଣ ଡାକ ସେବକଙ୍କ ନିମନ୍ତେ ଏହି ବୋନସ କାଲକୁଲେସନ ସେମାନଙ୍କ ଟାଇମ ରିଲେଟେଡ କଣ୍ଟିନ୍ୟୁଟି ଆଲାଉନ୍ସ (ଟିଆରସିଏ) ଓ ମହଙ୍ଗା ଭତ୍ତା ଆଧାରରେ ନିର୍ଦ୍ଧାରଣ ହେବ । ଏହା ପୂର୍ବରୁ କେନ୍ଦ୍ର ସରକାର ସରକାରୀ କର୍ମଚାରୀ ଓ ପେନସନରଙ୍କ ନିମନ୍ତେ ୩ଟି ବଡ଼ ଘୋଷଣା କରିଥିଲେ । ଏଥିରେ ମହଙ୍ଗା ଭତ୍ତା (ଡିଏ) ବୃଦ୍ଧି ଓ କେନ୍ଦ୍ରୀୟ ସରକାରୀ ସ୍ୱାସ୍ଥ୍ୟ ଯୋଜନା (ସିଜିଏଚଏସ) ଘୋଷଣା କରିଥିବା ବେଳେ ଏବେ ଡାକ କର୍ମଚାରୀଙ୍କ ନିମନ୍ତେ ବୋନସ ଘୋଷଣା କରିଛନ୍ତି ।

## ଆକାଶରେ ଥିଲା ବିମାନ, ଲାଗିଗଲା ନିଆଁ

ବେଜିଂ : ଏୟାର ଚାଇନାର ଏକ ବିମାନରେ ହଠାତ୍ ନିଆଁ ଲାଗିଯିବାରୁ ଯାତ୍ରୀମାନେ ଆତଙ୍କିତ ହୋଇପଡ଼ିଥିଲେ । ବିମାନଟି ବେଜିଂରୁ ସାଂଘାଇ ଯାତ୍ରା କରୁଥିବା ସମୟରେ ଏହି ଘଟଣା ଘଟିଥିଲା । ରିପୋର୍ଟ ଅନୁଯାୟୀ, ଲଗେଜ ଥିବା ଥାକରୁ ନିଆଁ ଜଳୁଥିବା ଦେଖାଯିବା ପରେ ଯାତ୍ରୀମାନେ ଆତଙ୍କିତ ହୋଇଯାଇଥିଲେ । ଏହା ପରେ ପାଇଲଟ ତୁରନ୍ତ ଜରୁରୀକାଳୀନ ଅବତରଣ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ । ଏୟାରଲାଇନ ତୁରନ୍ତ ବିମାନ କର୍ମଚାରୀଙ୍କୁ ସକ୍ରିୟ କରିଥିଲା ଏବଂ ଯାତ୍ରୀମାନଙ୍କୁ ଶାନ୍ତ କରିବାକୁ ଚେଷ୍ଟା କରିଥିଲା ।

ଏୟାର ଚାଇନାର ଜଣେ ଅଧିକାରୀ କହିଛନ୍ତି ଯେ ନିଆଁ ଇଞ୍ଜିନର ଏକ ଛୋଟ ଅଂଶରେ ସୀମିତ ଥିଲା, କିନ୍ତୁ ବିମାନରେ ପରିସ୍ଥିତି ନିୟନ୍ତ୍ରଣରେ ରହିଛି । ବିମାନକୁ ତୁରନ୍ତ ସାଂଘାଇ ବିମାନବନ୍ଦରରେ ସୁରକ୍ଷିତ ଭାବରେ ଅବତରଣ କରାଯାଇଥିଲା, ଯେଉଁଠାରେ ଅଗ୍ନିଶମ ବାହିନୀ ଏବଂ ଡାକ୍ତରୀ ଦଳ ପ୍ରସ୍ତୁତ ଥିଲେ । ବିମାନର ଅବତରଣ ପରେ ତୁରନ୍ତ ଯାତ୍ରୀମାନଙ୍କୁ ତଳକୁ ଓହ୍ଲାଇଦିଆଯାଇଥିଲା । ଆଶ୍ୱସ୍ତିର କଥା ହେଉଛି ଏହି ଘଟଣାରେ କେହି ମୃତାହତ ହୋଇନାହାନ୍ତି ।

# ପାକିସ୍ତାନର ସମଗ୍ର ଭୂମି ବ୍ରହ୍ମୋସ୍ ପରିସର ମଧ୍ୟରେ ଅଛି: ରାଜନାଥ ସିଂହ

ଲକ୍ଷ୍ନୌ: ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଶନିବାର ଲକ୍ଷ୍ନୌ ସ୍ଥିତ ବ୍ରହ୍ମୋସ୍ ଏରୋସ୍ପେସ୍ ୟୁନିଟରେ ନିର୍ମିତ ବ୍ରହ୍ମୋସ୍ କ୍ଷେପଣାସ୍ତ୍ରର ପ୍ରଥମ ବ୍ୟାଚ୍କୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହି ଦିନଟି କେବଳ ଉତ୍ତର ପ୍ରଦେଶ ପ୍ରତିରକ୍ଷା ଶିଳ୍ପ କରିଡର ପାଇଁ ଏକ ମାଇଲଖୁଣ୍ଟ ପ୍ରମାଣିତ ହେବ ନାହିଁ ବରଂ ପ୍ରତିରକ୍ଷା ଉତ୍ପାଦରେ ଆତ୍ମନିର୍ଭରଶୀଳ ହେବାର ଭାରତର ସଂକଳ୍ପକୁ ନୂତନ ଶକ୍ତି ମଧ୍ୟ ଦେବ ।

ବିଶ୍ୱର ସବୁଠାରୁ ଦ୍ରୁତ ଏବଂ ଘାତକ ବ୍ରହ୍ମୋସ୍ ସୁପରସୋନିକ୍ କ୍ଷେପଣାସ୍ତ୍ର ପ୍ରଣାଳୀର ନିର୍ମାତା ବ୍ରହ୍ମୋସ୍ ଏରୋସ୍ପେସ୍ ଲକ୍ଷ୍ନୌରେ ଥିବା ଏହାର ନୂତନ ସମନ୍ୱୟ ଏବଂ ପରୀକ୍ଷଣ ସୁବିଧାରୁ କ୍ଷେପଣାସ୍ତ୍ରର ପ୍ରଥମ ବ୍ୟାଚ୍ ଉତ୍ପାଦନ କରିଛି । ଏହି ଅତ୍ୟାଧୁନିକ ୟୁନିଟ୍ ମେ ୧୧ ତାରିଖରେ ଉଦଘାଟନ ପରେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଥିଲା ।

ଏହି ସମୟରେ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, "ଆଜି ଉତ୍ତର ପ୍ରଦେଶର ଲୋକଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦିନ । ଲକ୍ଷ୍ନୌ ପ୍ରତିରକ୍ଷା କ୍ଷେତ୍ରରେ ଏକ




ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ମୁଁ ପାଞ୍ଚ ମାସ ପୂର୍ବରୁ ବ୍ରହ୍ମୋସ ୟୁନିଟ୍ ଉଦଘାଟନ କରିଥିଲି । ଆଜି ଏହାର ପ୍ରଥମ ବ୍ୟାଚ୍ ପଠାଯାଇଛି ।"

ବ୍ରହ୍ମୋସ ୟୁନିଟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଥିଲେ ଯେ, ଯଦି ଭାରତ ପାକିସ୍ତାନକୁ ଜନ୍ମ ଦେଇଛି, ତେବେ ସମୟ ଆସିଲେ ଆଉ କ'ଣ କରିପାରିବ ତାହା ବ୍ୟାଖ୍ୟା କରିବାର ଆବଶ୍ୟକତା ନାହିଁ । ପାକିସ୍ତାନର ପ୍ରତ୍ୟେକ ଇଞ୍ଚ ଅଞ୍ଚଳ ବ୍ରହ୍ମୋସର ପରିସର ମଧ୍ୟରେ ଅଛି । ଅପରେସନ ସିନ୍ଦୁର କେବଳ ଏକ ଟ୍ରେଲର ଥିଲା । ବ୍ରହ୍ମୋସ୍ ହେଉଛି ତିନୋଟି ସଶସ୍ତ୍ର ବାହିନୀର ମେରୁଦଣ୍ଡ । ଏହି ୟୁନିଟ୍ ଦେଶର ବର୍ଦ୍ଧିତ ଶକ୍ତିର ପ୍ରତୀକ । ଯେତେବେଳେ ଆମେ ଦେଶର ଯେକୌଣସି ସ୍ଥାନରେ ବ୍ରହ୍ମୋସ୍ ବିଷୟରେ ଆଲୋଚନା କରୁ, ଆମେ ଏଥିରେ ଆତ୍ମବିଶ୍ୱାସ ଦେଖିଥାଉ । ଛୋଟ ପିଲାଙ୍କଠାରୁ ବୃଦ୍ଧ ପର୍ଯ୍ୟନ୍ତ, ସମସ୍ତେ ଏହାକୁ ପ୍ରଶଂସା କରିବାକୁ କେବେ ଥକି ଯାଆନ୍ତି ନାହିଁ । ଏହି ଆତ୍ମବିଶ୍ୱାସ ହେଉଛି ଆମର ଶକ୍ତି ।

ପ୍ରତିରକ୍ଷା ମନ୍ତ୍ରୀ ସରୋଜିନୀ ନଗରର ବ୍ରହ୍ମୋସ ଏରୋସ୍ପେସ୍ ୟୁନିଟରେ ଏକ ରୁଦ୍ରାକ୍ଷ ଚାରା ରୋପଣ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ସେ କହିଥିଲେ ଯେ ରୁଦ୍ରାକ୍ଷକୁ ଭଗବାନ ଶିବଙ୍କ ପ୍ରତୀକ ଭାବରେ ବିବେଚନା କରାଯାଏ । ସେ କାମନା କରିଥିଲେ ଯେ ଏହି ପରିସରରେ ସର୍ବଦା ମହାଦେବଙ୍କ ଆଶୀର୍ବାଦ ରହୁ ।

ସିଏମ୍ ଯୋଗୀ କହିଛନ୍ତି ଯେ ଭାରତ କେବଳ ନିଜକୁ ନୁହେଁ ବରଂ ଏହାର ସହଯୋଗୀ ରାଷ୍ଟ୍ରମାନଙ୍କୁ ମଧ୍ୟ ସୁରକ୍ଷା ଦେବାରେ ସକ୍ଷମ । ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ଏହି ଶକ୍ତିର ପ୍ରତୀକ । ଉତ୍ତର ପ୍ରଦେଶର ଛଅଟି ସ୍ଥାନରେ ପ୍ରତିରକ୍ଷା କରିଡରର କାମ ଦ୍ରୁତ ଗତିରେ ଚାଲିଛି ।

ଏହି କରିଡର କେବଳ ଦେଶର ସୁରକ୍ଷାକୁ ସୁଦୃଢ଼ କରିବ ନାହିଁ ବରଂ ହଜାର ହଜାର ଯୁବକଙ୍କୁ ନିଯୁକ୍ତି ମଧ୍ୟ ପ୍ରଦାନ କରିବ । ଏହି ପ୍ରକଳ୍ପ ମାଧ୍ୟମରେ ଏପର୍ଯ୍ୟନ୍ତ ୧୫,୦୦୦ ଯୁବକ ନିଯୁକ୍ତି ପାଇଛନ୍ତି ।

ମୁଖ୍ୟମନ୍ତ୍ରୀ ଯୋଗୀ ଡିଆରଡିଓକୁ ସମସ୍ତ ପ୍ରକାରର ସହାୟତାର ପ୍ରତିଶ୍ରୁତି ଦେଇ କହିଥିଲେ ଯେ ଆବଶ୍ୟକ ପରିମାଣର ଜମି ଯୋଗାଇ ଦିଆଯିବ । ବଦଳରେ ରାଜ୍ୟକୁ ଜିଏସ୍‌ଟି ବାବଦକୁ ୪୦ କୋଟି ମିଳିଥିଲା । ଭବିଷ୍ୟତରେ ଆହୁରି ୧୫୦ କୋଟି ଟଙ୍କା ମିଳିବାର ଆଶା କରାଯାଉଛି ।

# ଆଜି ଭାରତ - ଅଷ୍ଟ୍ରେଲିଆ ପ୍ରଥମ ଦିନିକିଆ

ପର୍ଥ, ୧୮।୧୦(ଏଜେନ୍ସି) : ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ଶୃଙ୍ଖଳା ରବିବାର ଠାରୁ ଆରମ୍ଭ ହେବାକୁ ଯାଉଛି। ଉଭୟ ଦଳ ଅନ୍ତର୍ଜାତୀୟ ସ୍ତରରେ ଚାମ୍ପିଅନ ଭାବେ ପ୍ରମାଣିତ କରିଥିବାରୁ ଶୃଙ୍ଖଳା ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶାକରାଯାଉଛି । ଏଥର ଟିମ୍ ଇଣ୍ଡିଆ ନୂଆ ଅଧିନାୟକ ଶୁଭମନ ଗିଲଙ୍କ ନେତୃତ୍ୱରେ ଖେଳିବ। ପ୍ରଥମ ଥର ପାଇଁ ଦିନିକିଆରେ ବଡ ଚାଲେଞ୍ଜର ସମ୍ମୁଖୀନ ହେବାକୁ ଯାଉଛି ଭାରତ। ଶୃଙ୍ଖଳାରେ ସମ୍ପୂର୍ଣ୍ଣ ଭାବେ ନଜର କୋହଲି ଓ ରୋହିତଙ୍କ ଉପରେ ରହିବ। ଉଭୟ ଅଷ୍ଟ୍ରେଲିଆରେ ସେମାନଙ୍କ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ଏହି ସିରିଜରେ ସେମାନଙ୍କ ପ୍ରଦର୍ଶନ ଆଗାମୀ ଦିନିକିଆ ବିଶ୍ୱ କପରେ ଖେଳିବେ କି ନାହିଁ ତାହା ସ୍ପଷ୍ଟ ହେବ। ଚାମ୍ପିଅନ ଟ୍ରଫି ଜିତିବା ପରେ ଟିମ୍ ଇଣ୍ଡିଆ ପ୍ରଥମ ଦିନିକିଆ ଶୃଙ୍ଖଳା ଖେଳିବାକୁ ଯାଉଛି। ଉଭୟ ଦେଶ ଉପରେ ମୋଟ ଉପରେ ୧୫୨ ଟି ଦିନିକିଆ ମ୍ୟାଚ ଖେଳାଯାଇଛି। ଅଷ୍ଟ୍ରେଲିଆ ୮୪ ଓ ଭାରତ ୫୮ ମ୍ୟାଚରେ ବିଜୟୀ ହୋଇଛି । ଅଷ୍ଟ୍ରେଲିଆରେ ଉଭୟ ଦେଶ ମଧ୍ୟରେ ୫୪ ଟି ମ୍ୟାଚ ଖେଳାଯାଇଛି। ଅଷ୍ଟ୍ରେଲିଆ ୩୮ ଓ ଭାରତ ୧୪ ମ୍ୟାଚ ଜିତିଛି। ଦୁଇଟି ମ୍ୟାଚର ଫଳାଫଳର ଶୂନ ରହିଥିଲା। ପର୍ଥରେ ୬୦ % ବର୍ଷା ହେବାର ସମ୍ଭାବନା ରହିଛି। ଭାରତ ଗୋଟିଏ ବି ଦିନିକିଆ ମ୍ୟାଚ ଖେଳିନାହିଁ। ଘରୋଇ ଦଳ ୩ ଟି ମ୍ୟାଚରୁ ଗୋଟିଏ ମ୍ୟାଚରେ ବିଜୟ ହାସଲ କରିନାହିଁ। ୩ ଟିରୁ ୨ ଟି ମ୍ୟାଚ ପଛରେ ବ୍ୟାଟିଂ କରି ଜିତିଛି।



**ଭାରତୀୟ ସମୟ :-**
**ସକାଳ ୯.୧୫ରେ ମ୍ୟାଚ ଆରମ୍ଭ ।**

# ରଣଜୀ ଟ୍ରଫି : ମ୍ୟାଚ ଛଡାଇ ନେଲା ବରୋଦା

ଭୁବନେଶ୍ୱର, ୧୮।୧୦(ସବ୍ୟୁ) : କଟକର ଐତିହାସିକ ବାରବାଟୀ ଷ୍ଟାଡିୟମରେ ଏଲିଟ ଗ୍ରୁପ ଏ ର ଏକ ମ୍ୟାଚ ଓଡିଶା ଓ ବରୋଦା ମଧ୍ୟରେ ଖେଳାଯାଇଛି। ଓଡିଶା ଫିଙ୍ଗିଥିବା ଜାଲରେ ନିଜେ ଫସିଛି। ଶକ୍ତିଶାଳୀ ବରୋଦାର ଗେମ୍ ପ୍ଲାନ୍ ଆଗରେ ସମ୍ପୂର୍ଣ୍ଣ ଫିକା ପଡିଯାଇଛି ଓଡିଶାର ଉଭୟ ବ୍ୟାଟିଂ ଓ ବୋଲିଂ ବିଭାଗ। ଚମତ୍କାର ପ୍ରଦର୍ଶନ ସହ ବରୋଦା ୭ ୱିକେଟ୍‌ରେ ଘରୋଇ ଓଡିଶା ଦଳକୁ ପରାଜିତ କରି ରଣଜୀ ଋତୁ ଅଭିଯାନ ଆରମ୍ଭ କରିଛି। ଏହି ବିଜୟ ସହ ୬ ପଏଣ୍ଟ ଲାଭ କରିଛି ବରୋଦା। ଦଳର ଶତକବୀର ଶିବାଲିକ୍ ଶର୍ମାଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା। ଏହି ମ୍ୟାଚରେ ଶିବାଲିକ୍ ପ୍ରଥମ ପାଳିରେ ୧୨୪ ଓ ଦ୍ୱିତୀୟରେ ଅପରାଜିତ ୩୨ ତଥା ୫ ଟି କ୍ୟାଚ୍ ନେଇଥିଲେ। ଓଡିଶା ପ୍ରଥମ ପାଳିରେ ୨୭୧ ଓ ଦ୍ୱିତୀୟ ପାଳିରେ ୧୭୪ ରନ୍ କରିବାକୁ ସକ୍ଷମ ହୋଇଥିଲା। ବରୋଦା ପ୍ରଥମ ପାଳିରେ ୪୧୩/୭ ରନ୍ କରି ପାଳି ଘୋଷଣା କରିଥିଲା। ଓଡିଶା ଅଲଆଉଟ୍ ହେବାରୁ ବରୋଦା ସମ୍ମୁଖରେ ମାତ୍ର ୩୩ ରନ୍ ବିଜୟ ଲକ୍ଷ୍ୟ ରହିଥିଲା। ଶେଷ ଦିନ ଚା ପାନ ବିରତି ହେବା ପୂର୍ବରୁ ବରୋଦା ୩୬/୩ ରନ୍ କରି ଲକ୍ଷ୍ୟ ସ୍ଥଳରେ ପହଞ୍ଚିଥିଲା। ମ୍ୟାଚ ବଞ୍ଚାଇବା ପାଇଁ ଓଡିଶା ନିକଟରେ ସୁବର୍ଣ୍ଣ ସୁଯୋଗ ରହିଥିଲା। ଦ୍ୱିତୀୟ ପାଳିରେ କେବଳ ଅଧିନାୟକ ଶୁଭ୍ରାଂଶୁ ୫୯ ରନ୍‌ର ଇନିଂସ ଖେଳିଥିଲେ। ତାଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟାଟର ବଡ ସ୍କୋର କରିବାକୁ ସଫଳ ହୋଇନଥିଲେ। କ୍ରିକେଟ୍ ଦଳଗତ କ୍ରୀଡା । ଜଣେ କି ଦୁଇଜଣ ଭଲ ଖେଳିଲେ ଦଳ ଜିତିବା ସମ୍ଭବ ନୁହେଁ। କେବଳ ବ୍ୟକ୍ତିଗତ ପ୍ରଦର୍ଶନ ଆଧାରରେ ରଣଜୀ ଟ୍ରଫି ମଇଦାନକୁ ଓହ୍ଲାଇବା ଦଳ ପାଇଁ ଘାତକ ସାବ୍ୟସ୍ତ ହେଉଛି। ଦଳ ନିକଟରେ ଘରୋଇ ଆଡଭାଣ୍ଟେଜ୍ ଥିଲେ ବି ବରୋଦାର ମାୟା ଜାଲରେ ଓଡିଶା ଫସିଯାଇଥିଲା। ଏତଦ୍ ବ୍ୟତୀତ ଖେଳାଳିଙ୍କ ଦାୟିତ୍ୱ ହୀନ ପ୍ରଦର୍ଶନ ଦଳ ପରାଜୟର ପ୍ରମୁଖ କାରଣ ଭାବେ ଉଭା ହୋଇଛି। ଯେଉଁ ପିଚ୍‌ରେ ବରୋଦା ଖେଳାଳି ବଡ ସ୍କୋର କରିବାରେ ସଫଳ ହେଲେ ତେବେ ଓଡିଶା ଖେଳାଳିଙ୍କ କ୍ଷେତ୍ରରେ ସେଭଳି ହେଲା ନାହିଁ କାହିଁକି ବୋଲି ପ୍ରଶ୍ନ ଉଠିଛି। ବ୍ୟାଟରଙ୍କ ବିଫଳତା ପରେ ବୋଲର ମଧ୍ୟ ଆଶାନୁରୂପ ପ୍ରଦର୍ଶନ ଦେଖାଇପାରିନାହାଁନ୍ତି। ଏକଦା ଓଡିଶା ଦଳ ନିଜର ଦ୍ରୁତ ବୋଲିଂ ପାଇଁ ବଡ ବଡ ଦଳକୁ ଟକ୍କର ଦେଉଥିଲା। କିନ୍ତୁ ଏଥର ସମ୍ପୂର୍ଣ୍ଣ ଓଲଟା ପରିଲକ୍ଷିତ ହୋଇଛି। ସ୍ପିନର ବାଦଲ ବିଶ୍ୱାଳ ଓ ଗୋବିନ୍ଦ ପୋଦାରଙ୍କ ଉପରେ ଅଧିକ ଭରସା ଓ ନିର୍ଭରଶୀଳ ବୋଲି ସ୍ପଷ୍ଟ ଦେଖାଯାଇଥିଲା। ଦଳ ପରବର୍ତ୍ତୀ ମ୍ୟାଚ ଗୁଡିକରେ ନିଜର ତ୍ରୁଟି ସୁଧାରି ପଡିଆକୁ ଓହ୍ଲାଇବ ବୋଲି ଅଧିନାୟକ ଶୁଭ୍ରାଂଶୁ ସେନାପତି କହିଛନ୍ତି। ପରାଜୟ ସହ ବିନା ପଏଣ୍ଟରେ ରଣଜୀ ଋତୁ ଆରମ୍ଭ କରିବା ଓଡିଶା ଦଳ ପାଇଁ ନିରାଶା ବାର୍ତ୍ତା ଦେଇଛି।



# କମାଲ କଲେ ସାମି

ନୂଆଦିଲ୍ଲୀ, ୧୮।୧୦(ଏଜେନ୍ସି) : ବେଙ୍ଗଲ ଏକ୍ସପ୍ରେସ୍ ଭାବେ ଜଣାଶୁଣା ମହମ୍ମଦ ସାମି ରଣଜୀ ଟ୍ରଫି ସିଜନ ଆରମ୍ଭରୁ ଚର୍ଚ୍ଚାରେ ରହିଛନ୍ତି। ଫିଟ୍‌ନେସ ସମସ୍ୟା ପାଇଁ ଗତ ୭ ମାସ ଧରି ଟିମ୍ ଇଣ୍ଡିଆ ପାଇଁ ସେ ଖେଳି ନାହାଁନ୍ତି। କିନ୍ତୁ ସାମି କେତେ ଫିଟ୍ ତାହା ରଣଜୀ ଟ୍ରଫି ଆରମ୍ଭରୁ କରି ଦେଖାଇଛନ୍ତି। ୨୦୨୫ -୨୬ ରଣଜୀ ଟ୍ରଫିର ପ୍ରଥମ ରାଉଣ୍ଡରେ ବେଙ୍ଗଲ ପାଇଁ ସାମି ଖେଳିଛନ୍ତି। ତାଙ୍କର ଘାତକ ବୋଲିଂ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ସେ ମୋଟ ୪୦ ଓଭର ବୋଲିଂ କରି ୭ ୱିକେଟ୍ ନେଇଛନ୍ତି। ରଣଜୀ ଟ୍ରଫି ପ୍ରଥମ ରାଉଣ୍ଡରେ ସାମି ଉତ୍ତରାଖଣ୍ଡ ବିପକ୍ଷରେ କମାଲ କରିଛନ୍ତି। ସେ ଉଭୟ ଇନିଂସରେ ଚମତ୍କାର ବୋଲିଂ କରିଥିଲେ। ପ୍ରଥମ ଇନିଂସରେ ସାମି ୧୪.୫ ଓଭର ବୋଲିଂ କରି ୩୭ ରନ୍‌ରେ ୩ ୱିକେଟ୍ ନେଇଥିଲେ। ସେ ମାତ୍ର ୪ ଟି ବଲରେ ୩ ୱିକେଟ୍ ନେଇଥିଲେ। ୧୫ ତମ ଓଭରରେ ଦ୍ୱିତୀୟ ବଲରେ ତାଙ୍କୁ ପ୍ରଥମ ୱିକେଟ୍ ମିଳିଥିଲା। ଏହାପରେ ତୃତୀୟ ଓ ପଞ୍ଚମ ବଲରେ ମଧ୍ୟ ଆଉ ୱିକେଟ୍ ନେଇଥିଲେ। ତେବେ ସାମି ଦ୍ୱିତୀୟ ଇନିଂସରେ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ସେ ୨୪.୪ ଓଭର ବୋଲିଂ କରି ୩୮ ରନ୍ ଦେଇ ୪ ୱିକେଟ୍ ନେଇଥିଲେ। ଏହାର ଅର୍ଥ ସେ ମ୍ୟାଚରେ ୭ ୱିକେଟ୍ ନେଇଛନ୍ତି। ସେ ପ୍ରାୟ ୪୦ ଓଭର ବୋଲିଂ କରି ନିଜ ଫିଟ୍‌ନେସ୍‌ର ପ୍ରମାଣ ଦେଇଛନ୍ତି। ଏହା ଚର୍ଚ୍ଚାର ବିଷୟ ପାଲଟିଛି। ସେ ଏହି ମ୍ୟାଚରେ ତାଙ୍କ ଦଳ ପାଇଁ ସର୍ବାଧିକ ୱିକେଟ୍ ନେଇଥିବା ବୋଲର ସାଜିଛନ୍ତି। ଯଦି ସାମି ଆଗାମୀ ମ୍ୟାଚଗୁଡିକରେ ତାଙ୍କ ଫିଟନେସ୍ ଏବଂ ଫର୍ମ ବଜାୟ ରଖନ୍ତି ତେବେ ତାଙ୍କୁ ଟିମ୍ ଇଣ୍ଡିଆକୁ ଫେରିବାକୁ ସୁଯୋଗ ମିଳିବ।

# ଗିଲଙ୍କୁ ଭୟ କରୁଛନ୍ତି ସୂର୍ଯ୍ୟ !

ନୂଆଦିଲ୍ଲୀ, ୧୮।୧୦ (ଏଜେନ୍ସି) : ଟିମ୍ ଇଣ୍ଡିଆର ଟି -୨୦ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଏବେ ଶୁଭମନ୍ ଗିଲଙ୍କୁ ବୋଧେ ଭୟ କରୁଛନ୍ତି। ସେ ଏକ ସାକ୍ଷାତକାରରେ କହିଛନ୍ତି ହଁ ଏହା ସତ। ଗିଲ୍ ମୋ ଠାରୁ ଟି -୨୦ ଅଧିନାୟକ ପଦ ଛଡାଇ ନେବେ ବୋଲି ମନରେ ଆଶଙ୍କା ଉପୁଜୁଛି ବୋଲି ସୂର୍ଯ୍ୟ କହିଛନ୍ତି। ଗିଲ୍ ଟେଷ୍ଟ ପରେ ଦିନିକିଆରେ ଭାରତୀୟ ଦଳର ନେତୃତ୍ୱ ନେଉଛନ୍ତି। ଟି -୨୦ରେ ତାଙ୍କୁ ଉପଅଧିନାୟକ ନିଯୁକ୍ତ କରାଯାଇଛି। ଅବଶ୍ୟ ଡର ଅପେକ୍ଷା ଭଲ ଖେଳିବା ପାଇଁ ମନୋବଳ ବଢାଇଛି ବୋଲି ସୂର୍ଯ୍ୟ କହିଛନ୍ତି। ଆମେ ଦୁଇଜଣ ପଡିଆ ଭିତରେ ଓ ବାହାରେ ଭଲ ବନ୍ଧୁ। ଭାରତୀୟ ଦଳର ଦୁଇଟି ଫର୍ମାଟରେ ଅଧିନାୟକ ହେବା କମ୍ କଥା ନୁହେଁ। ମୁଁ ତାଙ୍କୁ ନେଇ ଗର୍ବିତ ବୋଲି ସୂର୍ଯ୍ୟ କହିଛନ୍ତି। ମୁଁ ସହଜରେ ଚାପଗ୍ରସ୍ତ ହୁଏନି। ଜଣେ ଖେଳାଳି ନିଜ ଖେଳି ପ୍ରତି ଧ୍ୟାନ ଦେଲେ ଆପେ ଆପେ ସବୁକିଛି ଭଲ ହୋଇଯିବ, ଏଥିପାଇଁ ଚିନ୍ତାର ଆବଶ୍ୟକତା ନାହିଁ ବୋଲି ସୂର୍ଯ୍ୟ କହିଛନ୍ତି।



# ନୀଳକଣ୍ଠ ମେମୋରିଆଲ କ୍ରିକେଟ୍ : ପାତ୍ରପଡା, ଗଙ୍ଗପଡ଼ା ବିଜୟୀ

ଖୋର୍ଦ୍ଧା, ୧୮।୧୦(ସବ୍ୟୁ) : ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ଗୁରୁଜଙ୍ଗ ଖେଳ ପଡିଆ ଠାରେ ଅନୁଷ୍ଠିତ ପ୍ରଥମ ନୀଳକଣ୍ଠ ମେମୋରିଆଲ ଗୁରୁଜଙ୍ଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁଜଙ୍ଗ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଉଦଘାଟିତ ହୋଇଯାଇଛି। ଏହି ଉତ୍ସବ ରେ ପୂର୍ବତନ ଯୋଜନା କମିଟି ଅଧକ୍ଷ ତଥା ଖୋର୍ଦ୍ଧା ର ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଭ୍ରମରବର ମହାପାତ୍ର, ମଳୟେଶ ପ୍ରଧାନ, ସଞ୍ଜୟ କୁମାର ସିଂ, ରବିନାରାୟଣ ରାଉତରାୟ, ଦୁଃଶାସନ ବେହେରା, ଅବ୍ୟକ୍ତ ହରିହର ଖାଡ଼ଙ୍ଗା ପ୍ରମୁଖ ଉପସ୍ଥିତ ରହି ନୀଳକଣ୍ଠଙ୍କ ସ୍ମୃତି ଚାରଣ କରିଥିଲେ। ପ୍ରଥମ ମ୍ୟାଚ ପାତ୍ରପଡା ଏବଂ ପଙ୍ଗାରସିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସରେ ଜିତି ପାତ୍ରପଡା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭରରେ ସମସ୍ତ ୱିକେଟ ହରାଇ ୧୬୦ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ନାବେଦ ଏକବାଲ ୪୪ ରନ ସଂଗ୍ରହ କରିଥିଲେ। ପଙ୍ଗାର ସିଂ ଦଳର ସମ୍ବିତ ଦାସ ୩ ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ପଙ୍ଗାର ସିଂ ଦଳ ୧୬ ଓଭରରୁ ୮ ୱିକେଟ ହରାଇ ୧୫୬ ରନ ରେ ସୀମିତ ରହିଥିଲା। ଏହି ମ୍ୟାଚ କୁ ପାତ୍ରପଡା ଦଳ ୪ ରନ ରେ ଜିତି ନେଇଥିଲା। ପଙ୍ଗାର ସିଂର ରୁବେଲ ଦାସ ସର୍ବାଧିକ ୭୦ ରନ କରିଥିଲେ। ଏହି ମ୍ୟାଚ ର ଶ୍ରେଷ୍ଠ ଖେଳାଳି ଭାବେ ନଭେଦ ଏକବାଲଙ୍କୁ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ମ୍ୟାଚ ରେ ଗଙ୍ଗପଡ଼ା ଓ ଅଠାରଙ୍ଗ ପରସ୍ପରକୁ ଭେଟିଥିଲେ। ପ୍ରଥମେ ଟସ ରେ ଜିତି ଅଠାରଙ୍ଗ ଦଳ ବ୍ୟାଟିଂ କରି ୧୫ ଓଭର ରେ ୭ ୱିକେଟ ହରାଇ ୧୪୬ ରନ କରିଥିଲେ। ଦଳ ପକ୍ଷରୁ ସରୋଜ ମଙ୍ଗରାଜ ୩୪ ରନ ସଂଗ୍ରହ କରିଥିଲେ। ଗଙ୍ଗପଡ଼ାର ରୋଶନ କୁମାର ସେନାପତି ସର୍ବାଧିକ ୫ ଟି ୱିକେଟ ପାଇଥିଲେ। ଜବାବରେ ଗଙ୍ଗପଡ଼ା ଦଳ ୧୨ ଓଭରରେ ୪ ୱିକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ନେଇ ୬ ୱିକେଟରେ ବିଜୟୀ ହୋଇଛନ୍ତି। ଦଳ ପକ୍ଷରୁ ଦିଲୀପ ଓ ଶୁଭେନ୍ଦୁ ଅର୍ଦ୍ଧଶତକ ହାସଲ କରିଥିଲେ। ତୁଷାରକାନ୍ତ ସୁନ୍ଦରାୟ, ସୁଜିତ ପରିଡା, ଅସିତ ପରିଡା, ପ୍ରକାଶ ସାହୁ, ଓମ ଅର୍ପିତ ମହାପାତ୍ର, ସୂର୍ଯ୍ୟକାନ୍ତ ଗୁମାନସିଂ ଓ ରାଜଦୀପ ଶ୍ରୀ ରାଜପ୍ରସାଦ ଖେଳକୁ ପରିଚାଳନା କରିଥିବାବେଳେ ସୌମ୍ୟଜିତ ପଟ୍ଟନାୟକ ଓ ସନ୍ତୋଷ ପ୍ରଧାନ ସଂଯୋଜନା କରିଥିଲେ। ୧୯/୧୦/୨୫ ତାରିଖ ରବିବାର ଦିନ ପ୍ରଥମ ମ୍ୟାଚ ଯାଆଁଳା ବନାମ ମୁକୁନ୍ଦ ପ୍ରାସାଦ ଓ ଦ୍ୱିତୀୟ ମ୍ୟାଚ ପାନବରଜ ବନାମ ତମାଣ୍ଡୋ ମଧ୍ୟରେ ଅନୁଷ୍ଠିତ ହେବବୋଲି ମ୍ୟାଚ ରେଫରି ତ୍ରିନାଥ ପରିଡା ଓ ପ୍ରକାଶ ପାଇକରାୟ ଜଣାଇଛନ୍ତି।

# ରାଜ୍ୟ ସ୍ତରୀୟ ଜୁନିୟର ବ୍ୟାଡମିଣ୍ଟନ ଚାମ୍ପିଅନସିପ ଆରମ୍ଭ

ଭୁବନେଶ୍ୱର, ୧୮।୧୦(ସବ୍ୟୁ) : ଓଡିଶା ରାଜ୍ୟ ବ୍ୟାଡମିଣ୍ଟନ ସଂଘ ପକ୍ଷରୁ ୧୧ ଓ ୧୩ ବର୍ଷରୁ କମ ବୟସ ବର୍ଗ ରାଜ୍ୟ ବ୍ୟାଡମିଣ୍ଟନ ଚାମ୍ପିଅନସିପ ଶୁକ୍ରବାର ପୋଖରୀପୁଟ ସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟେଡ଼ିଅମଠାରେ ଉଦଘାଟିତ ହୋଇଯାଇଅଛି।

ତିନିଦିନିଆ ଏହି ରାଜ୍ୟ ଚାମ୍ପିଅନସିପକୁ ବିଜେପିର ବରିଷ୍ଠ ନେତା ଗୋଲକ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ଗୀତାଞ୍ଜଳି ପଣ୍ଡା, ରଜତ ଚୌଧୁରୀ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜନ କମିଟି ସମ୍ପାଦକ ଅଜିତ ମହାନ୍ତି ଓ ଦୀପକ ମହାନ୍ତିଙ୍କ ତତ୍ୱାବଧାନରେ ହେଉଥିବା ଏହି ପ୍ରତିଯୋଗିତାରେ ସର୍ବମୋଟ ୨୦୨ ଟି ଏଣ୍ଟ୍ରି ହୋଇଛି, ଯେଉଁଥିରେ ୯୫ ବାଳକ ଓ ୩୭ ବାଳିକା ଖେଳାଳି ସିଙ୍ଗଲ, ଡବଲସ, ଓ ମିକ୍ସଡ ଡବଲ ଟାଇଟଲ ପାଇଁ ପରସ୍ପର ଭିତରେ ଲଢେଇ କରିବେ।

ପ୍ରତିଯୋଗିତାର ସୁପରିଚାଳନା ପାଇଁ ମ୍ୟାଚ ରେଫରୀ ଭାବେ ବିଜୟ ବାଗ ଅଫିସିଆଲ ପର୍ଯ୍ୟବେକ୍ଷକ ଲକ୍ଷପତି ନନ୍ଦ ଓ ସୁବାସ ଚନ୍ଦ୍ର ସାହୁ ସଂଯୋଜକ ଭାବେ ତାରାକାନ୍ତ ଦାସ, ଅବଦୁଲ ହାକିମ ଓ ଜୟ ପ୍ରକାଶ ଜେନା ପ୍ରତିଯୋଗିତାର ପର୍ଯ୍ୟବେକ୍ଷକ ଭାବେ ଓସବା ଉପସଭାପତି ପ୍ରଦୀପ ପଟ୍ଟନାୟକ ଓ ଓସବା ଯୁଗ୍ମ ସମ୍ପାଦକ ଶୈଳେନ୍ଦ୍ର ଚୌଧୁରୀ ନିଯୁକ୍ତ ହୋଇଛନ୍ତି । ଆଗାମୀ ୨୦ ତାରିଖରେ ପ୍ରତିଯୋଗିତା ଉଦ୍‌ଯାପିତ ହେବ।



# ସାଙ୍ଗାକାରଙ୍କ ରେକର୍ଡ ଭାଙ୍ଗିବେ କୋହଲି

ନୂଆଦିଲ୍ଲୀ, ୧୮।୧୦ (ଏଜେନ୍ସି) : ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ରବିବାରଠାରୁ ଦିନିକିଆ ଶୃଙ୍ଖଳା ଆରମ୍ଭ ହେବାକୁ ଯାଉଛି। ଦୁଇ ମହାନ ଖେଳାଳି ବିରାଟ କୋହଲି ଓ ରୋହିତ ଶର୍ମା ଦୀର୍ଘ ସମୟ ପରେ ଅନ୍ତର୍ଜାତୀୟ ମ୍ୟାଚ ଖେଳିବାକୁ ଯାଉଛନ୍ତି। ଦିନିକିଆରେ ସର୍ବାଧିକ ରନ୍ ସଂଗ୍ରହ ତାଲିକାରେ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହେବା ପାଇଁ କୋହଲିଙ୍କ ନିକଟରେ ଜମାଣିଆ ସୁଯୋଗ ରହିଛି। ତୃତୀୟ ସ୍ଥାନରେ ଥିବା କୋହଲି ଏପର୍ଯ୍ୟନ୍ତ ୧୪୧୮୧ ରନ୍ ସଂଗ୍ରହ କରିଛନ୍ତି। ସାଙ୍ଗାକାରା ୧୪୨୩୪ ରନ୍ କରିଥିବାରୁ ତାଙ୍କୁ ଅତିକ୍ରମ କରିବା ପାଇଁ କୋହଲିଙ୍କୁ ୫୪ ରନର ଆବଶ୍ୟକତା ରହିଛି। ସଚିନ ତେନ୍ଦୁଲକର ୪୬୩ ମ୍ୟାଚ ଖେଳି ୧୮୪୨୬ ରନ୍ କରିଛନ୍ତି। ରୋହିତ ବିଶ୍ୱ କ୍ରିକେଟର ୧୧ ତମ ଓ ଭାରତ ପଞ୍ଚମ କ୍ରିକେଟର ଭାବେ ୫୦୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିବେ । ଏହି ଶୃଙ୍ଖଳାରେ କୋହଲି ଓ ରୋହିତଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବ। ଆଗାମୀ ଦିନିକିଆ ବିଶ୍ୱ କପ୍ ଖେଳିବେ କି ନାହିଁ ଏହାପରେ ସ୍ପଷ୍ଟ ହେବ। ଏହା ଉଭୟଙ୍କର ଶେଷ ଅଷ୍ଟ୍ରେଲିଆ ଗସ୍ତ ହେବ ବୋଲି ଆଶା କରାଯାଉଛି। ଚାମ୍ପିଅନ୍ସ ଟ୍ରଫି ପରେ ଭାରତ ପ୍ରଥମ ଦିନିକିଆ ଶୃଙ୍ଖଳା ଖେଳିବାକୁ ଯାଉଛି।






## ସୂଚନା

ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮-୫୩୩୧୬୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ।

# ଟିଲୋ ଓଡିଶା କ୍ରୀଡାର ଏକ ଭିନ୍ନ ପରିଚୟ

ଭୁବନେଶ୍ୱର, ୧୮।୧୦(ସବ୍ୟୁ) : ଭୁବନେଶ୍ୱର ସ୍ଥିତ ହୋଟେଲ ଡ୍ରୁରିନ ଠାରେ, ରମେଶ ସାର ସ୍ମୃତି ସଂସଦ ଓ ଟିଲୋ ଆଥଲେଟିକ ଆସୋସିଏସନ ଦ୍ୱାରା ଏକ ଭବ୍ୟ କନକ୍ଲେଭ " ଗେମ ଚେଞ୍ଜର- ଓଡିଶା ସ୍ପୋର୍ଟ୍ସ ଏଡିସନ ୨୦୨୫ " ଆୟୋଜନ ହୋଇଥିଲା। ଏଥିରେ ଟିଲୋ ଆଥଲେଟିକ ଆସୋସିଏସନର ଉପଦେଷ୍ଟା ଡ଼ଃ ମନ୍ମଥ ରାଉଳ ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ଓଡିଶା ଅଲିମ୍ପିକ ଆସୋସିଏସନର ସଭାପତି ତଥା ରାଜ୍ୟ ବିଜେପିର ପୂର୍ବତନ ସଭାପତି ସମୀର ମହାନ୍ତି, ରାଜ୍ୟ ସରକାରଙ୍କ କ୍ରୀଡ଼ାବିଭାଗର ଆଡିସନାଲ ସେକ୍ରେଟାରୀ ଅଶୋକ ପଣ୍ଡା, କ୍ରୀଡା ବିଭାଗର ଡେପୁଟି ସେକ୍ରେଟାରୀ ପଦ୍ମଲୋଚନ ସାହୁ, ପୂର୍ବତନ ରାଜ୍ୟ କ୍ରିକେଟ ଖେଳାଳି ତଥା କୋଚ- ପୂର୍ବତନ ବିଧାୟକ ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ର, କଂଗ୍ରେସର ପୂର୍ବତନ ରାଜ୍ୟ ସଭାପତି ନିରଞ୍ଜନ ପଟନାୟକ, ଅର୍ଗସ ଡିଜିଟାଲ ଏଡିଟର ସଂଗ୍ରାମ ଷଡ଼ଙ୍ଗୀ, ନ୍ୟୁଜ ୧୮ର ସହଯୋଗୀ ଏଡିଟର ମାନସ ସାହୁ, ବିଶିଷ୍ଟ କ୍ରିକେଟ ପ୍ରଶିକ୍ଷକ କିଶୋର ମାଣିଆ ପ୍ରମୁଖ ମଞ୍ଚ ମଣ୍ଡନ କରିବା ସହ କ୍ରୀଡା, କ୍ରୀଡ଼ାବିତ, ଓଡିଶା କ୍ରୀଡାର ବ୍ୟବସ୍ଥା ଉପରେ ପୂର୍ଣ୍ଣ ଚର୍ଚ୍ଚା କରିବା ସହ, କ୍ରୀଡାର ଏକ ସୁଦୃଢ଼ ଭିତ୍ତିଭୂମି କିପରି ରାଜ୍ୟରେ ଉଭୟ ରାଜ୍ୟ ସରକାର ଓ ବିଭିନ୍ନ ରାଜ୍ୟସ୍ତରୀୟ ତଥା ବିଶେଷ ନିଷ୍ଠାବାନ କ୍ରୀଡା ଅନୁଷ୍ଠାନର ମିଳିତ ସହଯୋଗରେ ବିକାଶ ହୋଇପାରିବ, ସେ ବିଷୟରେ ଚର୍ଚ୍ଚା ହୋଇଥିଲା।

ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତି ବିଶେଶଙ୍କୁ ରମେଶ ସାର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। କ୍ରୀଡ଼ାବିତ କ୍ଷେତ୍ରରେ ଅଲିମ୍ପିଆନ ଦ୍ୟୁତି ଚାନ୍ଦ, ସାମ୍ବାଦିକତା କ୍ଷେତ୍ରରେ ଧରିତ୍ରୀର କ୍ରୀଡା ଏଡିଟର ତପନ ସ୍ୱାଇଁ, ପ୍ରଶିକ୍ଷକ କ୍ଷେତ୍ରରେ ଅବସରପ୍ରାପ୍ତ କ୍ରୀଡାଧିକାରୀ ତଥା ଶିବସୁନ୍ଦର ଦାସଙ୍କ ଭଳି କ୍ରୀଡ଼ାବିତ ବାହାର କରିପାରିଥିବା ସୁନାମଧନ୍ୟ କିଶୋର ମାଣିଆ, ଶିକ୍ଷା କ୍ଷେତ୍ରରେ ଅବସରପ୍ରାପ୍ତ ଶିକ୍ଷାଧିକାରୀ-ପଣ୍ଡିତ ତଥା ସୁଲେଖକ ଓ ସର୍ବପରି ଆକାଶବାଣୀର କବି ଗଣେଶ ପ୍ରସାଦ କରଶର୍ମା, ସମାଜସେବା କ୍ଷେତ୍ରରେ ଓଡିଶା ସରକାରଙ୍କ କାମ୍ପା ବିଭାଗର ସଦସ୍ୟ ସଂଜୀବ ପଣ୍ଡା ଓ ଉପସ୍ଥାପକ କ୍ଷେତ୍ରରେ ନ୍ୟୁଜ୍୧୮ ର ସହଯୋଗୀ ଏଡିଟର ମାନସ ପଣ୍ଡାଙ୍କୁ ଉପକୌଢ଼ଣ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ଟିଲୋ ସରପଞ୍ଚ ସଂଗ୍ରାମ ଜେନା, ଅସିତ କର, ପରମେଶ୍ୱର ବାରିକ, ଅମରଜିତ ସ୍ୱାଇଁ, ହୃଷିକେଶ ରାଉତ, ମାଧବାନନ୍ଦ ବେହେରା, ସନାତନ ଲେଙ୍କା ପ୍ରମୁଖ ମତ ରଖିଥିଲେ। ରମେଶ ସାର କିପରି ଏହି ଟିଲୋ ଆଥଲେଟିକ ଆସୋସିଏସନ ନାମକ ମହାଦ୍ରୁମର ମଞ୍ଜି ରୋପଣ କରିଥିଲେ, ୧୯୯୦ ମସିହାରେ ଯାହା ଆଜି ଦେଶ ବିଦେଶରେ ସୁପରିଚିତ, ତାହା ଉପରେ ସ୍ମୃତିସଂସଦର ସଭ୍ୟ ମାନେ ମତ ରଖିଥିଲେ। ଟିଲୋ ଆଥଲେଟିକ ଆସୋସିଏସନର ସଭାପତି ଲକି ସ୍ୱାଇଁ, ଟିଲୋ ଆଥଲେଟିକ ଆସୋସିଏସନର ବିସ୍ତୃତ କାର୍ଯ୍ୟାଧାରା ଓ କିପରି ସରକାର ଯତ୍ନବାନ ହେଲେ, ଗ୍ରାସରୁଟ୍ କ୍ରୀଡାର ଉନ୍ନତି ହୋଇପାରିବ, ସେ ବିଷୟରେ ମନ୍ତବ୍ୟ ରଖିଥିଲେ। ଶେଷରେ ବିଭପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପୂଜ୍ୟପୂଜା ପରମ୍ପରା ତଥା କ୍ରୀଡାର ବିକାଶ ପାଇଁ ଟିଲୋ ଏଥଲେଟିକ ଆସୋସିଏସନର ପ୍ରୟାସକୁ ମଞ୍ଚାସିନ ଅତିଥିମାନେ ଭୁୟସୀ ପ୍ରଶଂସା କରିବା ସହ ଓଡିଶା ସରକାର ଓ ରାଜ୍ୟସ୍ତରୀୟ କ୍ରୀଡା ଆସୋସିଏସନ କିପରି ସହଯୋଗ କରିପାରିବ, ସେବିଷୟରେ ମତ ରଖିଥିଲେ।






Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି